# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୧୭/୨୦୧୯ (୧୬ ପୃଷ୍ଠା) | Bhubaneswar, Friday, May 17/2019 | ★★★★

୪୫ଶ ଭାଗ ୧୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




### ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ଭାଗନେବେ ପାର୍ବତୀ

ମହିଳା ଡିସ୍‌କସ୍ ତାରକା ପାର୍ବତୀ ଇଟାଲୀରେ ହେବାକୁଥିବା ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

୧୪ ୧୧

### ହରର୍-କମେଡି 'ଭୁତିୟାପା'ରେ ମିଥୁନ

ପିଠି ଯନ୍ତ୍ରଣାରୁ ମୁକ୍ତି ପାଇବା ପରେ ବଲିଉଡ୍ ଅଭିନେତା ମିଥୁନ ଚକ୍ରବର୍ତ୍ତୀ ହରର୍-କମେଡି 'ଭୁତିୟାପା'ରେ ଅଭିନୟ ପାଇଁ ସାଇନ୍ କରିଛନ୍ତି।



## ଓଏଚ୍ଆର୍‌ସି କାର୍ଯ୍ୟକାରୀ ଅଧକ୍ଷ ହେଲେ ଜଷ୍ଟିସ ରଘୁବୀର ଦାଶ



ଜଷ୍ଟିସ୍ ରଘୁବୀର ଦାଶ

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି) ସଦସ୍ୟ ଜଷ୍ଟିସ୍ ରଘୁବୀର ଦାଶଙ୍କୁ ଗୁରୁବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କାର୍ଯ୍ୟକାରୀ ଅଧକ୍ଷଭାବେ ନିଯୁକ୍ତ କରିଛନ୍ତି। ଏନେଇ ରାଜ୍ୟ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମାନବାଧିକାର ସୁରକ୍ଷା ଧାରା ୧୯୯୩ର ସେକ୍ସନ ୨୫ (୧୯୯୪ର ଧାରା ୧୦) ଅନୁଯାୟୀ ରାଜ୍ୟପାଳ ହାଇକୋର୍ଟର ପୂର୍ବତନ ବିଚାରପତି ଦାଶଙ୍କୁ ଏହି ପଦବୀରେ ଅବସ୍ଥାପିତ କରିଛନ୍ତି। ଦୀର୍ଘଦିନ ହେବ ରାଜ୍ୟ ମାନବାଧିକାର କମିଶନ ସଦସ୍ୟ ଓ କାର୍ଯ୍ୟକାରୀ ଅଧକ୍ଷ ପଦ ଖାଲି ରହିଥିଲା। ଫଳରେ ରାଜ୍ୟର ବିଭିନ୍ନ ☞ପୃଷ୍ଠା-୪

## ପ୍ରଣବ କୁମାର ଦାସ ପ୍ରମୁଖ ସିସିଆଇଟି ନିଯୁକ୍ତ

### ୧୯୮୩ ଆଇଆରଏସ୍ ଅଧିକାରୀ



ପ୍ରଣବ କୁମାର ଦାସ

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ଓଡ଼ିଆ ଅଧିକାରୀ ପ୍ରଣବ କୁମାର ଦାସ ପ୍ରିନ୍ସିପାଲ ଚିଫ୍ କମିଶନର ଅଫ୍ ଇନ୍‌କମ୍ ଟ୍ୟାକ୍ସ(ପିଆର.ସିସିଆଇଟି) ଭାବେ ପଦୋନ୍ନତି ସହ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ ନିଯୁକ୍ତି ପାଇଛନ୍ତି। ପ୍ରଣବଙ୍କ ନିଯୁକ୍ତି ନେଇ ଚଳିତ ମାସ ୧୩ରେ ଅର୍ଥ ମନ୍ତ୍ରଣାଳୟ ଅଧୀନ ରାଜସ୍ୱ ବିଭାଗ (ସିବିଡିଟି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

### ଚାହିଦା ମରୁଡ଼ି

**ଆଜିର ମନ୍ତବ୍ୟ**

"ପ୍ରଗତିଶୀଳ ଦଳଗୁଡିକ ଗଠନ କରିବାକୁ ଥିବା ସରକାରରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ମୁଖ୍ୟ ଭୂମିକା ରହିବା

**-ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା**

**କିଛି ତଥ୍ୟ**

୨୦୧୭-୧୮ରେ ଚାଇନା ଏବଂ ଆମେରିକା ସହ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ଯଥାକ୍ରମେ ୮୯.୭୧ ବିଲିୟନ ଏବଂ ୭୪.୫ ବିଲିୟନ ଡଲାର ରହିଛି।

**-ବାଣିଜ୍ୟ ମନ୍ତ୍ରଣାଳୟ**



ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ର ଉଚ୍ଚତମ ଇଫେଲ୍ ଟାୱାରକୁ ଗୁରୁବାର ୧୩୦ ବର୍ଷ ଛୁଇଁଛି। ଏହି ଅବସରରେ ଲେଜର୍ ଶୋ ସହିତ ଏହାର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। **(ରିପୋର୍ଟ: ପୃଷ୍ଠା-୨)**

### ମୁଖ୍ୟମନ୍ତ୍ରୀଙ୍କ ଅଚାନକ କେନ୍ଦ୍ରାପଡ଼ା ଗସ୍ତ

## ଜିଲାରେ ନିର୍ମାଣ ହେବ ୩୦ ନୂତନ ଆଶ୍ରୟସ୍ଥଳୀ

**କେନ୍ଦ୍ରାପଡା ଅଫିସ, ୧୬।୫**

ପ୍ରାକୃତିକ ବିପର୍ଯ୍ୟୟପ୍ରବଣ କେନ୍ଦ୍ରାପଡ଼ା ଜିଲାରେ ଅଧିକ ଆଶ୍ରୟସ୍ଥଳ ଆବଶ୍ୟକତା ରହିଛି। ଏଥିପାଇଁ ଜିଲାରେ ଆଉ ୩୦ଟି ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯିବ। ପ୍ରତ୍ୟେକ ଆଶ୍ରୟସ୍ଥଳ ପାଇଁ ୨ କୋଟି ଟଙ୍କା ଲେଖାଏଁ ବ୍ୟୟ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅଚାନକ କେନ୍ଦ୍ରାପଡ଼ା ଜିଲା ଗସ୍ତ କରି ବାତ୍ୟା କ୍ଷୟକ୍ଷତି ସମୀକ୍ଷା ପରେ ଜିଲା ପାଇଁ ଏହି ପ୍ୟାକେଜ ଘୋଷଣା କରିଛନ୍ତି। ଗତ ୩ ତାରିଖରେ ହୋଇଥିବା ଫନୀ ବାତ୍ୟାରେ ଜିଲାର କେତେକ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଓ ଜନ ଅନୁଷ୍ଠାନ କେତେକାଂଶରେ ନଷ୍ଟ ହୋଇଛି। ଏହାର ମରାମତି ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ବ୍ୟୟ ବରାଦ କରାଯାଇଥିବା ବେଳେ ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଓ ମତ୍ସ୍ୟଜୀବୀଙ୍କ ପାଇଁ ଜୀବିକା ପ୍ୟାକେଜ ଘୋଷଣା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜଣେ ବି ଯୋଗ୍ୟ ବ୍ୟକ୍ତି ଯେପରି ସରକାରୀ ସହାୟତାରୁ ବଞ୍ଚିତ ନ ☞ପୃଷ୍ଠା-୪

### ଖଣିଜ ଉତ୍ତୋଳନ ଅନିୟମିତତା ମାମଲା

# ୧୫ ଖଣି ଲିଜ୍‌ଧାରୀଙ୍କୁ ଝଟକା

**ଯୋଡ଼ା,୧୬।୫(ଡି.ଏନ.ଏ.)**

- ରାଜ୍ୟ ସରକାରଙ୍କ ନୋଟିସକୁ ଯୁକ୍ତିଯୁକ୍ତ ଦର୍ଶାଇଲା ଟ୍ରିବ୍ୟୁନାଲ
- କ୍ଷତିପୂରଣ ଅନାଦାୟ କ୍ଷେତ୍ରରେ ବାତିଲ କରାଯିବ ଲିଜ୍



ଖଣିଜ ପଦାର୍ଥ ଉତ୍ତୋଳନରେ ହୋଇଥିବା ଅନିୟମିତତା ମାମଲାରେ ମାଲା ରାୟଙ୍କ ସମେତ ୧୫ ଖଣି ଲିଜ୍‌ଧାରୀଙ୍କୁ କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ ଝଟକା ଲାଗିଛି। କ୍ଷତିପୂରଣ ଦାଖଲ ପାଇଁ ରାଜ୍ୟ ସରକାର କରିଥିବା ନୋଟିସ ବିରୋଧରେ ୧୫ ଲୁହାପଥର ଓ ମାଙ୍ଗାନିଜ ଖଣି ଲିଜ୍‌ଧାରୀ କେନ୍ଦ୍ର ଇସ୍ପାତ୍ ଓ ଖଣି ମନ୍ତ୍ରଣାଳୟଙ୍କ ଟ୍ରିବ୍ୟୁନାଲ୍‌ର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣି କରି ଏମ୍‌ଏମ୍‌ଡିଆର ଆଇନ ୧୯୫୭ ଅଧୀନରେ କେନ୍ଦ୍ର ଖଣି ଓ ଖଣିଜ ବିଭାଗର ଅଭିଯୋଗ ଶୁଣାଣି ଟ୍ରିବ୍ୟୁନାଲ ତଥା ଯୁଗ୍ମ ସଚିବ ନିରଞ୍ଜନ କେ.ସିଂ ଫାଇନାଲ ଅର୍ଡର ନଂ ୩୧/୨୦୧୯ରୁ ୪୫/୨୦୧୯/ତା. ୯।୫।୨୦୧୯ ରିଖରେ ଲିଜ୍‌ଧାରୀଙ୍କ ଆବେଦନକୁ ଖାରଜ କରିଛନ୍ତି। ଏପରି କି ଯେଉଁ ଖଣି କମ୍ପାନୀ କ୍ଷତିପୂରଣ ଦାଖଲ ନ କରିବେ ସେମାନଙ୍କ ଲିଜ୍ ବାତିଲ ପାଇଁ ରାଜ୍ୟ ସରକାର ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି ଟ୍ରିବ୍ୟୁନାଲ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଓଡ଼ିଶା ସରକାର ମିନେରାଲ କନ୍‌ସେସନ ରୁଲ୍- ୨୦୧୬ ର ରୁଲ୍ ନଂ୧୨(୧୦) ଓ ଏମ୍‌ଏମ୍‌ଡିଆର ଆଇନ ୧୯୫୭ର ସେକ୍ସନ ୨୧(୫) ଅଧୀନରେ ୧୫ ଖଣି ଲିଜ୍‌ଧାରୀଙ୍କ ବିରୋଧରେ କ୍ଷତିପୂରଣ ଦାଖଲ ନୋଟିସ ଦେଇଥିଲେ। ଏପରି କି ଉକ୍ତ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପ୍ରଚଳିତ ସୁଧ ହାର ସହ ରାଜ୍ୟ ସରକାରଙ୍କୁ କ୍ଷତିପୂରଣ ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପ୍ରାପ୍ୟ ଅନାଦାୟ କ୍ଷେତ୍ରରେ ରାଜ୍ୟ ସରକାର ଖଣି ଲିଜ୍ ବାତିଲ ସହ ସେମାନଙ୍କ ପରଫର୍ମାନ୍ସ ସିକ୍ୟୁରିଟି ବାଜ୍ୟାପ୍ତ କରିପାରିବେ ବୋଲି ଉଲ୍ଲେଖ ରହିଥିଲା। ରାଜ୍ୟ ସରକାରଙ୍କ ଏହି ନୋଟିସ ବିରୋଧରେ ଖଣି ଲିଜ୍‌ଧାରୀମାନେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ଟ୍ରିବ୍ୟୁନାଲ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ଖଣି ଲିଜ୍‌ଧାରୀଙ୍କ ଉକ୍ତ ଆବେଦନର ଶୁଣାଣି କରି ଟ୍ରିବ୍ୟୁନାଲ ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କ୍ଷତିପୂରଣ ନୋଟିସ ବୈଧ ବୋଲି ଉଲ୍ଲେଖ କରିଛନ୍ତି। ପ୍ରକାଶ ଥାଉ କି, ଓଡ଼ିଶା ସରକାର ବହୁ ପୂର୍ବରୁ ଖଣିଲିଜ୍‌ଧାରୀଙ୍କୁ ଡିମାଣ୍ଡ ନୋଟିସ ପଠାଇ ସାରିଛନ୍ତି। କାରଣ ସମ୍ପୃକ୍ତ ଖଣି ଲିଜ୍‌ଧାରୀମାନେ ଏମ୍‌ଏମ୍‌ଡିଆର ଆଇନ ୧୯୫୭ର ସେକ୍ସନ ୨୧(୫) ଅନୁଯାୟୀ ଜଙ୍ଗଲ ଓ ପରିବେଶ ଆଇନର ଉଲ୍ଲଂଘନ କରି ଖଣି ଖନନ କରିଛନ୍ତି। ଏନେଇ ସୁପ୍ରିମ କୋର୍ଟରେ ମଧ୍ୟ ଏକ ମାମଲା(ନଂ ୧୧୪/୨୦୧୪) ରୁଜୁ ହୋଇଥିଲା। ସେଥିରେ କ୍ଷତିପୂରଣ ଆଦାୟ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି ସୁପାରିସ କରିଥିଲା। ଏହାକୁ ଆଧାର କରି ☞ପୃଷ୍ଠା-୪

### ସିଟିଇଟିରେ ଆର୍ଥିକ ଦୁର୍ବଳଙ୍କ ଲାଗି ୧୦% ସଂରକ୍ଷଣ ଆବେଦନ

## କେନ୍ଦ୍ର, ସିବିଏସ୍‌ଇ, ଏନ୍‌ସିଟିଇକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୬।୫(ପି.ଟି.)**



କେନ୍ଦ୍ରୀୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ସିଟିଇଟି), ୨୦୧୯ରେ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ଙ୍କ ନିମନ୍ତେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାର, ସିବିଏସ୍‌ଇ(କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ)କୁ ଜବାବ ମାଗିଛନ୍ତି। ଏହାବ୍ୟତୀତ ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଅବସରକାଳୀନ ଖଣ୍ଡପୀଠ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନ୍‌ସିଟିଇ)କୁ ମଧ୍ୟ ନୋଟିସ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୧ ତାରିଖ ସୁଦ୍ଧା ନୋଟିସର ଜବାବ ରଖିବାକୁ ସେମାନଙ୍କୁ କୁହାଯାଇଛି।

ସିଟିଇଟି, ୨୦୧୯ ପରୀକ୍ଷା ଦେବା ଲାଗି ଆଗ୍ରହୀ ୬ ଜଣ ପ୍ରାର୍ଥୀଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ସମ୍ବିଧାନ ସଂଶୋଧନ କରି ସରକାର ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ନିମନ୍ତେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ କରିଥିଲେ। ସଂଶୋଧିତ ଆଇନ ଗତ ଜାନୁୟାରୀ ୧୬ରୁ ଲାଗୁ ହୋଇଛି। ସଂରକ୍ଷଣ ସୁବିଧା ଦିଆଗଲେ ପରୀକ୍ଷାରେ କୃତକାର୍ଯ୍ୟ ହେବେ ବୋଲି ଆବେଦନକାରୀଙ୍କ ଓକିଲ କହିଛନ୍ତି।

ସିଟିଇଟି ପରୀକ୍ଷା ପରିଚାଳନା ଲାଗି ସିବିଏସ୍‌ଇ କର୍ତ୍ତୃପକ୍ଷ ଗତ ଜାନୁୟାରୀ ୨୩ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏଥିରେ ଇଡବ୍ଲ୍ୟୁଏସ୍ ପ୍ରାର୍ଥୀଙ୍କ ନିମନ୍ତେ ୧୦ ପ୍ରତିଶତ ସଂରକ୍ଷଣ ସୁବିଧା ସମ୍ପର୍କରେ ଉଲ୍ଲେଖ କରାଯାଇ ନ ଥିଲା। ପରୀକ୍ଷାରେ କୃତକାର୍ଯ୍ୟ ହେବା ଲାଗି ସଂରକ୍ଷଣ ସୁବିଧା ଦିଆଯାଇପାରିବ ନାହିଁ ବୋଲି ଗତ ୧୩ ତାରିଖ ଶୁଣାଣିବେଳେ ସୁପ୍ରିମକୋର୍ଟ ମତ ଦେଇଥିଲେ। କେବଳ ନାମଲେଖା ସମୟରେ ସଂରକ୍ଷଣ ସୁବିଧା ମିଳିପାରିବ।

### ଲୋକ ସଭା ନିର୍ବାଚନ

# ମଇଦାନରେ ୧୬୩ ନିରକ୍ଷର

**ନୂଆଦିଲ୍ଲୀ,୧୬।୫(ଆଇଏଏନ୍‌ଏସ୍)**

**ଏଡିଆର୍ ରିପୋର୍ଟ**

- ୧୦ ଧନୀଙ୍କ ମଧ୍ୟରୁ କଂଗ୍ରେସର ୬
- ୨୫ ବର୍ଷରୁ କମ୍ ବୟସର ୨ ପ୍ରାର୍ଥୀ

୨୦୧୯ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କ ମଧ୍ୟରୁ ମାତ୍ର ୪୮% ସ୍ନାତକ ହୋଇଥିବାବେଳେ ୧୬୩ ଜଣ ନିରକ୍ଷର। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ନ୍ୟାଶନାଲ ଇଲେକ୍ସନ ୱାଚ୍ ଏବଂ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପକ୍ଷରୁ ପ୍ରାର୍ଥୀମାନଙ୍କ ସତ୍ୟପାଠ ବିଶ୍ଳେଷଣ କରାଯିବା ପରେ ଗୁରୁବାର ଏହି ବିଷୟ ସାମ୍ନାକୁ ଆସିଛି।

ନାମାଙ୍କନପତ୍ର ଦାଖଲ ବେଳେ ମୋଟ ୮,୦୪୯ ପ୍ରାର୍ଥୀଙ୍କ ମଧ୍ୟରୁ ୭,୯୨୮ ଜଣ ଦେଇଥିବା ସତ୍ୟପାଠକୁ ଏଡିଆର୍ ଅନୁଧ୍ୟାନ କରିଛି। ଅବଶିଷ୍ଟ ୧୨୧ ପ୍ରାର୍ଥୀଙ୍କ ସତ୍ୟପାଠ ଅସମ୍ପୂର୍ଣ୍ଣ କିମ୍ବା ଆବଶ୍ୟକ ଦସ୍ତାବିଜ ସଂଲଗ୍ନ ନୁହେଁ। ଏଥିଯୋଗୁ ସେମାନଙ୍କ ସମ୍ପର୍କରେ ନିର୍ବାଚନ କମିଶନ ନିଜ ୱେବ୍‌ସାଇଟ୍‌ରେ ସମ୍ପୂର୍ଣ୍ଣ ତଥ୍ୟ ଉପଲବ୍ଧ କରାଇପାରି ନାହାନ୍ତି। ୭,୯୨୮ ପ୍ରାର୍ଥୀଙ୍କ ମଧ୍ୟରୁ ୩,୮୦୮ ଜଣ (୪୮%)ଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ ବୋଲି ଏଡିଆର୍ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ୩,୪୭୭(୪୪%) ପ୍ରାର୍ଥୀ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପଞ୍ଚମରୁ ଦ୍ୱାଦଶ ପାସ୍ ବୋଲି ସ୍ୱୀକାର କରିଛନ୍ତି। ସେହିପରି ୨୫୩ ପ୍ରାର୍ଥୀ ସାକ୍ଷର ହୋଇଥିବାବେଳେ ୧୬୩ ଜଣ ନିରକ୍ଷର। ପ୍ରାର୍ଥୀଙ୍କ ବୟସକୁ ଦେଖିଲେ ୪,୯୪୧(୬୨% )ହେଉଛନ୍ତି ୨୫ରୁ ୫୦ ବର୍ଷ ମଧ୍ୟରେ। ୨,୯୩୨(୩୭%) ପ୍ରାର୍ଥୀଙ୍କ ବୟସ ୫୧ରୁ ୮୦ ବର୍ଷ ମଧ୍ୟରେ ବୋଲି ସତ୍ୟପାଠରୁ ଜଣାପଡ଼ିଛି। ମଇଦାନରେ ଏପରି ୧୮ ଜଣ ପ୍ରାର୍ଥୀ ଅଛନ୍ତି, ଯାହାଙ୍କ ବୟସ ୮୦ରୁ ଊର୍ଦ୍ଧ୍ୱ। ୩୫ ପ୍ରାର୍ଥୀ ନିଜ ବୟସ ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରି ନ ଥିବାବେଳେ ନିଜକୁ ୨୫ ବର୍ଷରୁ କମ୍ ବୟସର ବୋଲି ୨ ଜଣ ପ୍ରାର୍ଥୀ ଦର୍ଶାଇଛନ୍ତି।

ଅପରପକ୍ଷେ ସବୁଠୁ ଧନୀ ୧୦ ପ୍ରାର୍ଥୀଙ୍କ ମଧ୍ୟରୁ ୬ ଜଣ ହେଉଛନ୍ତି କଂଗ୍ରେସର। ବିହାର ☞ପୃଷ୍ଠା-୪





NATIONAL EGG CO-ORDINATION COMMITTEE | 16.05.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 102 | 161 | 171 |
| CTC | 102 | 161 | 171 |
| DKL | 99 | 157 | 167 |
| BDK | 101 | 159 | 169 |
| BLS | 103 | 162 | 172 |
| ANG | 99 | 157 | 167 |

*Conditions Apply

**Eggs Retail Price- 40/-Dozen**
Issued in the Interest of Consumers





“ମୋଦି ପୁଣି କ୍ଷମତାକୁ ଆସିପାରିବେ ନାହିଁ। ଏଥର କେନ୍ଦ୍ରରେ ଅଣଭାଜପା ସରକାର ଗଠନ ହେବାକୁ ଯାଉଛି। କଂଗ୍ରେସକୁ ପ୍ରଧାନମନ୍ତ୍ରୀ ପଦ ନମିଳିଲେ ବି ଚିନ୍ତା ନାହିଁ।

ଗୁଲାମ ନବୀ ଆଜାଦ୍,
ବରିଷ୍ଠ କଂଗ୍ରେସ ନେତା



## ସଂକ୍ଷେପରେ

### ବୋଫର୍ସ ତଦନ୍ତ ଜାରି ରହିବ: ସିବିଆଇ

**ନୂଆଦିଲ୍ଲୀ,୧୬।୫:** ବୋଫର୍ସ କମାଣ କିଣା ଘଟଣାରେ ହୋଇଥିବା ୬୪ କୋଟି ଟଙ୍କା ଲାଞ୍ଚ କାରବାରର ତଦନ୍ତ ଜାରି ରହିବ ବୋଲି ସିବିଆଇ ପକ୍ଷରୁ କୁହାଯାଇଛି। ଅଧିକ ତଦନ୍ତ ଲାଗି ସିବିଆଇ ତଳକୋର୍ଟର ଅନୁମତି ଚାହିଁଥିବା ଏହାର ମୁଖପାତ୍ର ନୀତିନ୍ ୱାକନ୍‌କର କହିଛନ୍ତି। ସିବିଆଇ ସ୍ୱାଧୀନ ଅଧିକାର ଏବଂ କ୍ଷମତା ସହ ଘଟଣାର ତଦନ୍ତ କରିବା ଜରୁରୀ ବୋଲି କୋର୍ଟ ଅନୁଭବ କରିଛନ୍ତି। ଆଇନଗତ ମତାମତ ସଂଗ୍ରହ କରିବା ପରେ ଗୁରୁବାର ସିବିଆଇ ନୂଆଦିଲ୍ଲୀର ସିଏମ୍‌ଏମ୍‌ଙ୍କ କୋର୍ଟରେ ଆବେଦନ କରିଛି। ସିଆର୍‌ପିସିର ଧାରା ୧୭୩(୮) ଅଧୀନରେ ଅଧିକ ତଦନ୍ତ ଲାଗି କୋର୍ଟଙ୍କ ଅନୁମତି ବାଧ୍ୟତାମୂଳକ ନୁହେଁ। ଏନେଇ କେବଳ କୋର୍ଟଙ୍କୁ ଜଣାଇଦେବା ଯଥେଷ୍ଟ ବୋଲି ସିବିଆଇ ମୁଖପାତ୍ର କହିଛନ୍ତି।

### ପାକିସ୍ତାନକୁ ତଥ୍ୟ ଲିକ୍: ଯବାନ ଗିରଫ

**ନୂଆଦିଲ୍ଲୀ,୧୬।୫:** ପାକିସ୍ତାନକୁ ତଥ୍ୟ ଲିକ୍ କରୁଥିବା ଅଭିଯୋଗରେ ମଧ୍ୟପ୍ରଦେଶରେ ନିଯୁକ୍ତ ଜଣେ ପଦାତିକ ବାହିନୀର ଯବାନଙ୍କୁ ବୁଧବାର ରାତିରେ ଗିରଫ କରାଯାଇଛି। ପଦାତିକ ବାହିନୀରେ କିରାଣିଭାବେ କାମ କରୁଥିବା ଜଣେ ୨୬ ବର୍ଷୀୟ ହାବିଲ୍‌ଦାରଙ୍କୁ ମିଳିତ ଅପରେଶନ୍‌ରେ ଧରାଯାଇଛି। ଫେସ୍‌ବୁକରେ ପାକିସ୍ତାନର ଜଣେ ମହିଳାଙ୍କ ସହ ସେ ତଥ୍ୟ ଲିକ୍ କରୁଥିଲେ। ଗୋଇନ୍ଦା ଅପରେଶନ୍‌ରେ ଏହା ପଦାକୁ ଆସିଥିବାବେଳେ ଅଧିକ ତଦନ୍ତ ଜାରି ରହିଥିବା ପ୍ରକାଶ। ଆଇଏସ୍‌ଆଇ ସହ ସମ୍ପର୍କ ରଖି ଭାରତରୁ ତଥ୍ୟ ଲିକ୍ କରୁଥିବା ଘଟଣା ନୂଆ ନ ଥିଲେ ମଧ ଜାତୀୟ ସୁରକ୍ଷା ଲାଗି ଏହା ଏକ ବିପଦ ବୋଲି କୁହାଯାଉଛି।

### ୪୭ ଆତଙ୍କବାଦୀ ନିହତ

**କାଏରୋ,୧୬।୫:** ଇଜିପ୍ଟର ସିନାଇ ଅଞ୍ଚଳରେ ଆତଙ୍କବାଦୀ ସଙ୍ଗଠନ ଆଇଏସ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାରୁ ୫୨ ଜଣଙ୍କ ପ୍ରାଣହାନି ଘଟିଛି। ୪୭ ଆତଙ୍କବାଦୀ ନିହତ ହୋଇଥିବାବେଳେ ୫ ସେନା କର୍ମୀ ପ୍ରାଣ ହରାଇଥିବା ଜଣାପଡ଼ିଛି। ଦକ୍ଷିଣ କେନ୍ଦ୍ରୀୟ ସିନାଇରେ ବିଭିନ୍ନ ପ୍ରକାର ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ପାଖରେ ରଖି ଏହି ଆତଙ୍କବାଦୀମାନେ ହିଂସା ଘଟାଉଛନ୍ତି। ଇଜିପ୍ଟ ସୀମାରୁ ୧୫୮ ଜଣଙ୍କୁ ଗିରଫ ମଧ କରାଯାଇଛି। ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି ଖଞ୍ଜାଯାଇଥିବା ୩୮୫ ବିସ୍ଫୋରକ ସାମଗ୍ରୀକୁ ନିଷ୍କ୍ରିୟ କରାଯାଇଛି।

### ଲୋକପାଳ ୱେବ୍‌ସାଇଟ ଲଞ୍ଚ୍

**ନୂଆଦିଲ୍ଲୀ,୧୬।୫:** ଲୋକପାଳ ୱେବ୍‌ସାଇଟ ଗୁରୁବାର ଲଞ୍ଚ୍ ହୋଇଛି। www.lokpal.gov.in ନାମରେ ଏହି ୱେବ୍‌ସାଇଟକୁ ନୂଆଦିଲ୍ଲୀରେ ଲୋକପାଳ ଅଧକ୍ଷ ପିନାକୀ ଚନ୍ଦ୍ର ଘୋଷ ଅନ୍ୟ ସଦସ୍ୟମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଛନ୍ତି। ଏହା ଦୁର୍ନୀତି ନିରୋଧୀ ଅମ୍ବୁଡ୍‌ସମ୍ୟାନଙ୍କ କାର୍ଯ୍ୟ ସମ୍ପର୍କିତ ମୌଳିକ ସୂଚନା ପ୍ରଦାନ କରିବ। ଗତମାସ ୧୬ ତାରିଖ ସୁଦ୍ଧା ଲୋକପାଳ ପାଇଥିବା ସମସ୍ତ ଅଭିଯୋଗର ସମାଧାନ କରାଯାଇଛି। ଏହା ପରେ ଯେଉଁ ଆବେଦନପତ୍ର ଆସିଛି ସେଗୁଡିକର ଯାଞ୍ଚ କରାଯାଉଥିବା ଲୋକପାଳ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

[ଇତିହାସର ଆଇନାରେ]

### ମେ ୧୭ର ପ୍ରମୁଖ ଘଟଣା

୧୯୮୭ ମେ ୧୭ରେ ଏକ ଇରାକୀ ଡାସଲ୍ଟ ମିରେଜ୍ ଏଫ୍-୧ ଫାଇଟର ଜେଟ୍ ଦୁଇଟି କ୍ଷେପଣାସ୍ତ୍ର ଆମେରିକୀୟ ନୌସେନା ଯୁଦ୍ଧଜାହାଜ ୟୁଏସ୍‌ଏସ୍ ଷ୍ଟାର୍କକୁ ମାଡକରିବା ଫଳରେ ୩୭ ଜଣ ମୃତ୍ୟୁବରଣ କରିବା ସହିତ ୨୧ଜଣ ଆହତ ହୋଇଥିଲେ। ଡାସଲ୍ଟ ଆଭିଏଶନ୍ ଦ୍ୱାରା ଉକ୍ତ ଜାହାଜର ଡିଜାଇନ୍ ପ୍ରସ୍ତୁତି ଏବଂ ନିର୍ମାଣ କରାଯାଇଥିଲା।

୨୦୧୪ ମେ ୧୭ରେ ଉତ୍ତର ଲାଓସ୍‌ରେ ଏକ ବିମାନ ଦୁର୍ଘଟଣା ହେବା ଫଳରେ ୧୭ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଲାଓସ୍‌କୁ ସରକାରୀ ଭାବେ ଲାଓ ପିପୁଲ୍ସ ଡେମୋକ୍ରାଟିକ୍ ରିପବ୍ଲିକ୍ କହନ୍ତି। ଏହାକୁ ସ୍ଥାନୀୟ ଭାଷାରେ ମୁଆଙ୍ଗ ଲାଓ ମଧ କୁହାଯାଏ। ଏହା ଏକ ସମାଜବାଦୀ ରାଷ୍ଟ୍ର ଏବଂ ଇଣ୍ଡୋଚାଇନା ଉପଦ୍ୱୀପରେ ଅବସ୍ଥିତ। ଲାଓସ୍‌ର ଉତ୍ତର-ପଶ୍ଚିମରେ ମ୍ୟାନ୍‌ମାର (ବର୍ମା) ଓ ଚାଇନା, ପୂର୍ବରେ ଭିଏତ୍‌ନାମ୍, ଦକ୍ଷିଣ-ପଶ୍ଚିମରେ କାମ୍ବୋଡିଆ ଏବଂ ପଶ୍ଚିମରେ ଥାଇଲାଣ୍ଡ ରହିଛି।

# ବଳ କଷିଲେ ମୋଦି, ଦିଦି

**କୋଲ୍‌କାତା/ମଉ,୧୬।୫**

ପଶ୍ଚିମବଙ୍ଗରେ ୭ଟି ଯାକ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ହେଉଛି। ରାଜ୍ୟର ୪୨ ଆସନ ମଧ୍ୟରୁ ୩୩ଟିରେ ମତଦାନ ଶେଷ ହୋଇଥିବାବେଳେ ରବିବାର ଶେଷ ପର୍ଯ୍ୟାୟରେ ଅବଶିଷ୍ଟ ୯ ଆସନ ଲାଗି ଭୋଟଗ୍ରହଣ କରାଯିବ। ଏଥିସକାଶେ ଗୁରୁବାର ରାତି ୧୦ଟାରେ ପ୍ରଚାର ଶେଷ ହୋଇଛି। ପ୍ରଚାର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆରୋପ ପ୍ରତ୍ୟାରୋପରେ ପରସ୍ପରକୁ ପୋଡି ଦେଇଛନ୍ତି। ମୋଦି ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ନିର୍ମାଣର ପ୍ରତିଶ୍ରୁତି ଦେଇଥିବାବେଳେ ମମତା ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଯେଉଁ ଭାଜପା ଅଯୋଧାରେ ରାମମନ୍ଦିର ନିର୍ମାଣ କରିପାରିଲା ନାହିଁ ତା'ର ଟଙ୍କା ଆମକୁ ଦରକାର ନାହିଁ ବୋଲି ମମତା ଜବାବ ଦେଇଛନ୍ତି। ଏହାକୁ ନେଇ ଜାତୀୟ ରାଜନୀତିର ତାପମାତ୍ରା ବଢ଼ିଯାଇଛି।

ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ଦମ୍ ଦମ୍, ବରସାତ୍, ବସିରହାଟ, ଜୟନଗର, ମଥୁରାପୁର, ଡାଇମଣ୍ଡ ହାର୍‌ବର, ଯାଦବପୁର, କୋଲକାତା (ଦକ୍ଷିଣ) ଓ କୋଲକାତା (ଉତ୍ତର) ଆସନରେ ଭୋଟଗ୍ରହଣ କରାଯିବ। ବିବାଦର ସୂତ୍ରପାତ ହୋଇଥିଲା ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହଙ୍କ କୋଲକାତା ରୋଡ୍ ଶୋ'ରୁ। ଶାହଙ୍କ ରୋଡ୍ ଶୋ ବେଳେ ଭାଜପା ଏବଂ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ହିଂସାକାଣ୍ଡ ଯୋଗୁ ନିର୍ବାଚନ କମିଶନ (ଇସି) ନିର୍ଦ୍ଧାରିତ ସମୟର ଦିନକ ପୂର୍ବରୁ ପ୍ରଚାର ଉପରେ କଟକଣା ଜାରି କରିଥିଲେ। ଗୁରୁବାର ପ୍ରଚାରର ଶେଷ ଦିନରେ ଉଭୟ ଦଳ ମଧ୍ୟରେ ବଳ କଷାକଷି ହୋଇଛି। ଉଭୟ ଟିଏମ୍‌ସି ଏବଂ ଭାଜପା ନେତାମାନେ ଭୋଟରଙ୍କ ମନାଇବା ଲାଗି ପୂରା ଦମ୍ ଲଗାଇଦେଇଛନ୍ତି। ଉତ୍ତରପ୍ରଦେଶସ୍ଥିତ ମଉର ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପଞ୍ଚଧାତୁରେ ବିଦ୍ୟାସାଗରଙ୍କ ବିଶାଳ ପ୍ରତିମୂର୍ତ୍ତି ଗଢ଼ାଯିବ। ପ୍ରତିମୂର୍ତ୍ତି ଭଙ୍ଗାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ଟିଏମ୍‌ସି ସୁପ୍ରିମୋ ମମତା କହିଛନ୍ତି, ଭାଜପା ଟଙ୍କା ଆମର ଦରକାର ନାହିଁ। ପ୍ରତିମୂର୍ତ୍ତି ନିର୍ମାଣ ଲାଗି ପଶ୍ଚିମବଙ୍ଗ ପାଖରେ ପ୍ରଚୁର ଅର୍ଥ ଅଛି। ପ୍ରତିମୂର୍ତ୍ତି ଭାଙ୍ଗିବା ଭାଜପାର ଅଭ୍ୟାସ। ପୂର୍ବରୁ ତ୍ରିପୁରାରେ ଏଭଳି ଘଟଣା ଘଟିଥିଲା। ଭାଜପା ସୋସିଆଲ ମିଡିଆରେ ମିଛ ଓ ମନଗଢ଼ା କାହାଣୀ ଛାପି ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛି। କୋଲ୍‌କାତା ହିଂସା ୧୯୯୨ରେ ହୋଇଥିବା ବାବ୍ରୀ ମସ୍‌ଜିଦ୍ ଭଙ୍ଗା ବେଳର ହିଂସାଠୁ ବଳିଗଲା। ରାମ ଜନ୍ମଭୂମିରେ ରାମମନ୍ଦିର ନିର୍ମାଣ କରିପାରି ନ ଥିବା ଭାଜପା ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି କ'ଣ କରିବ ବୋଲି ମମତା ମୋଦିଙ୍କୁ ତାଚ୍ଛଲ୍ୟ କରିଛନ୍ତି। ଶାହଙ୍କୁ ଜଣେ ଗୁଣ୍ଡା ନେତାଭାବେ ସେ ଅବିହିତ କରି ତାଙ୍କ ନେତୃତ୍ୱରେ ଭାଜପା କର୍ମୀ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଥିବା ସମାଲୋଚନା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ମୋଦିଙ୍କ ପଶ୍ଚିମବଙ୍ଗ ଗସ୍ତ ପୂର୍ବରୁ ମମତା ଯାଦବପୁରର ସୁକାନ୍ତ ସେତୁରୁ ତରତଲା ପର୍ଯ୍ୟନ୍ତ ସାଢ଼େ ୮ କି.ମି. ପଦଯାତ୍ରା କରିଛନ୍ତି। ପ୍ରଚାର ସମୟ କମାଯିବାକୁ ନେଇ ମମତା ନିର୍ବାଚନ କମିଶନଙ୍କ ଉପରେ ମଧ ବର୍ଷିଛନ୍ତି। ସେ କହିଛନ୍ତି ଯେ, ମୋଦି ଓ ଶାହଙ୍କ ଚାପର ବଶବର୍ତ୍ତୀ ହୋଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କଂଗ୍ରେସ, ଏଏପି, ଟିଡିପି, ବିଏସ୍‌ପି, ଡିଏମ୍‌କେ ଭଳି ବିଭିନ୍ନ ରାଜନୈତିକ ଦଳ ଏଥିଲାଗି ଇସିଙ୍କ ପଦକ୍ଷେପକୁ ସମାଲୋଚନା କରିଛନ୍ତି।

ମୋଦି ଦମ୍ ଦମ୍‌ରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି କହିଛନ୍ତି, ମମତା ଆଜି ଇସି ଏବଂ କେନ୍ଦ୍ରୀୟ ବଳକୁ ଦୁର୍ବ୍ୟବହାର କରୁଛନ୍ତି। କିନ୍ତୁ ବାମପନ୍ଥୀଙ୍କ ଶାସନ ଅମଳରେ ଏପରି ଏକ ସମୟ ଥିଲା, ଯେତେବେଳେ ସେ କେନ୍ଦ୍ରୀୟ ବଳ ମୁତୟନ ପାଇଁ ଦାବି କରୁଥିଲେ। ଇସି ଏବଂ କେନ୍ଦ୍ରୀୟ ବଳ ମୁକ୍ତ ତଥା ନିରପେକ୍ଷ ନିର୍ବାଚନ କରାଇ ନ ଥିଲେ ମମତା ମୁଖ୍ୟମନ୍ତ୍ରୀ ହୋଇପାରି ନ ଥାନ୍ତେ। ମମତା ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଛନ୍ତି। ସ୍ୱପ୍ନ ଦେଖିବାକୁ ମନାନାହିଁ। କିନ୍ତୁ ସେ ସଶସ୍ତ୍ର ବଳର ମନୋବଳ ଦୁର୍ବଳ ହେବା ଭଳି ମନ୍ତବ୍ୟ ଦେବା ଅନୁଚିତ ବୋଲି ମୋଦି ସମାଲୋଚନା କରିଛନ୍ତି।

## ପଶ୍ଚିମବଙ୍ଗରେ ପ୍ରଚାର ଶେଷ





ପଞ୍ଚଧାତୁରେ ନିର୍ମାଣ କରିବୁ ବିଦ୍ୟାସାଗର ପ୍ରତିମୂର୍ତ୍ତି

ରାମମନ୍ଦିର ଗଢ଼ିପାରିଲନି, ତୁମ ଟଙ୍କା ଦରକାର ନାହିଁ

## ଭୋଟ ଧ୍ରୁବୀକରଣର ପ୍ରୟୋଗଶାଳା

**ନୂଆଦିଲ୍ଲୀ,୧୬।୫(ଆଇଏଏନ୍‌ଏସ୍)**

ଶେଷ ପର୍ଯ୍ୟାୟ ଲୋକ ସଭା ନିର୍ବାଚନକୁ ଆଉ ମାତ୍ର ୩ ଦିନ ବାକି ଥିବାବେଳେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିରୋଧୀ ଭାଜପା ପାଇଁ ପଶ୍ଚିମବଙ୍ଗ ପାଲଟିଛି ରଣକ୍ଷେତ୍ର। ଏହି ରାଜ୍ୟରେ ଧ୍ରୁବୀକରଣ ଉଦ୍ୟମ ଜରିଆରେ ଭାଜପା ନିଜ ବଳ ବୃଦ୍ଧିକରି ବାମପନ୍ଥୀଙ୍କ ସ୍ଥାନ ଛଡ଼ାଇନେବାକୁ ବସିଛି ବୋଲି ଟିଏମ୍‌ସି ମନେକରୁଛି।

୨୦୦୯ରେ ବାମ ସାମ୍ମୁଖ୍ୟ ୧୩ ଆସନ ହରାଇ ମାତ୍ର ୨ଟି ସିଟ୍‌ରେ ସଫଳତା ପାଇଥିବାବେଳେ ଟିଏମ୍‌ସି ହାତକୁ ଯାଇଥିଲା ୧୯ ଆସନ। ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ମାତ୍ର ୨ଟି ଆସନ ପାଇଥିଲା। ସେତେବେଳେ ୩୪ ଆସନ ଦଖଲ କରିଥିବା ଟିଏମ୍‌ସି ଏଥର ପୂର୍ବ ସଫଳତାର ପୁନରାବୃତ୍ତି ଘଟାଇବା ନେଇ ସନ୍ଦିହାନ। ଜଣେ ବରିଷ୍ଠ ଟିଏମ୍‌ସି ନେତାଙ୍କ ଅନୁସାରେ ଚଳିତ ନିର୍ବାଚନରେ ବାମପନ୍ଥୀଙ୍କ ଭୋଟ ନିର୍ଣ୍ଣାୟକ ହେବ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥର କେତେ ଆସନ ଦଖଲ ପାଇଁ ଟିଏମ୍‌ସି ପାଇଁ ସହାୟକ ହେବେ ତାହା ବାମଦଳର ଭୋଟ ଉପରେ ନିର୍ଭର କରେ। ଟିଏମ୍‌ସି ୩୦ ଆସନରେ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛି। ତେବେ ବାମଦଳର ୧୦% ଭୋଟ ଭାଜପା ଆଡକୁ ଗଲେ ଟିଏମ୍‌ସିର ଆସନ ସଂଖ୍ୟା ୨୫କୁ ଖସିବ, ଅର୍ଥାତ୍ ପୂର୍ବ ତୁଳନାରେ ୧୯ ଆସନରେ କ୍ଷତି ସହିବାକୁ ପଡ଼ିବ। ଏଥିଲାଗି ବାମଦଳଗୁଡ଼ିକର ନେତାମାନେ ନିଜ ସମର୍ଥକଙ୍କୁ ଭାଜପା ସପକ୍ଷରେ ମତଦାନ କରିବାକୁ କହୁଥିବା ଟିଏମ୍‌ସି ମନେକରୁଛି। କାରଣ ବାମଦଳଗୁଡ଼ିକ ଟିଏମ୍‌ସିକୁ ହରାଇପାରିବେ ନାହିଁ ଏବଂ ଭାଜପା ଏପରି କରିବାକୁ ଏକ ଉତ୍ତମ ସ୍ଥିତିରେ ରହିଛି ବୋଲି ବାମପନ୍ଥୀ ନେତାମାନେ ଭାବୁଛନ୍ତି। ଟିଏମ୍‌ସି ଆହୁରି ମନେକରୁଛି ଯେ, ଭାଜପାର ଧ୍ରୁବୀକରଣ ଉଦ୍ୟମ ହିନ୍ଦୁ ବହୁଳ ୧୫ ଲୋକ ସଭା ଆସନରେ ଗୈରିକ ଦଳକୁ ସହାୟକ ହେବ। ତେଣୁ ଭାଜପା ସର୍ବାଧିକ ୧୦ ଆସନ ଦଖଲ କରିପାରେ। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ ଅନେକ ସଭା ଏବଂ ରୋଡ୍ ଶୋ କରି ଜନମତକୁ ନିଜ ସପକ୍ଷକୁ ଟାଣିବାକୁ ଉଦ୍ୟମ ଚଳାଇଛନ୍ତି। ଏହିକ୍ରମରେ ଚାଲିଥିବା ଧାରାବାହିକ ଘଟଣାବଳୀ ଅଂଶ ସ୍ୱରୂପ ମଙ୍ଗଳବାର ଶାହଙ୍କ ରୋଡ୍ ଶୋ ବେଳେ ପଶ୍ଚିମବଙ୍ଗର ପ୍ରତୀକ ସମାଜ ସଂସ୍କାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯାଇଛି।

### ଜଷ୍ଟିସ ଲୋକୁର ଫିଜି ସୁପ୍ରିମକୋର୍ଟ ବିଚାରପତି



**ନୂଆଦିଲ୍ଲୀ,୧୬।୫(ପି.ଟି.)**

ଅବସରପ୍ରାପ୍ତ ବିଚାରପତି ମଦନ ବି. ଲୋକୁର ଫିଜି ସୁପ୍ରିମକୋର୍ଟର ଅଣଆବାସିକ ପ୍ୟାନେଲ୍‌ରେ ବିଚାରପତି ଭାବେ ନିଯୁକ୍ତ ହୋଇଛନ୍ତି। ସେ ୨୦୧୮ ଡିସେମ୍ବର ୩୧ରେ ସୁପ୍ରିମକୋର୍ଟରୁ ଅବସର ଗ୍ରହଣ କରିଥିଲେ। ତାଙ୍କୁ ତିନିବର୍ଷ ପାଇଁ ନୂଆ ନିଯୁକ୍ତି ଦିଆଯାଇଛି। ସେ ଅଗଷ୍ଟ ୧୫ରେ ନୂତନ ଦାୟିତ୍ୱ ଗ୍ରହଣ କରିବେ ବୋଲି ତାଙ୍କର ଘନିଷ୍ଠତମ ସୂତ୍ରରୁ ଜଣାପଡିଛି।

### ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ବବ୍‌ଙ୍କ ପରଲୋକ



**ସିଡ୍‌ନୀ,୧୬।୫(ଏଏଫ୍‌ପି)**

ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ବବ୍ ହକ୍‌ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ସେ ୧୯୮୩ରୁ ୧୯୯୧ ପର୍ଯ୍ୟନ୍ତ ଲେବର ପାର୍ଟିର ନେତା ଥିଲେ ଏବଂ ୪ ଥର ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଥିଲେ। ଲେବର ପାର୍ଟି ପ୍ରଧାନମନ୍ତ୍ରୀ ଭାବେ ସେ ସର୍ବାଧିକ କାଳ କ୍ଷମତାରେ ରହିଥିଲେ।



ବାରାଣସୀରେ ବିରୋଧୀ ମହାମେଣ୍ଟ ସଭାରେ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ସହ ଏସ୍‌ପି ଅଧକ୍ଷ ଅଖିଳେଶ ଯାଦବ।

### ରାଜୀବ କୁମାରଙ୍କ ସୁରକ୍ଷା ପ୍ରତ୍ୟାହାର ଆବେଦନ

## ସୁପ୍ରିମକୋର୍ଟ ରାୟ ଆଜି

**ନୂଆଦିଲ୍ଲୀ,୧୬।୫(ପି.ଟି.)**

କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କ ଗିରଫଦାରି ଉପରେ ଲାଗିଥିବା ଅନ୍ତରୀଣ ସୁରକ୍ଷା ପ୍ରତ୍ୟାହାର ଲାଗି ସିବିଆଇ କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ରାୟ ଶୁଣାଇବେ। ପୂର୍ବରୁ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ କରୁଥିବା ପଶ୍ଚିମବଙ୍ଗ ପୋଲିସ ଏସ୍‌ଆଇଟିର ନେତୃତ୍ୱ ନେଉଥିଲେ ରାଜୀବ କୁମାର। ସେ ପ୍ରମାଣ ନଷ୍ଟ କରିବା ଲାଗି ଉଦ୍ୟମ କରିଥିବାର ପ୍ରାଥମିକ ତଦନ୍ତରୁ ଜଣାପଡିଥିବାରୁ ସିବିଆଇ ତାଙ୍କୁ ହାଜତକୁ ନେଇ ଜେରା କରିବାକୁ ଚାହୁଁଥିବା କୋର୍ଟଙ୍କୁ ଜଣାଇଛି। ତାଙ୍କ ମହକିଲଙ୍କୁ ଅପମାନିତ କରିବାକୁ ସିବିଆଇ ଚାହୁଁଛି ବୋଲି ରାଜୀବଙ୍କ ଓକିଲ କହିଛନ୍ତି।

### ■ ବିବାଦରେ ପ୍ରଜ୍ଞା ଠାକୁର

## ନାଥୁରାମ ଦେଶଭକ୍ତ

**ଭୋପାଳ,୧୬।୫(ପି.ଟି.)**



ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କୁ ଦେଶଭକ୍ତ କହି ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ବିବାଦରେ ଫସିଛନ୍ତି। ତାଙ୍କ ମନ୍ତବ୍ୟକୁ ଭାଜପା ନିନ୍ଦା କରିବା ସହ ବିବାଦରୁ ଦୂରେଇ ରହିଛି।

ଭୋପାଳରୁ ଭାଜପାର ଲୋକ ସଭା ପ୍ରାର୍ଥୀ ହୋଇଥିବା ପ୍ରଜ୍ଞା ଗୁରୁବାର ନାଥୁରାମଙ୍କୁ ଜଣେ ସଚ୍ଚା ଦେଶଭକ୍ତ ବୋଲି ଅଭିହିତ କରିଛନ୍ତି। ଭାରତର ପ୍ରଥମ ଆତଙ୍କବାଦୀ ଜଣେ ହିନ୍ଦୁ ବୋଲି କମଲ ହାସନ କହିବା ପରେ ଖବରଦାତାମାନେ ଏ ନେଇ ପ୍ରଜ୍ଞାଙ୍କୁ ପ୍ରଶ୍ନ କରିଥିଲେ। ନାଥୁରାମ ଜଣେ ଦେଶଭକ୍ତ ଥିଲେ, ଦେଶଭକ୍ତ ଅଛନ୍ତି ଓ ଦେଶଭକ୍ତ ରହିବେ ବୋଲି ପ୍ରଜ୍ଞା କହିଥିଲେ। ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିବା ଗାନ୍ଧିଜୀଙ୍କ ହତ୍ୟାକାରୀଙ୍କୁ ଭାଜପା ନେତା ପ୍ରକୃତ ଦେଶଭକ୍ତ କହିବା ସହ ଦେଶ ପାଇଁ ଜୀବନ ଦେଇଥିବା ହେମନ୍ତ କର୍‌କରେଙ୍କୁ ଦେଶଦ୍ରୋହୀ କହୁଛନ୍ତି। ନାଥୁରାମଙ୍କ ଉତ୍ତରାଧିକାରୀମାନେ ଭାରତର ଆତ୍ମାକୁ ଆକ୍ରମଣ କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ବିବାଦ ପରେ ପ୍ରଜ୍ଞା କ୍ଷମାମାଗିବା ସହ ନିଜମନ୍ତବ୍ୟକୁପ୍ରତ୍ୟାହାରକରିନେଇଛନ୍ତି।

## ଇଫେଲ ଟାୱାରକୁ ୧୩୦ ବର୍ଷ

**ପ୍ୟାରିସ,୧୬।୫(ଏଏଫ୍‌ପି)**

ପ୍ୟାରିସ୍‌ର ଉଚ୍ଚତମ ଇଫେଲ ଟାୱାର ୧୩୦ ବର୍ଷରେ ପଦାର୍ପଣ କରିଛି। ରଙ୍ଗାରଙ୍ଗ ଆଲୋକ ସଜ୍ଜା ମଧ୍ୟରେ ଏହାର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ୧୮୮୯ରେ ପ୍ରତିଷ୍ଠିତ ଏହି ଟାୱାର୍‌ର ଉଚ୍ଚତା ୩୨୪ ମିଟର ଏବଂ ଏଥିରେ ୭,୩୦୦ ଟନ୍ ଓଜନର ଧାତବ ଦ୍ରବ୍ୟରେ ଏହା ନିର୍ମାଣ ହୋଇଛି। ପ୍ରତିବର୍ଷ ୭୦ଲକ୍ଷ ପର୍ଯ୍ୟଟକ ଏହି ବିରଳ କୀର୍ତ୍ତିକୁ ପରିଦର୍ଶନ କରିବାକୁ ଆସନ୍ତି। ଏହାକୁ ଭାଙ୍ଗିଦେବା ଲାଗି ଅନେକ ଥର ଧମକ ଦିଆଯାଇଥିବା ସତ୍ତ୍ୱେ ଏହି ଟାୱାର ଫ୍ରାନ୍ସର ସାଂସ୍କୃତିକ ଇତିହାସରେ ସର୍ବାଧିକ ଆକର୍ଷଣୀୟ ସ୍ମାରକୀ ହୋଇ ରହିଆସିଛି। ଉକ୍ତ ଟାୱାର ୪୧ବର୍ଷ ପର୍ଯ୍ୟନ୍ତ ବିଶ୍ୱର ସର୍ବୋଚ୍ଚ ଢାଞ୍ଚାର ମାନ୍ୟତା ପାଇଥିଲା। କିନ୍ତୁ ୧୯୩୦ରେ ନ୍ୟୁୟର୍କରେ ନିର୍ମାଣ କରାଯାଇଥିବା କ୍ରିସ୍‌ଲର ବିଲ୍‌ଡିଂ ଏହାଠୁ ଉଚ୍ଚା ହେବା ପରେ ଏହା ବିଶ୍ୱର ଉଚ୍ଚତମ ମାନ୍ୟତା ହରାଇଥିଲା।

## ଜହ୍ନରେ କଳାଦାଗର ରହସ୍ୟ

**ବେଜିଂ,୧୬।୫(ଏଏଫ୍‌ପି)**

ଜହ୍ନରେ ଦେଖାଯାଉଥିବା କଳାଅଂଶର ରହସ୍ୟ ଉଦ୍‌ଘାଟନ କରିଛି ଚାଇନା। ଏସବୁ ଅଂଶ ଚନ୍ଦ୍ରପୃଷ୍ଠର ଶୀତଳ ସ୍ଥାନ। ଏଠାରେ ଥିବା ପ୍ରଚୁର ଓଲିଭାଇନ୍ ଏବଂ କ୍ୟାଲ୍‌ସିୟମ୍ ପାଇରୋକ୍ସିନ୍ ସେହିସବୁ ସ୍ଥାନକୁ କଳା କରିଦେଇଛି। ଚାଇନାର ଚାଙ୍ଗ୍‌ଇ-୪ ମହାକାଶଯାନ ପଠାଇଥିବା ଫଟୋ ଏବଂ ତଥ୍ୟରୁ ଏହା ଅନୁମାନ କରାଯାଉଛି। ଚାଇନା ମହାକାଶ ବିଜ୍ଞାନୀଙ୍କ ତଥ୍ୟ ଲୁନାର ମାଗ୍‌ମା ଥିଓରୀକୁ ସମର୍ଥନ କରୁଥିବା ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍‌ସିଜ୍‌ର ସଦସ୍ୟ ଲୁନାଲାଇ ଲି ପ୍ରକାଶ କରିଛନ୍ତି।



## ୨୩ରେ ଅଣଏନ୍‌ଡିଏ ଦଳ ବୈଠକ

**ନୂଆଦିଲ୍ଲୀ,୧୬।୫**

ଉପା ଅଧକ୍ଷା ସୋନିଆ ଗାନ୍ଧୀ ଆସନ୍ତା ୨୩ରେ ଅଣଏନ୍‌ଡିଏ ଦଳଗୁଡ଼ିକର ନେତାଙ୍କୁ ନେଇ ଏକ ବୈଠକ କରିବେ। ଏଥିଲାଗି ଧର୍ମନିରପେକ୍ଷ ଦଳଗୁଡ଼ିକୁ ସେ ନିମନ୍ତ୍ରଣ କରଛନ୍ତି। ଏନ୍‌ସିପି ମୁଖ୍ୟ ଶରଦ ପାୱାର, ଡିଏମ୍‌କେ ଅଧକ୍ଷ ଏମ୍.କେ. ଷ୍ଟାଲିନ୍‌ଙ୍କ ସହ ଆର୍‌ଜେଡି, ଟିଏମ୍‌ସି, ଏସ୍‌ପି, ବିଏସ୍‌ପି ଆଦି ରାଜନୈତିକ ଦଳର ନେତାମାନଙ୍କୁ ଡକାଯାଇଛି। ସମନ୍ୱୟ ରକ୍ଷାଲାଗି କଂଗ୍ରେସ ପକ୍ଷରୁ ଏକ ୪ ଜଣିଆ ଟିମ୍ ଗଠନ କରାଯାଇଛି। ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଲାଗି ସମଭାବାପନ୍ନ ଦଳଗୁଡିକ ସହ ସମ୍ପର୍କ ରକ୍ଷା କରିବା ପାଇଁ ଅହମ୍ମଦ ପଟେଲ, ପି. ଚିଦାମ୍ବରମ୍, ଗୁଲାମ୍ ନବି ଆଜାଦ୍ ଓ ଅଶୋକ ଗେହଲଟ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି। ୨୩ରେ ଭୋଟ ଗଣତି ପରେ ଫଳ ଆସିବାକୁ ଥିବାବେଳେ ଭାଜପା ସଂଖ୍ୟାଗରିଷ୍ଠତାଠାରୁ ବହୁ ପଛରେ ରହିବ ବୋଲି ଆଶଙ୍କା ପ୍ରକାଶ ପାଇଥିବାରୁ କଂଗ୍ରେସ ସରକାର ଗଠନ କରିବା ନେଇ ଆଶାବାଦୀ ହୋଇପଡ଼ିଛି।



ପାୱାର, ଷ୍ଟାଲିନ୍, ମାୟାବତୀଙ୍କୁ ସୋନିଆଙ୍କ ନିମନ୍ତ୍ରଣ

## ୩ ଜୈଶ୍ ଆତଙ୍କବାଦୀ ନିପାତ

**ଶ୍ରୀନଗର,୧୬।୫(ପି.ଟି.)**

ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲାରେ ଗୁରୁବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଜୈଶ୍-ଇ-ମହମ୍ମଦ(ଜେଇଏମ୍)ର ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ଜଣେ ଯବାନ ଶହୀଦ ହୋଇଥିବାବେଳେ ଜଣେ ସାଧାରଣ ନାଗରିକ ଟଳିପଡ଼ିଛନ୍ତି। ପୁଲଓ୍ୱାମାର ଦେଲିପୋରା ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଗୁରୁବାର ସକାଳେ ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଚଳାଇଥିବାବେଳେ ଏକ ଘରେ ଲୁଚିଥିବା ଆତଙ୍କବାଦୀମାନେ ସେମାନଙ୍କୁ ଟାର୍ଗେଟ କରିଥିଲେ। ଏଥିରେ ସେନାର ସିପାହି ସନ୍ଦୀପ ଶହୀଦ ହୋଇଛନ୍ତି। ସେହିପରି ଗୁଳିମାଡ଼ରେ ରୟିସ୍ ଦାର ନାମକ ଜଣେ ନାଗରିକ ନିହତ ହୋଇଛନ୍ତି। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି।



### ଯବାନ ଶହୀଦ, ସାଧାରଣ ନାଗରିକ ନିହତ

ସେମାନେ ହେଲେ ପାକିସ୍ତାନର ଖାଲିଦ, ଶୋପିଆନ୍‌ର ଉମର ମୀର ଓ ପୁଲଓ୍ୱାମାସ୍ଥିତ କରିମାବାଦର ନାସିର ପଣ୍ଡିତ। ଏନ୍‌କାଉଣ୍ଟର ସ୍ଥଳରୁ ଅସ୍ତ୍ରଶସ୍ତ୍ର ସମେତ ଅନେକ ଆପତ୍ତିଜନକ ସାମଗ୍ରୀ ମିଳିଛି। ମୃତ ଆତଙ୍କବାଦୀମାନେ ଏକାଧିକ ଆକ୍ରମଣରେ ସମ୍ପୃକ୍ତ ଥିଲେ। ହେଣ୍ଡିଉ ଗ୍ରାମରେ ଆଉ କେତେଜଣ ଆତଙ୍କବାଦୀ ଲୁଚିଥିବା ସନ୍ଦେହରେ ସୁରକ୍ଷା ବଳ ସେଠାରେ ଏନ୍‌କାଉଣ୍ଟର ଚଳାଇଥିବା ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି।



ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଯୁକ୍ତଦୁଇ ଖାତା ମୂଲ୍ୟାଙ୍କନ କରାଯାଉଛି। ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର ମୂଲ୍ୟାଙ୍କନ ପର୍ଯ୍ୟାୟକ୍ରମେ ଜାରି ରହିଛି। ୨ଟି ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ଏବେ ତୃତୀୟ ପର୍ଯ୍ୟାୟ ମୂଲ୍ୟାଙ୍କନ ଚାଲିଛି। ମୂଲ୍ୟାଙ୍କନ ପ୍ରକୋଷ୍ଠକୁ ମୋବାଇଲ ଓ କ୍ୟାମେରା ନେବା ବାରଣ ହୋଇଥିବା ସତ୍ତ୍ୱେ ଜଣେ ଅଧ୍ୟାପକ ପ୍ରକୋଷ୍ଠରେ ଥିବାବେଳର ସେଲ୍‌ଫି ନିଜ ମୋବାଇଲରେ ଉଠାଇ ତାହାକୁ ସୋସିଆଲ ମିଡିଆରେ ଅପଲୋଡ କରିଛନ୍ତି। ତାହା ଏବେ ଭାଇରାଲ ହେବାରେ ଲାଗିଛି। ଅଧ୍ୟାପକ ଜଣକ ହେଉଛନ୍ତି ପଦ୍ମପୁରସ୍ଥିତ ଆର୍‌ଜି କଲେଜର ରାମଚନ୍ଦ୍ର ସାହୁ।

## ସଂକ୍ଷେପରେ

### ପୂର୍ବତନ ମନ୍ତ୍ରୀ ଗଙ୍ଗାଧର ପ୍ରଧାନଙ୍କ ପରଲୋକ



**ରାଉରକେଲା ଅଫିସ/ ବଡ଼ଗାଁ, ୧୬।୫ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲାର ବିଶିଷ୍ଟ ଆଦିବାସୀ ନେତା ତଥା ପୂର୍ବତନ ମନ୍ତ୍ରୀ ଗଙ୍ଗାଧର ପ୍ରାଧନଙ୍କର ଗୁରୁବାର ଅପରାହ୍ନ ସାଢ଼େ ୩ଟାରେ ରାଉରକେଲା ଜଗଦାସ୍ଥିତ ସିଡବ୍ଲ୍ୟୁଏସ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କୁ ୮୯ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ ପ୍ରଧାନ ୧୯୨୯ ଜୁନ ୧ରେ ତଳସରା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଇଡିହିରେ ଜନ୍ମଗ୍ରହଣ କରିଥିଲେ। ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀରୁ ୧୯୫୭ରେ ସେ ଗଣ ପରିଷଦ ପାର୍ଟିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ତଳସରା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ସେ ସ୍ୱତନ୍ତ୍ର ପାର୍ଟିରୁ ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୨ରେ କଂଗ୍ରେସରେ ଯୋଗଦେଇ ଜଙ୍ଗଲ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସମେତ ବହୁ ନେତା ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିବା ସହ ଶୋକ ବ୍ୟକ୍ତ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ ଇଂ. ଆଇଜାକ୍ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ଇଂ. ସଞ୍ଜୟ ପ୍ରଧାନ, ଅମିୟ ପ୍ରଧାନଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

### ବଜ୍ରପାତରେ ଗୋଟିଏ ପରିବାର ୨ ମହିଳା ମୃତ

**ଧର୍ମଗଡ଼/ବେହେରା, ୧୬।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ଗୋଟିଏ ପରିବାର ୨ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳାଦ୍ୱୟ ହେଲେ ଭୂମିସୁତା ଗୋପାଳ (୩୮) ଓ ଜୟମଣି ଗୋପାଳ (୪୦)। ଭୂମିସୁତା ଓ ଜୟମଣି ଗୁରୁବାର ଅପରାହ୍ନରେ ଗାଁ ପୋଖରୀକୁ ପାଣି ଆଣିବା ପାଇଁ ଯାଇଥିଲେ । ଏହି ସମୟରେ ପବନର ବେଗ ବଢ଼ିଥିଲା । କିଛି ସମୟ ପରେ ବିଜୁଳି,ଘଡଘଡି ସହ ବର୍ଷା ହୋଇଥିଲା। ସେମାନେ ତରତର ହୋଇ ଘରକୁ ଫେରି ଆସୁଥିବା ବେଳେ ଉଭୟଙ୍କ ଉପରେ ବଜ୍ରପାତ ହୋଇଥିଲା। ଦୁହେଁ ସେଠାରେ ଟଳି ପଡ଼ି ଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଜୟମଣିଙ୍କ ମୃତ୍ୟୁ ଘଟିଥିଲା। ଭୂମିସୂତାଙ୍କୁ ଧର୍ମଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଭୁମିସୂତାଙ୍କ ମୃତ୍ୟୁ ହୋଇଥିଲା।

### ୨ ଆଇଇଡି ଠାବ

**ଲାଞ୍ଜିଗଡ଼,୧୬।୫(ଡି.ଏନ.ଏ.):** ଗତ କିଛିଦିନ ହେଲା କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ଦୁର୍ଗମ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବୃଦ୍ଧି ପାଇବାରେ ଲାଗିଛି । ଗତ ୧୧ ତାରିଖରେ ଯବାନମାନଙ୍କୁ ଉଡାଇବା ପାଇଁ ତ୍ରିଲୋଚନପୁରସ୍ଥିତ ନୂତନ ଭାବେ ନିର୍ମାଣ ହେଉଥିବା ସିଆରପିଏଫ୍ କ୍ୟାମ୍ପରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରିଥିଲେ। ଏହି ଘଟଣାର ୨ ଦିନ ପରେ ଅର୍ଥାତ୍ ଗୁରୁବାର ଯବାନମାନେ କୋମ୍ବିଂ ଅପରେଶନ ବେଳେ ୨ ଆଇଇଡି ଠାବ କରିଛନ୍ତି। ବୋମା ନିଷ୍କ୍ରିୟକାରୀ ଦଳ ସେହି ଆଇଇଡିକୁ ନିଷ୍କ୍ରିୟ କରିଛନ୍ତି ।

## ■ ଫନୀ: ବିଦ୍ୟୁତ୍ ଭିତ୍ତିଭୂମିର ପୁନରୁଦ୍ଧାର

# ଏନ୍‌ଡିଆର୍‌ଏଫ୍ ନିୟମ କୋହଳ କରାଯାଉ

■ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥଙ୍କୁ ମୁଖ୍ୟମନ୍ତ୍ରୀ ନବୀନଙ୍କ ଚିଠି

■ ୧୧୬୦ କୋଟି ଶକ୍ତି ଭିତ୍ତିଭୂମି କ୍ଷତି

**ଭୁବନେଶ୍ୱର,୧୬।୫(ବ୍ୟୁରୋ):** ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ପୁରୀ ଜିଲା ଏବଂ ଅନ୍ୟ କେତେକ ଅଞ୍ଚଳର ବିଦ୍ୟୁତ୍ ଭିତ୍ତିଭୂମି ଧ୍ୱଂସ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ କ୍ଷୟକ୍ଷତି ସମ୍ପର୍କରେ ଗୁରୁବାର ଚିଠି ଲେଖି ଅବଗତ କରାଇଛନ୍ତି। ଏଥିସହିତ ବର୍ତ୍ତମାନ ରହିଥିବା ଏନ୍‌ଡିଆରଏଫ୍ ନିୟମରେ କୋହଳ ପାଇଁ ମଧ୍ୟ ଅନୁରୋଧ କରିଛନ୍ତି।

ଚିଠି ମାଧ୍ୟମରେ ନବୀନ ଲେଖିଛନ୍ତି ଯେ, ଶକ୍ତି କ୍ଷେତ୍ରୀୟ ଟ୍ରାନ୍ସମିଶନ ଏବଂ ବଣ୍ଟନରେ ଅତି ଉଚ୍ଚ କ୍ଷମତାସମ୍ପନ୍ନ, ଉଚ୍ଚ କ୍ଷମତାସମ୍ପନ୍ନ ଏବଂ ନିମ୍ନ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ବ୍ୟବସ୍ଥା ରହିଥାଏ। ଏନ୍‌ଡିଆରଏଫ୍ ନିୟମ ଦ୍ୱାରା ବର୍ତ୍ତମାନ କେବଳ ୧୧ କେଭି କ୍ଷମତା ପର୍ଯ୍ୟନ୍ତ ଥିବା ଶକ୍ତି ଭିତ୍ତିଭୂମିର ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି। ଯେଉଁ ପରିମାଣର କ୍ଷତି ହୋଇଛି, ସେହି ଅନୁସାରେ ସହାୟତା ନାହିଁ। ୧୧ କେଭି ଲାଇନ ସମେତ ବଣ୍ଟନ ଟ୍ରାନ୍ସଫର୍ମର ଏବଂ ଏଲ୍‌ଟି ନେଟ୍‌ୱର୍କ ମଧ୍ୟ ନଷ୍ଟ ହୋଇଛି। ୨୨୦/୧୩୨ କେଭି ଟାୱାର ଏବଂ ଟ୍ରାନ୍ସମିଶନ ଲାଇନ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ବହୁସଂଖ୍ୟକ ଗ୍ରୀଡ୍ ସବ୍‌ଷ୍ଟେଶନ ଓ ପାୱାର ଟ୍ରାନ୍ସଫର୍ମର, ୩୩ କେଭି ପୋଲ୍, ପ୍ରାଥମିକ ସବ୍‌ଷ୍ଟେଶନ କ୍ଷତିକୁ ମିଶାଇ ପ୍ରାୟ ୧୧୬୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ଏହି କ୍ଷତିର ପୁନରୁଦ୍ଧାର ପାଇଁ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିବା କମ୍ପାନୀଗୁଡ଼ିକ ଅକ୍ଷମ। ବିଦ୍ୟୁତ୍ ସମସ୍ତଙ୍କ ପାଇଁ ପ୍ରମୁଖ ଆବଶ୍ୟକତା। ରାଜ୍ୟ ସରକାର ଏହି ପୁନରୁଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ହେଲେ ଏହି ବିପୁଳ ପରିମାଣ କ୍ଷତିର ବ୍ୟୟଭାର ରାଜ୍ୟ ସରକାର ବହନ କରିବା ସମ୍ଭବ ନୁହେଁ। ତେଣୁ ଏନ୍‌ଡିଆରଏଫ୍ ନିୟମରେ କୋହଳ କରିବା ନେଇ ମୁଖ୍ୟମନ୍ତ୍ରୀ ରାଜନାଥଙ୍କୁ ଅନୁରୋଧ କରିଛନ୍ତି।






### ଖଲ୍ଲିକୋଟରେ ଯୁବକଙ୍କୁ ଗୁଳିମାଡ଼

**ଖଲ୍ଲିକୋଟ,୧୬।୫(ଡି.ଏନ୍.ଏ.):** ଖଲ୍ଲିକୋଟ ଥାନା କେଶପୁର ବଜାର ହନୁମାନମନ୍ଦିର ନିକଟରେ ରାତି ପ୍ରାୟ ୧୦ଟାରେ ଗୁଳିମାଡ ହୋଇଛି। ଏଥିରେ ରାମଚନ୍ଦ୍ରପୁର ଗ୍ରାମର ଭିକାରୀ ତରାଇ (୩୫) ଗୁରୁତର ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଖଲ୍ଲିକୋଟ ଥାନା ଅଧିକାରୀ ସୁନୀଲ କୁମାର ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଭିକାରୀ କେଶପୁର ବଜାରରୁ ଘରକୁ ଫେରୁଥିବାବେଳେ ହନୁମାନ ମନ୍ଦିର ନିକଟରେ ୨ଟି ବାଇକରେ ଦୁର୍ବୃତ୍ତମାନେ ଆସି ତାଙ୍କ ପଛପଟୁ ଗୁଳିମାଡ କରିଥିଲେ। ଗୋଟିଏ ଗୁଳି ତାଙ୍କ ପିଠିରେ ବାଜିଥିଲା।











FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: Ashirbad TVS, Ph: 7735341866, Jyote TVS, Ph: 7735180749, 3S TVS, Ph: 8860629978. PURI: Krishna TVS, Ph: 9861049633. CUTTACK: Arnapurna TVS, Ph: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph: 8260133307. RAHAMA: Senapati TVS, Ph: 7735969743. JAJPUR ROAD: Subash TVS, Ph:7735911808. NAYAGARH: Kumar TVS, Ph: 9778728751. CHANDIKHLOE: Sasmita TVS, Ph: 8860793803. Authorised Dealers: CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph: 9437112054/06758-231053; Khurda, Swastik Automobiles, Ph: 9861128283, 06755-223244; Baghamari, Maa Mangala Automobiles, Ph: 9238107505; Jagatpur, Sonu Motors, Ph: 9861006854/9337268787; Pattamundai, Shree Durga Auto, Ph: 9938602209;Jajpur Town, Shyama Motors, Ph: 9438366160; Mangalpur, Sanji Motor, Ph: 9853486660; Balipatna, Rita Automobiles, Ph: 0674-2462999, 9338200392; Khandagiri, Sai Auto World, Ph: 0674-2351766, 9338869966(Showroom);Athagarh, Siva Motors, Ph: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph: 8093219941; Delang, Ranjana Automobiles, Ph: 9090214582; Jagatsinghpur, Gita Motors, Ph: 06724-222717, 9778802623; Raj Sunakhala, Arnapurna Motors, Ph: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph: 9090507765; Kalapathar, Durgananda Communication, Ph: 9776942339;Ranpur, Omm Automobiles, Ph: 9778520193; Paradip, Abhishek Motors, Ph: 9937392207; Nuapatana, Sandeep Motors, Ph: 9937019555; Banki, Charchika Motors, Ph: 9937015536; Jatani, Susil Automobiles, Ph: 8093198397; Balugaon, Satya Narayan Motors, Ph: 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph: 9439176344; Kujang, Iniva Motors, Ph: 9178402368; Garadpur, Swarnakanti Motors, Ph: 9178194288; Nirakarpur, J K Motors, Ph: 9658971360, 06756-252360; Trisuliya, Ideal Motors, Ph: 9437586155, Khandapada, Spandan Automobiles, Ph: 9853479471, 9937153901; Erasama, Krishna Motors, Ph: 9937084847; Krushnanandapur, Ashhad Motors, Ph: 9237066573; Niali, Bharat Automobiles, Ph: 0671-2803357, 9040091921; Puranakatak, Bhairabi Automobiles, Ph: 7873727545, 9439071610; Chandpur, Rashmi Agency, Ph: 9658866993, 9337112565, 9439333723; Sakhigopal, Jagannath Auto, Ph: 9861150706; Nimapara, Ustav Automobiles, Ph: 06758-252044, 9438742101; Konark, Konark Automobiles, Ph: 9078802288; Balichandrapur, Sarthak Motors, Ph: 9439200714; Anandpur, Adyasha Motor, Ph: 9438366880; Nachuni : Shree Traders, Ph: 9337788799, 7008225699; Laxmi Automobiles, Narasinghpur, Ph: 9238545610; Sai Motors, Marshaghai, Ph: 9938837705; Sai Damodar Associates, Kandarpur, Ph: 0671-2802345, 9090098000; Phulnakhara, Dharitree Associates Pvt Ltd., Ph: 0671-2356967, 744003780; Kuakhia, Subas Automobiles, Ph: 8114398333; Bari, L.S.Motors, Ph: 8917596087; Balianta, Pratikshya Motors, Ph: 7328080807; Mandarbasta, Soumya Auto, Ph: 9776483333; Nischintakoili, Gopinath Automobiles, Ph: 9090889132; Chandol, S B Motors, Ph : 9437108541; Brahmabarada, Friends Automobile, Ph: 9668166377, 7008050051; Naugoan, Saitirtha Automobiles, Ph: 06724-222717, 9778802623; Balitutha, Sanjukta Motors, Ph: 8093099967, 9777773277 ; Narasinghpur, Bholeswar Motors, Ph : 9658410027 ; Balikuda, Krishna Traders, Ph : 9439370305 ; Gothopatna, Sai Laxmi Motors, Ph : 9337950051, 8249710415.

McCann/Blr/Tvs/377/04/19

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ସୋନୁ
ପରିବାରବର୍ଗ


ମିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

## ପ୍ରଥମ ପୃଷ୍ଠାରୁ...

### ୧୫ ଖଣି ଲିଜ୍‌ଧାରୀଙ୍କୁ...

ରାଜ୍ୟ ସରକାର ଉକ୍ତ ୧୫ ଖଣି ଲିଜ୍‌ଧାରୀଙ୍କୁ ନୋଟିସ ଜାରି କରିଥିଲେ । ମାତ୍ର ଏହାକୁ ବିରୋଧ କରି ସେମାନେ ପୁଣି ଖଣି ମନ୍ତ୍ରଣାଳୟ ନିକଟରେ ଆବେଦନ କରିଥିଲେ । ତେବେ କୋଟି କୋଟି ଟଙ୍କାର ସମ୍ପତ୍ତି ଲାଭ କରିଥିବା ୧୫ ଖଣି କମ୍ପାନୀର ଆର୍ଥିକ ସ୍ୱାର୍ଥ, ସାମାଜିକ ଓ ବାଣିଜ୍ୟିକ ପ୍ରତି ଏବେ ଆହ୍ୱାନ ସୃଷ୍ଟି ହୋଇଥିବାବେଳେ ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଖଣି ମନ୍ତ୍ରଣାଳୟର ଦ୍ୱାରସ୍ଥ ହୋଇଥିବା ଖଣି ଲିଜ୍‌ଧାରୀ ହେଲେ ମାଲା ରାୟ ଆଣ୍ଡ ଅଦର୍ସ, ସତ୍ୟଜିତ ପ୍ରଧାନ, ସୁନନ୍ଦନ ପ୍ରଧାନ, ସୁଶୀଲ କୁମାର ପାଢୀ, ଏସ୍.ଡି.ଶର୍ମା, ନାରାୟଣୀ ସନ୍ସ, ରାଜ କୁମାର ଅଗ୍ରୱାଲ, ଡି.ସି ଡୋଗ୍ରାଙ୍କ ଉତ୍ତରାଧିକାରୀ ସଞ୍ଜୟ କୁମାର ଡୋଗ୍ରା, ଦୀନେଶ ଚନ୍ଦ୍ର ଦାସ, ଓ ଜୟକିଶୋର ଚୌବେ ।

### ମଇଦାନରେ ୧୬୩...

ପାଟଳୀପୁତ୍ର ଲୋକ ସଭା ଆସନରୁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରମେଶ କୁମାର ଶର୍ମାଙ୍କ ସମ୍ପତ୍ତି ୧,୧୦୭ କୋଟି ଟଙ୍କା । ଧନୀ ପ୍ରାର୍ଥୀଙ୍କ ତାଲିକାର ଦ୍ୱିତୀୟ ସ୍ଥାନରେ ଅଛନ୍ତି ବିଶ୍ୱେଶ୍ୱର ରେଡ୍ଡୀ (୮୯୫ କୋଟି), ଯିଏକି ତେଲେଙ୍ଗାନାର ଚେଭେଲ୍ଲା ଆସନରୁ କଂଗ୍ରେସ ଟିକେଟରେ ଲଢୁଛନ୍ତି । ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁଅ ନକୁଲନାଥ ଛିନ୍ଦ୍‌ୱାଡା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ନକୁଲନାଥଙ୍କ ସମ୍ପତ୍ତି ୬୬୦ କୋଟି ହୋଇଥିବାବେଳେ ତାମିଲନାଡୁର କନ୍ୟାକୁମାରୀ ଆସନରେ କଂଗ୍ରେସରୁ ଲଢୁଥିବା ଏଚ୍. ବସନ୍ତକୁମାର ୪୧୭ କୋଟିର ମାଲିକ । ମଧ୍ୟପ୍ରଦେଶର ଗୁନା ଆସନର ପ୍ରାର୍ଥୀ ତଥା କଂଗ୍ରେସ ସାଧାରଣ ସମ୍ପାଦକ ଜ୍ୟୋତିରାଦିତ୍ୟ ସିନ୍ଧିଆ ନିଜ ସମ୍ପତ୍ତିର ପରିମାଣ ୩୭୪ କୋଟିରୁ ଉର୍ଦ୍ଧ୍ୱ ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି । ଭାଜପାର ସବୁଠୁ ଧନୀ ପ୍ରାର୍ଥୀ ହେଉଛନ୍ତି ହେମାମାଳିନୀ, ଯିଏକି ଉତ୍ତରପ୍ରଦେଶର ମଥୁରା ଆସନରେ ପୁନଃ ଭାଗ୍ୟପରୀକ୍ଷା କରୁଛନ୍ତି ।

### ପ୍ରଣବ କୁମାର ଦାସ ପ୍ରମୁଖ...

ପାଇଥିଲା । ପ୍ରଣବ ୧୯୮୩ ମସିହାର ଆଇଆରଏସ୍ ଅଧିକାରୀ । ନିଜ ୩୫ ବର୍ଷର ଚାକିରି କାଳରେ ପ୍ରଣବ କେନ୍ଦ୍ର ସରକାରଙ୍କ ଅଧୀନ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଆସିଛନ୍ତି । ଗତବର୍ଷ ଡିସେମ୍ବରରେ ପ୍ରଣବଙ୍କୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ୍ ଆଣ୍ଡ କଷ୍ଟମ(ସିବିଆଇସି)ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା । ଏହା ପୂର୍ବରୁ କେନ୍ଦ୍ରୀୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ମୁଖ୍ୟାଳୟ)ର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇ ସାରିଛନ୍ତି ।

### ଓଏଚ୍‌ଆର୍‌ସି କାର୍ଯ୍ୟକାରୀ ଅଧ୍ୟକ୍ଷ...

ଅଞ୍ଚଳରୁ ଆସୁଥିବା ଅଭିଯୋଗ କେବଳ ଗ୍ରହଣ କରାଯାଉଥିଲା । କିନ୍ତୁ ବିଚାର ହୋଇ ନ ପାରିବାରୁ ମାମଲା ସଂଖ୍ୟା ବଢିବାରେ ଲାଗିଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର ଓ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ସଦସ୍ୟଙ୍କ ନାମ ଚୟନ କରି ରାଜ୍ୟପାଳଙ୍କ ନିକଟକୁ ପଠାଇଥିଲେ । ୨୦୧୮ ଡିସେମ୍ବର ୨୪ରେ ରାଜ୍ୟପାଳ ଜଷ୍ଟିସ୍ ଦାଶଙ୍କୁ ରାଜ୍ୟ ମାନବାଧିକାର କମିଶନ ସଦସ୍ୟଭାବେ ନିଯୁକ୍ତ କରିଥିଲେ । ହେଲେ ଅଧ୍ୟକ୍ଷ ପଦ ଖାଲି ପଡିଥିଲା । ଜଷ୍ଟିସ୍ ଦାଶ କାର୍ଯ୍ୟରେ ଯୋଗଦେବା ପରଠାରୁ ବର୍ତ୍ତମାନ ସୁଦ୍ଧା ହଜାରରୁ ଉର୍ଦ୍ଧ୍ୱ ଅଭିଯୋଗ ହୋଇଛି । ସେଥିମଧ୍ୟରୁ ୯୧୭ଟି ମାମଲାର ଫଇସଲା କରାଯାଇଥିବା ରାଜ୍ୟ ମାନବାଧିକାର କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଜଷ୍ଟିସ ଦାଶ ଏବେ କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତି ପାଇଥିବାରୁ ଏସବୁ ମାମଲାର ଶୀଘ୍ର ଫଇସଲା ହୋଇଯିବ ବୋଲି ଆଶା କରାଯାଉଛି । ୨୦୧୮ ଅଗଷ୍ଟ ୧୫ରେ ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଜଷ୍ଟିସ ବୀରକିଶୋର ମିଶ୍ରଙ୍କ କାର୍ଯ୍ୟକାଳ ଶେଷ ହେବା ପରଠାରୁ କେହି ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ପାଇ ନ ଥିଲେ ।


ଜିଲାପାଳଙ୍କ କାର୍ଯ୍ୟାଳୟରେ ବାତ୍ୟା 'ଫନୀ' ନେଇ ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

### ଜିଲାରେ ନିର୍ମାଣ ହେବ...

ହେବେ ସେ ଦିଗରେ ଦୃଷ୍ଟି ଦେବାକୁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଆସି କେନ୍ଦ୍ରାପଡ଼ା ବ୍ଲକ ବାରୁଅଠାରେ ଓହ୍ଲାଇଥିଲେ । ସେଠାରୁ ସିଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବାତ୍ୟାଜନିତ କ୍ଷୟକ୍ଷତି ଓ ରିଲିଫ୍ ଯୋଗାଣ ସମୀକ୍ଷା କରିଥିଲେ । ବାତ୍ୟା ସମୟରେ ସ୍ଥାନାନ୍ତର, ରନ୍ଧାଖାଦ୍ୟ ଓ ରିଲିଫ୍ ବଣ୍ଟନ, ଗମନାଗମନ, ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ବାତ୍ୟା ପରିଚାଳନା ଦାୟିତ୍ୱରେ ଥିବା ଜଳସେଚନ ସଚିବ ପ୍ରଦୀପ ଜେନା, ଜିଲାପାଳ ପ୍ରେମ୍‌ଚାନ୍ଦ ଚୌଧୁରୀ, ଏଡିଏମ୍ ବସନ୍ତ କୁମାର ରାଉତ, ଜିଲା ଜରୁରିକାଳୀନ ଅଧିକାରୀ ସମ୍ମିତ ଶତପଥୀ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ ଓ ଜିଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।

## ଜିଲାପାଳଙ୍କ କାର୍ଯ୍ୟାଳୟରେ କ୍ଷୟକ୍ଷତି ସମୀକ୍ଷା

- କ୍ଷତିଗ୍ରସ୍ତ ପ୍ରତ୍ୟେକ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ମରାମତି ପାଇଁ ୨ଲକ୍ଷ ଲେଖାଏ ବ୍ୟୟବରାଦ
- ସ୍ୱୟଂ ସହାୟକ ଗୋଷ୍ଠୀ ଓ ଚାଷୀଙ୍କ ପାଇଁ ଘୋଷଣା ହେବ ଜୀବିକା ପ୍ୟାକେଜ୍

ଏହି ଅବସରରେ ବାତ୍ୟା ବେଳେ ମୃତ୍ୟୁବରଣ କରିଥିବା ୩ ପରିବାର ମଧ୍ୟରୁ ଜଣଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ସହାୟତା ରାଶି ପ୍ରଦାନ କରିଥିଲେ । ସେହିପରି କ୍ଷତିଗ୍ରସ୍ତ ଚାଷୀ ଓ କେତେକ ଏସ୍‌ଏସ୍‌ଜିକୁ କ୍ଷତିପୂରଣ ବାବଦରେ ସହାୟତା ରାଶି ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ଅଚାନକ ଗସ୍ତ ପରେ ଏହାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା । ଆଗକୁ ପାଟକୁରା ନିର୍ବାଚନ ଥିବାରୁ ମୁଖ୍ୟମନ୍ତ୍ରୀ ରାଜନୈତିକ ଉଦ୍ଦେଶ୍ୟ ରଖି କେନ୍ଦ୍ରାପଡ଼ା ଗସ୍ତ କରିଥିବା ଆଲୋଚନା ହେଉଛି ।

## ବିଦ୍ୟାଳୟ ଗୃହ ନିର୍ମାଣ ଟଙ୍କା ହଡ଼ପ ମାମଲା

# ପ୍ରଧାନ ଶିକ୍ଷକ, ଟିସିଙ୍କୁ ୧ ବର୍ଷ ଜେଲ

ଫୁଲବାଣୀ ଅଫିସ, ୧୬।୫

ବିଦ୍ୟାଳୟ ଶ୍ରେଣୀ ଗୃହ ନିର୍ମାଣ ଟଙ୍କା ହଡ଼ପ ମାମଲାର ବିଚାର କରି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଭଗବାନ ପ୍ରଧାନ ଦୋଷୀ କ.ନୂଆଗାଁ ବ୍ଲକ ଆସୁମାଡି ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବସନ୍ତ କୁମାର ମହାନ୍ତିଙ୍କୁ ୩ବର୍ଷ ଓ ସର୍ବଶିକ୍ଷା ଅଭିଯାନର ଟେକ୍‌ନିକାଲ କନସଲ୍‌ଟାଣ୍ଟ (ଟିସି)ପୃଥ୍ୱୀରାଜ ଲେଙ୍କାଙ୍କୁ ୧ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଉଭୟଙ୍କୁ ଯଥାକ୍ରମେ ୪୦ ହଜାର ଓ ୫ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଅନାଦାୟ ପ୍ରଧାନଶିକ୍ଷକଙ୍କୁ ଅଧିକ ୯ ମାସ ଓ ଟିସିଙ୍କୁ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ୨୦୦୪-୦୫ ଆର୍ଥିକ ବର୍ଷରେ ଆସୁମାଡି ପ୍ରାଥମିକ ବିଦ୍ୟାଳୟର ଏକ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ୧ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ପ୍ରଧାନଶିକ୍ଷକ ମହାନ୍ତି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାମେଶ୍ୱର ପ୍ରଧାନ ମିଶି ସେହି ଟଙ୍କାରୁ ୧ ଲକ୍ଷ ୩୦ ହଜାର ଟଙ୍କା ଉଠାଇ ଶ୍ରେଣୀ ଗୃହର ଛାତ ପର୍ଯ୍ୟନ୍ତ କାମ କରିଥିଲେ । ୬ମାସ ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଥିବାବେଳେ ତାହା କରା ଯାଇ ନ ଥିଲା । ୨୦୦୭ ଅକ୍ଟୋବର ୩୧ରେ ସର୍ବଶିକ୍ଷା ଅଭିଯାନର ଟେକ୍‌ନିକାଲ କନସଲଟାଣ୍ଟ (ଟି.ସି.) ଲେଙ୍କା ଏହି କାର୍ଯ୍ୟକୁ ମାପି ସେଥିରେ ୫୯ ହଜାର ୨୦୨ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଇଥିଲେ । ଏହାପରେ ସେହି ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଟଙ୍କା ହଡପ ହୋଇଥିବା ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା । ଭିଜିଲାନ୍ସ ଏକ ମାମଲା ରୁଜୁ କରି ଜଣେ ସହକାରୀ ଯନ୍ତ୍ରୀ ଏବଂ ଅନ୍ୟଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ନେଇ ମାପ କରିଥିଲେ । ତଦନ୍ତ ପରେ ଉକ୍ତ କାର୍ଯ୍ୟରେ ୫୪,୨୦୨ ଟଙ୍କା ଖର୍ଚ୍ଚ ହୋଇ ବାକି ୭୫,୭୯୮ଟଙ୍କା ହଡପ ହୋଇଥିବା ଜଣାପଡିଥିଲା । ଏହି ଘଟଣାରେ ଭିଜିଲାନ୍ସ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାମେଶ୍ୱର ପ୍ରଧାନ, ପ୍ରଧାନଶିକ୍ଷକ ମହାନ୍ତି ଓ ଟି.ସି. ଲେଙ୍କାଙ୍କୁ କୋର୍ଟରେ ହାଜର କରିଥିଲା । ଏହି ଘଟଣାରେ ବିଚାରପତି ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ବେଳେ ପ୍ରଧାନଶିକ୍ଷକ ଓ ଭୁଲ ରିପୋର୍ଟ ଦେଇଥିବାରୁ ଟିସିଙ୍କୁ ଦଣ୍ଡିତ କରିଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସବୁକଥାକୁ ଭଲରୂପେ ବିଚାରପୂର୍ବକ କାମ କରି ଆଗକୁ ବଢିବା ଠିକ୍ ହେବ । ଆଜି ବନ୍ଧୁଗୃହକୁ ଯାତ୍ରା କରିବାକୁ ବାଧ ହେବେ । କାମ ହାସଲ ସକାଶେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି । ବ୍ୟବସାୟ, ବାଣିଜ୍ୟ, ପରିବହନ, ନିର୍ମାଣ, ପ୍ରଶାସନ ଓ ଆଇନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାର ସୂଚନାପ୍ରାପ୍ତ ହେବ ।

**ବୃଷ** ଉଦ୍ଦେଶ୍ୟମୂଳକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ବେଶ୍ ବନ୍ଧୁତା ଜମାଇ କାମ ହାସଲ ପାଇଁ ଚେଷ୍ଟିତ ହେବେ । ଆଗକୁ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ଼ କରିବାକୁ ପଡିପାରେ । ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିବାଦୀୟ ମନ୍ତବ୍ୟରେ ମୁଣ୍ଡ ନ ପୂରାଇବା ଭଲ ।

**ମିଥୁନ** ଦୂରଯାତ୍ରା କରିବା ସକାଶେ ଅନୁପ୍ରେରିତ କରିବେ । କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ । ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାର ଚିନ୍ତାପ୍ରକଟ କରିପାରନ୍ତି । ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିବାର ସୂଚନା ମିଳେ ।

**କର୍କଟ** ଆଜି ଆଗାମୀ ସମୟର ଅନାଗତ ସମସ୍ୟା ବିଷୟ ଚିନ୍ତାକରି ମନରେ ସରସତା ଆଗଭଳି ରହିବ ନାହିଁ । ନିର୍ମାଣ କାର୍ଯ୍ୟ, ମାଲିମକଦ୍ଦମା, କ୍ରୟବାଣିଜ୍ୟ, ବ୍ୟବସାୟରେ ସ୍ଥିତି ଅନୁକୂଳ ହୋଇପାରେ । ସହକର୍ମୀମାନଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ । ପରିବହନରେ କିଛି ସମସ୍ୟା ଦେଖାଦେବ କିନ୍ତୁ ସେଥିରୁ ସହଜରେ ମୁକୁଳି ଯିବେ ।

**ସିଂହ** ପ୍ରତ୍ୟେକ ପରିସ୍ଥିତିରେ ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରି ସଫଳତା ପାଇବେ । ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ କରିବା ସକାଶେ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି । ଦୀର୍ଘ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ । ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ ।

**କନ୍ୟା** ପ୍ରତିବନ୍ଧକ ମଧ୍ୟରେ ଗତିକରିବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ । ତରବର ନ ହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ । ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ । ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ । ପର ପାଇଁ ନିଜେ ହଇରାଣରେ ପଡିପାରନ୍ତି ।

**ତୁଳା** ଆଜି ଦିନ ମଧ୍ୟରେ ବହୁତ ଚେଷ୍ଟା କରି ମଧ୍ୟ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ । ବିଭିନ୍ନ ପ୍ରକାରର ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ । ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ । ଅଫିସ୍ କାମରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ ।

**ବିଛା** ଅନ୍ୟମାନଙ୍କ କଥାକୁ ସତ୍ୟ ମନେକରି ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି । ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ । କେତେକ ଅସ୍ୱାଭାବିକ ପରିସ୍ଥିତି ଭିତରେ ଚଳିବାକୁ ବାଧ ହେବେ, ଯଦ୍ୱାରା କି ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡିବ ।

**ଧନୁ** ଆଜି ସକାଳୁ ସକାଳୁ ଏଣୁ ତେଣୁ ଗୁଡାଏ ଚିନ୍ତାକରି ବିବ୍ରତ ହୋଇପାରନ୍ତି । କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ । ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ । ଆକସ୍ମିକ ଭାବରେ ଯାତ୍ରା କରିବାକୁ ପଡିପାରେ । କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ।

**ମକର** ଆଜି ହଠାତ୍ ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ । ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ । ଅପରାହ୍ନେ ଟେନସନ କମିଯିବା ସଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି । ଟିକିଏ କଥାରେ ରାଗିଯାଇ ଯାହା ପଡ଼ିଲା ତାହା କହି ପକାଇବେ, ଫଳରେ କିଛି ସମସ୍ୟା ଆସିପାରେ ।

**କୁମ୍ଭ** କର୍ମକ୍ଷେତ୍ରରେ ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ପ୍ରକାରର ଅସୁବିଧା ନ ହୋଇ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ । ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ । ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ । ବନ୍ଧୁଙ୍କୁ ମିଶନ୍ତୁ, ଅବଶ୍ୟ ଆପଣଙ୍କୁ କିଛିଟା ସାହାଯ୍ୟ ମିଳିବ ।

**ମୀନ** ଆଜି ଦିନଟିରେ ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବେ । ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହା କି ବ୍ୟସ୍ତତାର କାରଣ ହୋଇପାରେ । ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି । ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ । ଅପରାହ୍ନେ ଆଶା କରୁଥିବା କାମ ହୋଇଯିବ ।

ଆଜି ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ନୃସିଂହ ଚତୁର୍ଦ୍ଦଶୀ ଶୁକ୍ରବାର, ମୁକ୍ତିମଣ୍ଡପରେ ନୃସିଂହ ଜନ୍ମୋତ୍ସବ, ଜଗନ୍ନାଥ ବଲ୍ଲଭ ମଠରେ ଉତ୍ସବ, ଚକ୍ରତୀର୍ଥ ନୃସିଂହ ନିକଟକୁ ଆଜ୍ଞାମାଳ ବିଜେ, ମେ ୧୭ ତାରିଖ, ବିଶ୍ୱ ଦୂର ସଂଚାର ଦିବସ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା । ଦିବା ଘ.୬।୪୯ମି. ମଧ୍ୟେ ଘ.୪।୩୩ମି. ଗତେ, ଘ.୬।୧୧ମି. ମଧ୍ୟେ ଅମୃତବେଳା । ଦିବା ଘ.୮।୨୬ମି. ଗତେ, ଘ୧୧।୪୦ମି. ମଧ୍ୟେ ମାହେନ୍ଦ୍ରବେଳା ।


## classifieds Everyday 0674-2580101, 2549302




**HIRE**

JCB, Hitachi, Hyundai, Roller ଭଡ଼ା ନେବା ପାଇଁ ଯୋଗାଯୋଗ କରନ୍ତୁ । 8249528176 D-12515




**SALE**

Bhubaneswar ପାତ୍ରପଡ଼ା ମାର୍କେଟ HDFC Bankରୁ 500' କଲୋନୀ ଭିତରେ BDA yellow zone ସ୍ଥିତିବାନ plot sqft. 1950/- 6370292040. D-66371

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

ଭୁବନେଶ୍ୱର ଗଙ୍ଗପଡ଼ା NH side plot 1200 ବର୍ଗଫୁଟକୁ 4,18,000/-, କିଛି ଦୂରତାରେ 1,44,000/- 7 6 8 2 9 3 4 6 6 7 , 6371207316. D-66372

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

2BHK Simplex 15,00,000/- finishing Hanspal (Bank finance available)- 7 7 9 0 0 2 7 6 1 0 , 8093465134. D-66455

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

Prime land at Cuttack under CMC ward no.56 for sale, suitable for hospitals, go-down, apartment etc. Total area is 0.8 acres/20 guntha or 0.323 hectares on main road. Mouza - Subhadrapur. Please send your offer at email: primelandcuttack@yahoo.com For queries contact- Mobile: 7381046301. D-12516

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9 2 3 8 3 5 6 7 4 0 , 9437030740. D-66523

GA Plot Ghatikia 2700 sqft., Building 4300 sqft. at Ghatikia, Bhubaneswar, Price 2Crores: 8018510988. D-66457

Jupiter Science back side, Per sqft. 300/- possession plot. 9777544478. D-56642

3BHK/ 5BHK ready to move flat, GA plot Ghatikia, Bhubaneswar, price 85 lakhs: 9178518254. D-66458

1500 sqft. (6nos.), 2000 sqft. (7nos.) main road side plot, infront Tata Ariana Ghatikia, Sankarpur, Bhubaneswar 30ft. Road, Electricity, supply water available- 8114744495, 8328943165. D-66459

ପିତାପଲ୍ଲୀ- କଟକ Bypass 100ft. ରାସ୍ତାକୁ ଲାଗି କଣ୍ଟାବାଡ ଠାରେ ବାସଉପଯୋଗୀ ଆଦିବାସୀ plot ମିଳୁଅଛି । ଯୋଗାଯୋଗ: 8093636334. D-66460

ଭୁବନେଶ୍ୱର-ପିତାପଲ୍ଲୀ NH-16 ନିକଟରେ (Tata Motors ସାମ୍ନାରେ) ଆବାସିକ plot ମିଳୁଅଛି । ଯୋଗାଯୋଗ: 8093636334. D-66461

1200 gharabari boundary plot 30ft. internal road, Ranga bazar 8,40,000/-, 8144998588. D-66373

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରୋ ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।




Two 14/16 marveled rooms, toilet, kitchen, balconies behind Durgamandap, Bomikhal. 9937142422. D-12503

ଢେଙ୍କାନାଳ ଟାଉନ ମେନରୋଡ୍ କାରିଗରସାହି ପେଟ୍ରୋଲ ପମ୍ପ ନିକଟରେ ୫୫x୧୦୦ ଫୁଟ୍ ଲମ୍ୱର ଘର Godown/ Showroom ପାଇଁ ଭଡ଼ା ଦିଆଯିବ । Contact: 9 4 3 7 0 0 1 6 3 0 , 9437984109 D-62097

Well furnished offices with individual cabin for executives in first floor by main roadside ready to occupy garage space for multiple vehicles. Easily catch public transport. Own transformer with 100KW capacity. 24 hours water supply. Contact: 9438081042, 9438668573. D-12513

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।




Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66517

Experience full body massage with us (expert). Call: 7377048581, 0674- 2597822. D-66518

Herbal full body massage by smart/expert therapist. Contact: 8338067247. D-66519

Newly opening ayurvedic body massage smart therapist, Shree herbal. 7750020754. D-66520

Summer special mesmerizing offer expert therapeutic refreshing massage appointment. 9668374480. D-66521

Physiotherapy, full body massage by trained ladies/ gents therapy: 7008773793 D-66454




ଅଟୋମେଟିକ୍ ଦନା ପ୍ଲେଟ୍ ମେସିନ ମାତ୍ର ଟ.୪୦,୦୦୦/- ଏଠାରେ ସମସ୍ତ ପ୍ରକାର ପେପର ହୋଲସେଲ୍ ଦରରେ ଉପଲବ୍ଧ । ଯୋଗାଯୋଗ- ଶ୍ରୀ ଗଣେଶ ମେସିନାରୀ, ରାୟପୁର, 9752090498. D-12507

**ଜନ୍ମଦିନ ଶୁଭେଚ୍ଛା**


(ସୋନୁ)

**ଆରାଧ୍ୟା ଦଳେଇ**
ନୂଆପାଟଣା, ନରସିଂହପୁର, କଟକ

ତୋର ଚତୁର୍ଥ ଜନ୍ମବାର୍ଷିକ ଉତ୍ସବରେ ବାବା (ଗଦାଧର ଦଳେଇ), ମାମା (ମନୋରମା ବେହେରା), ଜେଜେବାପା, ଅଜା, ଆଈ, ବଡ଼ବାପା, ବଡ଼ ମା', ଦାଦା, ଖୁଡ଼ୀ, ମାଉସୀ, ପରେଶ, ନରେଶ, ରାହୁଲ, ଟିକିନା, ଲୁସି, ଖୁସି, ରାକେଶ, ଭାଉଜ, ସଂଧ୍ୟା ଓ ଦଳେଇ ପରିବାରବର୍ଗ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଶୁଭକାମନା କରୁଛୁ ।

ଧ-୧୨୫୧୪

**ଜନ୍ମଦିନ ଶୁଭେଚ୍ଛା**


(ମିକି)

**ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ**
ଭୁବନେଶ୍ୱର

ଆଜି ତୋର ୧୮ ବର୍ଷ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା ତୋତେ ଦୀର୍ଘାୟୁ କରିବା ସହ ତୋର ଚଲାପଥ କୁସୁମିତ ହେଉ । ଆମ ଗେହ୍ଲୀ,

ଶୁଭେଚ୍ଛା ସହ

ବାପା, ବୋଉ, ଦାଦା, ମାମା, ସାନ ଦାଦା, ସାନ ମାମା, ଭାଇ, ଭାଉଜ, ସାନ ଭାଇ, ସାନ ଭାଉଜ, ଗୋପାଳ, ବନ୍ଧୁ ଓ ପରିବାରବର୍ଗ ।

ଧ-୧୨୫୧୭

ମଣିଷ ଯାହାକୁ ପାପ ବୋଲି କହେ- ତାକୁ ତୁମେ ପାପ ବୋଲି ଭାବନାହିଁ। କେବଳ ଭଗବାନ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି- ତୁମେ ବି ତାକୁ ପ୍ରତ୍ୟାଖ୍ୟାନ କର। ପୁଣି ମଣିଷ ଯାହାକୁ ଶ୍ରେୟ ବୋଲି କହେ- ତୁମେ ତାକୁ ଶ୍ରେୟ ମନେକର ନାହିଁ। କେବଳ ଭଗବାନ ଯାହା ଗ୍ରହଣ କରନ୍ତି- ତୁମେ କେବଳ ତାକୁ ହିଁ ଗ୍ରହଣ କର। -ଶ୍ରୀଅରବିନ୍ଦ



# ଚାହିଦା ମରୁଡ଼ି

ଦେଶ ବର୍ତ୍ତମାନ ଘୋର ଅର୍ଥନୈତିକ ମାନ୍ଦାବସ୍ଥା ଦେଇ ଗତିକରୁଛି। ପ୍ରାୟ ସବୁ କ୍ଷେତ୍ରରେ ଖରାପ ପ୍ରଦର୍ଶନ ଦେଖିବାକୁ ମିଳୁଛି। ଅର୍ଥନୈତିକ ପ୍ରଗତି ଧିମେଇ ଯାଇଛି। ଷ୍ଟକ୍ ମାର୍କେଟ୍ ଅବସ୍ଥା ଭଲ ନାହିଁ। ସୁନା ତା'ର ଚମକ ହରାଉଛି। କିଛିଦିନ ଅବସ୍ଥା ସ୍ଥିର ରହିଲେ ମଧ୍ୟ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ମାଟି କାମୁଡ଼ି ପଡ଼ୁଛି। ଅଟୋମୋବାଇଲ ଶିଳ୍ପର କାରବାର ରେକର୍ଡ ନିମ୍ନ ସ୍ତରରେ ରହିଛି। ଗାଡ଼ିଘୋଡ଼ା ବିକ୍ରିରେ ୧୬ ପ୍ରତିଶତ ହ୍ରାସ ଘଟିଛି। ଘରୋଇ ବ୍ୟବହାର ପାଇଁ କାର୍ ବିକ୍ରି, ବାଣିଜ୍ୟିକ ଗାଡ଼ି (ସିଭି) ବିକ୍ରି ଏବଂ ଦୁଇଚକିଆ ଗାଡ଼ି ବିକ୍ରି ଗତ ଏପ୍ରିଲ ମାସରେ ବର୍ଷର ନିମ୍ନତମ ସ୍ତରରେ ପହଞ୍ଚିଥିଲା। ରପ୍ତାନି ୦.୬ ପ୍ରତିଶତ ହାରରେ ବଢ଼ିଥିଲା, ଯାହା ଗତ ଚାରିମାସ ଭିତରେ ସବୁଠାରୁ କମ୍। ଅପରପକ୍ଷେ ଆମଦାନି ବୃଦ୍ଧି ପାଇ ବାଣିଜ୍ୟିକ ସନ୍ତୁଳନକୁ ନଷ୍ଟ କରିଛି।

ଗ୍ରାମୀଣ ଭାରତ ଅସହାୟ ହୋଇପଡ଼ିଛି। କୃଷି ଉତ୍ପାଦଗୁଡ଼ିକର ମୂଲ୍ୟ ହ୍ରାସ ପାଇବା ଯୋଗୁ କୃଷକମାନଙ୍କ ଦୁର୍ଦ୍ଦଶା ବଢ଼ୁଛି। ଭାରତୀୟ ଅର୍ଥନୀତିରେ ଦେଖାଯାଉଥିବା ଏହି ଦୁର୍ଦ୍ଦଶାମୟ ପରିସ୍ଥିତିର ମୂଳ କାରଣ ହେଉଛି ଚାହିଦାର ଅଭାବ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଏବଂ ଆନୁଷ୍ଠାନିକ ଓ ବ୍ୟକ୍ତିଗତ ଚାହିଦା ହ୍ରାସ ପାଇଛି। ଚାହିଦାରେ ମରୁଡ଼ି ଯୋଗୁ ଶିଳ୍ପ ଉତ୍ପାଦନ ମଧ୍ୟ ହ୍ରାସ ପାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଗତ ମାର୍ଚ୍ଚ ମାସର ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି)ରୁ ଜଣାପଡ଼ିଛି ଯେ ତାହା ପୂର୍ବବର୍ଷ ତୁଳନାରେ ୦.୧ ପ୍ରତିଶତ ହ୍ରାସ ପାଇଛି, ଯାହା ୨୧ ମାସ ଭିତରେ ସବୁଠାରୁ କମ୍। ଏହା ଅର୍ଥନୀତିର ସମସ୍ତ ଛଅଟି ବିଭାବକୁ ଦୁର୍ବଳ କରିଦେଇଛି। ପୁଞ୍ଜି ଦ୍ରବ୍ୟ କ୍ଷେତ୍ର (କ୍ୟାପିଟାଲ ଗୁଡ୍‌ସ ସେକ୍ଟର) ୮.୭ ପ୍ରତିଶତ ହ୍ରାସ ପାଇଛି, ଯାହା ପୂର୍ବମାସରେ ୮.୯ ପ୍ରତିଶତ ହ୍ରାସ ପାଇଥିଲା। ଦୀର୍ଘକାଳ ଧରି ବ୍ୟବହାର୍ଯ୍ୟ ପଣ୍ୟ (କଞ୍ଜ୍ୟୁମର ଡ୍ୟୁରେବ୍‌ଲସ)ର ଉତ୍ପାଦନ ପୂର୍ବ ବର୍ଷ ତୁଳନାରେ ୫.୧ ପ୍ରତିଶତ ହ୍ରାସ ପାଇଛି ଏବଂ ଅନ୍ୟ ଖାଉଟି ଦ୍ରବ୍ୟ (କଞ୍ଜ୍ୟୁମର ନନ୍-ଡ୍ୟୁରେବ୍‌ଲସ)ର ଉତ୍ପାଦନ ୦.୩ ପ୍ରତିଶତ ହ୍ରାସ ପାଇଛି, ଯାହା ମାର୍ଚ୍ଚ ୨୦୧୮ରେ ୧୪ ପ୍ରତିଶତ ବୃଦ୍ଧି ପାଇଥିଲା। ଆଇଆଇପିରେ ୭୮ ପ୍ରତିଶତ ଓଜନବିଶିଷ୍ଟ ଦ୍ରବ୍ୟ ନିର୍ମାଣ ସବୁଠାରୁ ବଡ଼ ପ୍ରତିବନ୍ଧକ ହୋଇ ରହିଆସିଛି। ଏ କ୍ଷେତ୍ରର ଅଭିବୃଦ୍ଧି ୨୦୧୭-୧୮ରେ ୪.୬ ପ୍ରତିଶତ ଥିବାବେଳେ ତାହା ଗତ ବିତ୍ତୀୟ ବର୍ଷରେ ୩.୫ ପ୍ରତିଶତକୁ ହ୍ରାସ ପାଇଛି।

## ଆଜିର ଅର୍ଥନୀତି

ବାହ୍ୟ ଦୃଷ୍ଟିରୁ ପାଣିପାଗ ମଧ୍ୟ ଅନୁକୂଳ ନୁହେଁ। ଆମେରିକା ଓ ଇରାନ ମଧ୍ୟରେ ମୁହାଁମୁହିଁ ଏବଂ ଚାଇନା ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ବିଶ୍ୱ ଅର୍ଥନୀତିକୁ ବିଗାଡ଼ିବାରେ ଲାଗିଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପ୍ରଶମିତ ନ ହେଲେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର କ୍ରମଶଃ ବୃଦ୍ଧିପାଇବା ନିଶ୍ଚିତ। ଚଳିତବର୍ଷ ଆଶାନୁରୂପ ବୃଷ୍ଟିପାତ ହେବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ଯେଉଁ ପୂର୍ବାନୁମାନ କରାଯାଇଛି, ତାହା ଅର୍ଥନୀତି ଉପରେ ଆହୁରି ନକାରାତ୍ମକ ପ୍ରଭାବ ପକାଇବ। ମୌସୁମୀ ବର୍ଷା ସ୍ୱାଭାବିକ ହେଲେ କୃଷିକ୍ଷେତ୍ରର ଅବସ୍ଥାରେ ସୁଧାର ଆସିପାରନ୍ତା। ପୁଣି ଭଲ ମୌସୁମୀ ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳରେ ଚାହିଦା ବୃଦ୍ଧିରେ ସହାୟକ ହୁଅନ୍ତା। କିନ୍ତୁ ଉଭୟ ଭାରତୀୟ ପାଣିପାଗ ବିଭାଗ ଓ ଘରୋଇ ପାଣିପାଗ ସଂସ୍ଥା ସ୍କାଇମେଟ୍ ଏ ବର୍ଷ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛନ୍ତି। ଦକ୍ଷିଣ-ପଶ୍ଚିମ ମୌସୁମୀ ଆସିବାରେ ଏକ ସପ୍ତାହ ବିଳମ୍ବ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସବୁ ରାଜ୍ୟ ଭିତରେ ଓଡ଼ିଶା ଓ ଛତିଶଗଡ଼ରେ ଅପେକ୍ଷାକୃତ ଅଧିକ ବର୍ଷା ହେବ ବୋଲି କୁହାଯାଇଛି।

ଏହିସବୁ ପ୍ରତିକୂଳ ପରିସ୍ଥିତି ନୂଆ ସରକାର ଉପରେ ପ୍ରଭାବ ପକାଇବ। ଯଦି ଏନ୍‌ଡିଏ କେନ୍ଦ୍ରରେ ସରକାର ଗଠନ କରେ, ତେବେ ବଜାର ପରିସ୍ଥିତି ସ୍ୱାଭାବିକ ହୋଇପାରେ। ଏହି ସରକାର ତା'ର ପଲିସି ପଦକ୍ଷେପଗୁଡ଼ିକୁ ଆଗକୁ ନେବାର ସମ୍ଭାବନା ଥିବାରୁ ଏପରି ପୂର୍ବାନୁମାନ କରାଯାଉଛି। ପଲିସି ଇକୋସିଷ୍ଟମ୍ ଅବ୍ୟାହତ ରହିବ ବୋଲି ଆଶା କରାଯାଉଛି। ତେବେ ମେ ୨୩ ପରେ ନୂଆ ସରକାର ଉପରେ ଅନେକ କଠିନ ଦାୟିତ୍ୱ ରହିବ। ଚାହିଦା ଯେପରି ବଢ଼େ ସେଥିପାଇଁ ଏ ସରକାରକୁ କିଛି ଅର୍ଥନୈତିକ ପ୍ୟାକେଜ୍ ଘୋଷଣା କରିବାକୁ ପଡ଼ିବ। ଅଭିବୃଦ୍ଧି ହାର ବଢ଼ାଇବା ପାଇଁ ଗ୍ରାମୀଣ ଭାରତ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଅଭିବୃଦ୍ଧିକୁ ସମ୍ବେଗଶାଳୀ କରିବା ପାଇଁ କୃଷିକ୍ଷେତ୍ରକୁ ପ୍ରୋତ୍ସାହନ ଦେବାକୁ ହେବ। ମଧ୍ୟବିତ୍ତ ଲୋକଙ୍କ ପକେଟ୍‌ରେ ଯେପରି ଅଧିକ ଅର୍ଥ ରହେ, ସେଥିଲାଗି ଚେଷ୍ଟା କରିବାକୁ ପଡ଼ିବ। କର୍ପୋରେଟ୍ ପରିବ୍ୟୟ ବୃଦ୍ଧି କରିବା ନିମିତ୍ତ ଅର୍ଥନୈତିକ ଅଳିଆ ସଫା କରିବାର ଆବଶ୍ୟକତା ରହିଛି। ମୋଟ ଉପରେ କହିବାକୁ ଗଲେ ନୂଆ ସରକାର ଉପରେ ଏ ଅର୍ଥନୈତିକ ସଂକଟ ସୁଧାରିବାର ଗୁରୁଦାୟିତ୍ୱ ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

### ୧୭ ମେ ୧୯୯୪

- ଦକ୍ଷିଣ ଆଫ୍ରିକାର ନୂଆ ମନ୍ତ୍ରିମଣ୍ଡଳରେ ରାଷ୍ଟ୍ରପତି ନେଲସନ ମଣ୍ଡେଲାଙ୍କ ସ୍ତ୍ରୀ ୱିନୀ ମଣ୍ଡେଲା ଜଣେ ଉପମନ୍ତ୍ରୀ ଭାବେ ଶପଥ ନେଲେ।
- ଚାଇନାର ଜିଆଂଘି ପ୍ରଦେଶସ୍ଥିତ ଏକ କୋଇଲା ଖଣିରେ ଗ୍ୟାସ ବିସ୍ଫୋରଣ ଘଟି ୩୮ ମୃତ।
- ଦକ୍ଷିଣ ଆଫ୍ରିକାର କେପ୍‌ଟାଉନରେ ଏକ ମିନିବସ ସହ ଏକ ଟ୍ରକ ଧକ୍କା ହେବା ଫଳରେ ୨୧ ଜଣ ମୃତ୍ୟୁବରଣ କରିଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 9 | | | | | 3 | 4 | 6 | 0 | | C |
| | | | | | 2 | | 5 | 7 | | 1 | E | | | |
| | | | 7 | | | E | | A | 2 | | | | 5 | |
| | | | C | | | 1 | | 2 | | | | D | | 9 |
| | | | | | 3 | | | 4 | D | | | 2 | | |
| | | 8 | | D | A | 0 | | | | | 7 | E | | |
| | | 2 | | | 9 | | A | | 1 | | | | | |
| | 0 | | | | | 5 | | | C | E | | | | B |
| | 7 | | | 2 | 8 | | 1 | D | | | 0 | | | |
| E | | | 3 | 1 | | | | | | 5 | D | 6 | | |
| | | 7 | | | | B | | | 6 | | | | | 5 |
| D | | 1 | 2 | 0 | | | 7 | | 9 | | C | | | |
| 2 | 6 | 5 | | | | | | 0 | | | 1 | | | 4 |
| | | | | C | B | 2 | | | | | | | | D |
| 8 | | 3 | | | 7 | 6 | D | 5 | | 0 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 9 | 5 | 4 | B | 7 | E | C | D | 8 | 3 | 1 | 6 | A | 0 |
| 8 | 7 | A | E | 2 | C | 0 | 5 | 1 | 6 | B | 4 | 9 | D | 3 |
| 6 | 1 | B | 0 | 8 | 3 | 9 | A | 7 | 2 | D | C | 4 | E | 5 |
| 0 | 4 | C | D | 1 | 9 | 3 | 6 | B | A | E | 5 | 2 | 7 | 8 |
| 3 | D | E | 6 | 5 | A | 2 | 4 | 8 | 7 | 0 | 9 | B | 1 | C |
| A | 3 | 9 | 5 | 0 | 4 | 6 | E | 2 | D | 1 | 7 | C | 8 | B |
| 5 | E | 7 | 3 | 9 | B | 4 | 1 | 0 | C | 2 | 8 | D | 6 | A |
| B | 8 | 2 | 1 | 6 | D | C | 7 | A | 4 | 9 | 0 | 3 | 5 | E |
| C | 6 | D | 2 | 7 | E | B | 8 | 9 | 5 | A | 3 | 0 | 4 | 1 |
| 4 | 0 | 1 | C | A | 8 | D | 3 | 5 | B | 6 | E | 7 | 2 | 9 |
| 9 | 5 | 4 | A | C | 0 | 7 | D | 6 | 1 | 8 | B | E | 3 | 2 |
| 7 | A | 8 | B | D | 2 | 1 | 9 | 3 | E | C | 6 | 5 | 0 | 4 |
| 1 | C | 6 | 9 | 4 | 5 | A | 0 | E | 3 | 7 | 2 | 8 | B | D |
| E | 2 | 0 | 7 | 3 | 1 | 8 | B | 4 | 9 | 5 | D | A | C | 6 |
| D | B | 3 | 8 | E | 6 | 5 | 2 | C | 0 | 4 | A | 1 | 9 | 7 |

ଗତକାଲିର ଉତ୍ତର

# ବିବେକାନନ୍ଦଙ୍କ ଦୃଷ୍ଟିରେ ସନ୍ନ୍ୟାସ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଭାରତୀୟ ପରମ୍ପରାରେ ମଣିଷ ଜୀବନର ଲକ୍ଷ୍ୟ ହେଉଛି ଚତୁର୍ବର୍ଗ (ଧର୍ମ, ଅର୍ଥ, କାମ, ମୋକ୍ଷ) ପ୍ରାପ୍ତି। ସେ ତା' ଜୀବନର ଚାରୋଟି ପର୍ଯ୍ୟାୟ (ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ, ସନ୍ନ୍ୟାସ) ଦେଇ ଏହି ଚତୁର୍ବର୍ଗ ପ୍ରାପ୍ତ କରିବା ପାଇଁ ଚେଷ୍ଟା କରେ। ବ୍ରହ୍ମଚର୍ଯ୍ୟ ଆଶ୍ରମରେ ସେ ବିଦ୍ୟା ଅଧ୍ୟୟନ କରେ। ଗୃହସ୍ଥାଶ୍ରମରେ ସେ ଅର୍ଜିତ ବିଦ୍ୟାକୁ ଉପଯୋଗ କରି ଜଣେ ଆଦର୍ଶ ଗୃହସ୍ଥ ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରେ। ତା'ପରେ ସେ ଗ୍ରହଣ କରେ ବାନପ୍ରସ୍ଥ। ଏହି ପର୍ଯ୍ୟାୟରେ ସେ ଅରଣ୍ୟନିବାସୀ ଋଷିମାନଙ୍କ ଶରଣାପନ୍ନ ହୋଇ ସେମାନଙ୍କ ଉପଦେଶ ଅନୁସାରେ ପାର୍ଥିବ ଆସକ୍ତିଠାରୁ ନିଜକୁ ଦୂରେଇ ରଖିବା ପ୍ରକ୍ରିୟା ଆରମ୍ଭ କରେ। ଶେଷରେ ସ୍ତ୍ରୀଙ୍କ ଦାୟିତ୍ୱ ପୁତ୍ରଠାରେ ନ୍ୟସ୍ତ କରି ସନ୍ନ୍ୟାସ ଗ୍ରହଣ କରେ। ଏହି ସମୟରେ ସେ ଅରଣ୍ୟରେ ନିବାସ କରି ବିଷ୍ଣୁ ଚିନ୍ତାରେ ନିମଗ୍ନ ହୁଏ ଓ ତପସ୍ୟା କରି ମୋକ୍ଷ ଲାଭ ପାଇଁ ବ୍ରତୀ ହୁଏ।

ମାତ୍ର ସ୍ୱାମୀ ବିବେକାନନ୍ଦ ଭାରତୀୟ ପରମ୍ପରାର ସନ୍ନ୍ୟାସ ସମ୍ପର୍କିତ ପ୍ରଚଳିତ ଧାରଣାରେ ପରିବର୍ତ୍ତନ ଆଣିଥିଲେ। ସେ ଯେତେବେଳେ ନିର୍ବିକଳ୍ପ ସମାଧି ଚାହିଁଥିଲେ ଗୁରୁ ରାମକୃଷ୍ଣ ପରମହଂସ କହିଥିଲେ, ''ତୋତେ ଏକଥା କହିବାକୁ ଲାଜ ମାଡୁନାହିଁ? ମୁଁ ଭାବିଥିଲି ତୁ ଏକ ବଟବୃକ୍ଷ ହୋଇ ବଢ଼ିବୁ ଓ ତୋର ଛାୟାରେ ଆଶ୍ରୟ ନେବେ ହଜାର ହଜାର ନିରାଶ୍ରୟ ଜନତା। ତୁ କିନ୍ତୁ ନିଜ ମୁକ୍ତି ପାଇଁ ବ୍ୟସ୍ତ ହୋଇପଡିଛୁ। ଏତେ କ୍ଷୁଦ୍ର ଆଦର୍ଶ ତୋର।'' ରାମକୃଷ୍ଣଙ୍କ ଏହି କଥା ପଦକ ବିବେକାନନ୍ଦଙ୍କ ହୃଦୟରେ ଗଭୀର ରେଖାପାତ କରିଥିଲା। ରାମକୃଷ୍ଣଙ୍କ ମୃତ୍ୟୁ ପରେ ବିବେକାନନ୍ଦ କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମଗ୍ର ଭାରତ ପରିଭ୍ରମଣ କଲେ। ସ୍ୱଚକ୍ଷୁରେ ଦେଖିଲେ ଭାରତବର୍ଷରେ ରହିଥିବା ଜଡ଼ତା, ଅଜ୍ଞତା ଓ ଦାରିଦ୍ର୍ୟର ଚିତ୍ର। ଅଜସ୍ର ଲୋକ ଦିନକୁ ଦି' ଓଳି ଖାଇବାକୁ ଓ ଦେହକୁ ଘୋଡ଼ାଇବା ପାଇଁ ଲୁଗା ଖଣ୍ଡେ ପାଉ ନ ଥିବା ଦୃଶ୍ୟ ତାଙ୍କ ହୃଦୟକୁ ବିଚଳିତ କରିଥିଲା। ସେ ଅନୁଭବ କଲେ ସନ୍ନ୍ୟାସ ଗ୍ରହଣ କରି ଜାଗତିକ ସୁଖଦୁଃଖଠୁ ଦୂରେଇ ରହି ନିଜର ମୋକ୍ଷ ପାଇଁ ସାଧନା କରିବା ହେଉଛି ସ୍ୱାର୍ଥପରତା। ସେ ଗୁରୁଭାଇମାନଙ୍କୁ ଜୀବନର ଉଦ୍ଦେଶ୍ୟ ବୁଝାଇ ଦେଇ କହିଲେ, ଭାରତର କଲ୍ୟାଣ କାମନାରେ ଏଭଳି ଏକ ଅଭିନବ ସନ୍ନ୍ୟାସୀ ସମ୍ପ୍ରଦାୟ ସୃଷ୍ଟି କରିବାକୁ ହେବ, ଯେଉଁମାନେ ମାନବସେବା ବ୍ରତରେ ନିଜ ନିଜ ମୁକ୍ତିର କାମନା ମଧ୍ୟ ପରିତ୍ୟାଗ କରିବେ ଓ ପ୍ରୟୋଜନ ହେଲେ ସାନନ୍ଦେ ନରକକୁ ଯିବା ପାଇଁ ମଧ୍ୟ ପ୍ରସ୍ତୁତ ହେବେ।

ସ୍ୱାମିଜୀ ପାଶ୍ଚାତ୍ୟ ଦେଶରେ ଥିବାବେଳେ କେତେଜଣ ଯୁବକ ଆଲମବଜାର ମଠରେ ଯୋଗଦାନ କରି ବ୍ରହ୍ମଚାରୀ ଜୀବନଯାପନ କରୁଥିଲେ। ସେମାନେ ସ୍ୱାମିଜୀଙ୍କ ନିକଟରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରିବା ପରେ ସେ ସେମାନଙ୍କୁ କହିଲେ, 'ବହୁଜନ ହିତାୟ ବହୁଜନ ସୁଖାୟ' ସନ୍ନ୍ୟାସୀର ଜୀବନ। ସନ୍ନ୍ୟାସ ଗ୍ରହଣ କରି ଯେଉଁମାନେ ଏହି ଉଚ୍ଚାଦର୍ଶ ଭୁଲିଯାଆନ୍ତି ତାଙ୍କ ଜୀବନ ବୃଥା। ପର ପାଇଁ ପ୍ରାଣ ଦେବାକୁ, ଜୀବର ଗଗନଭେଦୀ କ୍ରନ୍ଦନ ନିବାରଣ କରିବାକୁ, ବିଧବାର ଅଶ୍ରୁ ପୋଛିଦେବାକୁ, ପୁତ୍ର ବିୟୋଗ ବିଧୁରା ପ୍ରାଣରେ ଶାନ୍ତି ଦେବାକୁ, ଅଜ୍ଞ ଇତର ସାଧାରଣ ଜନତାଙ୍କ ଦୈହିକ ଓ ପରମାର୍ଥିକ ମଙ୍ଗଳ କରିବାକୁ ଓ ଜ୍ଞାନାଲୋକ ଦେଇ ସମସ୍ତଙ୍କ ଭିତରେ ପ୍ରସୁପ୍ତ ବ୍ରହ୍ମସିଂହକୁ ଜାଗ୍ରତ କରିବା ପାଇଁ ସନ୍ନ୍ୟାସୀଙ୍କ ଜନ୍ମ ହୋଇଛି। ସ୍ୱାମିଜୀଙ୍କ ପ୍ରେରଣାରେ ସନ୍ନ୍ୟାସୀର ଏହି ଆଦର୍ଶ ପୂରଣ କରିବା ପାଇଁ ରାମକୃଷ୍ଣାନନ୍ଦ ଠାକୁରଙ୍କ ପୂଜା ଛାଡି ବେଦାନ୍ତ ପ୍ରଚାର କାର୍ଯ୍ୟରେ ଦାକ୍ଷିଣାତ୍ୟ ଗଲେ। ସ୍ୱାମୀ ଅଖଣ୍ଡାନନ୍ଦ ମୁର୍ଶିଦାବାଦରେ ଦୁର୍ଭିକ୍ଷ ପ୍ରପୀଡ଼ିତ ନରନାରୀଙ୍କ ସେବାକାର୍ଯ୍ୟ କଲେ। ସ୍ୱାମିଜୀ ନିଜେ କଲିକତାରେ ପ୍ଲେଗ୍ ବ୍ୟାପିଥିବା ସମୟରେ ମଠର ସନ୍ନ୍ୟାସୀ ଓ ଭଗିନୀ ନିବେଦିତାଙ୍କୁ ସାଙ୍ଗରେ ନେଇ ରୋଗୀସେବା ଆରମ୍ଭ କଲେ। ଏହି କାର୍ଯ୍ୟ ପାଇଁ ଆବଶ୍ୟକ ଅର୍ଥ କୁଆଡୁ ଆସିବ ବୋଲି ଚିନ୍ତା କରି ଜଣେ ଗୁରୁଭ୍ରାତା ପଚାରିଲେ, ''ସ୍ୱାମିଜୀ, ଟଙ୍କା କୁଆଡୁ ଆସିବ?'' ସ୍ୱାମିଜୀ ଉତ୍ତର ଦେଲେ, ''ଯଦି ପ୍ରୟୋଜନ ହୁଏ, ମଠ ପାଇଁ କିଣାଯାଇଥିବା ଜମି ବିକ୍ରି ହେବ। ହଜାର ହଜାର ଲୋକ ଆମ ଆଖିଆଗରେ ଯନ୍ତ୍ରଣା ଭୋଗ କରିବେ ଆଉ ଆମେ ମଠରେ ବସିରହିଥିବା? ଆମେ ସନ୍ନ୍ୟାସୀ। ଆମେ ଆଗପରି ଗଛତଳେ ବାସକରିବା, ଭିକ୍ଷା କରି ପେଟ ପୋଷିବା।'' ସୁଖର ବିଷୟ ମଠବାଡି ବିକ୍ରୟ କରିବାକୁ ପଡିଲା ନାହିଁ। ଚାରିଆଡୁ ପ୍ରଚୁର ଅର୍ଥ ସାହାଯ୍ୟ ମିଳିଲା। ଜାତି, ବର୍ଣ୍ଣ ନିର୍ବିଶେଷରେ ସନ୍ନ୍ୟାସୀମାନେ ପ୍ଲେଗ୍ ରୋଗାକ୍ରାନ୍ତ ନରନାରୀଙ୍କ ସେବା କଲେ। ବିବେକାନନ୍ଦ କେବଳ ମୁହଁରେ ବେଦାନ୍ତ ପ୍ରଚାର ନ କରି ତାକୁ କାର୍ଯ୍ୟରେ ପରିଣତ କଲେ। 'ଯତ୍ର ଜୀବ ତତ୍ର ଶିବ' ମନ୍ତ୍ରରେ ଦୀକ୍ଷିତ ବିବେକାନନ୍ଦ ମୃତ୍ୟୁକୁ ନ ଡରି ସ୍ୱଦେଶବାସୀଙ୍କୁ ଜଣାଇଦେଲେ କିଭଳି ଭାବରେ ଜଣେ ସନ୍ନ୍ୟାସୀ ଗିରିଗୁହାରେ ଆତ୍ମକଲ୍ୟାଣ ପାଇଁ ତପସ୍ୟା ନ କରି ନରନାରାୟଣ ସେବାରେ ନିଜକୁ ଉତ୍ସର୍ଗ କରିପାରେ। ଅଦ୍ୱୈତବାଦର ସୁଦୃଢ ଭିତ୍ତି ଉପରେ ସେ ସେବାଧର୍ମର ପ୍ରାସାଦ ଗଢିଥିଲେ। ସନ୍ନ୍ୟାସୀମାନଙ୍କ ଲକ୍ଷ୍ୟ ପୂରଣ କରିବା ପାଇଁ ବେଲୁଡରେ ସେ ପ୍ରତିଷ୍ଠା କଲେ ରାମକୃଷ୍ଣ ମଠ। ଦିନେ ସ୍ୱାମୀ ବିରଜାନନ୍ଦ କହିଲେ, ''ସ୍ୱାମିଜୀ ଆଗେ ସାଧନା ବଳରେ ଆତ୍ମସାକ୍ଷାତ୍ ନ କରି କିପରି ଲୋକସେବା କର୍ମରେ ଅଗ୍ରସର ହେବି?'' ବିବେକାନନ୍ଦ ଗର୍ଜି ଉଠି କହିଲେ, ''ସ୍ୱାର୍ଥପରଙ୍କ ଭଳି ନିଜ ମୁକ୍ତି ପାଇଁ ଚେଷ୍ଟା କଲେ ତୁମେ ନରକକୁ ଯିବ। ଯଦି ତୁମେ ସେହି ପୂର୍ଣ୍ଣବ୍ରହ୍ମଙ୍କୁ ଉପଲବ୍ଧି କରିବାକୁ ଚାହଁ, ତା'ହେଲେ ଅନ୍ୟର ମୁକ୍ତିଲାଭ ପାଇଁ ସାହାଯ୍ୟ କର। ନିଜ ମୁକ୍ତି ଆକାଙ୍‌କ୍ଷାକୁ ସମୂଳେ ବିନାଶ କରିବା ହିଁ ଶ୍ରେଷ୍ଠ ସାଧନା।'' ବେଲୁଡ ମଠର ଗୋଟିଏ ସଭାରେ ସ୍ୱାମିଜୀ 'ସନ୍ନ୍ୟାସୀର ଆଦର୍ଶ ଓ ତାହାର ସାଧନା' ସମ୍ବନ୍ଧରେ ଇଂଲିଶରେ ଗୋଟିଏ ବକ୍ତୃତା ଦେଇଥିଲେ। ସେ ନବଯୁଗର ସନ୍ନ୍ୟାସୀମାନଙ୍କୁ ଆଦର୍ଶ ବୁଝାଇ କହିଥିଲେ: ତୁମକୁ ମୃତ୍ୟୁକୁ ଭଲ ପାଇବାକୁ ହେବ। ମୃତ୍ୟୁକୁ ଭଲ ପାଇବାର ଅର୍ଥ, ପରମକଲ୍ୟାଣ କାମନାରେ ସତତ ଆତ୍ମବିସର୍ଜନ କରିବାକୁ ପ୍ରସ୍ତୁତ ହୁଅ। ଗୁହାରେ ବସି ଧ୍ୟାନକରି ଦେହତ୍ୟାଗ କରିବା ପରି ପ୍ରାଚୀନ ଆଦର୍ଶର ଆବଶ୍ୟକତା ବର୍ତ୍ତମାନ ଯୁଗରେ ନାହିଁ। ପ୍ରତ୍ୟେକ ମାନବ ଭ୍ରାତାଙ୍କୁ ମୁକ୍ତି ନିମିତ୍ତ ସାହାଯ୍ୟ କରିବାକୁ ହେବ। କେବଳ ଧ୍ୟାନରେ ନିମଗ୍ନ ନ ରହି ମଠ ସଂଲଗ୍ନ ଭୂମି କର୍ଷଣ କରିବାକୁ ଦ୍ୱିଧାବୋଧ କରିବ ନାହିଁ। ଏହା ଥିଲା ନବଦୀକ୍ଷିତ ସନ୍ନ୍ୟାସୀମାନଙ୍କୁ ବିବେକାନନ୍ଦଙ୍କ ଆହ୍ୱାନ। ପରାର୍ଥରେ ଜୀବନ ଦେବା ପାଇଁ ସେ ସମସ୍ତଙ୍କୁ ଶେଷ ପର୍ଯ୍ୟନ୍ତ ଅନୁପ୍ରାଣିତ କରୁଥିଲେ। ଥରେ ଶିଷ୍ୟ ସାରଦାନନ୍ଦଙ୍କୁ କହିଥିଲେ- ମୁଁ ତୁମମାନଙ୍କୁ ଏତେ ଭଲପାଏ, ତଥାପି ଇଚ୍ଛା ହୁଏ, ତୁମେ ସବୁ ପର ପାଇଁ ଖଟି ଖଟି ମରିଯାଅ- ମୁଁ ଦେଖି ଖୁସି ହୁଏ। ୧୯୦୨ରେ ମହାପ୍ରୟାଣର ଅଳ୍ପ କେତେଦିନ ପୂର୍ବରୁ ସେ ତାଙ୍କୁ କହିଥିଲେ ''ଆଉ ଜନ୍ମରେ ଆସି ବେଦାନ୍ତ ଫେଦାନ୍ତ ପଢ଼ିବୁ। ଏଥର ପରସେବାରେ ଦେହଟା ଦେଇ ଯା।''

ମୋଟ ଉପରେ କହିବାକୁ ଗଲେ ପୂର୍ବ ଅବଧାରିତ ସନ୍ନ୍ୟାସର ପରିଭାଷାକୁ ବଦଳାଇ ଦେଇଥିଲେ ସ୍ୱାମୀ ବିବେକାନନ୍ଦ। ପୂର୍ବରୁ ସନ୍ନ୍ୟାସ ଗ୍ରହଣ କରିବାକୁ ହେଲେ ସମସ୍ତ ପାର୍ଥିବ କର୍ମକୁ ତ୍ୟାଗ କରିବାକୁ ପଡୁଥିଲା। ମାତ୍ର ସ୍ୱାମିଜୀ ସନ୍ନ୍ୟାସ ସହ କର୍ମଯୋଗର ଅପୂର୍ବ ସମନ୍ୱୟ କରିଥିଲେ। ଗୀତାରେ ଅର୍ଜୁନ ଭଗବାନଙ୍କୁ ପଚାରିଲେ, ''ଆପଣ କେତେବେଳେ କର୍ମ ସନ୍ନ୍ୟାସର ତ ଆଉ କେତେବେଳେ କର୍ମଯୋଗର ପ୍ରଶଂସା କରିଛନ୍ତି। ପ୍ରକୃତରେ କ'ଣ ଶ୍ରେଷ୍ଠ?'' ଭଗବାନ ଉତ୍ତର ଦେଇଥିଲେ, କର୍ମ ସନ୍ନ୍ୟାସଠାରୁ କର୍ମଯୋଗ ଶ୍ରେଷ୍ଠ। ବିବେକାନନ୍ଦ ଏହି ଦୁଇ ଯୋଗର ଏକ ଅପୂର୍ବ ସମନ୍ୱୟ କରି ପ୍ରମାଣ କରିଦେଲେ ଯେ ଜଣେ କର୍ମଯୋଗୀ ବି ସନ୍ନ୍ୟାସୀ ହୋଇପାରେ ଓ ଜଣେ ସନ୍ନ୍ୟାସୀ ବି କର୍ମଯୋଗୀ ହୋଇପାରେ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ- ୯୪୩୭୩୨୯୨୬୩

# ଭୀମ ଭୋଇ ଓ ଶ୍ରୀଜଗନ୍ନାଥ



ଡ. ଉଦ୍ଧବ ଚରଣ ନାୟକ

## ୧୮୮୫ ଭୀମ ଭୋଇ ଜୟନ୍ତୀ ଉପଲକ୍ଷେ

ସନ୍ଥ ସାଧକ ଭୀମ ଭୋଇ ଥିଲେ ସ୍ୱାଭିମାନୀ। 'ସତ୍ୟ' ଥିଲା ତାଙ୍କର ଉଦ୍‌ବୋଧନ ଓ 'ଅହିଂସା' ଥିଲା ତାଙ୍କର ଅସ୍ତ୍ର। ଜଣେ ସଦାଚାରୀ ସନ୍ଥ ଭାବରେ ସେ ଥିଲେ ସୁପରିଚିତ। ସତ୍ୟ ସମ୍ପର୍କରେ ସେ କହିଥିଲେ-''ସତ୍ୟରେ ତରିବି, ସତ୍ୟରେ ମରିବି, ଏହି ଆଜ୍ଞା ମତେ ହେଉ, କହେ ଭୀମ ଭୋଇ ଏ ମର୍ତ୍ତ୍ୟମଣ୍ଡଳେ ଯଶ ଅପଯଶ ଥାଉ।'' ସତ୍ୟ ସମ୍ପର୍କରେ ସେ ବାରମ୍ବାର କହୁଥିଲେ, ''ସତ୍ୟ ଧର୍ମ ଧର, ସତ୍ୟ କର୍ମ କର, ସତ୍ୟେ କର ଗୁରୁସେବା, ପ୍ରସନ୍ନ ହୋଇବେ ଅଲେଖ ଦେବତା ନିଶ୍ଚୟ ମୁକତି ଦେବା।'' ସେହିପରି ଅହିଂସା ସମ୍ପର୍କରେ ସେ କହି ଯାଇଛନ୍ତି- ''ଅହିଂସା ଧର୍ମକୁ ଆଶ୍ରା ଯେବେ କର ଅହିଂସାରେ କର ଦୃଢ଼। ଗୁରୁସେବା କରି ହିଂସାବନ୍ଦୀ ହେଲେ ଶୂନ୍ୟରୁ ପଡ଼ିବ ମାଡ଼।''

ଜଣେ ସତ୍ୟନିଷ୍ଠ, ଅହିଂସାବାଦୀ ସନ୍ଥଙ୍କୁ କେତେଜଣ ବ୍ୟକ୍ତି ଜଗନ୍ନାଥ ଧର୍ମ ବିରୋଧୀ ତଥା ତାଙ୍କର ଅନୁଗାମୀମାନେ ଶ୍ରୀଜଗନ୍ନାଥ ମନ୍ଦିର ଆକ୍ରମଣ କରି ଦାରୁଦେବତାମାନଙ୍କୁ ପୋଡ଼ି ଭସ୍ମ କରିଦେବା ପାଇଁ ଚେଷ୍ଟା କରିଥିଲେ ବୋଲି କହନ୍ତି। ଏପରିକି ଓଡ଼ିଶାର ତତ୍କାଳୀନ ପ୍ରମୁଖ ଖବରକାଗଜ 'ଉତ୍କଳଦୀପିକା'ରେ ଏହି ମର୍ମରେ ତା୧୩।୩।୧୮୮୧ରିଖ ଓ ତା୨୬।୩।୧୮୮୧ ଏବଂ ବଙ୍ଗଳାର 'ସୁଲଭ ସମାଚାର'୧୨୮୮ ସାଲ (୧୮୮୧ ମସିହା) କାର୍ତ୍ତିକ ୨୧ ଦିନ ସଂଖ୍ୟାରେ ଖବରମାନ ପ୍ରକାଶ ପାଇଥିଲା। ଖବରକାଗଜଗୁଡ଼ିକରେ ଉଲ୍ଲେଖ ଥିଲା ୧୮୮୧ ମସିହା ମାର୍ଚ୍ଚ ୧ ତାରିଖ ମଙ୍ଗଳବାର ଷୋଳ ଜଣ ସ୍ତ୍ରୀପୁରୁଷ ଉଲଗ୍ନ ଅବସ୍ଥାରେ ଭାତହାଣ୍ଡି ହାତରେ ଧରି ଶ୍ରୀଜଗନ୍ନାଥ ମନ୍ଦିରକୁ ପ୍ରବେଶ କରିବା ନିମନ୍ତେ ଉଦ୍ୟତ ହେଉଥିଲେ। ମନ୍ଦିର ଆରକ୍ଷୀ ଓ ଏହି ଦଳର ବ୍ୟକ୍ତିମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ଫଳରେ ଦଳର ସର୍ଦ୍ଦାର ଦଶାରାମ ଚଟାଣରେ ପଡିଯାଇ ଆଘାତପ୍ରାପ୍ତ ହୋଇ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିଲେ। ହେଲେ ଏହି ଘଟଣାରେ କୌଣସି ମହିମା ଧର୍ମାବଲମ୍ବୀ ବା ଭୀମ ଭୋଇଙ୍କ ଶିଷ୍ୟମାନେ ସମ୍ପୃକ୍ତ ନ ଥିବା ଜଣାଯାଏ। ତତ୍କାଳୀନ ସରକାରୀ ରେକର୍ଡପତ୍ର ଯଥା ପୁରୀ କଲେକ୍ଟର, ଏସ୍‌ପି ଓ ସିଭିଲ ସର୍ଜନଙ୍କ ରିପୋର୍ଟରେ ଏହାର କୌଣସି ପ୍ରମାଣ ମଧ୍ୟ ମିଳେନାହିଁ। ତତ୍କାଳୀନ ବ୍ରିଟିଶ ଅଧିକାରୀ ମି. ସି.ଇ. ବକ୍‌ଲ୍ୟାଣ୍ଡ ତାଙ୍କ ରଚିତ 'ଲ୍ୟୁଟ୍‌ନାଣ୍ଟ ଗଭର୍ନରଙ୍କ ଅଧୀନରେ ବଙ୍ଗଳା (୧୯୦୧) ପୁସ୍ତକରେ ଏହି ଘଟଣା ଉଲ୍ଲେଖ କରିଛନ୍ତି। ସେଥିରେ ସେ ଭୀମ ଭୋଇଙ୍କ ନାମ କି ତାଙ୍କ ଶିଷ୍ୟମାନଙ୍କ ସମ୍ପର୍କରେ କୌଣସି ତଥ୍ୟ ପରିବେଷଣ କରିନାହାନ୍ତି। ହେଲେ ଏହି ଘଟଣାରେ ଭୀମ ଭୋଇଙ୍କ ଶିଷ୍ୟମାନଙ୍କ ନାମ କାହିଁକି ଉଲ୍ଲେଖ କରାଗଲା? ଏହା ଆଲୋଚନାର ବିଷୟ।

ମହିମା ଧର୍ମର ମୁଖ୍ୟ ପ୍ରଚାରକ ଭୀମ ଭୋଇ ମୂର୍ତ୍ତିପୂଜା ଓ ବ୍ରାହ୍ମଣ୍ୟ ଧର୍ମର ଥିଲେ ଘୋର ବିରୋଧୀ। ଏହାର ଅର୍ଥ ନୁହେଁ ଯେ, ସେ ହିନ୍ଦୁଧର୍ମର ପୂଜିତ ମୂର୍ତ୍ତିସବୁକୁ ଧ୍ୱଂସ କରିଦେବେ। ଭୀମ ଭୋଇଙ୍କ ସାହିତ୍ୟ ଅନୁଧ୍ୟାନ କଲେ ଜଣାଯାଏ, ସେଥିରେ ବିଷ୍ଣୁ ଓ ଜଗନ୍ନାଥଙ୍କର ବିଭିନ୍ନ ଅବତାର ସମ୍ପର୍କରେ ଅତ୍ୟନ୍ତ ଉଚ୍ଚକୋଟୀର ବର୍ଣ୍ଣନା ରହିଛି। ସ୍ୱରଚିତ ଗ୍ରନ୍ଥରେ ଭୀମ ଭୋଇ 'ଜଗନ୍ନାଥ' ନାମର ବିଶେଷତ୍ୱ ସମ୍ପର୍କରେ ଖୁବ୍ ତାତ୍ତ୍ୱିକ ବୟାନ ରଖିଛନ୍ତି। ଶ୍ରୀଜଗନ୍ନାଥ ଓ ବିଷ୍ଣୁଙ୍କ ଅବତାର ସମ୍ପର୍କରେ ଭୀମ ଭୋଇ 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି- ପ୍ରଭୁ ନୀଳାଚଳରେ ବିଜେ କରିଥିବା ହେତୁ ତାଙ୍କର ନାମ ନୀଳଗିରି ଜଗନ୍ନାଥ। ସେ ମୌନ ଭାବେ ଦାରୁପ୍ରତିମା ମୂର୍ତ୍ତି ଭାବରେ ଅବସ୍ଥାନ କରିଛନ୍ତି। ଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ମନେକରି ସେ କହିଛନ୍ତି- ଶିରରେ ମୟୂର ଚୂଳ ଦେଇ ଢଳି ଢଳି ନାଚନ୍ତି, ଆଦ୍ୟ ବୃନ୍ଦାବନରେ ବିହାର କରିଥିବାରୁ ତାଙ୍କର ନାମ ବନମାଳୀ। ଗିରିବରକୁ ଛତ୍ରାକାରରେ ଧାରଣ କରିଥିବାରୁ ତାଙ୍କ ନାମ 'ଗିରିଧାରୀ'। ତାଙ୍କ ଯଶ ବଖାଣିବାରେ କାହାର ସାମର୍ଥ୍ୟ ନାହିଁ। ତାଙ୍କର ନାମ କୋଟିଏ ଇତ୍ୟାଦି। ସେହିପରି ବିଷ୍ଣୁଙ୍କର ଦଶ ଅବତାରର ବର୍ଣ୍ଣନା ତାଙ୍କ ରଚିତ 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥରେ ସୁନ୍ଦର ଭାବରେ ବର୍ଣ୍ଣିତ।

ଭୀମ ଭୋଇ ଗୁରୁ ମହିମା ଗୋସେଇଁଙ୍କ ମହାପ୍ରୟାଣ ପରେ ତାଙ୍କୁ ଶ୍ରୀପୁରୁଷୋତ୍ତମର ନାରାୟଣଙ୍କ ସହ ସମାନ ଭାବି ମୁକ୍ତ କଣ୍ଠରେ ଗାଇଛନ୍ତି- ଜଗତ ଭଗତ ଜନ ଆସ ଲୋଡ଼ିବା ପ୍ରଭୁଙ୍କୁ ଶ୍ରୀପୁରୁଷୋତ୍ତମେ ଜାଣ, ଥିଲେ ଯେଉଁ ନାରାୟଣ ସେ ପ୍ରଭୁ କାହିଁ ରହିଲେ ତେଜିଲେ ତିନିଦାରୁଙ୍କୁ। ମହିମା ଗୋସେଇଁ ଗୁରୁ ସେହି ଅବା ମହାପ୍ରଭୁ ତହିଁ କରିଥିଲୁ ଆଶ ଶୂନ୍ୟ ହେଲେ ଦେଖୁ ଦେଖୁ।।

ଏହା ବ୍ୟତୀତ ଭୀମ ଭୋଇ ଅଲେଖ ଶୂନ୍ୟ ବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଯେଉଁ ସ୍ତୁତି ଗାନ କରିଛନ୍ତି ତାହା ମଧ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି ପ୍ରଯୁଜ୍ୟ- ପାଦପାଣି ନାହିଁ ତାଙ୍କୁ ଧରିବ କିଏ? ଏମନ୍ତ ବ୍ରହ୍ମ ସ୍ୱରୂପ ଦେଖା ନ ଯାଏ। ନାହିଁ ତାଙ୍କ ପେଟ ଅଣ୍ଟା ଫିଟାଇ କହୁଛି ଗୋଟା ନର ଦେହଧରି ତାଙ୍କୁ କଳିବା ନୋହେ। ତାଙ୍କ ପରି ଶାନ୍ତ ପଣେ ତ୍ରିଭୁବନେ ନାହିଁ ଜଣେ ନିନ୍ଦା ସ୍ତୁତି ହାନି ଲାଭ ସକଳ ସହେ।

ଏହିସବୁ ତଥ୍ୟରୁ ଆମେ ଜାଣିପାରୁଛେ ଯେ, ଭୀମ ଭୋଇ ଶ୍ରୀଜଗନ୍ନାଥଙ୍କୁ ବେଶ୍ ଭଲ ଭାବରେ ମାନୁଥିଲେ। ଓଡ଼ିଶାର ଚିରପୂଜ୍ୟ ଜଗନ୍ନାଥଙ୍କୁ ଅଶେଷ ଭକ୍ତି ମଧ୍ୟ କରୁଥିଲେ। ସେସବୁ କଥା ଏଠାରେ ଏକ କ୍ଷୁଦ୍ର ପ୍ରବନ୍ଧରେ ଆଲୋଚନା କରିବା ସମ୍ଭବ ନୁହେଁ। ଆଜି ଭୀମ ଭୋଇଙ୍କ ପବିତ୍ର ଜନ୍ମତିଥିରେ ତାଙ୍କ ପ୍ରତି ଶ୍ରଦ୍ଧା ଜଣାଇବା ହେଉଛି ପ୍ରତ୍ୟେକ ଓଡ଼ିଆଙ୍କର ପ୍ରଧାନ କର୍ତ୍ତବ୍ୟ।

ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର, ମୋ- ୯୪୩୮୨୯୯୧୭୪

## ଏଇ ଭାରତରେ

ଜଳର ଅନ୍ୟ ନାମ ଜୀବନ। କାରଣ ଜଳ ବିନା ଜୀବନ ବଞ୍ଚିବା ଅସମ୍ଭବ। ଆମ ଦେଶର କେଉଁ ଅଞ୍ଚଳରେ ପ୍ରଚୁର ପରିମାଣରେ ଜଳ ମିଳୁଥିବା ବେଳେ କୌଣସି ଅଞ୍ଚଳରେ ଏହା ଅତି ଦୁର୍ଲଭ ପଦାର୍ଥ ରୂପେ ବିକ୍ରି ହୋଇଥାଏ। ଜଳ ବିନା ମଣିଷର ଅବସ୍ଥା ଦୟନୀୟ ହୋଇଯାଇଥାଏ। କାରଣ ପିଇବାଠୁ ଆରମ୍ଭ କରି ଲୁଗାପଟା ସଫା, ଗାଧୋଇବା, ବାସନ ଧୁଆ ଏବଂ ପାଇଖାନା ଯିବା ପର୍ଯ୍ୟନ୍ତ ଜଳର ଆବଶ୍ୟକତା ରହିଛି। ତେଣୁ ସଙ୍କଟ ସମୟରେ ଜଳର ସୁଷମ ବଣ୍ଟନ କରାଯିବା ସହିତ ନଷ୍ଟ ନ କରିବା ଉପରେ ଗୁରୁତ୍ୱ ଦିଆଯାଇଥାଏ। କିନ୍ତୁ ମାଠିଆଏରୁ ଅଧିକ ପାଣି ନେଲେ ଦେବାକୁ ପଡୁଛି ମାଠିଆ ପିଛି ୫୦ଟଙ୍କା। ଏପରି ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି ଛତିଶଗଡ଼ର ବସ୍ତର ଜିଲାରେ। ଏଠାକାର ଦରଭା ବ୍ଲକ୍‌ର ଲେଣ୍ଡ୍ରି ଗାଁରେ ଜଳସଙ୍କଟ ଲାଗି ରହିଛି। ଲୋକେ ପିଇବା ପାଣିର ସୁବଣ୍ଟନ ପାଇଁ ଏକ ନିୟମ ଜାରି କରିଛନ୍ତି। ପ୍ରତି ପରିବାରକୁ ମାଠିଆଏ ପାଣି ଦିଆଯିବ। ଏହାଠାରୁ ଅଧିକ ପାଣିନେଲେ ମାଠିଆ ପିଛା ୫୦ ଟଙ୍କା ଦେବାକୁ ପଡ଼ିବ। ଲୋକେ ପାଣି ପାଇଁ ଅତିରିକ୍ତ ଦେୟ ଦେଉଥିଲେ ବି ପକେଟକୁ ଅତ୍ୟନ୍ତ ବାଧୁଛି। ଅପରପକ୍ଷରେ ଅଯଥା ପାଣି ନଷ୍ଟ କରୁଥିବା ବ୍ୟକ୍ତିଙ୍କ ଲାଗି ଏହା ଦଣ୍ଡାଦେଶ ସଦୃଶ ହୋଇଛି।

## ଚିରନ୍ତନୀ

ଅସ୍ଫୁଟ କେଉଁ ଶିଶୁର ମଧୁର ବାଣୀ
ବାଜେ ପଥିକର ସବୁ ଇନ୍ଦ୍ରିୟ ଟାଣି
ଆସଇ ଚେତନା ଚମକି ଆଗକୁ ଧାଏଁ
ପାହାଡ଼ ପାଚେରି ଉଠିଚି ଆକାଶ ଯାଏଁ
ଲୋଡେ ଆଉ ପାରି ଡେଇଁଯିବା ପାଇଁ ଉଡି
ଦୂର ଗାଆଁ କୋଳେ ରବି ଯାଏ ଧୀରେ ବୁଡି।
ବାନ୍ଧି ସାହସ ପୁଣି ଚାରି ଖୋଜ ଉଠେ
ସଞ୍ଜ ଗଗନେ ଗୋଟି ଗୋଟି ତାରା ଫୁଟେ।
କୋଟିଏ ବାସନା ମାନସ ଆକାଶେ ତା'ର
ରଚିଲେ ଅସୀମ ଅସ୍ଥାୟୀ ଅଭିସାର।
(ଏହି ଯେ ପାହାଡ଼)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରିଲିଫ ବାଟମାରଣା ନ ହେଉ

ମହାଶୟ,

ମହାବାତ୍ୟା ଫନୀର ତାଣ୍ଡବରେ ସାଧାରଣବର୍ଗ ସହିତ ସ୍ୱଚ୍ଛଳବର୍ଗ ପ୍ରାୟ ସମସ୍ତେ ଆକ୍ରାନ୍ତ। ସେଥିପାଇଁ ବିଭିନ୍ନ ବ୍ୟକ୍ତିବିଶେଷ, ଅନୁଷ୍ଠାନ, କର୍ମଚାରୀମାନଙ୍କ ମିଳିତ ଉଦ୍ୟମରେ ଯଥାଯଥ ଆର୍ଥିକ ଏବଂ ସାମାଜିକ ସାହାଯ୍ୟ ଜାରି ରହିଛି। ଯାହାର କୌଣସି ହିସାବ ନାହିଁ। ତେଣୁ କୌଣସି ଦଳଗତ ରାଜନୈତିକ ଉଦ୍ଦେଶ୍ୟ ନ ରଖି ସମସ୍ତଙ୍କୁ ସାହାଯ୍ୟ ଏବଂ ସହାନୁଭୂତି ଦେବା ଆମର ପ୍ରାଥମିକ କର୍ତ୍ତବ୍ୟ ଅଟେ। କୌତୂହଳର ବିଷୟ ହେଲା ୧୯୯୯ ମହାବାତ୍ୟାରେ ବିଭିନ୍ନ ଜାତୀୟ ଏବ ଅନ୍ତର୍ଜାତୀୟ ସଂସ୍ଥା ଦ୍ୱାରା ଯୋଗାଇ ଦିଆଯାଇଥିବା ରିଲିଫ ସାମଗ୍ରୀ ଆଦିର ବଜାରରେ ସମୟେ ସମୟେ ଉପଲବ୍ଧ ହୁଏ। ଯେଉଁଟାକି ଆମ ପାଇଁ ଘୋର ଲଜ୍ଜାର ବିଷୟ। ମାହୁନ୍ତ ହାତୀ ପିଠିରେ ବସି ଧାନ ଆଦାୟ କଲାବେଳେ ହାତୀ ପାଟିକୁ ମୁଠାଏ ଧାନ ପକାଇ ଅବଶିଷ୍ଟ ଧାନକୁ ସଞ୍ଚୟ ରଖିଲା ଭଳି ଅବସ୍ଥା ନ ହେଉ। ଯେଉଁମାନେ ରିଲିଫ ସାମଗ୍ରୀର ହରିଲୁଟ କରୁଛନ୍ତି, ସେ ଯେତେବଡ ପଦବୀରେ ଥାଉ ନା କାହିଁକି ତାକୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ ଯେଉଁଟାକି ଭବିଷ୍ୟତ ପିଢି ପାଇଁ ବେଶ୍ ଶିକ୍ଷଣୀୟ ହୋଇରହିବ।

ଗୁରୁପ୍ରସାଦ ଦାଶ, ଛତିଆ, ଯାଜପୁର

### ଲାଞ୍ଚ ଖାଇବାରେ ବାଛବିଚାର ନାହିଁ

ଧରିତ୍ରୀରେ ପ୍ରକାଶିତ ଖବର ଅନୁସାରେ ସମ୍ବଲପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଅଫିସ୍‌ର କନିଷ୍ଠ କିରାଣି ସେହି ଅଫିସର ଅନ୍ୟ ଜଣେ କର୍ମଚାରୀଙ୍କ (ନିକଟରେ ଅବସର ନେଇଥିବା) ଛୁଟିଦିନର ଦରମା ମଞ୍ଜୁରୀ ନିମନ୍ତେ ଚାରି ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଗୋଟିଏ ଅଫିସରେ ସହକର୍ମୀ ହିସାବରେ ବହୁଦିନ ଧରି କାର୍ଯ୍ୟ କରିଥିବା ଲୋକଠାରୁ ଅବସର ପରେ ଲାଞ୍ଚ ଦାବି କରିବା ଅତ୍ୟନ୍ତ ନୀଚ ପ୍ରକୃତିର ପରିଚାୟକ। ତାଙ୍କୁ ଭିଜିଲାନ୍ସରେ ଧରାଇଦେଇ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀ ଜଣକ ଠିକ୍ କରିଛନ୍ତି। ଏପରି କର୍ମଚାରୀଙ୍କୁ ଗିରଫ ପରେ ଚାକିରିରୁ ବହିଷ୍କାର କରାଯିବା ଉଚିତ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ନଷ୍ଟ ହେଉଛି ଜୈବବିବିଧତା

୧୯୦୧ରେ ଭାରତର ଜନସଂଖ୍ୟା ୩୩ କୋଟି ଥିବା ବେଳେ ବାଘ ସଂଖ୍ୟା ଥିଲା ୪୦,୦୦୦। ଏବେ ଜନସଂଖ୍ୟା ୧୩୦ କୋଟି। ମାତ୍ର ବାଘ ସଂଖ୍ୟା ୨୦୦୦ରେ ସୀମିତ। କେବଳ ବାଘ ନୁହେଁ, ଅନ୍ୟାନ୍ୟ ପ୍ରଜାତିର ଜୀବଜନ୍ତୁଙ୍କ ସଂଖ୍ୟା ମଧ୍ୟ ବହୁମାତ୍ରାରେ ହ୍ରାସ ପାଇଛି। ହାତୀ ଆମର ଐତିହ୍ୟ ପ୍ରାଣୀ। ଏହି ପ୍ରାଣୀର ସଂଖ୍ୟା ଏବେ ୧୦୦୦ରେ ସୀମିତ। ଏମିତି ଅନେକ ପ୍ରଜାତି ବିଲୁପ୍ତ ହେବାକୁ ବସିଲାଣି। ଭାରତୀୟ ସଂସ୍କୃତିରେ ଉଦ୍ଭିଦ ଓ ପ୍ରାଣୀଙ୍କୁ ପୂଜା କରିବାର ପରମ୍ପରା ବହୁଦିନରୁ ରହିଛି। ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପ୍ରତି ମଣିଷର ଶ୍ରଦ୍ଧା ଓ ସମ୍ବେଦନଶୀଳତା ଜରୁରୀ। ବ୍ୟାପକ ବୃକ୍ଷ ରୋପଣ ଓ ଜୀବଜନ୍ତୁଙ୍କ ସୁରକ୍ଷା ଏବଂ ସଂରକ୍ଷଣ ଆମର ଧ୍ୟେୟ ହେବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**କୁଜଙ୍ଗ,୧୬।୫(ସ୍ୱ.ପ୍ର.):** କୁଜଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ପୋଲିସ ଏନେଇ ମାମଲା ନଂ.୧୦୮/୧୯ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନାବାଳିକାଙ୍କୁ ଏକୁଟିଆ ଦେଖି ତାଙ୍କ ଗ୍ରାମର ଜଣେ ବୟସ୍କ ବ୍ୟକ୍ତି ଘର ମଧକୁ ଡାକିନେଇ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ନାବାଳିକା ଜଣଙ୍କ ପରିବାର ଲୋକଙ୍କୁ କହିବା ପରେ ଥାନାରେ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।

### ଜ୍ଞାନବିକାଶର ଶତପ୍ରତିଶତ ସଫଳତା



**କୁଜଙ୍ଗ,୧୬।୫(ସ୍ୱ.ପ୍ର.):** ସିବିଏସ୍‌ଇ ଦଶମ ଶ୍ରେଣୀ ଶିକ୍ଷାବର୍ଷ ୨୦୧୮-୧୯ ପରୀକ୍ଷାରେ ପଙ୍କପାଳସ୍ଥିତ ଶ୍ରୀ ସତ୍ୟସାଈ ଜ୍ଞାନବିକାଶ ସ୍କୁଲକୁ ଶତପ୍ରତିଶତ ସଫଳତା ମିଳିଛି। ୭ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ବିଦ୍ୟାଳୟକୁ ଗୌରବାନିତ୍ୱ କରିଛନ୍ତି। ପଙ୍କପାଳ ପରି ଗ୍ରାମାଞ୍ଚଳରେ ସ୍ୱଳ୍ପ ଖର୍ଚ୍ଚରେ ଏଭଳି ଜାତୀୟସ୍ତରର ଶିକ୍ଷା ବ୍ୟବସ୍ଥା ଉପଲବ୍ଧ ଥିବା ଓ ବିଦ୍ୟାଳୟ ଏଭଳି ସଫଳତା ପାଇବାରୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି। ଶ୍ରୀ ସତ୍ୟାସାଈ ସେବା ସଙ୍ଗଠନର ରାଜ୍ୟ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଗନ ବିହାରୀ ପୃଷ୍ଟି, ସ୍କୁଲର ଅଧ୍ୟକ୍ଷ ଡ. ଅଭୟ କୁମାର ସାହୁ, ବରିଷ୍ଠ ଶିକ୍ଷୟିତ୍ରୀ ଲିଲିମା ମହାପାତ୍ର, ପ୍ରାଣକୃଷ୍ଣ ଜେନା ପ୍ରମୁଖ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ସମ୍ବର୍ଦ୍ଧନା ଓ ଶୁଭକାମନା ଜଣାଇଛନ୍ତି।

### ଖବରଦାତାଙ୍କ ବିୟୋଗରେ ଶୋକ

**ଜଗତ୍‌ସିଂହପୁର ଅଫିସ,୧୬।୫:** ଜଣେ ଜଣାଶୁଣା ରାଜନୈତିଜ୍ଞ ତଥା ସ୍ଥାନୀୟ ଅଞ୍ଚଳର ଖବରଦାତା ଭାସ୍କର ଦାସଙ୍କ ଜଗତ୍‌ସିଂହପୁର ଭାତପଡ଼ାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ସେ ମସ୍ତିଷ୍କରେ ଆଘାତ ଅନୁଭବ କରିଥିଲେ। ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ସୁଦ୍ଧା ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ପରିବାରସ୍ୱଜନ, ସମ୍ପର୍କୀୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଶୋକ ପ୍ରକାଶ କରିଛନ୍ତି।

■ ପ୍ରକୃତିର ତାଣ୍ଡବରୁ ବଳିପଡୁଛି ମନୁଷ୍ୟର ଧ୍ୱଂସଲୀଳା

# ଭାଙ୍ଗି ଦିଆଯାଉଛି ଉପକୂଳ ସୁରକ୍ଷା କବଚ

**ପାରାଦୀପ,୧୬।୫(ସ୍ୱ.ପ୍ର.)**



ଶିଳ୍ପ ପାଇଁ ହେନ୍ତାଳ ବଣ କାଟି ମାଟିରେ ପୋତାଯାଉଛି।

ଫନୀ ପ୍ରଭାବରେ ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ସ୍ଥାନରେ ବହୁ ଛୋଟ ବଡ଼ ଗଛ ଉପୁଡ଼ିପଡିଛି। ହେଲେ ପାରାଦୀପର ମହାନଦୀ ମୁହାଣ ସଂଲଗ୍ନ କାଉଡ଼ିଆ ନଦୀ ପାର୍ଶ୍ୱ ହେନ୍ତାଳବଣ ବିଶେଷ କ୍ଷତିଗ୍ରସ୍ତ ହୋଇନାହିଁ। ତେଣୁ ଅନ୍ୟ ସାଧାରଣ ଗଛଲତା ଓ ହେନ୍ତାଳବଣ ମଧରେ ଥିବା ପ୍ରଭେଦ ଏଥିରୁ ସ୍ପଷ୍ଟ ହେଉଛି। ସିଧାସଳଖ ସାମୁଦ୍ରିକ ବାତ୍ୟା ମାଡ଼ ଖାଉଥିବା ଏହି ବିସ୍ତିର୍ଣ୍ଣ ହେନ୍ତାଳବଣ ଉପକୂଳ ଅଞ୍ଚଳକୁ ସୁରକ୍ଷା ଯୋଗାଉଥିବାରୁ ଏହାକୁ ଉପକୂଳର ସୁରକ୍ଷା କବଚ କୁହାଯାଉଛି। ତେବେ ପରିତାପର ବିଷୟ ହେଲା ପ୍ରକୃତିର ତାଣ୍ଡବରେ କ୍ଷତିଗ୍ରସ୍ତ ହୋଇ ନ ଥିବା ଏହି ପ୍ରାକୃତିକ ସୁରକ୍ଷା କବଚ ମନୁଷ୍ୟର ଧ୍ୱଂସଲୀଳା ଯୋଗୁ ନଷ୍ଟ ହେବାରେ ଲାଗିଛି।

ଶିଳ୍ପ ସମ୍ପ୍ରସାରଣ ଆଳରେ ଏହି ହେନ୍ତାଳବଣକୁ ନଷ୍ଟ କରିଦିଆଯାଉଛି। ପ୍ରଥମେ ୨୦୧୪ ନଭେମ୍ବରରେ ପାଚେରି ନିର୍ମାଣ ପାଇଁ ବହୁ ବୃକ୍ଷ କଟାଗଲା। ପାଚେରି କାମ ସରିବା ପରେ ତା' ଭିତରେ ଥିବା ଜଙ୍ଗଲକୁ ପୋତାଯାଇ ସମତୁଲ କରାଯିବା ସହ ରାସ୍ତା ନିର୍ମାଣ କରାଗଲା। ଏବେ ଅବଶିଷ୍ଟ ପ୍ରାୟ ୫୦ ଏକର ବିଶିଷ୍ଟ ଜଙ୍ଗଲକୁ ଏକ ଘରୋଇ ପ୍ରକଳ୍ପ ପାଇଁ ପୋତାଯାଉଛି। ଏଥିସହ ରାସ୍ତାକଡ଼ ଓ କାଉଡିଆ ନଦୀ ମଝି ଅଂଶରେ ଥିବା ଘଞ୍ଚ ଜଙ୍ଗଲକୁ ପାଇପଲାଇନ ପ୍ରକଳ୍ପ ପାଇଁ ପୋତାଯାଉଛି। ଗତ ୫ ବର୍ଷ ହେଲା ଦୁର୍ଲଭ ହେନ୍ତାଳ ଜଙ୍ଗଲକୁ ଧ୍ୱଂସ କରାଯାଉଥିଲେ ହେଁ ବନ ବିଭାଗ ନୀରବ ଦ୍ରଷ୍ଟା ସାଜିଛି। ଏଭଳି ଭାବେ ଜଙ୍ଗଲ ନଷ୍ଟ କରାଯିବା ପ୍ରତିବାଦରେ ଆହ୍ୱାନ କମ୍ବାଇନ୍ସ ନାମକ ସଙ୍ଗଠନ ଏକାଧିକବାର କୁଜଙ୍ଗ ବନ ସଂରକ୍ଷକଙ୍କ ସମେତ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ନିକଟରେ ଅଭିଯୋଗ କରିସାରିଲାଣି। ସମସ୍ତ ଅଭିଯୋଗର ତଦନ୍ତ ପାଇଁ ବନ ବିଭାଗକୁ ନିର୍ଦ୍ଦେଶ ଆସୁଛି। କିନ୍ତୁ କେତେବେଳେ କିଭଳି ତଦନ୍ତ ହେଉଛି କେଜାଣି, ଜଙ୍ଗଲ କ୍ଷୟ ହୋଇଚାଲିଛି। ସେହି ଜଙ୍ଗଲ ଥିବା ଅଞ୍ଚଳରେ ପାରାଦୀପ ବନ୍ଦରର ପ୍ରସ୍ତାବିତ ବର୍ଥ ହେବାର ଯୋଜନା ଅଛି। ଏକ ଘରୋଇ ସଂସ୍ଥା (ଜେଏସ୍‌ଡବ୍ଲ୍ୟୁ) ୩୦ ବର୍ଷ ପାଇଁ ଉକ୍ତ ପ୍ରକଳ୍ପକୁ ବିଓଟି (ବିଲ୍ଡ ଅପରେଶନ ଟ୍ରାନ୍ସପୋର୍ଟ) ବ୍ୟବସ୍ଥାରେ କାମ ଆରମ୍ଭ କରିଦେଲାଣି। ସମ୍ଭବତଃ ଆଉ ଦିନ କେତେଟା ପରେ ସେହି ବଳକା ହେନ୍ତାଳବଣ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯିବ। ଏ ପ୍ରସଙ୍ଗରେ କୁଜଙ୍ଗ ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କୁ ପଚାରିବାରେ ସେ କହିଲେ, ମୁଁ ଆମ ଲୋକ ପଠାଉଛି ଯାଇ ଦେଖିବେ। ସମାନ କଥା ସେ ଗତ ୫ ବର୍ଷ ହେଲା କହି ଆସୁଛନ୍ତି। ଜଙ୍ଗଲ ଧ୍ୱଂସ କରିବା ପାଇଁ ବନ ବିଭାଗର ସ୍ୱୀକୃତି ଗତବର୍ଷ ଅକ୍ଟୋବର ମାସ ସୁଦ୍ଧା ମିଳି ନ ଥିଲା। ଏହା ମଧରେ ଜଙ୍ଗଲ କାଟିବା ପାଇଁ କ୍ଲିୟରାନ୍ସ ମିଳିଛି କି ନାହିଁ ପ୍ରଶ୍ନକୁ ଏଡାଇ ଯାଇଥିଲେ। ଆହ୍ୱାନ କମ୍ବାଇନ୍ସର ସଭାପତି ସଞ୍ଜୟ କୁମାର ପ୍ରଧାନ କୁହନ୍ତି, ଆମ ଅଭିଯୋଗ ଆଧାରରେ ତଦନ୍ତ ବେଳେ ସଙ୍ଗଠନ କର୍ମକର୍ତ୍ତା ସାଙ୍ଗରେ ରହିବା କଥା କିମ୍ବା ତଦନ୍ତ ରିପୋର୍ଟ ଦେବା କଥା। ସେପରି କେବେ କରାଯାଉନାହିଁ। ଅଧିକ କିଛି କହିଲେ ଧମକ କିମ୍ବା ମାମଲା ଭୟ ଦେଖାଯାଉଛି। ଏହି ବ୍ୟବସ୍ଥାରେ ଚାଲିଛି ଆମ ସରକାରଙ୍କ ପରିବେଶ ପ୍ରୀତି।

■ଶିଳ୍ପ ପାଇଁ ଉଜାଡ଼ି ଦିଆଯାଉଛି ହେନ୍ତାଳ ବଣ
■ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣୁନି ବନ ବିଭାଗ



'ଫନୀ' ପ୍ରଭାବରେ ଜଗତ୍‌ସିଂହପୁରର ମହିଳୋସ୍ଥିତ ଉତ୍କଳ ଭାରତୀ ମହାବିଦ୍ୟାଳୟର ଶ୍ରେଣୀଗୃହ ଆଜ୍‌ବେଷ୍ଟସ୍ ଭାଙ୍ଗିଯାଇଛି।

# ଫନୀ ବିପନ୍ନଙ୍କୁ ପିପିଏଲ୍‌ର ସହାୟତା

**ପାରାଦୀପ,୧୬।୫(ସ୍ୱ.ପ୍ର.)**

ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍ (ପିପିଏଲ) ପକ୍ଷରୁ ଫନୀ ବାତ୍ୟା ପ୍ରଭାବିତଙ୍କୁ ସହାୟତା ପ୍ରଦାନ କରାଯାଇଛି। ତିର୍ତ୍ତୋଲ ବ୍ଲକ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ କମ୍ପାନୀ ଏ କ୍ଷେତ୍ରରେ ସହଯୋଗ କରିଛି। ବାତ୍ୟା ପରେ ପ୍ରଭାବିତ ଲୋକଙ୍କ ପାଇଁ ୨୦ କୁଇଣ୍ଟାଲ ଚୁଡ଼ା, ୩୦୦ କିଲୋ ଗୁଡ଼, ୫୦୦୦ ପ୍ୟାକେଟ ବିସ୍କୁଟ, ୨୦୦୦ ପ୍ୟାକେଟ ଅମୁଲ ପାଉଚ ଓ ୨୦ ବ୍ୟାଗ ପାଣି ଯୋଗାଇ ଦିଆଯାଇଥିଲା। ଏଥିସହ ୨୦୦୦ ସୋଲାର ଲାଇଟ୍, ୧୦୦ ହାତ ତିଆରି ସାମଗ୍ରୀ, ୨୭୦ ନାପକିନ ପ୍ୟାକେଟ ଓ କମ୍ପାନୀ କର୍ମଚାରୀଙ୍କ ଦିନକର ଦରମା ପ୍ରଦାନ କରାଯାଇଛି। ଆଉ ସପ୍ତାହ ମଧରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଆର୍ଥିକ ସହାୟତା ଦିଆଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଜମିବାଡ଼ି ବିବାଦରୁ ଘରପୋଡ଼ି

**ବାଲିକୁଦା,୧୬।୫(ସ୍ୱ.ପ୍ର.)**

ଜମିବାଡ଼ି ବିବାଦକୁ କେନ୍ଦ୍ର କରି ବାଲିକୁଦା ଥାନା ଅନ୍ତର୍ଗତ ବାହାରଣା ପଞ୍ଚାୟତର ସୋଗଲ(ଜହନାବାଦ) ଗାଁରେ ଘରପୋଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ବିପନ୍ନ ବୃଦ୍ଧା ଜଣକ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସ୍ୱର୍ଗତ ଦୁଃଖିଶ୍ୟାମ ମଲ୍ଲିକଙ୍କ ସ୍ତ୍ରୀ ସାବିତ୍ରୀ ମଲ୍ଲିକ ପରିବାର ସହ ଗ୍ରାମର ଏକ ସ୍ଥାନରେ ଘର କରି ରହୁଥିଲେ। ସେ ଘର କରିଥିବା ଜାଗାକୁ ଲାଗିଥିବା ଜମିକୁ ବାବାଜୀ ମଲ୍ଲିକ କିଣିଥିଲେ। ଗତ ଚକବନ୍ଦୀରେ ସାବିତ୍ରୀଙ୍କ ସେହି ଜମିକୁ ପାଖ ଜମି ମାଲିକ ମାଧବ ଖଟୁଆଙ୍କ ଜମି ମାଡ଼ି ଆସିଥିଲା। ସେହି କାରଣରୁ ଉଭୟ ପରିବାର ମଧରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ଏ ବାବଦରେ ସାବିତ୍ରୀଙ୍କ ପୁଅ ସନ୍ତୋଷ କୋର୍ଟରେ ନଂ.୮୮/୨୦୧୯ରେ ମାମଲା ରୁଜୁ କରିଥିଲେ। ମାଧବ ମଧ ଜଗତ୍‌ସିଂହପୁର ସିଭିଲ କୋର୍ଟରେ ମାମଲା ରୁଜୁ କରିଛନ୍ତି। ମାମଲା କୋର୍ଟରେ ବିଚାରାଧୀନ ଅଛି। ଗୁରୁବାର ମଧ୍ୟାହ୍ନରେ ମାଧବଙ୍କ ପୁଅ ସୁରେନ୍ଦ୍ର ଓ ଶଳା ଏକ ବାଇକ୍ ଯୋଗେ ଆସି ପ୍ରଥମେ ସାବିତ୍ରୀଙ୍କ ଘରର ଫଟୋ ଉଠାଇଥିଲେ। ସାବିତ୍ରୀ ଏହାକୁ ବିରୋଧ କରିଥିଲେ। ପରେ ସୁରେନ୍ଦ୍ର ସାବିତ୍ରୀଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଗାଁ ଲୋକେ ଏହା ଦେଖି ଦୌଡିଆସି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ବାଲିକୁଦା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ସମୟରେ ବାଲିକୁଦା ବିଦ୍ୟୁତ୍ କାର୍ଯ୍ୟାଳୟରେ ଚାକିରି କରୁଥିବା ସାବିତ୍ରୀଙ୍କ ପୁଅ ବାତ୍ୟାରେ କ୍ଷତିଗ୍ରସ୍ତ ବିଦ୍ୟୁତ୍ ମରାମତି କାମରେ ବ୍ୟସ୍ତ ଥିଲେ। ଫୋନରେ ସୂଚନା ପାଇ ସେ ଘଟଣାସ୍ଥଳକୁ ଆସିଥିଲେ। ଏହା ପରେ ବାଲିକୁଦା ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ।

# ଫନୀ ଉଜାଡ଼ିଲା ଫସଲ



ବାତ୍ୟାରେ କ୍ଷତିଗ୍ରସ୍ତ ଆଖୁ ଫସଲ।

**ବାଲିଆ,୧୬।୫**

ବିରିଡି ବ୍ଲକରେ ଫନୀ ପ୍ରଭାବରେ ବ୍ୟାପକ ଫସଲ ହାନୀ ଘଟିଛି। ଚାଷୀ ଖରିଫ ଫସଲ କରିବା ପାଇଁ ବ୍ୟାଙ୍କରୁ ଋଣ ଆଣି ଚାଷରେ ଲଗାଇଥିଲେ। ଏହି ବ୍ଲକର ଅରଣା, ଅଡଙ୍ଗଗଡ଼, ଅଡଙ୍ଗ ମଞ୍ଜୁରାଇ, ବଡ଼ଖଣ୍ଡାଇତା ପଞ୍ଚାୟତର ବହୁ ଚାଷୀ ପ୍ରାୟ ୫୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଆଖୁ ଚାଷ କରିଥିଲେ। ଅରଣା ପଞ୍ଚାୟତ ଗୋଠପଦା ଗ୍ରାମର ଦୀନବନ୍ଧୁ ମିଶ୍ର, ନିରଞ୍ଜନ ବାରିକ, ଦିଲୀପ ଖଣ୍ଡୁଆଳ, ଯୁଧିଷ୍ଠୀର ଖଣ୍ଡୁଆଳ, ଶିଶିର ମିଶ୍ର, ଜିତେନ୍ଦ୍ର ଖଣ୍ଡୁଆଳ, କମଳଲୋଚନ ଭୂୟାଁ, ଅରକ୍ଷିତ ବେହେରା, ହରେକୃଷ୍ଣ ବେହେରା ପ୍ରମୁଖ ୫୦ ହେକ୍ଟର ଜମିରେ ଆଖୁ ଚାଷ କରିଥିଲେ। ବାତ୍ୟା ପ୍ରଭାବରେ ସେସବୁ ନଷ୍ଟ ହୋଇଯାଇଛି। ସେହିପରି ସବ୍ୟସାଚୀ ଭୂୟାଁ, ସତ୍ୟଜିତ ଖଣ୍ଡୁଆଳଙ୍କ ମୁଗ ଓ ବିରି ଫସଲ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଏ ପର୍ଯ୍ୟନ୍ତ କ୍ଷୟକ୍ଷତି ଆକଳନ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ କେହି ଜଣେ ହେଲେ ମଧ ତଦନ୍ତ କରିବାକୁ ଆସି ନ ଥିବା ଚାଷୀମାନେ କହିଛନ୍ତି। ବାତ୍ୟା ପ୍ରଭାବରେ ବ୍ୟାପକ ପରିବା ଫସଲ ମଧ କ୍ଷତିଗ୍ରସ୍ତ ହୋଇଛି। ଚାଷୀମାନେ ହାତ ଉଧାରି କରି ଏସବୁ ଫସଲ କରିଥିବାରୁ ଏବେ କିପରି ଋଣ ସୁଝିବେ ଚିନ୍ତାରେ ପଡ଼ିଛନ୍ତି। ସେହିପରି କ୍ଷୟକ୍ଷତି ଆକଳନ କେବେ ହେବ ତାହାକୁ ଚାଷୀମାନେ ଚାହିଁ ରହିଛନ୍ତି।

## ବିବାଦୀୟ ଜମିରେ ଘର ନିର୍ମାଣ ଅଭିଯୋଗ

**ତିର୍ତ୍ତୋଲ,୧୬।୫(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଜଡତିରା ପଞ୍ଚାୟତ ବନ୍ଧବାଟି ଗ୍ରାମ ଖାତା ନଂ- ୮୬୯, ପ୍ଲଟ ନଂ-୪୭୯ ବିବାଦୀୟ ସରକାରୀ ଜମି ଉପରେ ଗ୍ରାମର ଜଣେ ବ୍ୟକ୍ତି ଘର କରୁଥିବା ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ସ୍ଥାନରେ ଘର ନିର୍ମାଣକୁ ନେଇ ପୂର୍ବରୁ ବିବାଦଥିଲା। ଏବେ ଏହି ନିର୍ମାଣ ବନ୍ଦ ପାଇଁ ତହସିଲଦାର ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ମହାପୁରୁଷ ଯଶୋବନ୍ତଙ୍କ ଜନ୍ମ ଉତ୍ସବ

**ବିରିଡ଼ି,୧୬।୫(ଡି.ଏନ୍.ଏ.)**

ବିରିଡ଼ି ବ୍ଲକ ଅଡଙ୍ଗଗଡ଼ ନାଇଲୋସ୍ଥିତ ସିଦ୍ଧସାଧକ ମହାପୁରୁଷ ଯଶୋବନ୍ତ ଦାସଙ୍କ ପୀଠରେ ତାଙ୍କ ଜନ୍ମ ଉତ୍ସବ ଓ ଅଷ୍ଟମ ପ୍ରହର ନାମଯଜ୍ଞ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ପ୍ରଭାତରୁ ସ୍ନାନ, ମଙ୍ଗଳଆଳତି, ହୋମଯଜ୍ଞ ଆଦି କରାଯାଇଥିଲା। ବୁଧବାର ନାମଯଜ୍ଞ ଶେଷ ହୋଇ ଦଧିହାଣ୍ଡି ଭଙ୍ଗାଯାଇଥିଲା। ଚଳିତ ବର୍ଷ ଫନୀ ପାଇଁ ନିରାଡ଼ମ୍ବର ଭାବେ ଏହି ଉତ୍ସବ ପାଳିତ ହୋଇଥିଲା। କାର୍ଯ୍ୟକ୍ରମକୁ ଯଶୋବନ୍ତ ଟ୍ରଷ୍ଟ ବୋର୍ଡ ଓ ନାଇଲୋ ଗ୍ରାମବାସୀ ପରିଚାଳନା କରିଥିଲେ।



ମହାପୁରୁଷ ଯଶୋବନ୍ତଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

■ ବାତ୍ୟାରେ ମାଟିରେ ମିଶିଲା କୁକୁଡ଼ା ଫାର୍ମ

# ୧୦ ଲକ୍ଷର କ୍ଷତି ସହିଲେ ଚାଷୀ

**ବାଲିଆ,୧୬।୫**

ବିରିଡ଼ି ବ୍ଲକ ଅଡଙ୍ଗ ମଞ୍ଜୁରାଇ ପଞ୍ଚାୟତର ଗାୟତ୍ରୀ ସିଂହଙ୍କ କୁକୁଡ଼ା ଫାର୍ମ ବାତ୍ୟାରେ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ସେହି ଫାର୍ମରେ ଥିବା ୩ ହଜାର କୁକୁଡା ଛୁଆ, ଆବଶ୍ୟକ ବିଭିନ୍ନ ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଫାର୍ମ ହୋଇଥିବା ଆଜବେଷ୍ଟସ ଘରଟି ମାଟିରେ ମିଶିଯାଇଛି। ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କାର ଋଣ ଆଣି ଗାୟତ୍ରୀ କୁକୁଡ଼ା ଫାର୍ମ କରିଥିଲେ। ବାତ୍ୟାରେ ମରିଯାଇଥିବା କୁକୁଡ଼ା ଛୁଆ ମୂଲ୍ୟ ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସେ କହିଛନ୍ତି। ସେହିପରି ଭାଙ୍ଗିଯାଇଥିବା ଘର ଓ ଅନ୍ୟାନ୍ୟ ସାମଗ୍ରୀ ମିଶି ୭ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ତେଣୁ ଏତେ ଟଙ୍କା ଋଣ କିପରି ସୁଝିବେ ତାହାକୁ ନେଇ ଗାୟତ୍ରୀ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପକ୍ଷରେ ତାଙ୍କ ରୋଜଗାର ପନ୍ଥା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ତେଣୁ ସରକାରଙ୍କ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇ ଦିଆଯିବାକୁ ଦାବି ହୋଇଛି।



ବାତ୍ୟାରେ ଭାଙ୍ଗିଯାଇଥିବା କୁକୁଡ଼ା ଫାର୍ମ।

# ସଫେଇରେ ବେଆଇନ ଆଡ଼ିବନ୍ଧ

**ଏରସମା,୧୬।୫(ସ୍ୱ.ପ୍ର.)**

ଏରସମା ବ୍ଲକ ହଂସୁଆ ସଫେଇରେ ବେଆଇନ ଆଡ଼ିବନ୍ଧ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି। ଏହା ଦ୍ୱାରା ସଫେଇ ପଥ ଦିନକୁଦିନ ସଙ୍କୁଚିତ ହେଉଛି। ବର୍ଷା ଋତୁରେ ଠିକ୍ ଭାବରେ ଜଳ ନିଷ୍କାସନ ହୋଇ ନ ପାରିବାରୁ ଚାଷୀ ପ୍ରାୟ ପ୍ରତିବର୍ଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ହଂସୁଆ ସଫେଇ ଏହି ବ୍ଲକ ଅନ୍ତର୍ଗତ ସୋମପୁର, ନାରଦିଆ, ଗଡ଼ବିଶୁନିପୁର, ଜିରାଇଲୋ ଓ ଆମ୍ବିକି ପଞ୍ଚାୟତ ଦେଇ ଜଟାଧାର ମୁହାଣରେ ମିଶିଛି। ଏରସମା ବ୍ଲକ ସହିତ ଜଗତ୍‌ସିଂହପୁର ଜିଲାର ଜଳ ଏହି ସଫେଇ ଦ୍ୱାରା ସମୁଦ୍ରକୁ ନିଷ୍କାସିତ ହୋଇଥାଏ। ମାତ୍ର ପରିତାପର ବିଷୟ, ସଫେଇ ଗର୍ଭରେ ବଡ଼ ବାଉଁଶ ପ୍ରସ୍ଥ ଦିଗରେ ପୋତାଯାଇ ସେଥିରେ ସଫେଇର ମାଟି ତଳୁ ଉପର ଜଳସ୍ତର ପର୍ଯ୍ୟନ୍ତ ପଲିଥିନ ବନ୍ଧାଯାଇ ଆଡ଼ିବନ୍ଧ କରାଯାଉଛି। ଏହାଦ୍ୱାରା ଟିକିଏ ବି ପାଣି ପ୍ରବାହିତ ହୋଇପାରୁନାହିଁ। ମଝିରେ ମାତ୍ର ୧୦ରୁ ୧୨ ଫୁଟ ଓସାରରେ ଛଡାଯାଇ ସେଥିରେ ମଝବୁତ ଜାଲ ବନ୍ଧାଯାଇ ମାଛ ଧରାଯାଏ। ୧୦୦ ମିଟର ପ୍ରସ୍ଥ ବିଶିଷ୍ଟ ଏହି ସଫେଇରେ ଜଳ ନିଷ୍କାସନ ହେବା କଥା। ମାତ୍ର ଆଡିବନ୍ଧ ଦ୍ୱାରା ମାତ୍ର ୧୦ରୁ ୧୨ ଫୁଟ ଜାଗାରେ ଜଳ ନିଷ୍କାସନ କିପରି ହେଉଥିବ ତାହା ସହଜରେ ଅନୁମେୟ। ବର୍ଷା ଋତୁରେ ସଫେଇରେ ଜଳସ୍ତର ବୃଦ୍ଧି ପାଇ ଚାଷଜମିରେ ଜମାହୋଇ ରହୁଛି। ବହୁତ ଦିନ ପର୍ଯ୍ୟନ୍ତ ଏପରି ରହିବା ଫଳରେ ଧାନ ଗଛ ପଚିଯାଉଛି।

ଚାଷୀ ପ୍ରତିବର୍ଷ ଅଭିଯୋଗ କଲେ ମଧ ତାହା ଉପରେ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅପର ପକ୍ଷରେ ଏରସମା ଏକ କୃଷି ପ୍ରଧାନ ଅଞ୍ଚଳ ହୋଇଥିବାରୁ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭର କରି ଜିବୀକା ନିର୍ବାହ କରନ୍ତି। ମାତ୍ର ଏଭଳି ପରିସ୍ଥିତି ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହୋଇ ଦୁର୍ଦ୍ଦିନରେ କାଳାତିପାତ କରୁଛିଛନ୍ତି। ଏ ସମ୍ପର୍କରେ ଚାଷୀ ଅଭିଜିତ ସାହୁ କହିଛନ୍ତି ଯେ, ପ୍ରତିବର୍ଷ କ୍ଷତି ସହିଲେ ମଧ ପ୍ରଶାସନ ଚାଷୀଙ୍କ ଦୁଃଖ ବୁଝିବାକୁ ଆନ୍ତରିକତା ପ୍ରକାଶ କରୁନି। କେବଳ ଆଡି ବନ୍ଧ ଭଙ୍ଗା ନାଟକ ପ୍ରତିବର୍ଷ ଆମେ ଦେଖୁଛୁ । ତାହା କେବଳ ଧର୍ମକୁ ଆଖିଠାର, ସେଥିରେ କିଛି ମୂଲ୍ୟ ନାହିଁ। ସେହିପରି ସୁବ୍ରତ ସାମନ୍ତ କହିଛନ୍ତି ଯେ, ଗତବର୍ଷ ଚାଷୀଙ୍କୁ ନେଇ ଆନ୍ଦୋଳନ କରିଥିଲି। ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲି। ମାତ୍ର କିଛି ଫଳ ମିଳିଲା ନାହିଁ। ଏ ବର୍ଷ ଯଦି ପଦକ୍ଷେପ ନିଆ ନ ଯାଏ, ତେବେ ଆନ୍ଦୋଳନକୁ ଜୋରଦାର କରାଯିବ।



ସଫେଇରେ କରାଯାଇଥିବା ଆଡ଼ିବନ୍ଧ।

■ସଙ୍କୁଚିତ ହେଉଛି ଜଳ ପ୍ରବାହ ପଥ
■ଜଳ ନିଷ୍କାସନ ବାଧାପ୍ରାପ୍ତ, ବ୍ୟାପକ ଫସଲ ନଷ୍ଟ
■ଉପରଠାଉରିଆ ଉଚ୍ଛେଦ କରୁଛି ପ୍ରଶାସନ

## ସଂକ୍ଷେପରେ

### ବାତ୍ୟାବିପନ୍ନଙ୍କ ବଇରି ସାଜିଛି କାଳବୈଶାଖୀ

**ଡେରାବିଶ, ୧୬।୫ (ସ୍ୱ.ପ୍ର.):** ଗତ ୩ ତାରିଖରେ ହୋଇଥିବା ଫନୀ ବାତ୍ୟା ଡେରାବିଶ ବ୍ଲକ ଅଞ୍ଚଳରେ ବହୁ ଚାଳ ଛପର ଘର ଭାଙ୍ଗି ଥିବା ବେଳେ ଶହ ଶହ ଗଛ ଉପାଡ଼ି ଦେଇଛି। ଇତିମଧ୍ୟରେ ବାତ୍ୟାକୁ ୧୩ ଦିନ ବିତି ଥିବା ବେଳେ ଲୋକମାନଙ୍କୁ ଜରିପାଲ ଖଣ୍ଡେ ମିଳିନି। ଅନେକେ ଏବେ ବି ସେହି ଖଣ୍ଡିଆ ଚାଳ ତଳେ ମୁଣ୍ଡ ଗୁଞ୍ଜିଛନ୍ତି। ତେବେ ବାତ୍ୟା ପ୍ରଭାବିତଙ୍କ ପାଇଁ ବଇରି ସାଜିଛି କାଳବୈଶାଖୀ। ବୁଧବାର ସନ୍ଧ୍ୟାରେ ହଠାତ୍ ଧୂଳିଝଡ଼ ସହ କଳାହାଣ୍ଡିଆ ମେଘ ଯୋଗୁ ଲୋକମାନେ ଅତିଷ୍ଠ ହୋଇପଡ଼ିଛନ୍ତି। ପ୍ରବଳ ବେଗରେ ପବନ ବହିବା ସହ ଜୋରରେ ବର୍ଷା ହେବା ଯୋଗୁ ଭଙ୍ଗା ଚାଳରେ ଥିବା ଆଉ କିଛି ଛଣ ବି ଉଡିଯାଇଛି। ଏପରି କି ଘର ଭିତରେ ବର୍ଷାପାଣି ପଶିଯିବାରୁ ଲୋକମାନେ ରାତିରେ ଭୋକ ଉପାସରେ ଶୋଉଥିବା ଜଣାପଡ଼ିଛି। ତେବେ ଘର ଭାଙ୍ଗିଥିବା ଲୋକଙ୍କୁ ସରକାରଙ୍କ ପକ୍ଷରୁ ପାଲ ଯୋଗାଇ ଦେବାକୁ ବିପନ୍ନ ପରିବାର ପକ୍ଷରୁ ଦାବି ହୋଇଛି।

# ବାତ୍ୟାରେ ଭାଙ୍ଗିଲା ରାମଚନ୍ଦ୍ର ନୋଡାଲ ୟୁପି ସ୍କୁଲ

**ପଟ୍ଟାମୁଣ୍ଡାଇ,୧୬।୫ (ସ୍ୱ.ପ୍ର)**

ସାମୁଦ୍ରିକ ବାତ୍ୟା ଫନୀ ପ୍ରଭାବରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବହୁ କଚ୍ଚା ଘର ସହ ସ୍କୁଲ ଘର ଭାଙ୍ଗିଯାଇଛି । ବିଶେଷ କରି ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ରାମଚନ୍ଦ୍ର ନୋଡାଲ୍ ୟୁପି ସ୍କୁଲ ଘର ବିଶେଷ କ୍ଷତିଗ୍ରସ୍ତ ହୋଇଛି। ଏବେ ପ୍ରଥମ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮ଟି ଶ୍ରେଣୀରେ ଅଧ୍ୟୟନ କରୁଥିବା ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନଙ୍କ ପାଇଁ ବସିବାକୁ ଶ୍ରେଣୀଗୃହ ନାହିଁ । ୫ଟି ଶ୍ରେଣୀ ଗୃହ ମଧ୍ୟରୁ ଫନୀ ମାଡରେ ୩ଟି ଶ୍ରେଣୀଗୃହ ଭାଙ୍ଗି ଯାଇଥିବା ବେଳେ ଗୋଟିଏ ପାର୍ଶ୍ୱର କାନ୍ଥ ଭାଙ୍ଗି ଭୁସୁଡି ପଡିଛି । ଫଳରେ ଛାତ୍ରୀଛାତ୍ରମାନେ ଶ୍ରେଣୀଗୃହରେ ବସି ପାଠପଢିବା ସମ୍ଭବ ହେବ ନାହିଁ । ଦୀର୍ଘ ଦିନ ହେଲା ଆଜବେଷ୍ଟସ ଘରକୁ ପକ୍କା ଗୃହ କରିବା ପାଇଁ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ଦାବି କରି ଆସୁଛନ୍ତି । ମାତ୍ର ଏ ପର୍ଯ୍ୟନ୍ତ ନୂତନ ଗୃହ ନିର୍ମାଣ ଦାବି ପୂରଣ ହୋଇନାହିଁ । ସ୍କୁଲ ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ମଲିକଙ୍କ ସମେତ ଦୁର୍ଯ୍ୟୋଧନ ପରିଡା, ନିରଞ୍ଜନ ସେଠୀ, ବାବୁରାମ ବେହେରା, ଗଗନ ବିହାରୀ ପରିଡା, ଶରତ ମଲିକ, କଳାକର ମଲିକ ଓ ଅଭିଭାବକମାନେ ତୁରନ୍ତ ସ୍କୁଲ ଗୃହ ମରାମତି ପାଇଁ ଦାବି କରିଛନ୍ତି । ଅନ୍ୟପକ୍ଷରେ ଉକ୍ତ ସ୍କୁଲକୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ପରିଣତ କରିବା ପାଇଁ ଶ୍ରୀରାମପୁର ସରପଞ୍ଚ ବିରଞ୍ଚି ନାରାୟଣ ଦାଶ ଦାବି କରିଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ସ୍କୁଲ ଗୃହ ମରାମତି କରା ନ ଗଲେ ପିଲାମାନଙ୍କ ପାଠପଢା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।



ବାତ୍ୟାରେ ଭାଙ୍ଗିଯାଇଥିବା ସ୍କୁଲ ଗୃହ।

# ରାଶନ କାର୍ଡ ନ ଥିବା ଲୋକେ ରିଲିଫ ପାଇବାରୁ ବଞ୍ଚିତ

**ପଟ୍ଟାମୁଣ୍ଡାଇ,୧୬।୫ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ପଞ୍ଚାୟତରେ ରାଶନ କାର୍ଡ ନ ଥିବା ପରିବାରଙ୍କୁ ରିଲିଫ୍ ମିଳୁନାହିଁ । ବାତ୍ୟା ଫନୀ ପ୍ରଭାବରେ ସମସ୍ତେ ପ୍ରଭାବିତ ହୋଇଥିବା ବେଳେ କାର୍ଡ ନ ଥିବା ପରିବାରଙ୍କୁ ରିଲିଫ୍ ନ ମିଳିବା ଫଳରେ ସେମାନେ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । ଅନେକ ରିଲିଫ୍ ବଣ୍ଟନ କେନ୍ଦ୍ରକୁ ଯାଇ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ରାଶନ କାର୍ଡ ଥିବା ଲୋକଙ୍କୁ ସରକାରୀ ଘୋଷଣା ମୁତାବକ ରିଲିଫ୍ ମିଳୁନାହିଁ । ବଡଲୋକଙ୍କୁ ମୁଣ୍ଡପିଛା ଦିନକୁ ୧କିଲୋ ଓ ଛୋଟ ପିଲାମାନଙ୍କୁ ମୁଣ୍ଡ ପିଛା ୫୦୦ଗ୍ରାମ ଚାଉଳ ୩ ଦିନ ପାଇଁ ଦେବାକୁ ଘୋଷଣା କରାଯାଇଥିଲା । କିନ୍ତୁ ଘୋଷଣା ମୁତାବକ ରିଲିଫ୍ ମିଳୁନାହିଁ ବୋଲି ବାତ୍ୟା ବିପନ୍ନ ଶ୍ରୀରାମପୁର ପଞ୍ଚାୟତ ଉଦୟପୁର ଗ୍ରାମର ପରମେଶ୍ୱର ବେହୁରା, ଅକ୍ଷୟ କୁଣ୍ଡ, ଅନ୍ତର୍ଯ୍ୟାମୀ କୁଣ୍ଡ, କୁଶନାଥ କୁଣ୍ଡ, ଶୀବସ୍ତ କୁଣ୍ଡ, ବେଣୁଧର ନାୟକ, ଅକ୍ଷୟ ଦାସ, କିଶୋର ଦାସ, ଅଶୋକ ଦାସ, ରମାକାନ୍ତ ଷଡଙ୍ଗୀ, ଅଭୟ ସାହୁ , ରତ୍ନାକର କୁଣ୍ଡ, ବେଣୁଧର ନାୟକ, ସୁରେନ୍ଦ୍ର କୁଣ୍ଡ ଅଭିଯୋଗ କରିଛନ୍ତି । ସେହିପରି ଶ୍ରୀରାମପୁର ଗ୍ରାମର କୁଳମଣି ସେଠୀ, ବାବାଜୀ ସେଠୀ, ବିନୋଦ ସେଠୀ, ଚକ୍ରଧର ନାୟକ, ଆତଙ୍ଗ ନାୟକ, ଚକ୍ରଧର ନାୟକ, ବିପିନ୍ ସେଠୀ, କୃତ୍ତିବାସ ପରିଡା, ଶିବ ପରିଡା ପ୍ରମୁଖ ରାଶନ କାର୍ଡ ନ ଥିବାରୁ ସରକାରୀ ରିଲିଫ୍ ପାଇବାରୁ ବଞ୍ଚିତ ହୋଇଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି । ରାଶନ କାର୍ଡ ନ ଥିବା ଏହି ଲୋକମାନେ କିପରି ରିଲିଫ୍ ପାଇବେ ସେ ନେଇ ବ୍ଲକ ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହୋଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଚିଲେ ନ ରୁଚେ ଖଣ୍ଡ ଶାକର,**
**ଚାଟି ବୁଲୁଥାନ୍ତି ପର ପତର ।**

ଆମ ସମାଜରେ ଏପରି କେତେଜଣ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନ ସମ୍ମାନକୁ ଖାତିର ନ କରି ପର ଆଗରେ ହାତ ପତେଇଥାନ୍ତି। ଅଥଚ ଆଉ କେହି ଭଲ ଭାବେ ଅଭ୍ୟର୍ଥନା କଲେ ମଧ୍ୟ ସେ ତାହାକୁ ଗ୍ରହଣ ନ କରି ନାନା ସମାଲୋଚନା କରିଥାନ୍ତି। ପ୍ରକୃତି ଛଡ଼ା ବ୍ୟକ୍ତିଙ୍କ ଏପରି ରଙ୍ଗଢଙ୍ଗ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାହାର ମା' ନାହିଁ,**
**ତା'ର ନାଁ ନାହିଁ ।**

କୁହାଯାଏ ଈଶ୍ୱର ସବୁ ସ୍ଥାନରେ ପହଞ୍ଚିପାରିବେ ନାହିଁ ବୋଲି ସେ ମା'କୁ ସୃଷ୍ଟି କରିଛନ୍ତି। ଅର୍ଥାତ୍ ସନ୍ତାନ ପାଇଁ ମା' ହେଉଛି ଦ୍ୱିତୀୟ ଈଶ୍ୱର। ସ୍ନେହ, ମମତା, ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ଶୈଶବରୁ ଆରମ୍ଭ କରି ଉତ୍ତମ ନାଗରିକରେ ପରିଣତ ହେବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ମା' ଉପରେ ନ୍ୟସ୍ତ ଥାଏ। ପାଖରେ ମା' ଥିଲେ ସନ୍ତାନ ନିଜକୁ ସୁରକ୍ଷିତ ମନେକରିଥାଏ। ପରନ୍ତୁ ଯାହାର ମା' ନ ଥାଏ ସେ ସନ୍ତାନ ଦୁଃଖକଷ୍ଟ ପାଇବା ସହ ଅବହେଳାର ଶିକାର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସାଇବାବାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ମାର୍ଶାଘାଇ,୧୬।୫ (ଡିଏନ୍ଏ):** ମାର୍ଶାଘାଇ ବ୍ଲକ ପିକରାଳୀ ଗ୍ରାମରେ ମଙ୍ଗଳବାର ଶ୍ରୀଶିରିଡ଼ି ସାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଏବଂ ମହାବୀରଙ୍କ ତୃତୀୟ ବାର୍ଷିକ ମହାଯଜ୍ଞ ଶୁଭାରମ୍ଭ ହୋଇଛି। ଗ୍ରାମର ଶତାଧିକ ମହିଳା ଓ ଯୁବକ ଚିତ୍ରୋତ୍ପଳା ନଦୀରୁ ସ୍ନାନ ସାରି କଳସ ଶୋଭାଯାତ୍ରାରେ ସାଇ ବାବାଙ୍କ ମନ୍ଦିର ପରିସରରେ ପହଞ୍ଚିଥିଲେ। ପରେ କଳସ ପୂଜା, ଗୋ– ପୂଜା ,ସୂର୍ଯ୍ୟପୂଜା ଆଦି କାର୍ଯ୍ୟକ୍ରମ କରାଯାଇଥିଲା ।


## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ରତନ କୁମାର ନନ୍ଦ**
ରାଜୀବ ନଗର, ବଲାଙ୍ଗୀର
ଆବିର୍ଭାବ: ୦୭।୧୦।୧୯୬୨
ତିରୋଧାନ: ୦୮।୦୫।୨୦୧୭
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାର– ମା, ସ୍ତ୍ରୀ, ପୁଅ, ଭାଇ, ଭଉଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ–୧୨୫୩୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ବସନ୍ତ କୁମାରୀ ଦାସ**
ଆବିର୍ଭାବ: ୦୭।୧୧।୧୯୪୯
ତିରୋଧାନ: ୨୯।୦୪।୨୦୧୯
ତୁମ ସେବା, ତ୍ୟାଗ ଆଉ ମମତା ଆମ ସମସ୍ତଙ୍କୁ ସବୁଦିନ ପାଇଁ ଋଣୀ କରି ରଖିଦେଲା।
**ଶୋକସନ୍ତପ୍ତ**
ସ୍ୱାମୀ।
ଧ–୧୨୫୧୨

**ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ଆରତୀ ନାଥ**
ଆବିର୍ଭାବ : ୨୭.୧୨.୧୯୭୧, (ଶାମ୍ବଦଶମୀ)
ତିରୋଧାନ : ୧୨.୦୫.୨୦୧୪, (ବୈଶାଖ ତ୍ରୟୋଦଶୀ)
ତୁମ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଅନୁଶାସନ ଚିର ସ୍ମରଣୀୟ । ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ୱାମୀ - ପ୍ରେମାନନ୍ଦ, ଝିଅ - ଆଶା, ବଡ଼ଝିଅ - ଲିସା, ଜ୍ୱାଇଁ - ଚିଣ୍ଟୁ, ଉଦ୍ଧବ ଭାଇନା, ବିଜୁ ନାନୀ, ସତୀଶ ଭାଇନା, କୁନି ନାନୀ, ତଥା ବନ୍ଧୁ ପରିଜନ ଓ ପରିବାରବର୍ଗ
D-66524


# ବିବାହର ଦୁଇମାସ ପରେ ପ୍ରେମିକ ସହ ନବବଧୂ ଛୁ

**ରାଜନଗର,୧୬।୫ (ଡିଏନଏ):** ବିବାହର ଦୁଇମାସ ପରେ ବାପ ଘରକୁ ବୁଲି ଆସିଥିବା ଜଣେ ନବବଧୂ ପ୍ରେମିକ ସହିତ ଛୁ ମାରିଛି । ଏ ନେଇ ଗୁରୁବାର ରାଜନଗର ଥାନାରେ ଅଭିଯୋଗ ହୋଇଛି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ପଟ୍ଟାମୁଣ୍ଡାଇ ଥାନା ଅନ୍ଧାରୁଆ ଗ୍ରାମର ଜଣେ ଯୁବକ ଗତ ମାର୍ଚ୍ଚ ୨ ତାରିଖରେ ରାଜନଗର ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ଜଣେ ଯୁବତୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ଏକ ମାସ ପରେ ସଂପୃକ୍ତ ଯୁବକ ଜଣକ କାମ କରିବାକୁ ବମ୍ବେ ଚାଲି ଯାଇଥିଲେ । ୧୫ ଦିନ ତଳେ ବାପ ଘର ଲୋକେ ଝିଅକୁ ଘରକୁ ଆଣିବାକୁ ତାର ଶାଶୁ ଘରେ ପହଞ୍ଚି ଥିଲେ । ଚଳିତ ମାସ ୬ ତାରିଖ ଦିନ ଭାଇ ସହିତ ସଂପୃକ୍ତ ଯୁବତୀ ବାପ ଘରକୁ ଆସିଥିଲେ। ଆସିବା ସମୟରେ ବିବାହ ବେଳେ ବାପଘରୁ ନେଇଥିବା ଓ ଶାଶୁଘରେ ମିଳିଥିବା ସମସ୍ତ ସୁନା ଗହଣା ପିନ୍ଧିକି ଆସିଥିଲେ। କିନ୍ତୁ ବାପ ଘରେ ଥିବା ବେଳେ ନିଜ ଦେହ ଖରାପ ଥିବା କହି ନିକଟରେ ଭାଇ ସହିତ ରାଜନଗର ମେଡିକାଲକୁ ଯାଇଥିଲେ। ମେଡିକାଲରେ ଡାକ୍ତରଙ୍କୁ ଦେଖାଇ ସାରିବା ପରେ ଭାଇ ମେଡିସିନ କିଣିବାକୁ ଯାଇଥିଲେ। ଏହି ସୁଯୋଗରେ ଯୁବତୀ ଜଣକ କେଉଁଆଡେ ଫେରାର ହୋଇ ଯାଇଥିଲେ । ତାଙ୍କ ଭାଇ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଶେଷରେ ଏ ନେଇ ସେ ରାଜନଗର ଥାନାରେ ଲିଖିତ ଭାବେ ଜଣାଇଥିଲେ । ଗୁରୁବାର ଶ୍ୱଶୁର ଘର ଲୋକେ ମଧ୍ୟ ଏ ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରାଜନଗର ଥାନା ଆଇଆଇସି ତପନ କୁମାର ନାୟକଙ୍କୁ ପଚାରିବାରୁ ଭାଇ ଓ ଶ୍ୱଶୁର ଦୁଇଟି ଅଭିଯୋଗ କରିଥିବା କହିଛନ୍ତି। ଯୁବତୀ ଜଣକ ପ୍ରେମିକ ସହିତ କେଉଁଆଡେ ଚାଲିଯାଇଥିବା ସୂଚନା ମିଳିଛି।

# କେନ୍ଦ୍ରାପଡ଼ା ଜିଲା ଜନମଞ୍ଚର ବୈଠକ

**ପଟ୍ଟାମୁଣ୍ଡାଇ, ୧୬।୫ (ସ୍ୱ.ପ୍ର)**

କେନ୍ଦ୍ରାପଡା ଜିଲା ଜନମଞ୍ଚ ପକ୍ଷରୁ ଗୁରୁବାର ପଟ୍ଟାମୁଣ୍ଡାଇ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆବାହକ ଦୁର୍ଯ୍ୟୋଧନ ପରିଡା ଅଧ୍ୟକ୍ଷତା କରିଥିଲେ। ବିଧାୟକ ଓ ଏମ୍‌ପି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀମାନେ ନିର୍ବାଚନରେ ଜିତିବା ପରେ ବିଭିନ୍ନ ସମସ୍ୟା ନେଇ ଜନମଞ୍ଚ କରୁଥିବା ଆନ୍ଦୋଳନରେ ସାମିଲ ହେବାକୁ ବୈଠକରେ ଆହ୍ୱାନ କରାଯାଇଛି । ବରିଷ୍ଠ ସଦସ୍ୟ ଗୌରାଙ୍ଗ ବେହେରା ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ, କୃପାସିନ୍ଧୁ ପରିଡା, ଅନ୍ତର୍ଯ୍ୟାମୀ ପରିଡା, କ୍ଷେତ୍ରବାସୀ ପ୍ରଧାନ, କୃପାସିନ୍ଧୁ ସାମଲ, ପାରେଶ୍ୱର ବିଶ୍ୱାଳ, ରବୀନ୍ଦ୍ର ପରିଡା, ବୀରେନ୍ଦ୍ର ସାମଲ, ବ୍ରଜବନ୍ଧୁ ବେହେରା, ଉମେଶ ସାମଲ, ସରୋଜ ପଣ୍ଡା, ଗୋକୁଳ ଚନ୍ଦ୍ର ରାଉତ, ସର୍ବେଶ୍ୱର ସେଠୀଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇ ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା ପାଇଁ ପ୍ରଶାସନ ଦୃଢ ପଦକ୍ଷେପ ନେବା ଜରୁରୀ ବୋଲି ମତ ପ୍ରକାଶ କରିଥିଲେ । ବୈଠକରେ କେନ୍ଦ୍ରାପଡା ଜିଲାରେ ଏକ ମେଡିକାଲ କଲେଜ ସହିତ ସୁପର ସ୍ପେସିଆଲିଟ୍ ହସ୍‌ପିଟାଲ, ଏକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା, ବନ୍ୟା ନିୟନ୍ତ୍ରଣ ପାଇଁ ବିହିତ ପଦକ୍ଷେପ, କୃଷି ଓ ଶିକ୍ଷାର ଉନ୍ନତି, ଶିକ୍ଷା ଓ ପରିବେଶ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଫନୀରେ ଅକାଳ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଆସନ୍ତା ମାସରେ ରାଜନଗର ବ୍ଲକରେ ପରବର୍ତ୍ତୀ ଜନମଞ୍ଚ ବୈଠକ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା । ଶେଷରେ ନଟବର ସେଠୀ ଧନ୍ୟବାଦ ଦେଇଥିଲେ। ଚଳିତ ମାସ ଶେଷ ସପ୍ତାହରେ ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁରଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଥିଲା ।



ବୈଠକରେ ଉପସ୍ଥିତ ଜନମଞ୍ଚର ଆବାହକ ଓ ସଦସ୍ୟମାନେ।


## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
[ 8221048110 ]
T-51, Gautam Nagar, Galli-8, Delhi

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

ASTROLOGY

FINANCE

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩–୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

See Color Display Classified on every Tuesday & Friday

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ଆଠଗଡ, ୧୬।୫(ସ୍ୱ.ପ୍ର.): ଆଠଗଡ ହାଉସିଂବୋର୍ଡ କଲୋନୀସ୍ଥିତ ବିଜୟ କୁମାର ରଥଙ୍କ ସ୍ତ୍ରୀ ବର୍ଷା ରଥ (୩୪) ଗୁରୁବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ପୂର୍ବାହ୍ନ ସମୟରେ ବର୍ଷା ଘର ପଛପଟେ ନିତ୍ୟକର୍ମ କରୁଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଆଠଗଡ ଥାନାରେ ଖବରଦିଆଯିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏଥିସହ ମାମଲା (ନଂ-୧୭/୧୯)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ସିଂହପୁର,୧୬।୫(ଡି.ଏନ୍.ଏ.)- ସିଂହପୁର ଅନ୍ତର୍ଗତ ଏରଡଙ୍ଗ ପଞ୍ଚାୟତ କୁସୁମୀ ଗ୍ରାମରେ ନୂତନ କୁଶେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ୫ ଦିନ ବ୍ୟାପୀ ପାଳିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ରୀତିନୀତିରେ ପୂଜା, ପ୍ରବଚନ, କଳସ ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ତଥା ରାଜନୈତିକ ବ୍ୟକ୍ତି ଓ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

### ୧୯୬ ନମ୍ବର ବୁଥ୍‌ରେ ହେବ ସାନି ମତଦାନ

କଳିଙ୍ଗନଗର,୧୬।୫(ଡି.ଏନ୍.ଏ.): ସୁକିନ୍ଦା ନିର୍ବାଚନମଣ୍ଡଳୀ ଦାନଗଦୀ ବ୍ଲକ ଅଧୀନ ଓଲଳ ପଞ୍ଚାୟତ ବୁଥ୍ ନଂ ୧୯୬ରେ ୧୯ ତାରିଖ ଦିନ ସାନି ମତଦାନ କରାଯିବ । ଏ ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବୁଥ୍‌ରେ ୮୨୩ ଜଣ ଭୋଟର ଅଛନ୍ତି। ୧୯ ତାରିଖ ସକାଳ ୭ ଟାରୁ ଅପରାହ୍ନ ୬ ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ବିଜ୍ଞପ୍ତି ଜାରି କରିଛନ୍ତି। ଏହି ବୁଥ୍‌ରେ ଭୋଟ୍ ଗ୍ରହଣ ଦିନ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା।

### ମା' ମଙ୍ଗଳା ଯଜ୍ଞ ପୂର୍ଣ୍ଣାହୁତି

ଧର୍ମଶାଳା,୧୬।୫(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଇମାମନଗର ଗ୍ରାମରେ ମା' ମଙ୍ଗଳାଙ୍କ ୩ ଦିନିଆ ବିଶ୍ୱଶାନ୍ତି ଯଜ୍ଞ ଉତ୍ସବ ବୁଧବାର ପୂର୍ଣ୍ଣାହୁତି ହୋଇଯାଇଛି। ଗତ ୧୩ ତାରିଖଠାରୁ ଯଜ୍ଞ ଆରମ୍ଭ ହୋଇଥିଲା। ଏହି ଅବସରରେ ପ୍ରତିଦିନ ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି ମାନସିକ ଭିକ୍ଷା କରିଥିଲେ। କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳାର ବ୍ୟବସ୍ଥା କରାଯାଇଥିଲା।

# ଜଳ ଯୋଗାଣ ନାଁରେ ମିଥ୍ୟା ବିଲ୍ ମସୁଧା

**ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ**
- ଭଡ଼ାରେ ଲାଗିଛି ୨୮ ଡିଜି ସେଟ୍, କିନ୍ତୁ ଭଡ଼ା ଛିଡିନି
- କେତେ ଲିଟର ତେଲ ବ୍ୟବହାର ହୋଇଛି ସୂଚନା ନାହିଁ
- କେଉଁ ଅଞ୍ଚଳରେ ପିଇବା ପାଣି ଦିଆଯାଇଛି କୁହାଯାଉନି

ଜଗତ୍‌ସିଂହପୁର ଅଫିସ,୧୬।୫

ବାତ୍ୟା ଫନୀ ପରେ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର ଓ କ୍ଷୟକ୍ଷତି ଆକଳନ କାର୍ଯ୍ୟ ଚାଲିଥିବା କୁହାଯାଉଛି। ସେହି ଅନୁଯାୟୀ ଜଗତ୍‌ସିଂହପୁର ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (ଆରଡବ୍ଲ୍ୟୁଏସ୍ଏସ୍) ପକ୍ଷରୁ ଲୋକଙ୍କୁ ପାନୀୟଜଳ ଯୋଗାଇବା ପାଇଁ ୩୨ଟି ଡିଜି (ଡିଜେଲ ଜେନେରେଟର) ସେଟ୍ ଓ ୭୫ଟି ଟ୍ୟାଙ୍କର ବ୍ୟବହାର ହୋଇଥିବା ଦର୍ଶାଯାଇଛି। କିନ୍ତୁ ବାସ୍ତବରେ ପାନୀୟଜଳ ଯୋଗାଣ ନାଁରେ ମିଥ୍ୟା ସୂଚନା ଦେଇ ଅର୍ଥ ଆତ୍ମସାତ କରିବାକୁ ମସୁଧା ଚାଲିଥିବା ଅଭିଯୋଗ ହେଉଛି। ଏହି ଅଭିଯୋଗକୁ ଦୃଢ଼ କରିଛି ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନାଙ୍କ ମନ୍ତବ୍ୟ। ସେ କହିଛନ୍ତି ଯେ, ଜିଲାରେ ଲାଗିଥିବା ୩୨ଟି ଡିଜି ସେଟ୍ ମଧ୍ୟରୁ ୨୮ଟି ଭଡ଼ାରେ ଲାଗିଛି। କିନ୍ତୁ କୌଣସିଟିର ଭଡ଼ା ଛିଡିନି କି ଚୁକ୍ତି ହୋଇନି। କେତେ ଟଙ୍କା ଭଡ଼ା ଦେବାକୁ ପଡ଼ିବ ଆଲୋଚନା ପରେ ନିଷ୍ପତ୍ତି ହେବ। କେବଳ ଏତିକି ନୁହେଁ, ୭୫ଟି ଟ୍ୟାଙ୍କରରେ ପାନୀୟଜଳ ଯୋଗାଣ ହେଉଥିବା ସେ ସୂଚନା ଦେଇଛନ୍ତି। ହେଲେ ଡିଜି ସେଟ୍ ଓ ଟ୍ୟାଙ୍କର ଚାଲିବା ପାଇଁ କେତେ ଡିଜେଲ ବ୍ୟବହାର ହୋଇଛି ସେ ସମ୍ପର୍କିତ ତଥ୍ୟ ଦେବାକୁ ମଧ୍ୟ ନିର୍ବାହୀ ଯନ୍ତ୍ରୀ ଅସମର୍ଥତା ପ୍ରକାଶ କରିଛନ୍ତି। ଜିଲାରେ ଆର୍‌ଡବ୍ଲ୍ୟୁଏସ୍ଏସ୍‌ର ଅନେକ ପ୍ରକଳ୍ପ ଅଚଳ ଅଛି। କିନ୍ତୁ ସେଗୁଡିକ କାର୍ଯ୍ୟକ୍ଷମ ଥିବା ଦର୍ଶାଯାଉଛି। ବାତ୍ୟା ପରେ ହେଉଥିବା ଖର୍ଚ୍ଚର ଅଡିଟ୍ ହେଉ ନ ଥିବାରୁ ବିଭାଗ ଏଭଳି ଅର୍ଥ ଆତ୍ମସାତ ମସୁଧା କରୁଥିବା ଅଭିଯୋଗ ହେଉଛି।

ନିର୍ବାହୀ ଯନ୍ତ୍ରୀ ଜେନାଙ୍କ ସୂଚନା ଅନୁଯାୟୀ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ୩୨ ଡିଜି ମଧ୍ୟରୁ ୧୦ଟି ବାହାର ଜିଲାରୁ ଭଡ଼ା ସୂତ୍ରରେ ଆସିଛି। ଏହି ୧୦ ମଧ୍ୟରୁ ଭଦ୍ରକରୁ ୨, ଯାଜପୁରରୁ ୨, ଏଲ୍ ଆଣ୍ଡ ଟି ପକ୍ଷରୁ କେନ୍ଦ୍ରାପଡ଼ାରୁ ୨, ଜଗତ୍‌ସିଂହପୁର ୧ ଓ ବାଲେଶ୍ୱରରୁ ୩ଟି ଆସିଛି। ବାଲେଶ୍ୱରରୁ ୫ ଡିଜି ସେଟ୍ ଆସିଥିବା ବେଳେ ୨ଟି ଖରାପ ଥିବାରୁ ଫେରାଯାଇଥିଲା। ବିଭାଗରେ ୪ଟି ରହିଛି। ସେଥିରୁ ୩ଟି କୁଜଙ୍ଗ ଓ ୧ଟି ତିର୍ତ୍ତୋଲ ଅଞ୍ଚଳରେ ରଖାଯାଇଛି। ବିଭାଗୀୟ ଚିଫ୍ ଇଞ୍ଜିନିୟରଙ୍କ ନିର୍ଦ୍ଦେଶରେ ୪ଟି ନୟାଗଡ଼ ଜିଲାରୁ ଅଣାଯାଇଥିଲା। ସେଗୁଡିକ ମଧ୍ୟରୁ ୨ଟି ପୃଥକ ସମୟରେ ଖରାପ ହୋଇଥିଲା। ଗୋଟିଏ ସଜଡା ଯାଇ କାମରେ ଲଗାଯାଇଛି ଓ ଅନ୍ୟଟି ଫେରାଯାଇଛି। ଅନୁରୂପ ଭାବେ ମଣ୍ଡାସାହିରୁ ୧, ପାରଳାଖେମୁଣ୍ଡିରୁ ୪ ଓ ଯାଜପୁରରୁ ୨ଟି ଜଣେ ଠିକାଦାରଙ୍କ ମାଧ୍ୟମରେ ଅଣାଯାଇଛି। ପାରାଦୀପରୁ ୪ଟି ଆସିଥିଲା। ୧ଟି ଖରାପ ହୋଇଯିବାରୁ ଫେରାଯାଇଥିଲା। ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ନାଉଗାଁ ସେକ୍ସନ୍, ବାଲିକୁଦା, ବିରିଡ଼ି ଓ ରଘୁନାଥପୁର ସେକ୍ସନ୍‌ରେ ଗୋଟିଏ ହିସାବରେ ଡିଜି ସେଟ୍ ବ୍ୟବହାର ହେଉଛି। ଉକ୍ତ ଡିଜି ସେଟ୍ ମାଧ୍ୟମରେ ୧୪୯ଟି ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଉଛି। ଅନ୍ୟପଟେ ଜିଲାରେ ୨୫୫ ପ୍ରକଳ୍ପ ମଧ୍ୟରୁ ୧୦୧ଟି ବିଦ୍ୟୁତ ଓ ସୌର ଶକ୍ତି ମାଧ୍ୟମରେ ଜଳ ଯୋଗାଣ କରୁଛି ବୋଲି ଦର୍ଶାଯାଇଛି। ବାସ୍ତବରେ ବାତ୍ୟା ପରେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଥିବାବେଳେ ଅନେକ ସୌର ପ୍ରକଳ୍ପ ବାତ୍ୟା ପୂର୍ବରୁ ଅଚଳ ଥିଲା। ବାତ୍ୟାରେ ମଧ୍ୟ ଏକାଧିକ ଅଚଳ ହୋଇଛି। ଓରେଡା (ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା) ଜଗତ୍‌ସିଂହପୁର ଶାଖା ପକ୍ଷରୁ କୁହାଯାଇଛି ଜିଲାରେ ୧୧୬ଟି ସୋଲାର ଡୁଆଲ ପମ୍ପ ବସାଯାଇଛି। ପ୍ରତି ପମ୍ପ ଅଞ୍ଚଳରେ ୫,୦୦୦ ଲିଟର ପାଣି ରହିଲା ପରି ଟାଙ୍କି କରାଯାଇଥିଲା। ସେହି ସ୍ଥାନରେ ୩/୪ଟି ଟ୍ୟାପ୍ ସଂଯୋଗ ହୋଇଥିଲା। ଏ ବାବଦରେ ଜିଲାରେ ପ୍ରାୟ ୪,୬୦,୫୨,୦୦୦ ଟଙ୍କା ଖର୍ଚ୍ଚ ହୋଇଛି। ଫନୀ ପରେ ୮୫ଟିର ସ୍ଥିତି ଅନୁଧ୍ୟାନ ହୋଇଥିଲା। ସେଗୁଡିକ ମଧ୍ୟରୁ ୧୬ଟି କ୍ଷତିଗ୍ରସ୍ତ ହୋଇଛି। ଅବଶିଷ୍ଟ ଅନୁଧ୍ୟାନ ପରେ ଜଣାପଡ଼ିବ। କିନ୍ତୁ ଯେଉଁଗୁଡିକ ସଚଳ ଅଛି ବୋଲି ଦର୍ଶାଯାଉଛି, ସେଥିରୁ ଅଧିକାଂଶ କାର୍ଯ୍ୟକ୍ଷମ ନାହିଁ। ଆର୍‌ଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ଜିଲାରେ ପାଖାପାଖି ୨୪ଟି ସୌର ପ୍ରକଳ୍ପ ମାଧ୍ୟମରେ ପାନୀୟଜଳ ଯୋଗାଣ ପାଇଁ ପଦକ୍ଷେପ ନିଆଯାଇଥିଲା। ସେଥିରୁ ସରକାରୀ ଭାବେ ୭ଟି ଅଚଳ ଓ ୧୭ଟି କାର୍ଯ୍ୟକ୍ଷମ ଥିବା ଦର୍ଶାଯାଇଛି। ମାତ୍ର ସବୁ ସ୍ଥାନରେ ପ୍ରକଳ୍ପ କାମ କରୁନି। କେତେକ ସ୍ଥାନରେ ପ୍ରକଳ୍ପରେ ପାଣି ଉଠୁ ନ ଥିବାବେଳେ ଆଉ କେତେକରେ ପାଇପ୍ ଲାଇନ୍ ଠିକ ନ ଥିବାରୁ ଜଳ ଯୋଗାଣ ହୋଇପାରୁନି। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ଜେନା କହିଛନ୍ତି ଯେ ଯେହେତୁ ଡିଜି ସେଟ୍‌ର ଆବଶ୍ୟକତା ଥିଲା, ତେଣୁ ଭଡ଼ା ନ ଛିଡାଇ ସେମାନେ ଏହା ନେଇ ଆସିଥିଲେ। ନିର୍ଦ୍ଦେଶାଳୟ ଓ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ହସ୍ତକ୍ଷେପରେ ମଧ୍ୟ କେତୋଟି ଡିଜି ସେଟ୍ ଆସିଛି। କିନ୍ତୁ ଭଡ଼ା ବାବଦରେ ଉପରୁ କିଛି ଆଲୋଚନା ହୋଇନି। ବିଭାଗ ପକ୍ଷରୁ କୌଣସି ମିଥ୍ୟା ବିଲ୍ କରାଯାଇ ଅର୍ଥ ଆତ୍ମସାତ ପାଇଁ ଉଦ୍ୟମ ହେଉନାହିଁ ବୋଲି ସେ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ନେତା ରମାକାନ୍ତ ଭୋଇ ଓ ଅନ୍ୟମାନେ।

■ ସମସ୍ତ ବିପନ୍ନଙ୍କୁ ଅଧିକ ରିଲିଫ ପ୍ରଦାନ ଦାବି

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବ ଭାଜପା

ତିର୍ତ୍ତୋଲ,୧୬।୫(ଡି.ଏନ.ଏ.)

ଫନୀରେ କ୍ଷତିଗ୍ରସ୍ତ ସମସ୍ତ ଲୋକଙ୍କୁ ରିଲିଫ୍ ପ୍ରଦାନ ସହ ୫୦୦ଶହ ଟଙ୍କା ପରିବର୍ତ୍ତେ ୨୫୦୦ ଟଙ୍କା ସହାୟତା ପ୍ରଦାନ କରିବାକୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଦାବି ହୋଇଛି। ଏଥିସହ କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାଗଣାରେ କିରୋସିନ ପ୍ରଦାନ ପାଇଁ ଦାବି କରାଯାଇଛି। ତୁରନ୍ତ ଏହା କାର୍ଯ୍ୟକାରୀ କରା ନ ଗଲେ ଆଗାମୀ ଦିନରେ ଦଳ ପକ୍ଷରୁ ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ଚେତାବନୀ ଦିଆଯାଇଛି। ମଙ୍ଗଳବାର ତିର୍ତ୍ତୋଲ ନେହେରୁ ବଜାର ଦିଦି କଲୋନୀରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ନେତା ରମାକାନ୍ତ ଭୋଇ ଏହା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଆହ୍ଲାଦ ପରିଜା, ଭାଜପା ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନ, ହରିଶଙ୍କର ମହାନ୍ତି, ସୁଦୀପ୍ତ ନାଥ, ସାଗର ଦାସ, ରଶ୍ମିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ବିଭିନ୍ନ ଜନହିତକର ଯୋଜନାରେ ଅନିୟମିତତା

# ବିରିପଟା-ରାମବାଗ ମୁଖ୍ୟରାସ୍ତା ଅବରୋଧ

ଦଶରଥପୁର, ୧୬।୫(ଡି.ଏନ୍.ଏ.)

ଦଶରଥପୁର ବ୍ଲକ ଅଧୀନ ବିରୁହାଁ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଜନହିତକର ଯୋଜନାରେ ଅନିୟମିତତା କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସମ୍ପୃକ୍ତ ପଞ୍ଚାୟତବାସୀ ଗୁରୁବାର ବିରିପଟା-ରାମବାଗ ମୁଖ୍ୟରାସ୍ତା ବିରୁହାଁ ଛକ ଅବରୋଧ କରିଥିଲେ। ପଞ୍ଚାୟତର ଦିଲୀପ ଦେବତାଙ୍କ ନେତୃତ୍ୱରେ ସୁରଥ ନାଏକ, ବିକାଶ ନାଏକ, ରମେଶ ମଲ୍ଲିକ, ରତ୍ନାକର ତ୍ରିପାଠୀ, ରାଜୁ ମଲ୍ଲିକ୍, ଅକ୍ଷୟ ଦେବତା, ମଧୁସୂଦନ ଆଚାର୍ଯ୍ୟ, ଗଗନ ମଲ୍ଲିକ୍, ଦେବେନ୍ଦ୍ର ଦାଶ ଓ ସୀତାରାମ ଦେବତାଙ୍କ ସହ ଶତାଧିକ ପଞ୍ଚାୟତବାସୀ ରାସ୍ତା ଅବରୋଧରେ ସାମିଲ ହୋଇ ଟାୟାର ଜାଳି ପ୍ରତିବାଦ କରିଥିଲେ। ତେବେ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତା ଅବରୋଧ ହେବା ଦ୍ୱାରା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଦଶରଥପୁର ଅତିରିକ୍ତ ତହସିଲଦାର ଶ୍ୱେତପଦ୍ମା ଧଳ, ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ସୁଧାକର ନାୟକ, ମଙ୍ଗଳପୁର ଥାନାଧିକାରୀ ଅସିତ୍ ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହ ଅସ୍ଥାୟୀ ରିଲିଫ୍ ଯୋଗାଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ସମସ୍ୟାର ତୁରନ୍ତ ସମାଧାନ କରାଯିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶ ଯେ, ଗତ ତ୍ରିସ୍ତରୀୟ ନିର୍ବାଚନବେଳେ ଗ୍ରାମ-ନନ୍ଦିପୁର ପଞ୍ଚାୟତରୁ ବିଭାଜିତ ହୋଇ ନୂତନଭାବେ ବିରୁହାଁ ପଞ୍ଚାୟତ ଗଠିତ ହୋଇଥିଲା। ପଞ୍ଚାୟତକୁ 'ଫନୀ' କ୍ଷୟକ୍ଷତି ବାବଦେ ଜନସାଧାରଣଙ୍କ ପାଇଁ ରିଲିଫ୍ ଚାଉଳ ଆସିଥିଲା। ସମ୍ପୃକ୍ତ ପଞ୍ଚାୟତ ପକ୍ଷରୁ ୧୩ ତାରିଖଠାରୁ ଚାଉଳ ଗ୍ରହଣ କରାଯାଇଥିଲେ ମଧ୍ୟ ଏଯାବତ୍ ବଣ୍ଟନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସେହିପରି କିଛିମାସ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପିଠା ଯୋଜନାରେ ରାଶନ କାର୍ଡଧାରୀଙ୍କୁ ଯୋଗାଇ ଦିଆଯାଉଥିବା ଏଲ୍ଇଡି ବଲ୍‌ବ ଏପର୍ଯ୍ୟନ୍ତ ପଞ୍ଚାୟତର କୌଣସି ହିତାଧିକାରୀଙ୍କୁ ଦିଆଯାଇ ନ ଥିବା ଜଣାପଡ଼ିଛି। ସାଧାରଣ ନିର୍ବାଚନର ପରମାସ ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭତ୍ତାପ୍ରଦାନ ନ କରି ନନ୍ଦିପୁର ପଞ୍ଚାୟତରେ ଶାସକ ଦଳର ଜଣେ ପୂର୍ବତନ ଜନପ୍ରତିନିଧିଙ୍କ ଘରେ ଭତ୍ତା ପ୍ରଦାନ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।



ଲୋକମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

## ରିଲିଫ ଚାଉଳ ବଣ୍ଟନରେ ଅନିୟମିତତା ଅଭିଯୋଗ

କାଳିଆପାଣି,୧୬।୫(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ରାଁସୋଳ ପଞ୍ଚାୟତରେ ରିଲିଫ ସାମଗ୍ରୀ ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ବିଶେଷକରି ମାଙ୍କେଡ଼ିଆ ବସ୍ତି ଏବଂ ହଟିଂଗୁଡ଼ିକରେ ରହୁଥିବା ଆଦିବାସୀ ରିଲିଫ ସମାଗ୍ରୀ ପ୍ରଦାନ ସମୟରେ ରାଜନୈତିକ ଶିକାର ହୋଇଥିବା ଅଭିଯୋଗ ଆଣିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ରିଲିଫ ସାମଗ୍ରୀ ବଣ୍ଟନ ଦିନ ସକାଳୁ ବସ୍ତିର କେତେଜଣ ବାସିନ୍ଦା ୫ କିମି ଚାଲିଚାଲି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଧାଡ଼ିରେ ଠିଆହୋଇ ସିରିଏଲ ଆସିବା ବେଳକୁ ଅନ୍ୟଦଳକୁ ଭୋଟଦେଇଥିବାରୁ ତୁମମାନଙ୍କୁ ପରେ ରିଲିଫ ଦିଆଯିବ ବୋଲି ସରପଞ୍ଚ କହିଥିଲେ। ବହୁ ସମୟ ଧରି ସେଠାରେ ଅପେକ୍ଷା କରି କେତେଜଣ ଲୋକ ସରପଞ୍ଚଙ୍କ ଏପରି ବ୍ୟବହାରକୁ ଦେଖି ରିଲିଫ ନ ନେଇ ଫେରିଆସିଥିବା ଜଣାପଡ଼ିଛି। ଅପରପକ୍ଷେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ବଡ଼ ଲୋକଙ୍କୁ ୩ କେଜି, ଛୋଟ ପିଲାଙ୍କୁ ୧ କେଜି ୫ ଶହ ଗ୍ରାମ ଚାଉଳ ବଣ୍ଟନ ନିର୍ଦ୍ଦେଶ ରହିଛି। ହେଲେ ରିଲିଫ ବଣ୍ଟନବେଳେ ବଡ଼ଲୋକଙ୍କୁ ୨ କେଜି, ଛୋଟପିଲାଙ୍କୁ ୧ କେଜି ଦିଆଯାଉଥିବା ଅଭିଯୋଗ ହୋଇଛି। ରାଁସୋଳ ପଞ୍ଚାୟତକୁ ୨ଶହ ୭୪ କୁଇଣ୍ଟାଲ ୪୨ କେଜି ଚାଉଳ ଆସିଥିବା ପଞ୍ଚାୟତ ସମିତି ଅଧିକାରୀ କହିଛନ୍ତି। ୱାର୍ଡମେମ୍ବରଙ୍କ ସର୍ଭେ ଆଧାରରେ ଏହି ଚାଉଳ ବଣ୍ଟନ କରାଯାଉଛି। ତେବେ ସର୍ଭେ ମୁତାବକ ୬ ହଜାର ଲୋକସଂଖ୍ୟା ହିସାବରେ ଆସିଥିବା ରିଲିଫ ଚାଉଳ ଲୋକଙ୍କୁ ବଣ୍ଟନ କଲେ ମୁଣ୍ଡପିଛା ୨ କେଜିରୁ ଅଧିକ ରହିଛି। ତଥାପି ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ରିଲିଫ ବଣ୍ଟନ କରାଯିବା ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁଇ ଦିନଧରି ରିଲିଫ ଚାଉଳ ବଣ୍ଟନ ଆରମ୍ଭ ହୋଇଥିବାବେଳେ ମାଙ୍କେଡ଼ିଆ ସାହି, ହଟିଂ, କାକୁଡ଼ିଆ, କୁହିକା ଗ୍ରାମରେ ରିଲିଫ ବଣ୍ଟନ ହୋଇ ନାହିଁ। ଏ ସମ୍ପର୍କରେ ପଞ୍ଚାୟତ ସମିତି ଅଧିକାରୀ ଯୋଗେନ୍ଦ୍ର ବାରିକଙ୍କୁ ପଚାରିବାରୁ ସରକାରୀ ନିୟମ ଅନୁସାରେ ଚାଉଳ ବଣ୍ଟନ କରିବାକୁ ସରପଞ୍ଚଙ୍କୁ କହିଛନ୍ତି ବୋଲି କହିଥିଲେ। ସରପଞ୍ଚ ବିଶ୍ୱଜିତ୍ ମହାନ୍ତିଙ୍କୁ ପଚାରିବାରୁ କମ୍ ପରିମାଣର ରିଲିଫ ଆସିଛି। ତେଣୁ ସମସ୍ତଙ୍କୁ ରିଲିଫ ଚାଉଳ ମଳିବାରେ ସମ୍ଭବ ହେଉ ନ ଥିବାରୁ ଏପରି କରିଥିବା କହିଛନ୍ତି। ଆଦିବାସୀଙ୍କୁ ଦୁର୍ବ୍ୟବହାର ବିଷୟରେ ପଚାରିବାରୁ ସେଭଳି କିଛି ହୋଇ ନ ଥିବା ସେ କହିଥିଲେ।

# ବାତ୍ୟାରେ ଉଜୁଡ଼ିଗଲା ସବୁଜିମା

■ ଲକ୍ଷାଧିକ ଟଙ୍କା ବ୍ୟୟରେ ଲଗାଯାଇଥିବା ଗଛ ନଷ୍ଟ

ନାଉଗାଁ,୧୬।୫(ସ୍ୱ.ପ୍ର.)

**ପୁନର୍ବାର ବନୀକରଣ କରିବାକୁ ଦାବି**



ବାତ୍ୟାରେ ଭାଙ୍ଗି ଯାଇଥିବା ଗଛ।

୧୯୯୯ ମହାବାତ୍ୟାରେ ଛାରଖାର ହୋଇଯାଇଥିଲା ନାଉଗାଁ ବ୍ଲକର ସବୁଜିମା। ମହାବାତ୍ୟାର କିଛିଦିନ ପରେ ଏହି ସବୁଜିବା ଫେରାଇ ଆଣିବାକୁ ବିଭିନ୍ନ ସଙ୍ଗଠନ ଓ ଜନସାଧାରଣ ଅଣ୍ଟା ଭିଡ଼ିଥିଲେ। ଯଦିଓ ଅନେକ କାର୍ଯ୍ୟ କାଗଜକଲମରେ ହୋଇଥିଲା, ତଥାପି ମଧ୍ୟ କେତେକ ସ୍ଥାନରେ ବୃକ୍ଷରୋପଣ ଯୋଗୁ ସବୁଜିମା ସୃଷ୍ଟି ହୋଇପାରିଥିଲା। ମାତ୍ର ନିକଟରେ ହୋଇଥିବା ଫନୀ ବାତ୍ୟାରେ ତାହା ଉଜୁଡ଼ିଯାଇଛି।

ନାଉଗାଁ-ଗାରୋଇ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ୫ ହଜାରରୁ ଊର୍ଦ୍ଧ୍ୱ ଗଛ କୁଜଙ୍ଗ ବନଖଣ୍ଡ ଦ୍ୱାରା ଲଗାଯାଇଥିଲା। ସେଥିମଧ୍ୟରୁ କିଛି ଗଛ ସ୍ଥାନୀୟ ଲୋକେ କାଟି ନେଇଥିଲେ। ଅବଶିଷ୍ଟ ଯାହା ଗଛ ରହିଥିଲା ତାହା ବାତ୍ୟାରେ ନଷ୍ଟ ହୋଇଗଲା। ଏହି ବନୀକରଣ ପାଇଁ ବିଭାଗ ପକ୍ଷରୁ ୧୨ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ଜଣାଯାଇଛି। ସେହିପରି ଓଷକଣା ପଞ୍ଚାୟତ ଭଟଣା ଗ୍ରାମ ନିକଟବର୍ତ୍ତୀ ଦେବୀ ନଦୀ ପଠାରେ ଆରଏସସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ୫ ଏକରରୁ ଊର୍ଦ୍ଧ୍ୱ ଜମିରେ ସୃଷ୍ଟି କରାଯାଇଥିବା ବନ ପ୍ରକଳ୍ପର ସମାନ ଅବସ୍ଥା ହୋଇଛି। ୨୦୧୨-୧୩ ଆର୍ଥିକ ବର୍ଷରେ ଡେରିକିଠାରୁ ଡାବର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ କୁଜଙ୍ଗ ବନଖଣ୍ଡ ପକ୍ଷରୁ ୩ ଲକ୍ଷ ଟଙ୍କା ବ୍ୟୟରେ ବୃକ୍ଷରୋପଣ ହୋଇଥିଲା। ୨୦୧୬-୧୭ ଆର୍ଥିକ ବର୍ଷରେ ଗାରୋଇ-ଓଷକଣା ରାସ୍ତା ପାର୍ଶ୍ୱରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ବ୍ଲକ ପ୍ରଶାସନ ଓ କୁଜଙ୍ଗ ବନ ବିଭାଗ ଦ୍ୱାରା ୩ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟରେ ଗଛ ଲଗାଯାଇଥିଲା। ମୁଣ୍ଡାଳୋ-ଜାମୁଗାଁ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପାର୍ଶ୍ୱ ଓ ରୋହିଆ-ଅରଖକୁଦ ରାସ୍ତା ପାର୍ଶ୍ୱରେ ହୋଇଥିବା ବନୀକରଣ ମଧ୍ୟ ଏହି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ତିରୁଣା ପଞ୍ଚାୟତର କୁରିକି ଗୋବରୀ ନଦୀ ପଠାରେ ୨୦୧୬-୧୭ ଆର୍ଥିକ ବର୍ଷରେ ସୃଷ୍ଟି କରାଯାଇଥିବା ଗ୍ରାମ୍ୟ ଜଙ୍ଗଲ ମଧ୍ୟ ପ୍ରଭାବିତ ହୋଇଛି। ତେଣୁ ଏହି ବ୍ଲକରେ କ୍ଷତିଗ୍ରସ୍ତ ହୋଇଥିବା ସବୁଜିମା ପୁନର୍ବାର ଫେରାଇ ଆଣିବାକୁ ସରକାରୀ ସ୍ତରରେ ଉଦ୍ୟମ କରିବାକୁ ଦାବି ହୋଇଛି।

# ବଢ଼ିଲା ଜଳ ଚିନ୍ତା, ଦିନକୁ ଥରେ ଯୋଗାଣ

ପାରାଦୀପ,୧୬।୫(ସ୍ୱ.ପ୍ର.)

- ତାଳଦଣ୍ଡାରେ ନାହିଁ ପର୍ଯ୍ୟାପ୍ତ ପାଣି
- ୩ ବର୍ଷ ହେଲା ଦେଖାଯାଉଛି ଜଳସଙ୍କଟ

ପାରାଦୀପ ବନ୍ଦର ସହରରେ ଏବେ ପାନୀୟଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଖରା ତାତି ଯେତିକି ବଢୁଛି, ସେହି ମାତ୍ରାରେ ଜଳ ଯୋଗାଣ ହ୍ରାସ କରାଯାଉଛି। ତେଣୁ ଗତ ୨ ଦିନ ହେଲା ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଦିନକୁ ଥରେ ଜଳଯୋଗାଣ କରାଯାଉଛି। ପୂର୍ବରୁ ପ୍ରତିଦିନ ଦୁଇବେଳା ଜଳଯୋଗାଣ ହେଉଥିଲା। ତାଳଦଣ୍ଡା କେନାଲରେ ପାଣି କମ୍ ଥିବାରୁ ଦିନକୁ ଥରେ ପାନୀୟଜଳ ଯୋଗାଣ କରାଯିବ ବୋଲି ବନ୍ଦର ପ୍ରଶାସନ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରିଛି। ଏହି ଘୋଷଣା ପରେ ବନ୍ଦର ସହରରେ ଥିବା କ୍ୱାର୍ଟର୍ସ ବାସିନ୍ଦା ଓ ସେହି ପାଣି ଉପରେ ନିର୍ଭରଶୀଳ ବସ୍ତି ବାସିନ୍ଦା ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଲେଣି। ଏଭଳି ଗ୍ରୀଷ୍ମ ପ୍ରବାହ ସମୟରେ ଜଳସଙ୍କଟ ଗତ ୩ ବର୍ଷ ହେଲା ଦେଖିବାକୁ ମିଳୁଛି। ତେବେ ବନ୍ଦର ପ୍ରଶାସନ, ଜିଲା କିମ୍ବା ପୌର ପ୍ରଶାସନ ଏହାର କୌଣସି ସ୍ଥାୟୀ ସମାଧାନ କରିପାରୁନାହାନ୍ତି। ସବୁ ବିଭାଗୀୟ ଅଧିକାରୀଙ୍କ ସେହି ଗୋଟିଏ କଥା ମହାନଦୀରେ ଜଳାଭାବ। ସୂଚନାଯୋଗ୍ୟ, ମହାନଦୀର କାଠଯୋଡ଼ି ଆନିକଟରୁ ତାଳଦଣ୍ଡା କେନାଲ ଦେଇ ପାରାଦୀପକୁ ପାଣି ଆସିଥାଏ। ସେହି ପାଣିକୁ ବନ୍ଦର ସମେତ ସମସ୍ତ ଶିଳ୍ପ ସଂସ୍ଥା ନେଇଥାନ୍ତି। କେବଳ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ ଅଲଗା ପାଇପ୍ ଲାଇନରେ କାଠଯୋଡ଼ିରୁ ପାଣି ନେଉଛନ୍ତି। ସେହି ତାଳଦଣ୍ଡା କେନାଲ ପାଣିକୁ ଶିଳ୍ପ କର୍ତ୍ତୃପକ୍ଷମାନେ ନିଜସ୍ୱ ଜଳାଶୟରେ ରଖି ଖରାଦିନେ ଚଳିଥାନ୍ତି। ଏହି କ୍ରମରେ ପାରାଦୀପ ବନ୍ଦର ମଧ୍ୟ ନିଜର ୧୭୫ ଏକର ବିଶିଷ୍ଟ ଜଳାଶୟ ରଖିଛି। ଗତ କିଛିବର୍ଷ ହେଲା କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣ ପ୍ରଭାବରେ ବନ୍ଦର ଜଳାଶୟ ୯ ମିଟର ଗଭୀରରୁ ପୋତି ହୋଇ ୪ଫୁଟରେ ପହଞ୍ଚିଲାଣି। ତେଣୁ ସେଥିରେ ଜଳଧାରଣ କ୍ଷମତା କମିଗଲାଣି। ସେହି ଜଳାଶୟକୁ ଖନନ ପାଇଁ ବନ୍ଦର କର୍ତ୍ତୃପକ୍ଷ ଏକାଧିକ ଥର ଉଦ୍ୟମ କରିଥିଲେ ହେଁ ତାହା କରିପାରୁନାହାନ୍ତି। କାରଣ ଜଳାଶୟ ଖନନ କଲେ ଲୁଣିପାଣି ବାହାରିବାର ଆଶଙ୍କା ରହିଛି ବୋଲି ସର୍ଭେ ଟିମ୍ କହୁଛି। ଏମିତି ବ୍ୟବସ୍ଥାରେ ଜଳଯୋଗାଣ ହ୍ରାସ ପାଇବାରେ ଲାଗିଛି ବୋଲି ବନ୍ଦରର ଜଣେ ଯନ୍ତ୍ରୀ କହିଛନ୍ତି। ଏଠାରେ ପୌର ପ୍ରଶାସନ ଥିଲେ ମଧ୍ୟ ତାହାର ଜଳ ଉତ୍ସ କିଛି ନାହିଁ। କେତେକ ବସ୍ତିରେ ପୌର ପ୍ରଶାସନ ଗଭୀର ନଳକୂପ ବସାଇ ସୀମିତ ଅଞ୍ଚଳକୁ ପାଣି ଦେଉଛି। ତାହା ପର୍ଯ୍ୟାପ୍ତ ହେଉନାହିଁ। ଅନ୍ୟପକ୍ଷରେ ସେହି ପାଣିରେ ଲୌହ ଅଂଶ ରହୁଥିବାରୁ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଜଳ ସଙ୍କଟ ସମ୍ପର୍କରେ ବନ୍ଦର ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ବିନାୟକ ପ୍ରଧାନ କହିଛନ୍ତି ଯେ, ତାଳଦଣ୍ଡାରେ ପାଣି ନାହିଁ। ଯେତିକି ପାଣି ଅଛି ତାହା ଚଳନୀୟ ଭାବେ ଯୋଗାଣ କରିବାକୁ ପଡୁଛି। ଏହା କେତେଦିନ ଲାଗି ରହିବ ବୋଲି ପଚାରିବାରୁ ସେ କହିଲେ ଯେ ତାହା ଅନିଶ୍ଚିତ। ଜଳସମ୍ପଦ ବିଭାଗ ଯନ୍ତ୍ରୀ ଦେବାଶିଷ ମହାନ୍ତି କୁହନ୍ତି ପାରାଦୀପ ବନ୍ଦରକୁ ଯେତିକି ପାଣି ଯୋଗାଣ କରାଯିବା କଥା ତାହା କରାଯାଉଛି। କାହିଁକି ସେମାନେ ଦିନକୁ ଥରେ ପାଣି ଯୋଗାଣ କରୁଛନ୍ତି ତାହା ଆମେ କହିପାରିବୁ ନାହିଁ। ଦୁଇ ବିଭାଗର ଏଭରି ପରସ୍ପର ବିରୋଧୀ କଥାରେ ଜନସାଧାରଣ ଦୁର୍ଦ୍ଦଶା ଭୋଗୁଛନ୍ତି।



ପାରାଦୀପରେ ଥିବା ପାଣିଟାଙ୍କି।

## ସଂକ୍ଷେପରେ

### ପାଟକୁରାରେ ପଲିଥିନ୍ ରାଜନୀତି

କେନ୍ଦ୍ରାପଡା ଅଫିସ୍, ୧୬।୫: ଫନୀ ପାଇଁ ପାଟକୁରା ବିଧାନସଭା ନିର୍ବାଚନ ୬୦ ଦିନ ଘୁଞ୍ଚିଛି। ତେବେ ନିର୍ବାଚନ ବୈତରଣୀ ପାର ପାଇଁ ରାଜନେତାମାନେ ବିଭିନ୍ନ ତରିକା ଅପଣାଇବାରେ ଲାଗିଛନ୍ତି। ପୂର୍ବରୁ ରିଲିଫ ସାମଗ୍ରୀ ବଣ୍ଟନ ସମୟରେ ପାଟକୁରା ବିଜେଡି ପ୍ରାର୍ଥୀଙ୍କ ସାମିଲ ହେବା ବିବାଦ ନ ଥମୁଣୁ ଏବେ ବାତ୍ୟା ପ୍ରଭାବିତଙ୍କୁ ପାଲ ବଣ୍ଟନକୁ ନେଇ ଆରମ୍ଭ ହୋଇଛି ରାଜନୀତି।

ଗତ ୩ ତାରିଖରେ ହୋଇଥିବା ଫନୀ ବାତ୍ୟା କେନ୍ଦ୍ରାପଡା ଜିଲାକୁ ପ୍ରଭାବିତ କରିଛି। ବହୁ ଲୋକଙ୍କ ଚାଳ ଛପର ଉଡ଼ିଯିବା ସହିତ କେତେକ ସ୍ଥାନରେ ଗଛ ପଡ଼ି ଘର ଭାଙ୍ଗିଛି। ତେବେ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୧ ପଞ୍ଚାୟତରେ ପାଲ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପାଲରେ ବିଜେଡି ଚିହ୍ନ ଥିବାରୁ ଏହାକୁ ନେଇ ହୋହାଲ୍ଲା କରିଛନ୍ତି ବିରୋଧୀ। ଏହା ସରକାରୀ ସହାୟତା ନା ଦଳୀୟ ପ୍ରଲୋଭନ ବୋଲି କେତେକ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ କୁହନ୍ତି, ବାତ୍ୟା ପ୍ରଭାବିତଙ୍କୁ ସହାୟତା ଯୋଗାଇ ଦେବା ଉଚିତ। ମାତ୍ର ଏହା ରାଜନୈତିକ ପରିପ୍ରେକ୍ଷୀରେ ହେବା ଉଚିତ ନୁହେଁ। ପାଟକୁରା ବିଧାନସଭା ନିର୍ବାଚନ ନ ହେବା ପର୍ଯ୍ୟନ୍ତ ନିର୍ବାଚନ ଆଦର୍ଶ ଆଚରଣ ବିଧି ପାଳନ କରିବା ସମସ୍ତ ପ୍ରାର୍ଥୀଙ୍କ ପାଇଁ ଶ୍ରେୟ ଅଟେ। ତେବେ ଫନୀ ବାତ୍ୟାର ଉନ୍ନୟନ କାର୍ଯ୍ୟରେ ବାଧା ନ ପହଞ୍ଚିବା ପାଇଁ ଜିଲାରେ ଅବଜରଭର ରହୁ ନଥିବାରୁ ଏହାର ସୁଯୋଗ କେତେକ ଦଳୀୟ ନେତା ନେଉଛନ୍ତି। ଅପରପକ୍ଷରେ ଏହି ପାଲ ବଣ୍ଟନ ସମୟରେ ଦଳୀୟ ଚିହ୍ନ ହଟାଇବା ପାଇଁ ବହୁ କଂଗ୍ରେସ ଓ ଭାଜପା ନେତା ଦାବି କରିଛନ୍ତି।

### ଭ୍ରାମ୍ୟମାଣ ପାଣି ଟ୍ୟାଙ୍କର ସେବା ଶୁଭାରମ୍ଭ

ରାଜକନିକା, ୧୬।୫ (ଡି.ଏନ୍.ଏ.): ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଗୁରୁବାରଠାରୁ ଏକ ଭ୍ରାମ୍ୟମାଣ ପାନୀୟ ଜଳ ଟ୍ୟାଙ୍କର ଶୁଭାରମ୍ଭ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉକ୍ତ ନୂତନ ପାଣି ଟ୍ୟାଙ୍କର ଶୁଭାରମ୍ଭ କରାଯାଇଥିଲା। ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଯୋଜନାରେ ଓଡ଼ିଶାର ପ୍ରଥମ କରି ଏହି ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ତେବେ ଏଥିଯୋଗୁ ସମସ୍ତ ପଞ୍ଚାୟତ ଅଞ୍ଚଳରେ ଲୋକମାନଙ୍କୁ ବିଶୁଦ୍ଧ ଜଳ ମିଳିପାରିବ। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ କରାଯାଇଥିବା ଏହି ଟ୍ୟାଙ୍କର ଅଚ୍ୟୁତପୁର ପାନୀୟ ଜଳ ଯୋଗାଣ କେନ୍ଦ୍ରରୁ ଦୈନିକ ଦୁଇ ଥର ପାଣି ନେଇ ବ୍ଲକର ଦଶଭଗାରିଆ, ଝାରକଟା, କେଶନଗର, ବଡ଼ଯୋରମୁହଁ ଗ୍ରାମବାସୀଙ୍କୁ ଜଳଯୋଗାଣ କରିବ ବୋଲି ଜଣାପଡ଼ିଛି। ସରପଞ୍ଚ ପ୍ରଦୀପ କୁମାର ମଲିକଙ୍କ ଉଦ୍ୟମରେ ଏହି ପାଣି ଟ୍ୟାଙ୍କର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ରାଜକନିକା ବିଡିଓ ଡି.ଏସ୍. ଶୁଭଦର୍ଶୀ ଯୋଶୀ, ଗ୍ରାମପଞ୍ଚାୟତ ଅଧିକାରୀ ଓ ୱାର୍ଡସଭ୍ୟମାନେ ଉପସ୍ଥିତ ଥିଲେ।

### ଗଣିତ ଶିକ୍ଷକଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୧୬।୫ (ସ୍ୱ.ପ୍ର): ପଟ୍ଟାମୁଣ୍ଡାଇ ବ୍ଲକ ଅମୃତମଣୋହୀ ବାଳିକା ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ଗଣିତ ଶିକ୍ଷକ ପ୍ରମୋଦ କୁମାର ମଲ୍ଲିକ(୬୨)ଙ୍କର ବୁଧବାର ରାତିରେ ପରଲୋକ ଘଟିଛି । ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସାଧୀନ ଥିଲେ । ତାଙ୍କ ବିୟୋଗରେ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଗୁରୁବାର ସକାଳେ ତାଙ୍କର ମରଶରୀର ଅମୃତମଣୋହୀ ଗ୍ରାମରେ ପହଞ୍ଚି ଥିଲା । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଅମୃତମଣୋହୀ ବାଳିକା ହାଇସ୍କୁଲକୁ ନିଆ ଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ପରିଡା, ଶିକ୍ଷୟିତ୍ରୀ ଅଞ୍ଜନା ଧଳ, ଭଞ୍ଜ କିଶୋର ଦାଶଙ୍କ ସମେତ ଛାତ୍ରୀମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ତାଙ୍କ ଶବ ଶୋଭାଯାତ୍ରାରେ ସରପଞ୍ଚ କୁଳମଣି ମଲିକ, ଡା. ଗଦାଧର ମଲିକ, ଇଂ. ଦୟାନିଧି ସାମଲ, କ୍ଷମାନିଧି ସାମଲ, ବୃନ୍ଦାବନ ମଲିକ, ଗୋଲକ ପାତ୍ର, ନୃସିଂହ ମଲିକ, ସୁଧାଂଶୁ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ । ସ୍ୱର୍ଗତ ମଲ୍ଲିକ ଜଣେ ପ୍ରବୀଣ ଗଣିତ ଶିକ୍ଷକ ଭାବେ ଜଣାଶୁଣା ଥିଲେ ।

## ■ କେନ୍ଦ୍ରାପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ସମୀକ୍ଷା

# ଉପସ୍ଥାପନ ହେଲା ଆବଶ୍ୟକ ପ୍ୟାକେଜ୍

କେନ୍ଦ୍ରାପଡା ଅଫିସ, ୧୬।୫

ଗତ ୩ ତାରିଖରେ ସାମୁଦ୍ରିକ ଝଡ଼ ଫନୀ କେନ୍ଦ୍ରାପଡ଼ା ଜିଲାରେ ବହୁ କ୍ଷତି ଘଟାଇଛି। ଏ ସମ୍ପର୍କିତ ଏକ ଚିତ୍ର ପ୍ରଦାନ କରିବା ସହିତ ଜିଲା ପାଇଁ ଆବଶ୍ୟକ ପ୍ୟାକେଜ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ସମୀକ୍ଷା ବୈଠକରେ ଉପସ୍ଥାପନ କରାଯାଇଛି। ଜିଲାପାଳ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଏହି ବୈଠକରେ ଜିଲାପାଳ ପ୍ରେମ୍‌ଚାନ୍ଦ ଚୌଧୁରୀ, ବାତ୍ୟା ପରିଚାଳନା ନୋଡାଲ ଅଫିସର ପ୍ରଦୀପ ଜେନା ଉପସ୍ଥିତ ରହି ବାତ୍ୟା ଯୋଗୁ ଚାଷରେ କ୍ଷତି, ଚାଷୀଙ୍କୁ ଋଣ ଯୋଗାଣ, ମତ୍ସ୍ୟଜୀବୀଙ୍କ ସମସ୍ୟା, ହସ୍ତଶିଳ୍ପରେ କ୍ଷତି, ଏସ୍‌ଏସ୍‌ଜିଙ୍କୁ ସହାୟତା, ଚାଷୀଙ୍କ ଋଣ ଛାଡ, ଶିକ୍ଷାନୁଷ୍ଠାନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସେମାନେ ଦର୍ଶାଇଥିଲେ, ୩୩ ପ୍ରତିଶତ ଚାଷ କ୍ଷତି ବାବଦରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ହେକ୍ଟର ପିଛା ୬,୮୦୦ ଟଙ୍କା, ଅଣଜଳସେଚିତ ଜମି ପାଇଁ ୧୩,୫୦୦ ଟଙ୍କା ଓ ଜଳସେଚିତ ଚାଷ କ୍ଷେତ ପାଇଁ ୧୮ ହଜାର ଟଙ୍କାର ସହାୟତା ଆବଶ୍ୟକତା ଅଛି। ଜିଲା ପାଇଁ ୧ ଲକ୍ଷ ପରିବା ଚାଷ ମିନିକିଟ ପ୍ରଦାନ, ଆଖୁ ଚାଷ ପାଇଁ ୫ ହଜାର ଟଙ୍କା, ୫୦ହଜାର ପମ୍ପସେଟ ଯୋଗାଣ, ଖରିଫ ଚାଷୀଙ୍କୁ ତାଲିମ, ୫୦ ହଜାର ନଡ଼ିଆ ଚାଷୀଙ୍କୁ ସହାୟତା, ରବି ଚାଷ ସହାୟତା ସହ ଫାର୍ମ ପାଇଁ ଋଣ ଯୋଗାଣ ଆବଶ୍ୟକତା ରହିଛି। ସେହିପରି ପଶୁ ସମ୍ପଦ କ୍ଷତି ପୂରଣ ସହ ଗୋଶାଳା ନିର୍ମାଣକୁ ଏଠାରେ ଗୁରୁତ୍ୱ ଦିଆଯାଇଥିଲା। ଗୋଚାରଣ ଭୂମିର ଉନ୍ନତି, ଔଷଧ ପ୍ରଦାନ ଆଦି ଜିଲା ପାଇଁ ଆବଶ୍ୟକତା ରହିଥିବା ପ୍ରଶାସନିକ ଅଧିକାରୀ ଦର୍ଶାଇଥିଲେ। ଏଥିସହ ବାତ୍ୟା ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ଉପରେ ପ୍ରଭାବ ପକାଇଛି। ବୋଟ, ଜାଲ ନଷ୍ଟ ହେବା ସହିତ ବହୁ ସ୍ଥାନରେ ପୋଖରୀରୁ ମାଛ ମରିଛନ୍ତି। ସେହିପରି ହସ୍ତଶିଳ୍ପ ଓ ହସ୍ତକଳା ଜିବିକାଧାରୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଦେବା ପାଇଁ ଏଠାରେ ଉଲ୍ଲେଖ କରାଯାଇଥିଲା।

ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ଅରଗଳ ଗ୍ରାମର ଉମ୍ବରୁଧର ଦାସଙ୍କୁ ପରିବାର ସଦସ୍ୟଙ୍କ ବାତ୍ୟା ମୃତ୍ୟୁ ସହାୟତା ବାବଦ ୪ ଲକ୍ଷ ଟଙ୍କା, ନାରାୟଣପୁର ଗ୍ରାମର ଲକ୍ଷ୍ମୀପ୍ରିୟା ସାହୁଙ୍କୁ ଗୃହ ନିର୍ମାଣ ପାଇଁ ୯୫,୧୦୦ ଟଙ୍କା, ସାଇ ଶ୍ରଦ୍ଧା ସବୁରି ଏସ୍‌ଏସ୍‌ଜିଙ୍କୁ ଛତୁ ଚାଷ କ୍ଷତିପୂରଣ ବାବଦ ୬୫,୦୦୦ ଟଙ୍କା, ଅଷ୍ଟଶମ୍ଭୁ ଏସ୍‌ଏସ୍‌ଜିଙ୍କୁ ତରଭୁଜ ଚାଷ କ୍ଷତିପୂରଣ ବାବଦ ୫୫,୦୦୦ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସେହିପରି ଛତୁ ଚାଷ କ୍ଷତିଗ୍ରସ୍ତ ମାଆ ଶାରଳା ଏସ୍‌ଏସ୍‌ଜିକୁ ୩୫,୩୫୦ ଟଙ୍କା, ଡଙ୍ଗା ଓ ଜାଲ ନଷ୍ଟ ହୋଇଥିବା ହିତାଧିକାରୀ ରାଘପୁରର ସୁରେଶ ଚନ୍ଦ୍ର ସେଠୀଙ୍କୁ ୧୨,୨୦୦ ଟଙ୍କା, ଆଂଶିକ ଡଙ୍ଗା ଭାଙ୍ଗିଥିବା ହିତାଧିକାରୀ ଦଇତାରୀ ବେହେରାଙ୍କୁ ୬,୭୦୦ ଟଙ୍କା, ଆମ୍ବ ଓ ନଡ଼ିଆ ଗଛ ଲଗାଇବା ପାଇଁ ସିମଳଦାର ଖଗେଶ୍ୱର ସ୍ୱାଇଁ, ଓରସକାର ତ୍ରୈଲୋକ୍ୟ ପ୍ରଧାନ, କଷୋଟିର ବୃନ୍ଦାବନ ପରିଡା, ରାଘପୁରର ମନୋରଞ୍ଜନ ଜେନା ଓ ପାଣ୍ଡିରୀର ଭାସ୍କର ବିଶ୍ୱାଳଙ୍କୁ ଗଛ, ସ୍ପ୍ରେୟର ମେଶିନ ସହ ୧,୮୮୭ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

## ନବୀନଙ୍କ ଅଚାନକ ଗସ୍ତକୁ ନେଇ ଚର୍ଚ୍ଚା ଜୋର୍

କେନ୍ଦ୍ରାପଡା ଅଫିସ, ୧୬।୫

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅଚାନକ କେନ୍ଦ୍ରାପଡ଼ା ଜିଲା ଗସ୍ତ କରି ବାତ୍ୟା ସମୀକ୍ଷା କରିବା ପରେ ଏହାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ବାତ୍ୟାଜନିତ କ୍ଷୟକ୍ଷତି ବାବଦ ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ଆସିଥିଲେ ମଧ୍ୟ ଏହି ଗସ୍ତରେ ରାଜନୀତିର ଗନ୍ଧ ରହିଥିବା ଆଲୋଚନା ଜୋର୍ ହେଉଛି। ଗତ ୩ ତାରିଖରେ ହୋଇଥିବା ଫନୀ ବାତ୍ୟାରେ କେନ୍ଦ୍ରାପଡା ସମେତ ରାଜ୍ୟର ୧୪ଟି ଜିଲା ପ୍ରଭାବିତ ହୋଇଛି। ତେବେ ସର୍ବାଧିକ କ୍ଷତି ପୁରୀ, ଖୋର୍ଦ୍ଧା ଓ କଟକ ଜିଲାରେ ହୋଇଛି । ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଅଦ୍ୟାବଧି ଖୋର୍ଦ୍ଧା ଓ କଟକ ଜିଲା ଗସ୍ତ କରି ନ ଥିବା ବେଳେ ବାତ୍ୟାର ୧୩ ଦିନ ପରେ ହଠାତ୍ କେନ୍ଦ୍ରାପଡ଼ା ଜିଲା ଗସ୍ତ କରି ବାତ୍ୟା ସମ୍ପର୍କରେ ସମୀକ୍ଷା କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାନସଭା ଆସନ ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଆସନ ପାଇଁ ଭୋଟ ଗ୍ରହଣ ଶେଷ ହୋଇଛି। ପାଟକୁରା ନିର୍ବାଚନ ଆସନ୍ତା ୧୯ ତାରିଖରେ ହେବାକୁ ଥିବା ବେଳେ ବାତ୍ୟା ପାଇଁ ନିର୍ବାଚନ ଘୁଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନିର୍ବାଚନ କମିଶନଙ୍କୁ ଭେଟି ଜଣାଇଥିଲେ। ଏହାପରେ ନିର୍ବାଚନକୁ ୬୦ ଦିନ ପାଇଁ ଘୁଞ୍ଚାଇ ଦିଆଯାଇଥିଲା। ତେବେ କେନ୍ଦ୍ରାପଡ଼ା ଜିଲାରେ ବାତ୍ୟାର ପ୍ରଭାବ ଅନ୍ୟ ସ୍ଥାନ ଅପେକ୍ଷା ଯଥେଷ୍ଟ କମ ଥିବାବେଳେ ୬ ଦିନ ମଧ୍ୟରେ ଗମନାଗମନ, ବିଦ୍ୟୁତ ଓ ପାନୀୟ ଜଳ ସମସ୍ୟାର ସମାଧାନ ହୋଇଛି। ଫନୀ କ୍ଷତିର ଉନ୍ନୟନ କାର୍ଯ୍ୟ ପାଇଁ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଠିଯାଇଥିବା ବେଳେ ବିଜେଡି ଏହାର ଫାଇଦା ନେଉଛି ବୋଲି ବିଭିନ୍ନ ସ୍ଥାନରେ ଲୋକମାନେ ଆଲୋଚନା କରୁଛନ୍ତି। ରିଲିଫ ସାମଗ୍ରୀକୁ ବିଜେଡି ନେତା ଅକ୍ତିଆର କରି ଭୋଟ ଫାଇଦା ଉଠାଇବାକୁ ଚାହୁଁଥିବା ବେଳେ ରିଲିଫ ସାମଗ୍ରୀରେ ଦଳୀୟ ଚିହ୍ନ ଏହାର ଉଦାହରଣ ପାଲଟିଛି। ତେବେ ଆଗକୁ ପାଟକୁରା ଆସନ ପାଇଁ ନିର୍ବାଚନ ହେବାକୁ ଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଗସ୍ତ କରି ଭୋଟ ହାତେଇବାକୁ ଲକ୍ଷ୍ୟ ରଖିଥିବା ଆଲୋଚନା ହେଉଛି।

## ■ ପାଟକୁରା ନିର୍ବାଚନମଣ୍ଡଳୀ

# ବିଜୟଙ୍କ ମାରାଥନ ପ୍ରଚାର

ଡେରାବିଶ, ୧୬।୫ (ସ୍ୱ.ପ୍ର.)



ସମର୍ଥକଙ୍କ ସହ ବାଇକ୍‌ରେ ବସି ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ପ୍ରଚାର କରୁଛନ୍ତି।

ବାତ୍ୟା ପାଇଁ ପାଟକୁରା ନିର୍ବାଚନ ୬୦ ଦିନ ଘୁଞ୍ଚାଇ ଦିଆଯାଇଥିବା ବେଳେ ଏ ପର୍ଯ୍ୟନ୍ତ ନିର୍ବାଚନ ତାରିଖ ସ୍ଥିର ହୋଇନାହିଁ। ମାତ୍ର ବାତ୍ୟା ପରେ ଉଷ୍ମ ହୋଇଛି ପାଟକୁରାର ରାଜନୈତିକ ମାହୋଲ। ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ପଞ୍ଚାୟତରେ ମାରାଥନ ପ୍ରଚାର ଚଳାଇଛନ୍ତି। ଗୁରୁବାର ଡେରାବିଶ ବ୍ଲକ ଅଧୀନ ଗୁଆଲସିଂ ଓ କୁଶିଆପାଳ ପଞ୍ଚାୟତରେ ବିଜୟ ସମର୍ଥକଙ୍କ ସହ ପ୍ରଚାର କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଉଦୟନଗର ଛକଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ବିଜୟ ଏକ ବାଇକ୍‌ରେ ବସି ପ୍ରଚାର କରିବା ସହ ପ୍ରତ୍ୟେକ ପରିବାରକୁ ଭେଟି ଭୋଟ ପାଇଁ ନିବେଦନ କରିଥିଲେ। ବାତ୍ୟା ପରେ ବିଜୟ ଜୋରଦାର୍ ପ୍ରଚାରରେ ଲାଗି ପଡ଼ିଥିବା ବେଳେ ଡେରାବିଶ ବ୍ଲକର ୨୬ ପଞ୍ଚାୟତ ମଧ୍ୟରୁ ଅଦ୍ୟାବଧି ପ୍ରାୟ ୧୫ ପଞ୍ଚାୟତରେ ପ୍ରଚାର ଶେଷ କରିଛନ୍ତି। ନିର୍ବାଚନ ତାରିଖ ଘୋଷଣା ହୋଇ ନଥିଲେ ମଧ୍ୟ ପ୍ରତ୍ୟେକ ଭୋଟରଙ୍କୁ ଭେଟି ନିଜ ସପକ୍ଷରେ ଭୋଟ ମାଗୁଥିବା ଦେଖାଯାଉଛି। ବରିଷ୍ଠ ଭାଜପା ନେତା ଗଣେଶ ଚନ୍ଦ୍ର ସାମଲ, ବଟକୃଷ୍ଣ ସାମଲ, କେନ୍ଦ୍ରାପଡ଼ା ପୂର୍ବତନ ପୌରାଧ୍ୟକ୍ଷ ବିଜୟ କେତନ ସାହୁ, ସରୋଜକାନ୍ତ ନାୟକ, ଯୁବନେତା ଦିଲ୍ଲୀପ କୁମାର ଦାଶ, ମନୋରଞ୍ଜନ ଉପାଧ୍ୟାୟ, କ୍ଷୀରୋଦ ନାୟକ, ଦେବାଶିଷ ଗିରିଜାଭୂଷଣ ନାୟକ ପ୍ରମୁଖ ବିଜୟଙ୍କ ପ୍ରଚାରରେ ସାମିଲ ହୋଇଥିଲେ।

## ଚାନ୍ଦୋଳ ହାଟରେ ଖୋଲିଲା ଜଳଛତ୍ର

ଡେରାବିଶ, ୧୬।୫ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ହାଟରେ କଳିଙ୍ଗ ଆବାସିକ ବିଦ୍ୟାଳୟ ଆନୁକୂଲ୍ୟରେ ଏକ ଜଳଛତ୍ର କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଛି। ଡେରାବିଶ ବ୍ଲକର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳ ଚାନ୍ଦୋଳର ସାପ୍ତାହିକ ହାଟ ବୁଧବାର ଓ ଶନିବାରରେ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଜଳଛତ୍ର ଖୋଲାଯାଇଛି। ଖରାଦିନ ଶେଷ ପର୍ଯ୍ୟନ୍ତ ବର୍ଷା ଋତୁ ଆସିବା ଯାଏ ପ୍ରତି ହାଟବାରିରେ ଏହି ଜଳଛତ୍ର କେନ୍ଦ୍ର ଖୋଲାଯିବ ବୋଲି ସ୍ଥିର କରାଯାଇଛି। କଳିଙ୍ଗ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠାତା ମନୋଜ କୁମାର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଚାନ୍ଦୋଳବଜାର କମିଟି ସଭାପତି ନିଶାମଣି ବେହେରା, ସମ୍ପାଦକ ରତ୍ନାକର ନାୟକ, ମିହିର ସାମଲ, ସୁଧିର ନାୟକ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ■ଆଳି ଥାନା ଅଞ୍ଚଳରେ ବଢୁଛି ଚୋରି

# ଲୁଟେରା ସକ୍ରିୟ, ପୋଲିସ ନିଷ୍କ୍ରିୟ

ଆଳି, ୧୬।୫ (ଡି.ଏନ୍.ଏ.)

ଆଳି ଥାନା ଅଞ୍ଚଳରେ ଦୀର୍ଘଦିନ ବ୍ୟବଧାନ ପରେ ପୁଣି ସକ୍ରିୟ ହୋଇଛନ୍ତି ଲୁଟେରା ଗ୍ୟାଙ୍ଗ। ଗତ ମାସକ ମଧ୍ୟରେ ଲୁଟେରାମାନେ ସ୍ଥାନୀୟ ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଲୁଟ୍ କରିଚାଲିଥିବା ବେଳେ ପୋଲିସ ପାଖରେ ଅଭିଯୋଗ ହେଉଛି। କିନ୍ତୁ ଏଯାଏ ଗୋଟିଏ ବି ଚୋରି ବା ଲୁଟ୍ ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇନି।

ଗତ ଏପ୍ରିଲ ୩ ତାରିଖରେ ମାନପୁର ଗ୍ରାମର ପ୍ରହଲ୍ଲାଦ ସାମଲଙ୍କ ଘରେ ବିଳମ୍ବିତ ରାତିରେ ଲୁଟେରାମାନେ ପଶିଥିଲେ। ପ୍ରହଲ୍ଲାଦ ଓ ତାଙ୍କ ସ୍ତ୍ରୀଙ୍କୁ ସେମାନେ ବାନ୍ଧି ନିସ୍ଥୁକ ମାଡ ମାରିବା ସହ ଘରୁ ସମସ୍ତ ଜିନିଷ ଚୋରି କରିନେଇଥିଲେ। ହେଲେ ପୋଲିସ ଏଯାଏ ସେମାନଙ୍କ ଟେର୍ ପାଇନି। ସେହିପରି ଏପ୍ରିଲ ୯ ତାରିଖରେ ଥାନାଠାରୁ ମାତ୍ର ଦେଢ କିଲୋମିଟର ଦୂର ମୂଳସାହି ଗ୍ରାମର ଆନନ୍ଦ ପାତ୍ରଙ୍କ ଘରେ ଲୁଟେରାମାନେ ପଶି ୧୦ ଭରିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଲୁଟି ନେଇଥିଲେ। ଗତ ମଙ୍ଗଳବାର ରାତିରେ କଟକ-ଚାନ୍ଦବାଲି ରାସ୍ତାର ଗୋପୀନାଥପୁର ଶାସନ ଛକରେ ଥିବା ଆଶିଷ ମହାପାତ୍ରଙ୍କ ଭେରାଇଟି ଷ୍ଟୋରରୁ ନଗଦ ୮୦ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଲଗାତାର ଚୋରି, ଲୁଟ୍ ଯୋଗୁ ସ୍ଥାନୀୟ ଲୋକେ ଓ ବ୍ୟବସାୟୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ପୋଲିସ ଚୋରଙ୍କ ଟେର୍ ପାଉ ନଥିବାରୁ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

## ଅଗ୍ନିକାଣ୍ଡ ଆୟତ୍ତ କରିବାକୁ ଯାଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଯୁବକ

# ଚିକିତ୍ସା ପାଇଁ ଅର୍ଥ ବାଧକ

ମାର୍ଶାଘାଇ,୧୬।୫ (ଡିଏନ୍‌ଏ)

ଅଗ୍ନିକାଣ୍ଡ ଆୟତ୍ତ କରିବାକୁ ଯାଇ ପ୍ରଭାତ ବେହେରା (୩୮) ନାମକ ଜଣେ ଯୁବକ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ତାଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ମାର୍ଶାଘାଇ ବ୍ଲକ ଅଧୀନ ତାଳସଙ୍ଗା ଗ୍ରାମରେ ଏହି ଯୁବକଙ୍କ ଘର। ଗତ ଏପ୍ରିଲ ୧୬ ତାରିଖ ପୂର୍ବାହ୍ନରେ ପ୍ରଭାତଙ୍କ ପଡ଼ୋଶୀ ଗିରିଧାରୀ ବେହେରାଙ୍କ ଚାଳ ଘରେ ନିଆଁ ଲାଗି ଯାଇଥିଲା। ପ୍ରଭାତ ଜୀବନକୁ ବାଜି ଲଗାଇ ନିଆଁ ଲାଗିଥିବା ଘର ଉପରକୁ ଚଢି ପାଣି ପକାଇଥିଲେ । ଏହି ସରେ ସେ ହଠାତ୍ ଘର ଉପରୁ ତଳକୁ ଖସି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରଭାତ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ଘରେ ତାଙ୍କର ପତ୍ନୀ ଓ ୩ ଝିଅ ଅଛନ୍ତି । ଅଗ୍ନିକାଣ୍ଡରେ ତାଙ୍କର ୨ ଗୋଡ ଓ ହାତ ପୋଡି ଯାଇଛି। ଚିକିତ୍ସାର ଏକ ମାସ ବିତି ଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସିନାହିଁ । ଅର୍ଥ ନ ଥିବାରୁ ଉପଯୁକ୍ତ ଚିକିତ୍ସା କରିବା ସମ୍ଭବ ହେଉନାହିଁ । ଚିକିତ୍ସା ପାଇଁ ଧାର କରଜ କରି ହତାଶ ହୋଇ ପଡିଥିବା ପ୍ରଭାତଙ୍କୁ ସରକାରୀ ସହାୟତା ଦେବା ପାଇଁ ତାଙ୍କ ପତ୍ନୀ ତତ୍କାଳୀନ ଜିଲାପାଳଙ୍କ ନିକଟରେ ଗୁହାରୀ କରିଥିଲେ ହେଁ ଅଦ୍ୟାବଧି ସୁଫଳ ମିଳିନାହିଁ । ସରକାରଙ୍କ ଗାଇଡ଼ ଲାଇନ ମୁତାବକ ସାହାସୀ ବ୍ୟକ୍ତିମାନଙ୍କୁ ପୁରସ୍କୃତ କରିବା ସହ ଚାକିରୀ ଦେବାର ମଧ୍ୟ ବ୍ୟବସ୍ଥା ରହିଛି । ତେବେ ପ୍ରଶାସନ ଏହିପରି ସାହାସୀ ପ୍ରତିଭାଙ୍କୁ ଅଣଦେଖା କରିବା ବିଡମ୍ବନା ବୋଲି ଚର୍ଚ୍ଚା ହେଉଛି। କୌଣସି ବଦାନ୍ୟ ବ୍ୟକ୍ତି କିମ୍ବା ସ୍ୱେଚ୍ଛାସେବୀ ସଂଗଠନ ପ୍ରଭାତଙ୍କୁ ସାହାଯ୍ୟର ହାତ ବଢାଇବା ପାଇଁ ସାଧାରଣରେ ଦାବି ହୋଇଛି।

## ମଇଁଷିକୁ ଟାଣିନେଲା କୁମ୍ଭୀର

ରାଜକନିକା, ୧୬।୫ (ଡି.ଏନ୍.ଏ.)

ରାଜକନିକା ବ୍ଲକ ଦେଇ ପ୍ରବାହିତ ଖରସ୍ରୋତା ନଦୀର ବାଜପୁରଠାରେ ବୁଧବାର ନଦୀ କୂଳରେ ମଇଁଷି ଚରୁଥିବା ବେଳେ ବାଜପୁର ଗ୍ରାମର ପୀତାମ୍ବର ଦାସଙ୍କ ଏକ ମଇଁଷିକୁ କୁମ୍ଭୀର ଟାଣି ନେଇଛି। ଏଭଳି ଘଟଣା ଏହି ଅଞ୍ଚଳରେ ଅନେକବାର ଘଟୁ ଥିବାରୁ ଏ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଗୃହପାଳିତ ପଶୁମାନେ ଅନେକ ସମୟରେ କୁମ୍ଭୀର ଆକ୍ରମଣର ଶିକାର ହେଉଛନ୍ତି ବୋଲି ଅଭିଯୋଗ ହେଉଛି। କୁମ୍ଭୀର ଉପଦ୍ରବ ଯୋଗୁ ବହୁବାର ଧନଜୀବନ ହାନି ଘଟୁଥିବା ବେଳେ ଏ ନେଇ ବନ ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଉନି। ତେବେ ନଦୀକୂଳବାସୀଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା ସହ ପୀତାମ୍ବରଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

## ■ ଫନୀ କ୍ଷୟକ୍ଷତି ସମୀକ୍ଷା

# ଲକ୍ଷ୍ମୀପ୍ରିୟାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୯୫ ହଜାର ସହାୟତା

ମାର୍ଶାଘାଇ,୧୬।୫(ଡିଏନ୍‌ଏ)

ପ୍ରଳୟଙ୍କରୀ ଫନୀ ପ୍ରଭାବରେ ଗୃହଶୂନ୍ୟ ହୋଇ ପଡିଥିବା ଲକ୍ଷ୍ମୀପ୍ରିୟା ସାହୁଙ୍କୁ ଗୁରୁବାର କେନ୍ଦ୍ରାପଡା ଜିଲାପାଳଙ୍କ ସଭାଗୃହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯୫,୧୦୦ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ମାର୍ଶାଘାଇ ବ୍ଲକ ପରକୁଳା ପଞ୍ଚାୟତ ନାରଣପୁର ଗ୍ରାମର ଲକ୍ଷ୍ମୀପ୍ରିୟାଙ୍କ ୪ ବଖରା ଚାଳ ଛପର ଘର ଉପରେ ଏକ ବିରାଟକାୟ ଚାଖୁଣ୍ଡା ଗଛ ଓ ନଡିଆ ଗଛ ଭାଙ୍ଗି ପଡ଼ିଥିଲା । ଫଳରେ ଘର ସଂପୂର୍ଣ୍ଣ ଭାଙ୍ଗି ଯାଇଥିଲା । ବାତ୍ୟାର ୪ ଦିନ ପରେ ମଧ୍ୟ ପ୍ରଶାସନ ପହଞ୍ଚି ପାରି ନ ଥିଲା ଲକ୍ଷ୍ମୀପ୍ରିୟାଙ୍କ ପାଖରେ । ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀଙ୍କ ନିର୍ଦ୍ଦେଶ କ୍ରମେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘର ଉପରେ ପଡି ରହିଥିବା ଗଛ କାଟି ପରିଷ୍କାର କରିଥିଲେ । ପରେ ଜିଲାପାଳ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଗୁରୁବାର ଜିଲାପାଳଙ୍କ ସଭାଗୃହରେ ଫନୀର ସମୀକ୍ଷା ବୈଠକରେ ମୁଖମନ୍ତ୍ରୀ ଯୋଗ ଦେଇ କ୍ଷୟକ୍ଷତିର ସମୀକ୍ଷା କରିବା ସହ ଲକ୍ଷ୍ମୀପ୍ରିୟାଙ୍କୁ ଚେକ୍ ପ୍ରଦାନ କରିଛନ୍ତି । ଏହି ସମୟରେ ମାର୍ଶାଘାଇ ତହସିଲର ରାଜସ୍ୱ ସୁପରଭାଇଜର ସୁକାନ୍ତ କୁମାର ମଲ୍ଲିକ ଉପସ୍ଥିତ ଥିଲେ ।



ଲକ୍ଷ୍ମୀପ୍ରିୟା ସାହୁ

## ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ



ରାମଚରିତ ମାନସ ପାରାୟଣ ଅବସରରେ ଶିବ ମନ୍ଦିର ପରିସରରେ ପୂଜା ପାଇଥିବା ଶ୍ରୀରାମ, ଲକ୍ଷ୍ମଣ, ସୀତା,ହନୁମାନଙ୍କ ମୃଣ୍ମୟ ମୂର୍ତ୍ତି।

ମାର୍ଶାଘାଇ,୧୬।୫(ଡିଏନ୍‌ଏ)

ମାର୍ଶାଘାଇ ଶିବମନ୍ଦିର ପ୍ରାଙ୍ଗଣରେ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିବା ୩୬ତମ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମର ନବମ ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନ ଉତ୍ସବରେ ସମିତିର ସଭାପତି ଡ. କାହ୍ନୁ ଚରଣ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ସାଧାରଣ ସମ୍ପାଦକ ଅରୁଣ କୁମାର ବେଉରା ବିବରଣୀ ପାଠ କରିଥିଲେ । ଏହି ଉତ୍ସବର ପ୍ରସଙ୍ଗ ଥିଲା ଶ୍ରୀରାମ ରାଜ୍ୟାଭିଷେକ ଓ ଜ୍ଞାନକାଣ୍ଡ । ଏଥିରେ ପ୍ରବଚକ ଭାବେ ହିମାଂଶୁ ମହାନ୍ତି ଓ ଅଞ୍ଜନା ଦାସ ଯୋଗ ଦେଇଥିଲେ । ସରୋଜକାନ୍ତ ପତି ଧନ୍ୟବାଦ ଦେଇଥିଲେ । ପୂର୍ଣ୍ଣାହୁତି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

# ଅସୁରକ୍ଷିତ ଜାତୀୟ ଉଦ୍ୟାନ

କେନ୍ଦ୍ରାପଡା ଅଫିସ, ୧୬।୫

**ପ୍ରଶାସନର ନାହିଁ ସୁରକ୍ଷା ଚିନ୍ତା**

- ■ ଅନୁପ୍ରବେଶ ସମସ୍ୟା ସହ ବଢୁଛି ବେଆଇନ ନିଶା କାରବାର
- ■ପ୍ରମାଣ ଥାଇ ବି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ଜିଲା ପ୍ରଶାସନ
- ■ ବିପଦରେ ଜିଲା ତଥା ଦେଶର ସୁରକ୍ଷା

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକା ଅଞ୍ଚଳ ଦିନକୁଦିନ ଅସୁରକ୍ଷିତ ପଡୁଛି। ଜିଲାରେ ଅନୁପ୍ରବେଶ, ଚିଙ୍ଗୁଡି ଘେରୀ ସମସ୍ୟା, ଚୋରା କୋଇଲା ଚାଲାଣ ଆଦି ବୃଦ୍ଧି ପାଉଥିବା ବେଳେ ନିରବଦ୍ରଷ୍ଟା ସାଜିଛି ପ୍ରଶାସନ। ସେହିପରି ଏହି ଅଞ୍ଚଳରେ ନିଶା କାରବାର ମଧ୍ୟ ଅନ୍ତର୍ଜାତୀୟସ୍ତରରେ ପହଞ୍ଚିଥିବା ଜିଲା ପ୍ରଶାସନ ନିକଟରେ ପ୍ରମାଣ ଅଛି। କିନ୍ତୁ ଏହାପରେ ବି ଏ ନେଇ କୌଣସି ପଦକ୍ଷେପ ନିଆ ନ ଯିବା ଓ ଭିତରକନିକା ସମେତ ଉପକୂଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉନାହିଁ। ଯଦ୍ୱାରା ଜିଲା ତଥା ଦେଶର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ ଏପ୍ରିଲରେ ରାଜନଗର ଥାନା ପକ୍ଷରୁ ଏକ କୋଇଲା ଭର୍ତ୍ତି ଟ୍ରକ ଜବତ କରାଯାଇଥିଲା। ଏହି କୋଇଲା ଧାମରା ବନ୍ଦରରୁ ଭିତରକନିକା ଖୋଲା ଅଞ୍ଚଳକୁ ଟ୍ରଲର ଯୋଗେ ଆସିଥିବା ବେଳେ ରାତିରେ ଟ୍ରକରେ ଚୋରା ଚାଲାଣ ହେଉଥିବା ଦର୍ଶାଯାଇଥିଲା। ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ବେଳେ ନିକଟରେ ଏକାଧିକ ଟ୍ରଲରରେ କୋଇଲା ଚାଲାଣ କରାଯାଉଥିବା ନେଇ କେତେକ ଫଟୋ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। ତେବେ କେଉଁ କାରଣରୁ ଏହି ବେଆଇନ ବ୍ୟବସାୟୀଙ୍କୁ ଜାତୀୟ ଉଦ୍ୟାନର ନିଷିଦ୍ଧାଞ୍ଚଳରେ ଟ୍ରକ ପଶାଇବା ପାଇଁ ଅନୁମତି ଦିଆଯାଉଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଏହି ଉପାନ୍ତ ଅଞ୍ଚଳରେ ବେଆଇନ ନିଶା କାରବାର ଚାଲିଥିବା ଜିଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ବେଳେ ସୂଚନା ମିଳିଛି। ବାଂଲାଦେଶର ହିରୋଇନ, ଚରସ, ଗଞ୍ଜେଇ ଆଦି ମାଦକ ଦ୍ରବ୍ୟ ଏହି ବାଟ ଦେଇ କୋଲକାତାରେ ପହଞ୍ଚୁଛି।

ଏ ସମ୍ପର୍କରେ ଓସାର ଜିଲା ଆବାହକ ରଞ୍ଜନ କୁମାର ଦାସ କୁହନ୍ତି, ଅନୁପ୍ରବେଶ ରୋକା ନ ଯିବା ପର୍ଯ୍ୟନ୍ତ ଏହି ବେଆଇନ କାରବାର ବନ୍ଦ କରାଯାଇ ପାରିବନାହିଁ। ଅଧିକାଂଶ ଅନୁପ୍ରବେଶକାରୀ ଏଠାରେ ରହି ଏହି ବେଆଇନ ବ୍ୟବସାୟକୁ ବିସ୍ତାର କରିଚାଲିଛନ୍ତି। ଗହୀରମଥା ଅନୁପ୍ରବେଶକାରୀଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳ ପାଲଟିଛି। ନିଷିଦ୍ଧାଞ୍ଚଳରେ ମାଛ ମାରିବା, ଜଙ୍ଗଲ ଜମିରେ ଘର କରି ବସବାସ କରିବା, ବନ୍ୟ ପଶୁପକ୍ଷୀ ଶିକାର କରି ବିଦେଶ ଚାଲାଣ କରିବା ସହ ନିଶା ଦ୍ରବ୍ୟ ଚୋରାଚାଲାଣ କରିବା ଆଦି କାର୍ଯ୍ୟରେ ସମ୍ପୃକ୍ତ ରହୁଛନ୍ତି। ଧାମରା ବନ୍ଦରରେ ଲାଗିଥିବା ଜାହାଜରୁ କୋଇଲା ଆଣି କଟକ ଭୁବନେଶ୍ୱର ଆଦି ସ୍ଥାନକୁ ଚୋରା ଚାଲାଣ କରୁଛନ୍ତି ବୋଲି ରଞ୍ଜନ କହିଛନ୍ତି। ସେହିପରି ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ କୁହନ୍ତି, ୧୯୬୬ ମସିହାରୁ ଅଦ୍ୟାବଧି ଭିତରକନିକା ଅଞ୍ଚଳରେ ୪୧୦ ଗ୍ରାମ ସ୍ଥାପନ ହୋଇଛି। ଜିଲାର ମୂଳ ଅଧିବାସୀଙ୍କ ଅପେକ୍ଷା ଏଠାରେ ବଙ୍ଗଭାଷୀଙ୍କ ସଂଖ୍ୟା ଅଧିକ। ଉପାନ୍ତ ଅଞ୍ଚଳରେ ଜିଲା ପ୍ରଶାସକଙ୍କ କୌଣସି ନଜର ନ ଥିବାରୁ ବେଆଇନ କାରବାର ସାଙ୍ଗକୁ ପଶୁପକ୍ଷୀ ଶିକାର ଓ ନିଶାଦ୍ରବ୍ୟ କାରବାର ବି ବଢୁଛି। ତୁରନ୍ତ ଏ ଦିଗରେ ଦୃଷ୍ଟି ଦିଆ ନ ଗଲେ ଜାତୀୟ ଉଦ୍ୟାନ ସମେତ କେନ୍ଦ୍ରାପଡ଼ା ଜିଲା ତଥା ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବ ବୋଲି ପ୍ରତାପ କହିଛନ୍ତି। ଏ ସମ୍ପର୍କରେ ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କୁ ପଚାରିବାରେ ଜିଲା ପ୍ରଶାସନ ପକ୍ଷରୁ ଅନୁପ୍ରବେଶ ରୋକାଯିବାକୁ ଗୁରୁତ୍ୱ ଦିଆଯାଇଛି। ଚଳିତ ବର୍ଷ ଭୋଟର ତାଲିକା ସଂଶୋଧନ ବେଳେ ୧୩୭ ଜଣ ବିଦେଶୀଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଅନୁପ୍ରବେଶ ରୋକିବା ପାଇଁ ବିଭିନ୍ନ ସମୟରେ ଚଢ଼ାଉ କରାଯାଉଛି ବୋଲି ଉପଜିଲାପାଳ ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ବାସି ମିଠା ଖାଇ ଝାଡ଼ାବାନ୍ତି, ୧୬ ଆକ୍ରାନ୍ତ

**ସୋନପୁର,୧୬।୫(ନି.ପ୍ର.):** ବାସି ମିଠା ଖାଇ ସୁବର୍ଣ୍ଣପୁର ଜିଲା ଜନମୁରା ଗ୍ରାମରେ ୧୬ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ପ୍ରଭାବିତ ଅଞ୍ଚଳରେ ଡାକ୍ତରୀ ଟିମ୍ ପହଞ୍ଚି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପ୍ରତିଷେଧକମୂଳକ ଔଷଧ ପ୍ରଦାନ କରୁଛନ୍ତି। ଶିଶୁମାନେ ଅଧିକ ସଂଖ୍ୟାରେ ଆକ୍ରାନ୍ତ ହୋଇଥିବା ବେଳେ ସ୍ଥିତି ନିୟନ୍ତ୍ରଣରେ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗାଁର ଜଣେ ନବବଧୂ ବାପ ଘରକୁ ଯାଇଥିଲେ। ଶ୍ୱଶୁର ଘରକୁ ଫେରିବା ସମୟରେ ସେ ମିଠା ଭାର ଆଣିଥିଲେ। ଏହି ମିଠା ବୁଧବାର ଗ୍ରାମବାସୀଙ୍କୁ ବଣ୍ଟାଯାଇଥିଲା। ମିଠା ଖାଇବା ପରେ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଛି। ବାସି ମିଠା ଯୋଗୁ ଏପରି ହୋଇଥିବା ସନ୍ଦେହ କରାଯାଉଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ରୋଗ ସର୍ବେକ୍ଷଣ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଜିଲା ଦ୍ରୁତ ସ୍ୱାସ୍ଥ୍ୟ ପ୍ରଦାନକାରୀ ଟିମ୍ ଗ୍ରାମକୁ ଯାଇ ରୋଗୀମାନଙ୍କ ଚିକିତ୍ସା କରିଛନ୍ତି। ଗ୍ରାମର ୨୭ଜଣଙ୍କୁ ଏହି ଟିମ୍ ପ୍ରତିଷେଧକ ଔଷଧ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସରୋଜ କୁମାର ପଟେଲ, ମୋବାଇଲ ହେଲଥ୍ ୟୁନିଟ୍ ଟିମ୍, ସିଡିପିଓ ନିବେଦିତା ସରାଫ, ଦିଲ୍ଲୀପ ବେହେରା, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଓ ନାରାୟଣ ରଥ ପ୍ରମୁଖ ଜନମୁରା ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବା ସହ ଜଳ ନମୁନା ସଂଗ୍ରହ କରିଛନ୍ତି।

### ଭୋଜିରୁ ଫେରିବାବେଳେ ଧକ୍କା ଦେଲା ଟ୍ରକ୍
### ବାପା-ସାନ ପୁଅ ମୃତ, ବଡ଼ ଗୁରୁତର

**ବଇଣ୍ଡା, ୧୬।୫(ଡି.ଏନ.ଏ.):** ଭୋଜି ଖାଇ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଟ୍ରକ୍ ଧକ୍କାରେ ବାପା ଓ ସାନ ପୁଅଙ୍କ ଜୀବନ ଯାଇଛି। ଗୁରୁତର ବଡ଼ପୁଅଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର କିଶୋରନଗର ସୀମାନ୍ତ ରେଢାଖୋଲ ଥାନା ସାଧୁମୁଣ୍ଡା ଗ୍ରାମଠାରେ ଗୁରୁବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଛି। ମୃତକ ରେଢାଖୋଲ ଅଞ୍ଚଳର ବିଶି ମିର୍ଦ୍ଧା (୩୫) ଓ ସାନ ପୁଅ ସୁନୀଲ ମିର୍ଦ୍ଧା ବୋଲି ଜଣାପଡିଛି। ବଡ ପୁଅ ବାପି ମିର୍ଦ୍ଧାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଘଟଣାରୁ ପ୍ରକାଶ, ବିଶି ତାଙ୍କ ୨ ପୁଅ ସହ ବାମୁରରୁ ଭୋଜିଖାଇ ବାଇକ୍ (ନଂ. ଓଡି୨୭ଏ-୬୫୮୨)ରେ ଘରକୁ ଫେରୁଥିଲେ। ସାଧୁମୁଣ୍ଡା ନିକଟରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା। ଖବରପାଇ ବାମୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ବିଶି ଓ ସୁନୀଲଙ୍କ ମୃତ୍ୟୁ ଘଟିଥିଲା। ବାପିଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବରପାଇ ରେଢାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ତାସ ଖେଳରୁ ରାଜନୀତି ହିଂସା
### କଂଗ୍ରେସ ଜିଲା ସଭାପତିଙ୍କ ଭଣଜାଙ୍କୁ ଛୁରାମାଡ଼

**ନବରଙ୍ଗପୁର,୧୬।୫(ବି.ପ୍ର.):** ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗାଁରେ ତାସ ଖେଳରୁ ଗୁରୁବାର ରାଜନୀତି ହିଂସା ଦେଖାଦେଇଛି। ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ଭଣଜା ତଥା କଂଗ୍ରେସର ନନ୍ଦାହାଣ୍ଡି ବ୍ଲକ ଜୋନ କାର୍ଯ୍ୟକାରୀ ସଦସ୍ୟ ସଞ୍ଜୀବ ମିଶ୍ରଙ୍କୁ ବିଜେଡି କର୍ମୀ ସନ୍ତୋଷ କୁମାର ମିଶ୍ର ଛୁରାମାଡ କରିଛନ୍ତି। ସଞ୍ଜୀବଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣାକୁ ନେଇ ନବରଙ୍ଗପୁର ଥାନାରେ ଏତଲା ଦିଆଯାଇଛି। ନନ୍ଦାହାଣ୍ଡି ବ୍ଲକ ଦହଣା ଗାଁର ପୂର୍ଣ୍ଣ ଚନ୍ଦ୍ର ମିଶ୍ରଙ୍କ ପୁଅ ସଞ୍ଜୀବ ଓ କେତେ ଜଣ ସାଥୀ ଗାଁର ତ୍ରିନାଥ ମନ୍ଦିର ପିଣ୍ଡାରେ ବସି ତାସ ଖେଳୁଥିଲେ। ଖେଳ ନିକଟରେ ସେହି ଗାଁର ଦୀନବନ୍ଧୁ ମିଶ୍ରଙ୍କ ପୁଅ ସନ୍ତୋଷ ମଧ ଉପସ୍ଥିତ ଥିଲେ।

**ବାତ୍ୟାବନ୍ୟା ପ୍ରଭାବିତ୍ର ଅଞ୍ଚଳବାସୀଙ୍କ ପାଇ ପାଣି ଚିନ୍ତା**

# ୯ ଜିଲାରେ ଲାଗିବ ୪୩୧୫ ସୌରଚାଳିତ ପମ୍ପ

- ୱାର୍ଲ୍ଡବ୍ୟାଙ୍କ ଅନୁଦାନରୁ ସୌରଚାଳିତ ପମ୍ପ ପାଇଁ ଖର୍ଚ୍ଚ ହେବ ୩୪୫କୋଟି ଟଙ୍କା
- ଯାଜପୁର ଜିଲାରେ ଲାଗିଛି ନିମ୍ନମାନର ଯନ୍ତ୍ରାଂଶ

**ଯାଜପୁର ଅଫିସ,୧୬।୫**

ବାତ୍ୟା ଫନୀ ପ୍ରଭାବରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ପ୍ରଭାବିତ ହୋଇଛି। ଉପକୂଳବର୍ତ୍ତୀ ୯ଟି ଜିଲାର ପାଇପ ଜଳଯୋଗାଣ ପ୍ରକଳ୍ପଗୁଡ଼ିକ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ଏଠାରେ ବିଦ୍ୟୁତ୍‌ଚାଳିତ ପମ୍ପ ବଦଳରେ ୪,୩୧୫ଟି ସୌରଚାଳିତ ପମ୍ପ ପୁନଃସ୍ଥାପନ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ସୌରଚାଳିତ ପ୍ରକଳ୍ପ ପାଇଁ ୱାର୍ଲ୍ଡବ୍ୟାଙ୍କ ଅନୁଦାନରୁ ପ୍ରାୟ ୩୪୫.୨୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପ୍ରତ୍ୟେକ ପ୍ରକଳ୍ପ ପିଛା ୦.୦୮ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିସହ ୨୦୦ଟି ୨୫କେଭିଏରୁ ୫୦କେଭିଏ ଡିଜି ସେଟ ସ୍ଥାପନ କରାଯିବ। ଏପରି କି ଖାରଯୁକ୍ତ ପାଣି ଆସୁଥିବା ୨୦ ବ୍ଲକର ୩୩.୫୦ଲକ୍ଷ ଲୋକଙ୍କୁ ମୁଣ୍ଡ ପିଛା ୨୦ହଜାର ଟଙ୍କା ହିସାବରେ ପାଇପ ଦ୍ୱାରା ପାନୀୟ ଜଳ ୨୦୪୫ ମସିହା ସୁଦ୍ଧା ଯୋଗାଇ ଦିଆଯିବ। ଏଥିପାଇଁ ମୋଟ ୩୭୧୧.୨୦କୋଟି ଟଙ୍କା ଖର୍ଚ୍ଚ ହେବାର ଯୋଜନା ରହିଛି। ଏହି ଯୋଜନା ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂପୁର, ଖୋର୍ଦ୍ଧା ଓ ପୁରୀ ଜିଲାରେ ଲାଗୁ ହେବ। ଏହି ମର୍ମରେ ପଞ୍ଚାୟତିରାଜ ବିଭାଗର ପ୍ରିନ୍ସିପାଲ ସଚିବଙ୍କୁ ରାଜ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଇଞ୍ଜିନିୟର-ଇନ୍-ଚିଫ ତାଙ୍କ ପତ୍ରସଂଖ୍ୟା ୪୫୩୮/୧୫।୫।୨୦୧୯ରେ ପ୍ରସ୍ତାବ ଦେଇଛନ୍ତି। ବନ୍ୟା ଓ ବାତ୍ୟା ଅଞ୍ଚଳରେ ପ୍ରାୟତଃ ବିଦ୍ୟୁତସେବା ବ୍ୟାହତ ହେଉଥିବାରୁ ସାଧାରଣ ଲୋକ ସ୍ୱଚ୍ଛ ପାନୀୟ ଜଳ ନ ପାଇ ହଟହଟା ହେଉଛନ୍ତି। ତେବେ ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ବାତ୍ୟା ପ୍ରଭାବିତ ଅଞ୍ଚଳବାସୀ ଉପକୃତ ହେବେ ବୋଲି ବିଭାଗ ପକ୍ଷରୁ ଆଶା କରାଯାଇଛି।

ଅନ୍ୟପକ୍ଷେ ଯାଜପୁର ଜିଲାରେ ସ୍ଥାପିତ ହୋଇଥିବା ପ୍ରାୟ ୨୦୦ସୌରଚାଳିତ ପାନୀୟ ଜଳଯୋଗାଣ ପ୍ରକଳ୍ପରୁ ଅଧିକାଂଶ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଜଣାପଡିଛି।

ପୂର୍ବରୁ ଯାଜପୁର ଜିଲାରେ ଶାନ୍ତି ଆସୋସିଏଟ ଦ୍ୱାରା ଯୋଗାଣ ହୋଇଥିବା ସୌରଯନ୍ତ୍ର ଅତି ନିମ୍ନମାନର ହୋଇଥିବାରୁ ୧୫ଟି ପ୍ରକଳ୍ପ ଏକବର୍ଷ ଚାଲିପାରି ନ ଥିଲା। ଚଳିତ ବର୍ଷ ମଧ ୧୪ ଟି ପ୍ରକଳ୍ପ ଅଚଳ ଥିବା ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା(ଓରେଡା) ପକ୍ଷରୁ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆରଡବ୍ଲ୍ୟୁଏସ୍‌ଏସ୍)କୁ ସୂଚନା ଦିଆଯାଇଛି। ବିଦ୍ୟୁତ ଶକ୍ତି ଅଭାବ ଥିବା ଅଞ୍ଚଳରେ ପାନୀୟ ଜଳସଙ୍କଟ ଦୂରକରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ସୌରଶକ୍ତି ଚାଳିତ ପମ୍ପ ଓ ମୋଟର ସ୍ଥାପନ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଲାଭଖୋର ମନୋବୃତ୍ତି ଯୋଗୁ କମ୍ପାନୀ ସହ ସଲାସୁତୁରା କରି ସୌର ଯନ୍ତ୍ରଗୁଡିକ ସ୍ଥାପନ ହୋଇଥିବାରୁ ସେଗୁଡିକ ଦୀର୍ଘସ୍ଥାୟୀ ହୋଇପାରି ନାହିଁ। ଜିଲାରେ ୩ଟି ପର୍ଯ୍ୟାୟରେ ପ୍ରାୟ ୨୦୦ଟି ସୌର ଯନ୍ତ୍ର ଚାଳିତ ଗ୍ରାମ୍ୟ ପାଇପ ଜଳଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା ହୋଇଛି। ଏଥିରେ ଶାନ୍ତି ଆସୋସିଏଟ ଯୋଗାଣକାରୀ ସଂସ୍ଥାକୁ ଅଧିକ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା ମନେ ହୋଇଛି। ନିମ୍ନମାନର ଯନ୍ତ୍ରାଂଶ ପ୍ରତିଷ୍ଠା କରି ଏହି କମ୍ପାନୀ ମାଲାମାଲ ହୋଇଥିବାବେଳେ ସାଧାରଣ ଲୋକଙ୍କ ପାନୀୟ ଜଳ ଚାହିଦା ପୂରଣ ହୋଇ ପାରିନାହିଁ। ଗତବର୍ଷ ଓରେଡା ପକ୍ଷରୁ ସୌରଚାଳିତ ପ୍ରକଳ୍ପଗୁଡ଼ିକ ଉପରେ ସର୍ଭେ ହୋଇଥିଲା। ସେଥିରେ ସୌରଚାଳିତ ପ୍ରକଳ୍ପଗୁଡିକ ସର୍ବାଧିକ ୨୮୧ଦିନ ଚାଲିଥିବା ଜଣାପଡ଼ିଥିଲା। ଧର୍ମଶାଳା ବ୍ଲକରେ ଶାନ୍ତି ଏସୋସିଏଟ ଦ୍ୱାରା ଯୋଗାଣ ହୋଇଥିବା ଏଣ୍ଡଳବା ବିଚ୍ଛାଖଣ୍ଡିର ମୁଣ୍ଡାସାହି ପ୍ରକଳ୍ପ ୨୧୯ ଦିନ, ପାଟପୁର ହରିଜନସାହି ପ୍ରକଳ୍ପ ୨୧୮ ଦିନ, ପାଟପୁର ବଡବାରିସାହି ପ୍ରକଳ୍ପ ମାତ୍ର ୧୩ ଦିନ ଚାଲିବା ପରେ ଅଚଳ ହୋଇଥିଲା। ସେହିପରି ସୁକିନ୍ଦା ବ୍ଲକ ଗୋବରଘାଟି ମିର୍ଗିଚର ପ୍ରକଳ୍ପ ୧୭୭ ଦିନ, ଚିଙ୍ଗୁଡିପାଳ ଛତନନଗର ମୁଣ୍ଡାସାହି ପ୍ରକଳ୍ପ ୧୬୯ ଦିନ ଓ ଖରଡି ପ୍ରକଳ୍ପ ୨୧୧ ଦିନ ପାଣି ଯୋଗାଣ କରି ପାରିଥିଲା। ଶିଳ୍ପ ବିସ୍ଥାପିତମାନେ ବାସ କରୁଥିବା ଦାନଗଦୀ ବ୍ଲକର କିଆଝରର ପ୍ରକଳ୍ପ, ଚାନ୍ଦିଆ ଅଙ୍କୁଲପାଳ ପ୍ରକଳ୍ପ, ଚାନ୍ଦିଆ ବାଇସାହି ପ୍ରକଳ୍ପ ୧୭୮ ଦିନ ଲେଖାଏ ଚାଲିଥିବା କୁହାଯାଇଥିଲା। ସେହିପରି ବଡ଼ଚଣା ବ୍ଲକର ପାରିଆ ସାବରସାହି ପ୍ରକଳ୍ପ ୨୮୧ ଦିନ, ଭୁଷଣପୁର ଆଦିବାସୀ ସାହି ପ୍ରକଳ୍ପ ୧୩୧ ଦିନ ଓ ଚାରିନଙ୍ଗଲ ଝାରକୂଳ ପ୍ରକଳ୍ପ ମାତ୍ର ୧୩ ଦିନ ଚାଲିଥିଲା। ତେଣୁ ବନ୍ୟା ଓ ବାତ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରସ୍ତାବିତ ସୌରଚାଳିତ ପମ୍ପ ଉଚ୍ଚମାନର ସ୍ଥାପନ କରା ନ ଗଲେ କିଛି ଦିନ କାର୍ଯ୍ୟକ୍ଷମ ହୋଇ ପୁଣି ଅଚଳ ହେବାର ସମ୍ଭାବନା ରହିଛି। ଏ ସଂକ୍ରାନ୍ତରେ ଯାଜପୁର ଆରଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ପଚାରିବାରେ ସେ କହିଛନ୍ତି ପ୍ରସ୍ତାବିତ ସୌର ପ୍ରକଳ୍ପ ସମ୍ବନ୍ଧରେ ଏଯାଏ କୌଣସି ସୂଚନା ଆସିନାହିଁ। ତେବେ ଏହି ପ୍ରକଳ୍ପ ବିଦ୍ୟୁତ୍ ଅଭାବ ସମୟରେ ଲୋକଙ୍କ ପାଇଁ ପାନୀୟଜଳ ଯୋଗାଣରେ ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି।

# ସମୟ ନିର୍ଘଣ୍ଟକୁ କେନ୍ଦ୍ରକରି ଯାତ୍ରୀଙ୍କ ରେଳରୋକୋ

- ଭଦ୍ରକ-ପୁରୀ ପାସେଞ୍ଜର ସମେତ ୭ଟ୍ରେନ୍ ଦେଢ଼ଘଣ୍ଟା ବିଳମ୍ବ

**ଟାଙ୍ଗୀ(କଟକ),୧୬।୫(ଡି.ଏନ୍.ଏ.)**

ସମୟ ନିର୍ଘଣ୍ଟକୁ କେନ୍ଦ୍ରକରି ପୂର୍ବତଟ ରେଳ ଅଧୀନ ନିର୍ଗୁଣ୍ଡି ଷ୍ଟେଶନ ନିକଟରେ ଯାତ୍ରୀମାନେ ଗୁରୁବାର ସକାଳେ ରେଳରୋକୋ କରିଥିଲେ। ଫଳରେ ୬୮୪୦୭ନଂ.ଭଦ୍ରକ-ପୁରୀ-ବ୍ରହ୍ମପୁର ପାସେଞ୍ଜର ସମେତ ୭ଟି ଟ୍ରେନ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବରେ ଯାତ୍ରା କରିଥିଲା। ସୂଚନା ଅନୁଯାୟୀ, ଗୁରୁବାର ସକାଳ ୮ଟା ୪୮ରେ ଭଦ୍ରକ-ପୁରୀ-ବ୍ରହ୍ମପୁର ପାସେଞ୍ଜର ଟ୍ରେନ ଟାଙ୍ଗୀସ୍ଥିତ କପିଳାସ ରୋଡ଼ ଷ୍ଟେଶନ ଛାଡ଼ିଥିଲା। ଏହି ସମୟରେ ୬୮୪୧୩ନଂ ତାଳଚେର-ପୁରୀ ପାସେଞ୍ଜର ଟ୍ରେନ ଚୌଦ୍ୱାର ଥାନା ଶାଳଗାଁ ଷ୍ଟେଶନ ଛାଡ଼ିଥିଲା। ଉଭୟ ଟ୍ରେନ ନିର୍ଗୁଣ୍ଡି ଜଙ୍କସନରେ ଥିଲେ ମଧ ସମୟ ସାରଣୀ ଅନୁଯାୟୀ ପ୍ରଥମେ ତାଳଚେର ଟ୍ରେନ ଛାଡ଼ିବା ନିୟମ ରହିଛି। ସେହି ଅନୁସାରେ ଭଦ୍ରକ ପାସେଞ୍ଜର ଟ୍ରେନକୁ ଷ୍ଟେଶନ ଠାରୁ ପ୍ରାୟ ଅଧ କି.ମି. ଦୂରରେ ଅଟକାଯାଇ ତାଳଚେର ପାସେଞ୍ଜରକୁ ଛଡ଼ା ଯାଇଥିଲା। ମାତ୍ର ୧୦ମିନିଟର ତାରତମ୍ୟକୁ କେନ୍ଦ୍ରକରି ଭଦ୍ରକ ପାସେଞ୍ଜର ଟ୍ରେନର କେତେକ ଯାତ୍ରୀ ପ୍ରତିବାଦ କରିବା ସହ ରେଳରୋକୋ କରିଥିଲେ। ଫଳରେ ୭ଟି ଟ୍ରେନର ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ନିର୍ଗୁଣ୍ଡି ଷ୍ଟେଶନ ମାଷ୍ଟର ରମେଶ ରାଉତ ଓ ଜିଆରପି ଷ୍ଟାଫ ପହଞ୍ଚି ଯାତ୍ରୀଙ୍କ ସହ ଆଲୋଚନା କରିବା ପରେ ରେଳରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହି ରେଳରୋକୋ ପୂର୍ବାହ୍ନ ୯ଟା ୫ରୁ ୧୦ଟା ୩୫ ପର୍ଯ୍ୟନ୍ତ ହୋଇଥିଲା। ଏହା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା। ରେଲୱେ ପକ୍ଷରୁ ନିଆଯାଇଥିବା ଭିଡିଓ ଫୁଟେଜ ଆଧାରରେ ରେଳରୋକୋ କରିଥିବା ଯାତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ଷ୍ଟେଶନ ମାଷ୍ଟର ରାଉତ କହିଛନ୍ତି।



ଯାତ୍ରୀମାନେ ରେଳରୋକୋ କରିଛନ୍ତି।

# ବିଷପିଇ ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

**ସୋନପୁର,୧୬।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ବଳାରଙ୍ଗା ଗ୍ରାମରେ ଘଟିଛି ଏପରି ଦୁଃଖଦ ଘଟଣା। ଗ୍ରାମର ଅଜିତ୍ ଭୁଏ (୨୨) ଓ ସସ୍ମିତା ବିଶି(୧୬) ପରସ୍ପରକୁ ଭଲ ପାଉଥିଲେ। ଏହି ଲୁଚାଚୋରା ପ୍ରେମ ସମ୍ପର୍କରେ ପରିବାର ଲୋକଙ୍କ ସହିତ ଗାଁ ଲୋକେ ବି ଅବଗତ ଥିଲେ। ହେଲେ ସେମାନଙ୍କ ପ୍ରେମକୁ ସମ୍ମତି ମିଳି ନ ଥିଲା। ଏପରି କି ଅଜିତ୍‌ଙ୍କ ପରିବାର ଲୋକେ ସ୍ଥାନୀୟ ଫବ୍‌ସି ଗ୍ରାମର ଅନ୍ୟ ଜଣେ ଝିଅ ସହିତ ତାଙ୍କ ବାହାଘର ସ୍ଥିର କରିଥିଲେ। ପରିବାରର ନିଷ୍ପତ୍ତିକୁ ବିରୋଧ କରି ପାରି ନ ଥିଲେ ଅଜିତ୍। ବିବାହ ତାରିଖ ବି ଠିକ୍ ହୋଇସାରିଥିଲା। ଏପରି ପରିସ୍ଥିତିରେ ଏହି ପ୍ରେମୀଯୁଗଳ ନିଜର ମାନସିକ ଭାରସାମ୍ୟ ହରାଇ ବସିଥିଲେ। ବୁଧବାର ରାତିରେ ସସ୍ମିତା ନିଜ ଘରୁ ଗୋଡ କାଢି ଅଜିତ୍‌ଙ୍କ ବାଡି ପଛପଟକୁ ଚାଲି ଆସିଥିଲେ। ଅଜିତ୍ ବି ସେଠାରେ ପହଞ୍ଚି ଥିଲେ। କିଛି ସମୟ ପରେ ଦୁହେଁ ବିଷପିଇ ଦେଇଥିଲେ।

ସେମାନେ ପରସ୍ପରକୁ ଭଲ ପାଉଥିଲେ। ବିବାହ କରିବାର ସ୍ୱପ୍ନ ବି ଦେଖିଥିଲେ। ହେଲେ ସେଥିପାଇଁ ପରିବାର ଲୋକଙ୍କ ସମ୍ମତି ମିଳି ନ ଥିଲା। ଶେଷରେ ପୁଅ ଘର ଲୋକେ ଅନ୍ୟ ଏକ ଝିଅ ସହିତ ତାଙ୍କ ବାହାଘର ଠିକ୍ କଲେ। ସେଥିପାଇଁ ଲଗ୍ନ ବି ଧାର୍ଯ୍ୟ ହୋଇଥିଲା। ଆସନ୍ତା ୩୦ତାରିଖରେ ହୋଇଥାନ୍ତା ବାହାଘର। ତଥାପି ପରିବାର ସଦସ୍ୟଙ୍କ ଆଗରେ ନିଜର ହକ୍ ଜାହିର କରିବାକୁ ସାହସ ଜୁଟାଇ ପାରି ନ ଥିଲେ ଏହି ପ୍ରେମୀ ଯୁଗଳ। ଏପରି ପରିସ୍ଥିତିରେ ପ୍ରେମିକ ନିଜର ପ୍ରେମିକାଙ୍କୁ ପ୍ରତାରଣା କରି ଅନ୍ୟ ଝିଅକୁ ବିବାହ କରିବାକୁ ଚାହିଁ ନ ଥିଲେ। ଶେଷରେ ଉଭୟ ଆତ୍ମହତ୍ୟା ପଥ ବାଛି ନେବାକୁ ସ୍ଥିର କଲେ। ବୁଧବାର ବିଳମ୍ବିତ ରାତିରେ ଦୁହେଁ ବିବାହ ବନ୍ଧନ ଛାଡି ମୃତ୍ୟୁ ବନ୍ଧନରେ ବାନ୍ଧି ହୋଇଗଲେ।

- ଶାଳକଙ୍କୁ ଶାବଳରେ ପିଟି ହତ୍ୟା ମାମଲା

# ଭିଣୋଇଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଲେ କୋର୍ଟ

**ଅନୁଗୋଳ ଅଫିସ, ୧୬।୫**

୨୦୧୬ରେ ଅନୁଗୋଳ ଟାଇଁସି ଅଞ୍ଚଳ ସାପ୍ତାହିକ ହାଟରେ ଘଟିଥିବା ଶାଳକ ସୁଶାନ୍ତ ମୁଣ୍ଡା(୩୦)ଙ୍କ ହତ୍ୟା ମାମଲାର ବିଚାର କରି ଗୁରୁବାର ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଅଭିଯୁକ୍ତ ଭିଣୋଇ ତ୍ରିଲୋଚନ ବେହେରା(୫୦)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୋଟ୍ ୧୬ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଅଭିଯୁକ୍ତ ତ୍ରିଲୋଚନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡାଦେଶ ଦେଇଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ପିପି ତାପସ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ହତ୍ୟାର ଶିକାର ହୋଇଥିବା ଶାଳକ ସୁଶାନ୍ତଙ୍କ ଘର ପୁରୁଣାକୋଟ ଥାନା ଧଉରାଗୋଠ ଦାଦରସାହିରେ। ଅଭିଯୁକ୍ତ ଭିଣୋଇ ତ୍ରିଲୋଚନ ୨୦ ବର୍ଷ ତଳେ ସୁଶାନ୍ତଙ୍କ ଭଉଣୀଙ୍କୁ ବିବାହ କରିଥିଲେ। ହେଲେ ନିର୍ଯାତନା ଦେଉଥିବାରୁ ଭଉଣୀ ଭାଇ ସୁଶାନ୍ତଙ୍କ ପାଖକୁ ଚାଲିଆସିଥିଲେ। ଏହାକୁ ନେଇ ୨୦୧୬ ଜୁଲାଇ ୨୬ ସକାଳେ ସୁଶାନ୍ତ ଓ ତାଙ୍କ ଭାଇ ପ୍ରଶାନ୍ତ ମୁଣ୍ଡାଙ୍କ ସହ ଅଭିଯୁକ୍ତ ଭିଣୋଇ ତ୍ରିଲୋଚନଙ୍କ ଝଗଡ଼ା ହୋଇଥିଲା। ପରେ ସୁଶାନ୍ତ ହାଟକୁ ଯାଇଥିବାବେଳେ ତ୍ରିଲୋଚନ ତାଙ୍କୁ ସେଠାରେ ଶାବଳରେ ପିଟି ପିଟି ହତ୍ୟା କରିଥିଲେ। ଏ ନେଇ ପୁରୁଣାକୋଟ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣା ପରଦିନ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

- ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ

# ହଂକଂରେ ଭାରତରୁ ପ୍ରତିନିଧିତ୍ୱ କରିବେ ଶରଣ୍ୟା

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

ଗତ ଏପ୍ରିଲ ୨୭ରୁ ୨୯ ପର୍ଯ୍ୟନ୍ତ କେରଳର କୋଝିକୋଡ଼ଠାରେ ଅନୁଷ୍ଠିତ ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ ୨୦୧୯ରେ ବାଜି ମାରିଛନ୍ତି ଆଉ ଜଣେ ଓଡ଼ିଆ। ଜୁନିୟର ବର୍ଗରେ ଶ୍ରୀବାଲିଙ୍କ ବାଜିମାତ ପରେ ୧୦ରୁ ୧୪ବର୍ଷ ବର୍ଗରେ ପ୍ରଥମ ରନର୍ସଅପ୍ ହୋଇଛନ୍ତି ଓଡ଼ିଆ ଝିଅ ଶରଣ୍ୟା ସାମନ୍ତରାୟ। ସମଗ୍ର ଦେଶରୁ ୬୨ଜଣ ପ୍ରତିଯୋଗୀ ଫାଇନାଲ ରାଉଣ୍ଡରେ ଅଂଶଗ୍ରହଣ କରିଥିବା ବେଳେ ଶରଣ୍ୟା ନିଜର ଶ୍ରେଷ୍ଠ ପ୍ରଦର୍ଶନ ବଳରେ ଦ୍ୱିତୀୟ ସ୍ଥାନରେ ରହିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହାସହ ହଂକଂରେ ହେବାକୁ ଥିବା ବିଉଟି ପ୍ୟାଜେଣ୍ଟ୍ ଲିଟିଲ୍ ମିସ୍ ପ୍ରିନ୍ସେସ୍‌ରେ ସେ ଭାରତରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ରାମମନ୍ଦିର ଛକସ୍ଥିତ ସେଣ୍ଟ ଜୋସେଫ୍ ସ୍କୁଲରେ ଷ୍ଟାଣ୍ଡାର୍ଡ-୫ରେ ପଢୁଥିବା ୧୦ ବର୍ଷୀୟା ଶରଣ୍ୟା ଜଣେ ମେଧାବୀ ଛାତ୍ରୀ। ଏହାସହ ସେ ଜଣେ ଜଣାଶୁଣା ଡ୍ୟାନ୍ସର ଓ ମଡେଲ। ପିଲାବେଳୁ ଅଭିନୟ, ଓଡ଼ିଶୀ ନୃତ୍ୟ ଓ ମଡେଲିଂରେ ତାଙ୍କର ରୁଚି ରହିଛି। ଲିଟିଲ୍ ମିସ୍ ଓଡ଼ିଶା ଓ ରଜ କୁଇନ୍ ଭଳି ଟାଇଟଲ ଜିତିଥିବା ଶରଣ୍ୟା ଆଗକୁ ଯାଇ ନୃତ୍ୟ ଏବଂ ଅଭିନୟ କ୍ଷେତ୍ରରେ ନିଜର ପରିଚୟ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଭୁବନେଶ୍ୱରର ମୋନାଲିସା ରାଜଗୁରୁ ଓ ପ୍ରଶାନ୍ତ କୁମାର ସାମନ୍ତରାୟଙ୍କ ଝିଅ ଶରଣ୍ୟା ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ଓଡ଼ିଶାର କଳା, ସଂସ୍କୃତି ଏବଂ ପରମ୍ପରାକୁ ସମସ୍ତଙ୍କ ନିକଟରେ ଉପସ୍ଥାପନା କରିଥିଲେ।



ଶରଣ୍ୟା ସାମନ୍ତରାୟ


ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୧୯.୯ |
| ଚାନ୍ଦବାଲି | ୩୯.୦ | ୨୩.୨ |
| କଟକ | ୩୭.୫ | ୧୯.୨ |
| ପାରାଦ୍ୱୀପ | ୩୨.୦ | ୨୧.୮ |
| ଭୁବନେଶ୍ୱର | ୩୭.୮ | ୨୩.୮ |
| ଗୋପାଳପୁର | ୩୨.୪ | ୨୪.୩ |
| ପୁରୀ | --- | ୨୬.୪ |
| ଅନୁଗୋଳ | ୩୯.୧ | ୨୦.୦ |
| ବାରିପଦା | ୩୮.୦ | ୨୨.୬ |
| ଝାରସୁଗୁଡ଼ା | ୪୨.୬ | ୨୫.୮ |
| କେନ୍ଦୁଝର | ୩୯.୦ | ୨୧.୨ |
| ସମ୍ବଲପୁର | ୪୨.୩ | ୨୬.୪ |
| ସୁନ୍ଦରଗଡ଼ | ୪୦.୫ | ୨୩.୦ |
| ହୀରାକୁଦ | ୪୧.୫ | ୨୬.୫ |
| ତାଳଚେର | ୪୦.୧ | ୨୫.୫ |
| ଭବାନୀପାଟଣା | ୪୧.୫ | ୨୩.୫ |
| ବଲାଙ୍ଗୀର | ୪୩.୧ | ୨୪.୩ |
| କୋରାପୁଟ | ୩୪.୦ | ୨୦.୨ |
| ଫୁଲବାଣୀ | --- | ୨୩.୨ |
| ଟିଟିଲାଗଡ଼ | ୪୩.୦ | ୨୩.୦ |
| ମାଲକାନଗିରି | ୩୮.୫ | ୨୦.୫ |
| ସୋନପୁର | ୪୩.୨ | ୨୩.୦ |
| ଦାରିଙ୍ଗିବାଡ଼ି | ୩୭.୦ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍

# ମିଥୁନଙ୍କ ପରବର୍ତ୍ତୀ ହରର୍-କମେଡି 'ଭୁତିୟାପା'

**ମୁମ୍ବାଇ:** ଅଭିନେତା ମିଥୁନ ଚକ୍ରବର୍ତ୍ତୀ ହରର୍-କମେଡି 'ଭୁତିୟାପା'ରେ ଅଭିନୟ ପାଇଁ ସାଇନ୍ କରିଛନ୍ତି। ଏହାର ଶୁଟିଂ ଜୁଲାଇ/ଅଗଷ୍ଟରେ ଆରମ୍ଭ ହେବାକୁ ଯାଉଛି। ଶେଷଥର ଲାଗି 'ତାସ୍‌କେଣ୍ଟ ଫାଇଲ୍'ର ଅନ୍‌ସ୍କ୍ରିନ୍‌ରେ ଦୃଶ୍ୟମାନ ହୋଇଥିବା ଏହି ଅଭିନେତା କିଛିଦିନ ଲାଗି ଦର୍ଶକଙ୍କଠାରୁ ଦୂରେଇ ରହିଥିଲେ। ଏହାର ଅସଲ କାରଣ ହେଉଛି ତାଙ୍କ ପିଠି ଯନ୍ତ୍ରଣା ଯୋଗୁ ସେ କିଛିଦିନ ଚିକିତ୍ସାଧୀନ ଥିଲେ। ତେବେ ବର୍ତ୍ତମାନ ମିଥୁନ ଭୁତିୟାପା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ତାଙ୍କ ସହ ହାସ୍ୟ ଅଭିନୟ କରିବେ କମେଡିଆନ କୃଷ୍ଣ ଅଭିଷେକ, ସୁଗନ୍ଧା ମିଶ୍ର ଏବଂ ରାଜୀବ ଠାକୁର। ମନୋଜ ଶର୍ମା ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏ ସମ୍ପର୍କରେ ନିର୍ଦ୍ଦେଶକ କହନ୍ତି, ଫିଲ୍ମର କାହାଣୀ ସମ୍ପର୍କରେ ମିଥୁନଦାଙ୍କ ସହ କଥା ହେବାବେଳେ ସେ ଅତ୍ୟନ୍ତ ଉତ୍ସାହିତ ହୋଇପଡିଥିଲେ। ସେ ଅଭିନୟ ପାଇଁ ଫିଟ୍ ଏବଂ ଫାଇନ୍ ଥିବା ଏବଂ ସ୍କ୍ରିପ୍ଟକୁ ଖୁବ୍ ପସନ୍ଦ କରିଥିବା ଜଣାଇଛନ୍ତି। ଏହି ଫିଲ୍ମରେ ଦର୍ଶକଙ୍କୁ କିଛି ନୂଆ ଅନୁଭୂତି ଦେବା ପାଇଁ ଉଦ୍ୟମ ହେଉଛି। କାହାଣୀ ଅତି ଚମତ୍କାର। ଉକ୍ତ ଫିଲ୍ମ ୨୦୨୦ ଏପ୍ରିଲରେ ରିଲିଜ ହେବା ଆଶା ଅଛି ବୋଲି ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି।



# ପ୍ରଥମ ମହିଳା ଆଇସିସି ମ୍ୟାଚ ରେଫରି



ଜି.ଏସ୍. ଲକ୍ଷ୍ମୀ ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ଏହି ପୂର୍ବତନ ମହିଳା କ୍ରିକେଟର ବିଶ୍ୱର ପ୍ରଥମ ମହିଳା ଭାବେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରି ତାଲିକାରେ ସେ ସ୍ଥାନ ପାଇଛନ୍ତି। ପ୍ରଥମେ ଜଣେ କ୍ରିକେଟର ପରେ କୋଚ୍ ଓ ଶେଷରେ ରେଫରି ଭାବେ ସେ ନିଜକୁ ପ୍ରତିଷ୍ଠା କରିପାରିଛନ୍ତି। ଏବେ ଆଗକୁ ସେ ବିଭିନ୍ନ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ରେଫରି ଦାୟିତ୍ୱ ତୁଲାଇବେ। ବିଶ୍ୱର ପ୍ରଥମ ମହିଳା ଭାବେ ସେ ଏହି ଦାୟିତ୍ୱ ପାଇଥିବାରୁ ଭାରତ ପାଇଁ ଏହା ଗର୍ବର ବିଷୟ। ରେଫରି ହେବା ପୂର୍ବରୁ ସେ ଜଣେ ସଫଳ ମହିଳା କ୍ରିକେଟର ଓ କୋଚ୍ ଭାବେ ସଫଳତା ହାସଲ କରିଥିଲେ। ରେଲୱେ ପାଇଁ ପ୍ରତିନିଧିତ୍ୱ କରି ସେ ଜଣେ ଅସାଧାରଣ ବୋଲର ବିବେଚିତ ହୋଇ ଆସୁଥିଲେ। ଘରୋଇ ମହିଳା କ୍ରିକେଟରେ ସେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଆସିଛନ୍ତି। ଏକଦା ସେ ପୂର୍ବତନ ଭାରତୀୟ ଅଧିନାୟିକା ଡାଇନା ଇଦୁଲଜୀ, ପୂର୍ବତନ ଅଲରାଉଣ୍ଡର ହେମଲତା କାଲାଙ୍କ ସହ ଡ୍ରେସିଂରୁମ୍ ଶେୟାର କରିଥିଲେ। ଭାରତ ପାଇଁ ଲକ୍ଷ୍ମୀ କେବେବି ଖେଳି ନ ଥିଲେ ମଧ୍ୟ ୧୯୯୯ ଇଂଲଣ୍ଡ ଗସ୍ତରେ ସେ ଭାରତୀୟ ଦଳରେ ସାମିଲ ହୋଇଥିଲେ।

ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀଠାରେ ଜନ୍ମଗ୍ରହଣ କରିଥିବା ଲକ୍ଷ୍ମୀ ଝାଡଖଣ୍ଡର ଷ୍ଟିଲ୍‌ସିଟି ଜାମସେଦପୁରରେ ବଡ଼ ହୋଇଥିଲେ। ତାଙ୍କ ବାପା ସେଠାରେ ଚାକିରି କରୁଥିଲେ। ଦଶମ ବୋର୍ଡ ପରୀକ୍ଷାରେ ସେ ଭଲ ନମ୍ବର ରଖିପାରି ନ ଥିଲେ। ଫଳରେ ଜାମସେଦପୁର ମହିଳା କଲେଜରେ ସିଧାସଳଖ ଆଡମିଶନ ମିଳି ନ ଥିଲା। ତେବେ ସେ ଫ୍ରଣ୍ଟଲାଇନ ଦ୍ରୁତ ବୋଲର ହୋଇପାରିବେ ବୋଲି କଲେଜ କର୍ତ୍ତୃପକ୍ଷ ହୃଦୟଙ୍ଗମ କଲାପରେ ଲକ୍ଷ୍ମୀଙ୍କୁ ସ୍ପୋର୍ଟ୍ସ କୋଟାରେ ଆଡମିଶନ ମିଳିଥିଲା।

୧୯୯୧ରେ ନିଜର ବିବାହ ଦିନ ସେ ଅବଶିଷ୍ଟ ଭାରତ ପାଇଁ ଖେଳିବାକୁ ଡାକରା ପାଇଥିଲେ। ବିବାହର କିଛି ଦିନ ପରେ ସେ କ୍ରିକେଟ ଖେଳ ଜାରି ରଖିଥିଲେ। ଆନ୍ତଃ ରେଲୱେ ଟୁର୍ନାମେଣ୍ଟରେ ସେ ସାଉଥ୍ ସେଣ୍ଟ୍ରାଲ ରେଲୱେକୁ ପ୍ରଥମଥର ପାଇଁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହା ତାଙ୍କ କ୍ରିକେଟ କ୍ୟାରିୟରର ଏକ ମୁଖ୍ୟ ଘଟଣା ଥିଲା। ୨୦୦୪ ପରେ ସେ ଅବସର ନେବାପରେ ଲକ୍ଷ୍ମୀ କୋଚିଂରେ ମନୋବଳାଇଥିଲେ। ୨୦୧୪ ପର୍ଯ୍ୟନ୍ତ ସେ ସାଉଥ୍ ସେଣ୍ଟ୍ରାଲ ରେଲୱେ ପାଇଁ କୋଚ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୦୮ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରଥମଥର ପାଇଁ ମହିଳା ରେଫରିଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଥିଲା। ଲକ୍ଷ୍ମୀଙ୍କ ସମେତ

> ଜଣେ କ୍ରିକେଟର ଓ କୋଚ୍ ଭାବେ ସଫଳତା ହାସଲ କରିଥିବା ୫୧ ବର୍ଷୀୟ ଜି.ଏସ୍. ଲକ୍ଷ୍ମୀ ଏବେ ବିଶ୍ୱର ପ୍ରଥମ ମହିଳା ଭାବେ ଆଇସିସି ଅନ୍ତର୍ଜାତୀୟ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରି ନିଯୁକ୍ତ ହୋଇଛନ୍ତି। ବିବାହ କରିବା, ମା' ହେବା ଓ ଅବସର ନେବା ପରେ ମଧ୍ୟ କ୍ୟାରିୟର ରହିଛି ଓ ଜଣେ ମହିଳା ଚାହିଁଲେ ତାଙ୍କର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ। ତେବେ ଏଥିପାଇଁ ଇଚ୍ଛାଶକ୍ତି ଜାରି ରହିବା ନିହାତି ଜରୁରୀ ବୋଲି ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀରେ ଜନ୍ମିତ ଲକ୍ଷ୍ମୀ କୁହନ୍ତି। ଦିନିକିଆ ଓ ଟି୨୦ ବିଶ୍ୱକପ୍‌ରେ ମ୍ୟାଚ୍ ପରିଚାଳନା କରିବା ତାଙ୍କର ଲକ୍ଷ୍ୟ ରହିଛି...

ଅନ୍ୟ ୪ଜଣ ମହିଳା ରେଫରିଙ୍କୁ ନେଇ ଏକ ଗ୍ରୁପ୍ ଚୟନ କରାଯାଇଥିଲା। ଅନ୍ୟ ୪ଜଣ ମହିଳା ରେଫରି ହେଲେ ପୂର୍ବତନ ଭାରତୀୟ କ୍ରିକେଟର ରଜନୀ ବେଣୁଗୋପାଳ, ରାଜେଶ ନାୟାର, ନିଳିମା ଜୋଗେଲକର ଓ ଗାର୍ଗି ବାନାର୍ଜୀ। ୨୦୧୪ରେ ମହିଳା ରେଫରିଙ୍କ ପାଇଁ ବିସିସିଆଇ ଏକ କ୍ୱାଲିଫିକେଶନ ପରୀକ୍ଷା ଧାର୍ଯ୍ୟ କରିଥିଲା। ଲକ୍ଷ୍ମୀ ଅବଶ୍ୟ କୃତକାର୍ଯ୍ୟ ହୋଇଥିଲେ। ଏଥିରେ ୧୨୦ ଜଣ ମ୍ୟାଚ୍ ରେଫରି ସାମିଲ ହୋଇଥିଲେ। ଅନ୍ୟ ୪ ମହିଳା ରେଫରିଙ୍କ ସହ ୫୦ ଜଣିଆ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିଲେ। ଏହାପରେ ସେ ବାଳକ ଓ ଅନ୍ୟ ପୁରୁଷ ଘରୋଇ ମ୍ୟାଚ୍ ପରିଚାଳନା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏହାପରେ ଲକ୍ଷ୍ମୀ ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ରେଫରି ଦାୟିତ୍ୱ ତୁଲାଇଥିଲେ ଓ ଉତ୍ତରପ୍ରଦେଶ- ବେଙ୍ଗଲ ମ୍ୟାଚ୍ ଓ ସବୁ ମହିଳା ବର୍ଗର ଘରୋଇ ମ୍ୟାଚ୍‌ରେ ପ୍ରଥମଥର ପାଇଁ କୋଡ ଅଫ୍ କଣ୍ଡକ୍ଟ ପେନାଲ୍ଟି ଲାଗୁ କରିଥିଲେ। ସେ ଏପର୍ଯ୍ୟନ୍ତ ୩ଟି ମହିଳା ଦିନିକିଆ ମ୍ୟାଚ୍, ୩ ମହିଳା ଟି୨୦ ମ୍ୟାଚ୍ ସହିତ କିଛିଦିନ ତଳେ ଅନୁଷ୍ଠିତ ହୋଇଥିବା ମହିଳା ଟି୨୦ ଚ୍ୟାଲେଞ୍ଜର ସବୁ ୪ଟି ଯାକ ମ୍ୟାଚ୍‌ରେ ରେଫରି ଦାୟିତ୍ୱ ତୁଲାଇଥିଲେ।

ଆଇସିସିର ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିକୁ ମନୋନୀତ ହେବା ମୋ ପାଇଁ ବହୁତ ବଡ଼ ସମ୍ମାନ। ମହିଳା କ୍ରିକେଟର ଭାବେ ବିଭିନ୍ନ ଦଳ ପକ୍ଷରୁ ଅନେକ ମ୍ୟାଚ୍ ଖେଳିଛି ଏବଂ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଛି। ଏଭଳି ଏକ ବଡ଼ ଗୁରୁ ଦାୟିତ୍ୱ ଦେଇଥିବାରୁ ଆଇସିସି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ଅଫିସିଆଲଙ୍କ ସମେତ ସିନିୟର ଖେଳାଳି, ପରିବାର ଓ ବନ୍ଧୁଙ୍କୁ ଲକ୍ଷ୍ମୀ କୃତଜ୍ଞତା ଜଣାଇଛନ୍ତି।

ଉଭୟ ମହିଳା ଟି୨୦ ଓ ଦିନିକିଆ ବିଶ୍ୱକପ୍‌ରେ ରେଫରି ହିସାବରେ ମ୍ୟାଚ୍ ପରିଚାଳନା କରିବା ହେଉଛି ଲକ୍ଷ୍ମୀଙ୍କ ପରବର୍ତ୍ତୀ ଲକ୍ଷ୍ୟ। ଖାସ କରି ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ପରିଚାଳନା କରିବା ମୋର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି। ମହିଳା କ୍ରିକେଟ ଯଦିଓ ମୋ ରକ୍ତରେ ରହିଛି ମୁଁ ଆଇସିସିର ଏକ ପୁରୁଷ ମଲ୍ଟି ଟିମ ଟୁର୍ନାମେଣ୍ଟରେ ପରିଚାଳନା କରିବା ଲକ୍ଷ୍ୟରେ ରହିଛି। ଜଣେ ମହିଳା ପାଇଁ କ୍ୟାରିୟର ଓ ଜୀବନରେ ଏକାଧିକ ଚ୍ୟାଲେଞ୍ଜ ରହିଛି। ବିବାହ କରିବା ସହିତ ସନ୍ତାନସନ୍ତତିମାନଙ୍କ ମା' ହେବା ଓ ପରିବାର ଚଳାଇବା ହେଉଛି ଜଣେ ମହିଳା ପାଇଁ ବଡ଼ ଦାୟିତ୍ୱ। ତେବେ ଏହା ସତ୍ତ୍ୱେ ଯଦି ଇଚ୍ଛା ଶକ୍ତି ଜାରି ରଖାଯାଏ ତାହେଲେ ଜଣେ ମହିଳା ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ବୋଲି ସେ କହିଛନ୍ତି।

### ସଂକ୍ଷେପରେ...

- ନାମ: ଜି.ଏସ୍. ଲକ୍ଷ୍ମୀ
- ଡାକ ନାମ: ଲକ୍ଷ୍ୟ
- ଜନ୍ମ: ମେ ୨୩, ୧୯୬୮
- ରାଜମହେନ୍ଦ୍ରୀ (ଆନ୍ଧ୍ର ପ୍ରଦେଶ)
- ମେଜର ଟିମ୍: ଆନ୍ଧ୍ର ମହିଳା, ବିହାର ମହିଳା, ଇଷ୍ଟ ଜୋନ ମହିଳା, ଭାରତ ମହିଳା, ରେଲୱେ ମହିଳା, ସାଉଥ୍ ଜୋନ ମହିଳା।
- ବ୍ୟାଟିଂ: ଡାହାଣ ହାତୀ
- ବୋଲିଂ: ରାଇଟ ଆର୍ମ ଫାଷ୍ଟ ମିଡିୟମ
- ରେଫରି ଦାୟିତ୍ୱ: କୁଚ୍ ବିହାର ଟ୍ରଫି, ସବୁ ବର୍ଗର ମହିଳା ଘରୋଇ ମ୍ୟାଚ୍, ୩ ମହିଳା ଦିନିକିଆ ଓ ଟି୨୦ ମ୍ୟାଚ୍, ମହିଳା ଟି୨୦ ଚ୍ୟାଲେଞ୍ଜ୍

# ୱାର୍ଣ୍ଣର, ତାହିରଙ୍କ ଚମକ

ନିର୍ମଳ କୁମାର ମିଶ୍ର





ଅରେଞ୍ଜ ଓ ପର୍ପଲ କ୍ୟାପ୍ ବିଜେତା ଡେଭିଡ୍ ୱାର୍ଣ୍ଣର ଓ ଇମ୍ରାନ ତାହିର

ଦୀର୍ଘ ୪୫ ଦିନରୁ ଅଧିକ ସମୟ ଏବଂ ୬୦ଟି ମ୍ୟାଚ୍‌ର ପରିସମାପ୍ତି ପରେ ଏକ ରୋମାଞ୍ଚକର ଫାଇନାଲରେ ୨ ରନ୍‌ରେ ଚେନ୍ନାଇ ସୁପର କିଙ୍ଗସ୍‌କୁ ଚକ୍‌ମା ଦେଇ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ଏବଂ ଏକମାତ୍ର ଦଳରୂପେ ସର୍ବାଧିକ ୪ର୍ଥ ଥର ପାଇଁ ଆଇପିଏଲ୍ ଟାଇଟଲ ହାସଲ କରିଛି। ଚେନ୍ନାଇ ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ଚତୁର୍ଥ ଥର ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଠାରୁ ପରାଜିତ ହୋଇ ଉପବିଜେତା ସାବ୍ୟସ୍ତ ହୋଇଛି। ମୁମ୍ବାଇ ସର୍ବାଧିକ ୪ର୍ଥଥର ପାଇଁ ଚାମ୍ପିୟନ ହୋଇଥିବା ବେଳେ ଚେନ୍ନାଇ ସୁପର କିଙ୍ଗ୍ସ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ୨୦୧୦, ୨୦୧୧, ୨୦୧୮ ସଂସ୍କରଣରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି ଓ ୫ମ ଥର ପାଇଁ ରନର୍ସଅପ୍ ହୋଇଛି। ଫାଇନାଲକୁ ମିଶାଇ ଖେଳାଯାଇଥିବା ମୋଟ ୬୦ ମ୍ୟାଚ ମଧ୍ୟରୁ ୩୨ଟି ମ୍ୟାଚରେ ଶେଷ ଓଭରରେ ଫଳାଫଳ ମିଳିଥିବାରୁ ଏହି ମ୍ୟାଚଗୁଡିକୁ ଦର୍ଶକମାନେ ବେଶ୍ ଉପଭୋଗ କରିବା ସହିତ ମ୍ୟାଚଗୁଡିକର ରୋମାଞ୍ଚ ନେବାକୁ ସମର୍ଥ ହୋଇଛନ୍ତି।

ସଫଳ ବ୍ୟାଟ୍ସମ୍ୟାନ ରୂପେ ଡେଭିଡ୍ ୱାର୍ଣ୍ଣର ୧୨ଟି ମ୍ୟାଚରୁ ସର୍ବାଧିକ ୬୯୨ ରନ (୧ଟି ଶତକ ୮ଟି ଅର୍ଦ୍ଧଶତକ) କରିବାକୁ ସକ୍ଷମ ହୋଇଥିବା ବେଳେ ଅନ୍ୟ ବିଦେଶୀ ଖେଳାଳିମାନଙ୍କ ମଧ୍ୟରେ କ୍ୱିଣ୍ଟନ ଡିକକ୍ ୫୯୩, ଆଣ୍ଡ୍ରୁ ରସେଲ ୫୧୦, କ୍ରିସ୍ ଗେଲ୍ ୪୯୦, ଜନି ବେୟାରଷ୍ଟୋ ୪୪୫ ରନ କରିଛନ୍ତି। ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଲୋକେଶ ରାହୁଲ ୧୪ଟି ମ୍ୟାଚ୍‌ରୁ ୫୯୩, ଶିଖର ଧାୱନ ୧୬ଟି ମ୍ୟାଚ୍‌ରୁ ୫୨୧, ଋଷଭ ପନ୍ତ ୧୬ଟି ମ୍ୟାଚରୁ ୪୮୮, ବିରାଟ କୋହଲି ୧୪ଟି ମ୍ୟାଚରୁ ୪୬୪, ଶ୍ରେୟାସ୍ ଆୟର ୧୬ଟି ମ୍ୟାଚ୍‌ରୁ ୪୬୩ ରନ୍ ସଂଗ୍ରହ କରିଛନ୍ତି। ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ମୋଟ ୬ଟି ଶତକ ହାସଲ କରାଯାଇଥିବାବେଳେ ୧୦୨ଟି ଅର୍ଦ୍ଧଶତକୀୟ ଇଂନିସ୍ ଖେଳାଯାଇଛି। ସନ୍‌ରାଇଜର୍ସ ହାଇଦ୍ରାବାଦର ଜନୀ ବେୟାରଷ୍ଟୋ ବ୍ୟକ୍ତିଗତ ଭାବେ ସର୍ବାଧିକ ୧୧୪ ରନ୍ ସଂଗ୍ରହ କରିଛନ୍ତି। ଡେଭିଡ୍ ୱାର୍ଣ୍ଣର ଟୁର୍ନାମେଣ୍ଟରେ ସର୍ବାଧିକ ୮ଟି ଅର୍ଦ୍ଧଶତକ ହାସଲ କରିଥିବାବେଳେ ଲୋକେଶ ରାହୁଲ ୬ଟି ଅର୍ଦ୍ଧଶତକ ହାସଲ କରିଥିଲେ। କୋଲକାତା ନାଇଟ୍ ରାଇଡର୍ସର ରସେଲ ସର୍ବାଧିକ ୫୨ଟି ଛକା ମାରିଥିବାବେଳେ କ୍ରିସ୍ ଗେଲ୍ ଦ୍ୱିତୀୟ ସର୍ବାଧିକ ୩୪ଟି ମାରିଛନ୍ତି। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଲୋକେଶ ରାହୁଲ ଯଥାକ୍ରମେ ୨୯ଟି, ୨୭ଟି ଛକା ମାରିଛନ୍ତି। ସେହିପରି ସର୍ବାଧିକ ଚୌକା ମାରିବାରେ ଶିଖର ଧାୱନ (୬୪ଟି) ଆଗରେ ରହିଥିବା ବେଳେ ଡେଭିଡ୍ ୱାର୍ଣ୍ଣର (୫୭ ଚୌକା) ମାରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ସେହିପରି ବୋଲିଂରେ ଇମ୍ରାନ ତାହିର ୧୭ଟି ମ୍ୟାଚରୁ ୨୬ଟି ଉଇକେଟ୍ ନେଇ ଆଗରେ ରହିଥିବାବେଳେ କାସିଗୋ ରାବାଡା ୧୨ଟି ମ୍ୟାଚରୁ ୨୫ଟି ଉଇକେଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦୀପକ ଚହର ୧୭ଟି ମ୍ୟାଚ୍ ଖେଳି ୨୨ , ଶ୍ରେୟାସ୍ ଗୋପାଲ ୨୦, ଯଶପ୍ରୀତ ବୁମରା ୧୯, ଖଲିଲ୍ ଅହମ୍ମଦ ୧୯, ଯୁଜବେନ୍ଦ୍ର ଚହଲ ୧୮, ହରଭଜନ ସିଂ ୧୬, ରବୀନ୍ଦ୍ର ଜାଡେଜା ୧୫ଟି ଉଇକେଟ ନେଇ ଆଗରେ ଅଛନ୍ତି।

ଅନ୍ୟତମ ବିରଳ କୀର୍ତ୍ତିମାନ ମଧ୍ୟରେ ଉଇକେଟ ପଛରେ ମହେନ୍ଦ୍ର ସିଂ ଧୋନୀ ୧୯୦ଟି ମ୍ୟାଚ୍ ଖେଳି ସର୍ବାଧିକ ୧୩୨ଟି କ୍ୟାଚ୍ ଏବଂ ଷ୍ଟମ୍ପିଂ ମାଧ୍ୟମରେ ଦୀନେଶ କାର୍ତ୍ତିକଙ୍କ ରେକର୍ଡ଼କୁ ପଛରେ ପକାଇ ସଫଳ ଉଇକେଟକିପର ମାନ୍ୟତା ପାଇଛନ୍ତି। ସେ ମଧ୍ୟ ଚ଼ଳିତ ସଂସ୍କରଣରେ ୧୧୧ ମିଟରର ଛକା ମାରି ଆଗରେ ରହିଛନ୍ତି। ଚଳିତ ସଂସ୍କରଣରେ କୋଲକାତା ନାଇଟ୍ ରାଇଡର୍ସ ମୁମ୍ବାଇ ବିପକ୍ଷରେ ୨ଟି ଉଇକେଟ ହରାଇ ୨୩୨ ରନ୍ କରିବା ସର୍ବାଧିକ ହୋଇଥିବା ବେଳେ ୧୧ଥର ୨୦୦ରୁ ଉର୍ଦ୍ଧ୍ୱ ରନ୍ ବିଭିନ୍ନ ଦଳ ଦ୍ୱାରା ସ୍କୋର କରାଯାଇଛି।

ଆଇପିଏଲ୍-୧୨

ଚାମ୍ପିୟନ ମୁମ୍ବାଇ ୨୦ କୋଟି ଟଙ୍କା ଆର୍ଥିକ ପୁରସ୍କାର ହାସଲ କରିଥିବା ବେଳେ ରନର୍ସଅପ ଦଳ ଚେନ୍ନାଇ ୧୨.୫ କୋଟି ଟଙ୍କା ସହ ଟ୍ରଫି ହାସଲ କରିଛି। ଫାଇନାଲର ଶ୍ରେଷ୍ଠ ଖେଳାଳିରୂପେ ଯଶପ୍ରୀତ୍ ବୁମରା ଏବଂ ଶ୍ରେଷ୍ଠ ଉଦୀୟମାନ ଖେଳାଳିରୂପେ ଶୁଭମ୍ ଗିଲ୍, ଶ୍ରେଷ୍ଠ ବ୍ୟାଟସ୍‌ମ୍ୟାନ ରୂପେ ଅରେଞ୍ଜ୍ କ୍ୟାପର ଅଧିକାରୀ ହୋଇଛନ୍ତି ଡେଭିଡ୍ ୱାର୍ଣ୍ଣର। ଶ୍ରେଷ୍ଠ ବୋଲର ରୂପେ ଇମ୍ରାନ ତାହିର ପର୍ପଲ କ୍ୟାପ୍ ହାସଲ କରିଛନ୍ତି ଏବଂ ସବୁଠାରୁ ମୂଲ୍ୟବାନ ଖେଳାଳି ରୂପେ ଆନ୍ଦ୍ରେ ରସେଲ୍ ଚଳିତ ସଂସ୍କରଣରେ ପୁରସ୍କୃତ ହୋଇଛନ୍ତି। ସେହିପରି ଶୃଙ୍ଖଳିତ ଦଳ ରୂପେ ଫେୟାର ପ୍ଲେ ପୁରସ୍କାର ସନ୍‌ରାଇଜର୍ସ ହାଇଦ୍ରାବାଦକୁ ମିଳିଛି।

ସମସ୍ତ ପ୍ରକାର ଟେକ୍‌ନୋଲୋଜିର ସୁବିଧା ଥାଇ ମଧ୍ୟ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଅମ୍ପାୟରିଂ ବିବାଦ ଯୋଗୁଁ ଆଇପିଏଲ୍ ଚର୍ଚ୍ଚାରେ ରହିଥିବା ବେଳେ କେତେ ମ୍ୟାଚ୍‌ରେ ପିଚ୍‌ର ପ୍ରସ୍ତୁତିକୁ ନେଇ ବିଭିନ୍ନ ଟିମ୍ ଅଫିସିଆଲ, କୋଚ ଏବଂ ଅଧିନାୟକମାନେ ଆପତ୍ତି କରିଥିଲେ ମଧ୍ୟ ଏହା କ୍ରିକେଟ୍‌ର ଏକ ଅଂଶ ବିଶେଷ ବୋଲି ବିସିସିଆଇ ନିଜ ଆଡୁ ସଫେଇ ଦେବା ବେଶ୍ ଚର୍ଚ୍ଚା ଏବଂ ଆଲୋଚନାର ବିଷୟବସ୍ତୁ ହୋଇଥିଲା। ସେହିପରି ମହେନ୍ଦ୍ର ସିଂ ଧୋନୀ, ରୋହିତ ଶର୍ମା, ବିରାଟ କୋହଲି, ଦୀନେଶ କାର୍ତ୍ତିକ ଏବଂ ରବିଚନ୍ଦ୍ରନ ଅଶ୍ୱିନ ବିଭିନ୍ନ ସମୟରେ ଅମ୍ପାୟରିଂର ନିମ୍ନତାକୁ ପ୍ରଶ୍ନ ଉଠାଇ ବେଶ୍ ବିବାଦୀୟ ହୋଇପଡିଥିବାର ଦେଖାଯାଇଥିଲା। ଏଥର ୩୨ଟି ମ୍ୟାଚ୍‌ର ଫଳାଫଳ ଶେଷ ଓଭରରେ ମିଳିଛି। ଆଇପିଏଲ ଯୋଗୁ ଅନେକ ଯୁବ ଖେଳାଳି ସୃଷ୍ଟି ହେବା ଭାରତୀୟ କ୍ରିକେଟ୍ ପାଇଁ ଶୁଭଦାୟକ। ଚ଼ଳିତ ଋତୁରେ ସବୁ ମ୍ୟାଚ୍‌ରେ ଷ୍ଟାଡିୟମ ଭରପୂର ରହିବା ମଧ୍ୟ କ୍ରିକେଟ୍ ପାଇଁ ଶୁଭ ଲକ୍ଷଣ। ଏହାଠାରୁ ଅଧିକ କିଛି ଆଶା କରାଯାଇ ନ ପାରେ।



ରନର୍ସ ଅପ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଦଳ

### ଫାଷ୍ଟ-ଲାଷ୍ଟ

ଓକେ ଥାଇ କ୍ରିକେଟର କ୍ରିସ୍ ଗେଲ୍
ଏବେ କରୁଛନ୍ତି ଯୋଗ
ଲାଷ୍ଟ ଆଇସିସି ୱାର୍ଲ୍ଡ କପ୍ ପାଇଁ
ଫିଟ୍ ପାଇଁ ଏହି ବାଗ
ଫୋନ୍ ଛାଡ଼ ଯୁବ ବର୍ଗ
ସେଇ ସମୟରେ ଯୋଗ କଲେ କେବେ
ନ ଧରିବ ଭାଇ ରୋଗ ।।୧

ଭାରତୀୟ ଫୁଟବଲ ଟିମ୍ ମୁଖ୍ୟ
କୋଚ୍ ପଦପାଇଁ ହସି
କ୍ରୋଏସିଆ ଇଗୋର ଷ୍ଟିମାକ ନୂତନ
ଦାୟିତ୍ୱ ନେଇଛି ବିସି
ଫୁଟବଲ ଯାଏ ଖସି
କ୍ରିକେଟ ପରିକା ସବୁଥିରେ ଫାଷ୍ଟ
ହେଲେ ଫ୍ୟାନ ମନ ଖୁସି ।।୨

ଭାରତର ଜି.ଏସ୍. ଲକ୍ଷ୍ମୀ ୱାର୍ଲ୍ଡର
ପ୍ରଥମ ମହିଳା ଭାବେ
ଆଇସିସି ମ୍ୟାଚ୍ ରେଫରି ଦାୟିତ୍ୱ
ତୁଲାଇବେ ପୁଣି ଏବେ
ଦୃଢ଼ ଇଚ୍ଛାଶକ୍ତି ଆଗେ
ଏକାବନ ବର୍ଷୀୟ ଖେଳାଳିଠୁଁ ଶିଖ
ବୟସ ଜିତେନି କେବେ ।।୩

-ସୁବାସ ଚନ୍ଦ୍ର ପ୍ରଧାନ

> କଞ୍ଚାମାଲ୍‌ର ଦରବୃଦ୍ଧି ସତ୍ତ୍ୱେ ଜେକେ ଟାୟାର ପୂରା ବର୍ଷରେ କାର୍ଯ୍ୟକାରୀ ଲାଭ ୩୫% ବଢ଼ିଛି। ଚଳିତ ବର୍ଷଟି କମ୍ପାନୀ ପାଇଁ ଏକ ଲ୍ୟାଣ୍ଡମାର୍କ ହୋଇଛି।
>
> – ରଘୁପତି ସିଂଘାନିଆ, ସିଏମ୍‌ଡି, ଜେକେ ଟାୟାର



> ଦେଶରେ ଶସ୍ତା ଘରକୁ ଆହୁରି ଶସ୍ତା କରିବା ଲାଗି ଏଚ୍‌ଡିଏଫ୍‌ସି କ୍ୟାପିଟାଲ ଆଡ୍‌ଭାଇଜର୍ସ ଲିମିଟେଡ ପକ୍ଷରୁ 'ହିହାର୍ଟ' ଯୋଜନା ହାତକୁ ନିଆଯାଇଛି।
>
> –ଦୀପକ ପାରେଖ, ଅଧ୍ୟକ୍ଷ, ଏଚ୍‌ଡିଏଫ୍‌ସି



## ସଂକ୍ଷେପରେ

### ଆମେରିକାରେ ଚାଇନା କମ୍ପାନୀ ହୁଏଇ ବ୍ୟାନ୍

ୱାଶିଂଟନ,୧୬-୫: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନାର ଟେଲିକମ୍ କମ୍ପାନୀ ହୁଏଇ ଓ ଏହାର ସହଯୋଗୀ କମ୍ପାନୀଗୁଡ଼ିକୁ ବ୍ୟାନ କରିଦେଇଛନ୍ତି। ଏଣିକି ରାଷ୍ଟ୍ରୀୟ ସୁରକ୍ଷା ହିତରେ ବିଦେଶରେ ନିର୍ମିତ ଟେଲିକମ୍ ଉପକରଣ ବ୍ୟବହାର ନ କରିବା ଲାଗି ଆମେରିକା କମ୍ପାନୀଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆହୁରି ଗଭୀର ହେବ ବୋଲି କୁହାଯାଉଛି। ରାଷ୍ଟ୍ରପତି ଟ୍ରମ୍ପ ଏ ସମ୍ପର୍କରେ ଆଗତ ଏକ ଆଦେଶରେ ସ୍ୱାକ୍ଷର କରିଛନ୍ତି। ଏହି ଆଦେଶରେ କୌଣସି ଦେଶର ଅଥବା କମ୍ପାନୀ ସମ୍ପର୍କରେ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯାଇ ନ ଥିଲେ ହେଁ ସୁରକ୍ଷା ଦୃଷ୍ଟିରୁ ହୁଏଇ ଆମେରିକା ପାଇଁ ବିପଦ ବୋଲି ଆମେରିକା ଅଧିକାରୀଗଣ ପ୍ରକାଶ କରିସାରିଛନ୍ତି। ହୁଏଇଠାରୁ ୫ଜି ଟେଲିକମ୍ ପ୍ରଯୁକ୍ତି ନ କିଣିବା ଲାଗି ଆମେରିକା ଏହାର ସହଯୋଗୀ ଦେଶଗୁଡ଼ିକୁ ପରାମର୍ଶ ଦେଇଛି। ଟ୍ରମ୍ପଙ୍କ ଉକ୍ତ ନିଷ୍ପତ୍ତି ପରେ ଆମେରିକାର ପ୍ରଯୁକ୍ତି କିଣିବା ଲାଗି ଏଣିକି ହୁଏଇକୁ ପ୍ରାକ୍ ଲାଇସେନ୍ସ ନେବାକୁ ହେବ। ଖୁବଶୀଘ୍ର ହୁଏଇ ଓ ଏହାର ସହଯୋଗୀ କମ୍ପାନୀଗୁଡ଼ିକୁ କଳାତାଲିକାଭୁକ୍ତ କରାଯିବ ବୋଲି ଆମେରିକା ବାଣିଜ୍ୟ ବିଭାଗର ଉଦ୍ୟୋଗ ଏବଂ ସୁରକ୍ଷା ବ୍ୟୁରୋ ପ୍ରକାଶ କରିଛି।

### ଆମାଜନରେ ହିନ୍ଦୁ ଦେବଦେବୀଙ୍କ ଛବି ଥିବା ସାମଗ୍ରୀକୁ ବିରୋଧ



ନୂଆଦିଲ୍ଲୀ,୧୬-୫: ଅନ୍‌ଲାଇନ ଶପିଂ ପ୍ଲାଟଫର୍ମ ଆମାଜନରେ ହିନ୍ଦୁ ଦେବଦେବୀଙ୍କ ଛବି ଥିବା ସାମଗ୍ରୀ ବିକ୍ରି ହେବାକୁ ନେଇ ଦେଶରେ ବିରୋଧ ଆରମ୍ଭ ହୋଇଯାଇଛି। ଏହାକୁ ନେଇ ସୋସିଆଲ ମିଡିଆରେ କମ୍ପାନୀକୁ ବଏକଟ୍ କରିବାକୁ ଆହ୍ୱାନ ଦିଆଯାଉଛି। ଟୁଇଟରରେ #ବଏକଟଆମାଜନ ହ୍ୟାଶ୍‌ଟ୍ୟାଗ୍ ସହିତ ଏହି ଆପ୍‌କୁ ଅନ୍‌ଇନଷ୍ଟଲ କରିବା ଲାଗି ଲୋକଙ୍କୁ ପରାମର୍ଶ ଦିଆଯାଉଛି। ଏଥିସହିତ ଲୋକେ ଏହି ଆପ୍‌କୁ ଅନ୍‌ଇନଷ୍ଟଲ୍ କରି ଏହାର ସ୍କ୍ରିନ୍‌ସଟ୍‌କୁ ମଧ୍ୟ ଶେୟାର କରିବା ଆରମ୍ଭ କରିଛନ୍ତି। ହିନ୍ଦୁ ଦେବଦେବୀଙ୍କ ଫଟୋ ଥିବା ସାମଗ୍ରୀଗୁଡ଼ିକୁ ଆମାଜନ କିପରି ବିକ୍ରି କରୁଛି, ସେସମ୍ପର୍କରେ ଟୁଇଟରରେ ତାହାକୁ ଶେୟାର କରାଯାଉଛି। ଏଥିରେ ଜୋତା, ଚପଲ, ଟଏଲେଟ ଶିଟ୍ ଷ୍ଟିକର ସାମିଲ ରହିଛି। ତେବେ ଏହିସବୁ ସାମଗ୍ରୀ ଆମାଜନ ଡଟ୍ ଇନ୍‌ରେ ମିଳୁନାହିଁ। ବିଦେଶୀ କମ୍ପାନୀ ଆମାଜନର ହିନ୍ଦୁଙ୍କ ଭାବାବେଗକୁ ଆଘାତ ଦେବାର କୌଣସି ଅଧିକାର ନାହିଁ ବୋଲି ଲୋକେ ଯୁକ୍ତି ଦର୍ଶାଉଛନ୍ତି। ଜୋତାରେ ଭାରତର ଜାତୀୟ ପତାକା, ଚପଲରେ ମହାତ୍ମା ଗାନ୍ଧୀଙ୍କ ଫଟୋକୁ ଲୋକେ ଶେୟାର କରି ଏହା ଆମାଜନ ଦ୍ୱାରା ବିକ୍ରି କରାଯାଉଛି ବୋଲି ଦାବି କରୁଛନ୍ତି।

### ଆଇଟି ସେକ୍ଟରରେ ବଢ଼ୁଛି ନିଯୁକ୍ତି

ନୂଆଦିଲ୍ଲୀ,୧୬-୫: ଇନ୍‌ଫର୍ମେଶନ ଟେକ୍ନୋଲୋଜି (ଆଇଟି) କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିରେ ଦକ୍ଷତା ଥିବା ବ୍ୟକ୍ତିବିଶେଷଙ୍କୁ ଭାରି ମାତ୍ରାରେ ନିଯୁକ୍ତି ଦିଆଯାଉଛି। ଗତ ଆର୍ଥିକ ବର୍ଷରେ ନିଯୁକ୍ତି କ୍ଷେତ୍ର ମାନ୍ଦା ଥିବା ବେଳେ ଚଳିତବର୍ଷ ଦେଶର ଶୀର୍ଷ ୪ ଆଇଟି କମ୍ପାନୀ ଟିସିଏସ୍, ଇନ୍‌ଫୋସିସ୍, ୱିପ୍ରୋ ଏବଂ ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍ ୬୮,୫୦୦ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି, ଯାହା କି ୮ବର୍ଷର ଶୀର୍ଷ ସ୍ତରରେ ପହଞ୍ଚିଛି। ଆର୍ଥିକ ବର୍ଷ ୨୦୧୩ରୁ ୨୦୧୮ ପର୍ଯ୍ୟନ୍ତ ନିଯୁକ୍ତି ସଂଖ୍ୟା ପ୍ରତିବର୍ଷ ୭୦ ହଜାରରୁ କମ୍ ଥିଲା। ନିଯୁକ୍ତି ବୃଦ୍ଧି ପାଇବା ଅର୍ଥ ଆଇଟି ସେକ୍ଟର ପୁନର୍ବାର ତା'ର ପୂର୍ବାବସ୍ଥାକୁ ଫେରି ଆସୁଛି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଉକ୍ତ ୪ ଆଇଟି କମ୍ପାନୀରେ ହାରାହାରି ନିଯୁକ୍ତି ସଂଖ୍ୟା ୯.୬ ଲକ୍ଷ ରହିଛି, ଯାହା କି, ପୂର୍ବ ବର୍ଷ ଅପେକ୍ଷା ୮.୯% ଅଧିକ। ଟିସିଏସ୍‌ରେ ୪୪%, ଇନ୍‌ଫୋସିସ୍‌ରେ ୨୩.୭%, ଏଚ୍‌ସିଏଲ୍ ଟେକ୍‌ରେ ୧୪.୩% ଏବଂ ୱିପ୍ରୋରେ ୧୭.୮%ଙ୍କୁ ଚଳିତବର୍ଷ ନିଯୁକ୍ତି ମିଳିଛି।

## ■ ଇଣ୍ଡିଗୋର ନିୟନ୍ତ୍ରଣ ରହିବ କାହା ହାତରେ

# ଦୁଇ ପ୍ରମୋଟରଙ୍କ ମଧ୍ୟରେ ଲଢ଼େଇ

ନୂଆଦିଲ୍ଲୀ,୧୬-୫



- ■ ବିବାଦ ସମାଧାନ ଲାଗି ଲ'ଫାର୍ମର ସହାୟତା
- ■ କର୍ମଚାରୀଙ୍କୁ ସିଇଓଙ୍କ ଆଶ୍ୱସ୍ତି
- ■ ୨୦୦୬ରୁ କମ୍ପାନୀର କାର୍ଯ୍ୟ ଆରମ୍ଭ
- ■ ମାର୍କେଟ ଶେୟାର ୪୪.୩%
- ■ ମାର୍କେଟ କ୍ୟାପ୍‌ରେ ନମ୍ବର-୧ କମ୍ପାନୀ

ଜେଟ୍ ଏୟାରୱେଜ୍ ପରେ ବେସାମରିକ ବିମାନ ଚଳାଚଳ ସେକ୍ଟରର ଦୁର୍ଦ୍ଦିନ ବଢ଼ିବାରେ ଲାଗିଛି। ଦେଶର ସବୁଠାରୁ ସଫଳ ଏବଂ ଲାଭଜନକ ଏୟାରଲାଇନ୍ସ କୁହାଯାଉଥିବା ଇଣ୍ଡିଗୋର ଦୁଇ ପ୍ରମୋଟର ତଥା ସହ ପ୍ରତିଷ୍ଠାତାଙ୍କ ମଧ୍ୟରେ କମ୍ପାନୀର ନିୟନ୍ତ୍ରଣକୁ ନେଇ ଲଢ଼େଇ ଆରମ୍ଭ ହୋଇଯାଇଛି। ଦୁଇ ପ୍ରମୋଟର ରାହୁଲ ଭାଟିଆ ଏବଂ ରାକେଶ ଗଙ୍ଗୱାଲ ବିବାଦର ସମାଧାନ ପାଇଁ ଏବେ ଆଇନ ପରାମର୍ଶଦାତା କମ୍ପାନୀଙ୍କ ଶରଣ ନେଇଛନ୍ତି ବୋଲି ମିଡିଆ ରିପୋର୍ଟରୁ ଜଣାପଡିଛି। ତେବେ ଏ ସଂକ୍ରାନ୍ତରେ କମ୍ପାନୀ କିମ୍ବା ପ୍ରମୋଟରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

ଇଣ୍ଡିଗୋ ପ୍ରମୋଟରଙ୍କ ମଧ୍ୟରେ ମତଭେଦ ପ୍ରକାଶ ପରେ କମ୍ପାନୀ ସିଇଓ କର୍ମଚାରୀଙ୍କୁ ଆଶ୍ୱସ୍ତ କରିବାକୁ ଯାଇ କହିଛନ୍ତି ଯେ, କମ୍ପାନୀର ରଣନୀତି ଅପରିବର୍ତ୍ତିତ ରହିଛି। କାରବାର ବଢ଼ାଇବା ଲାଗି ମ୍ୟାନେଜମେଣ୍ଟକୁ ବୋର୍ଡ ଅଫ୍ ଡାଇରେକ୍ଟର୍ସର ପୂର୍ଣ୍ଣ ସମର୍ଥନ ରହିଛି। ମିଡିଆ ରିପୋର୍ଟରୁ ଜଣାପଡିଛି ଯେ, ଭାଟିଆ ଏବଂ ଗଙ୍ଗୱାଲଙ୍କ ମଧ୍ୟରେ ଏୟାରଲାଇନ୍ସର ରଣନୀତି ଏବଂ ମହତ୍ତ୍ୱାକାଂକ୍ଷାକୁ ନେଇ ମତଭେଦ ଆରମ୍ଭ ହୋଇଛି। ତେବେ ଉଭୟ ପ୍ରତିଷ୍ଠାତା ମତଭେଦ ଦୂର କରିବା ଲାଗି ପ୍ରୟାସ ଚଳାଇଛନ୍ତି ବୋଲି ସୂଚନା ମିଳିଛି। କାରଣ ଏହାଦ୍ୱାରା ଦୈନନ୍ଦିନ କାମ ଉପରେ ଗୁରୁତର ପ୍ରଭାବ ପଡିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ଏପ୍ରିଲରେ ଏୟାରଲାଇନ୍ସ ସିଇଓ ପଦରୁ ଆଦିତ୍ୟ ଘୋଷ ଇସ୍ତଫା ଦେବା ପରେ ମୁଖ୍ୟ କମର୍ସିଆଲ ତଥା ନେଟ୍‌ୱର୍କ ସଞ୍ଜୟ କୁମାର ମଧ୍ୟ କମ୍ପାନୀ ଛାଡ଼ି ଥିଲେ। ଚଳିତବର୍ଷ ରନୋଜୟ ଦତ୍ତଙ୍କୁ ଇଣ୍ଡିଗୋର ସିଇଓ ଭାବେ ନିଯୁକ୍ତ କରାଯାଇଛି। ସେ ଦୁଇ ବର୍ଷ ଏୟାର ସାହାରାରେ କାର୍ଯ୍ୟ କରିଥିଲେ। ଏହାପରଠାରୁ ଦୁହିଁଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଫାଟ ବଢ଼ିବାରେ ଲାଗିଛି। ଦୁଇଟି ଲିଗାଲ ଫାର୍ମ ମତଭେଦ ଦୂର କରିବା କାର୍ଯ୍ୟରେ ଲାଗିପଡିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଗଙ୍ଗୱାଲ ଏୟାରଲାଇନ୍ସରେ ନିଜ ଟିମ୍ ବଢ଼ାଇ ଏହାର ନିୟନ୍ତ୍ରଣ ନିଜ ହାତକୁ ନେବାକୁ ଚେଷ୍ଟା କରୁଛନ୍ତି ବୋଲି ଭାଟିଆ ଅନୁଭବ କରୁଛନ୍ତି। ଶସ୍ତା ଦରରେ ବିମାନ ଯାତ୍ରା ସେବା ଯୋଗାଉଥିବା ଇଣ୍ଡିଗୋ ଏବେ ଅନ୍ତର୍ଜାତୀୟ ଉଡ଼ାଣ ଲାଗି ଯୋଜନା ପ୍ରସ୍ତୁତ କରୁଛି। ଉଭୟ ଭାଟିଆ ଏବଂ ଗଙ୍ଗୱାଲ ଯଥାକ୍ରମେ ଜେଏସ୍ଏ ଲ' ଏବଂ ଖୈତାନ ଆଣ୍ଡ କମ୍ପାନୀ ଲ' ଫାର୍ମ ମାଧ୍ୟମରେ ବିବାଦର ସମାଧାନ କରିବାକୁ ଆଗେଇଛନ୍ତି। ଜେଟ୍ ଏୟାରୱେଜ ସାମୟିକ ଭାବେ ବନ୍ଦ ହୋଇଯିବା ପରେ ଇଣ୍ଡିଗୋ ପ୍ରମୋଟରଙ୍କ ମଧ୍ୟରେ ମତଭେଦ ସାମ୍ନାକୁ ଆସିଛି। ଗଙ୍ଗୱାଲ ଜଣେ ଆମେରିକା ନାଗରିକ ଏବଂ ସେ କମ୍ପାନୀରେ ନନ୍ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ରହିଛନ୍ତି। ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ତାଙ୍କର ୩୦ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ଇଣ୍ଡିଗୋରେ ତାଙ୍କର ପ୍ରାୟ ୩୭ ପ୍ରତିଶତ ଅଂଶଧନ ରହିଛି। ଅନ୍ୟପକ୍ଷରେ ଭାଟିଆ ୩୮ ପ୍ରତିଶତ ଶେୟାର ନିଜ ପାଖରେ ରଖିଛନ୍ତି। ୨୦୦୩-୦୪ରେ ଦୁଇଜଣ ଏକାଠି ହୋଇ ଭାରତରେ ଇଣ୍ଡିଗୋ ଏୟାରଲାଇନ୍ସ ଆରମ୍ଭ କରିଛନ୍ତି। ପାଖାପାଖି ୨/୩ ବର୍ଷ ଭାଟିଆ ଏୟାରଲାଇନ୍ସକୁ ଭଲ ଭାବେ ଚଳାଇଥିଲେ। ଏହାପରେ ଶସ୍ତା ବିମାନ ଯାତ୍ରା କରୁଥିବା ଇଣ୍ଡିଗୋର ବିମାନ ସେବାର ବିସ୍ତାର ହେଲା। ଫଳରେ ଏୟାରଲାଇନ୍ସ ସେକ୍ଟରରେ କମ୍ପାନୀ ମାର୍କେଟ ଶେୟାର ହିସାବରେ ଏକ ନମ୍ବର ସ୍ଥାନ ହାସଲ କରିପାରିଛି। ଅନ୍ୟପକ୍ଷରେ ବିଦେଶରେ ଟପ୍ ଏଭିଏଶନ ପ୍ରଫେସନାଲଙ୍କ ସହ କାମ କରିଥିବା ଗଙ୍ଗୱାଲ ଇଣ୍ଡିଗୋକୁ ବିଦେଶୀ ବଜାରରେ ବିସ୍ତାର ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କଲେ। ଦୁଇ ପ୍ରମୋଟରଙ୍କ ଭିତରେ ମତଭେଦ ବୃଦ୍ଧି କାରଣରୁ ଏବେ ବହୁଦିନ ହେବ ଇଣ୍ଡିଗୋର ଟପ୍ ପୋଜିଶନରେ ବହୁ ପଦ ଖାଲି ପଡିଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ୨୦୦୬ ଅଗଷ୍ଟ ୪ରୁ ଇଣ୍ଡିଗୋ ଦିଲ୍ଲୀରୁ ନିଜର ପରିଚାଳନା ଆରମ୍ଭ କରିଥିଲା। ଚଳିତବର୍ଷ ମେ ୧୫ ସୁଦ୍ଧା ବିମାନ କମ୍ପାନୀର ମାର୍କେଟ କ୍ୟାପିଟାଇଲେଜଶନ ୬୧,୮୩୩ କୋଟି ଟଙ୍କା ଥିଲା। କମ୍ପାନୀର ଘରୋଇ ମାର୍କେଟ ଶେୟାର ୪୪.୩% ରହିଛି। ଇଣ୍ଡିଗୋ ଦୈନିକ ୧୪୦୦ ବିମାନ ଉଡ଼ାଣ ଭରିଥାଏ। ଏଥିସହିତ କମ୍ପାନୀ ନିକଟରେ ମୋଟ୍ ୨୨୫ ବିମାନ ରହିଛି।

### ଆର୍‌ବିଆଇ ଜାରି କଲା ଭିଜନ ୨୦୨୧ ଡକ୍ୟୁମେଣ୍ଟ

ମୁମ୍ବାଇ,୧୬-୫

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସୁରକ୍ଷିତ, ସୁବିଧାଜନକ, ଦ୍ରୁତ ଏବଂ ଶସ୍ତା ଡିଜିଟାଲ ଦେୟ ପ୍ରଣାଳୀକୁ ନେଇ ଏକ ଭିଜନ ଡକ୍ୟୁମେଣ୍ଟ ଜାରି କରିଛି। ଆସନ୍ତା ୨ ବର୍ଷ ଭିତରେ ଅନ୍‌ଲାଇନ ଦେୟ ବ୍ୟବସ୍ଥାରେ ଆସିବାକୁ ଥିବା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ଡକ୍ୟୁମେଣ୍ଟ ଜାରି କରାଯାଇଛି। ଆର୍‌ବିଆଇ ପକ୍ଷରୁ ଜାରି ୨୦୧୯-୨୦୨୧ ଭିଜନ ଡକ୍ୟୁମେଣ୍ଟରେ ଡିସେମ୍ବର ୨୦୨୧ ସୁଦ୍ଧା ଦେଶରେ ଡିଜିଟାଲ ମାଧ୍ୟମରେ ହେବାକୁ ଥିବା ନେଣଦେଣ ୪ ଗୁଣାରୁ ଅଧିକ ବୃଦ୍ଧି ପାଇ ୮୭୦୭ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶାବ୍ୟକ୍ତ କରାଯାଇଛି। ଭିଜନ ଡକ୍ୟୁମେଣ୍ଟ ଜାରି କରି ଦେଶରେ ଇ-ଦେୟର ଅନୁଭବକୁ ଅଧିକ ଉନ୍ନତ କରିବା ତଥା ଅଧିକ ଡିଜିଟାଲ ଏବଂ କମ ନଗଦ ଥିବା ସମାଜ ଗଠନ କରିବା ଦିଗରେ ଏହା ଏକ ପଦକ୍ଷେପ ବୋଲି ରିଜର୍ଭ ବ୍ୟାଙ୍କ କହିଛି। କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ, ନୂଆ ସେବା ପ୍ରଦାନକାରୀ ଏବଂ ନୂଆ ପନ୍ଥାପଦ୍ଧତି ଆସିବା କାରଣରୁ ଦେୟ ପ୍ରଣାଳୀରେ କ୍ରମାଗତ ପରିବର୍ତ୍ତନ ଜାରି ରହିବ। ଏହାଦ୍ୱାରା ଉପଭୋକ୍ତାଙ୍କୁ ଉନ୍ନତ ଲଗାଣ ଉପରେ ବିଭିନ୍ନ ପ୍ରକାର ଦେୟ ପ୍ରଣାଳୀର ବିକଳ୍ପ ଉପଲବ୍ଧ ହେବ। ଏହି ଡକ୍ୟୁମେଣ୍ଟକୁ ଆର୍‌ବିଆଇ ୨୦୧୯-୨୦୨୧ ମଧ୍ୟରେ ଲାଗୁ କରିବ। ସୂଚନାଥାଉ କି, ଆର୍‌ବିଆଇ ପକ୍ଷରୁ ପ୍ରଥମ ଭିଜନ ଡକ୍ୟୁମେଣ୍ଟ ୨୦୧୬-୨୦୧୮ ଲାଗି ଜାରି କରାଯାଇଥିଲା।

## ବାତ୍ୟା ସହାୟତା

### କାନାରା ବ୍ୟାଙ୍କର ରିଲିଫ କାର୍ଯ୍ୟକ୍ରମ



କାନାରା ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବାତ୍ୟା ବିପନ୍ନଙ୍କୁ ସ୍ଥାନୀୟ ସତ୍ୟନଗର ଅଞ୍ଚଳରେ ରିଲିଫ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର, ମଣ୍ଡଳ ପ୍ରବନ୍ଧକ ମାଧବ ପ୍ରସାଦ ପଣ୍ଡା, ମୁଖ୍ୟ ପ୍ରବନ୍ଧକ ପି.କେ ଦାସ ଉପସ୍ଥିତ ରହି ପ୍ରଭାବିତଙ୍କୁ ସହାୟତା ପ୍ରଦାନ କରିଥିଲେ। ସେହିଭଳି ପୁରୀ ଜିଲାର ଭଗବତୀ ପାଟଣା ଏବଂ ସତ୍ୟବାଦୀ ଅଞ୍ଚଳରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।




ଓଡ଼ିଶା ଏଜୁକେଶନ ସର୍ଭିସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି।




ସରସ୍ୱତୀ କଲେଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କଲେଜର ଚେୟାରମ୍ୟାନ ଦେବଦତ୍ତ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ବାବଦ ଚେକ୍ ପ୍ରଦାନ କରିଛନ୍ତି।

### ବିତ୍ତୀୟ ପରିଚାଳନା: ଅର୍ଥ ମନ୍ତ୍ରଣାଳୟ ସହ ଅର୍ଥ କମିଶନଙ୍କ ଆଲୋଚନା

ନୂଆଦିଲ୍ଲୀ,୧୬-୫

ଅର୍ଥ ଆୟୋଗ ବୁଧବାର ଏଠାରେ ଅର୍ଥ ମନ୍ତ୍ରଣାଳୟ ସହ ହୋଇଥିବା ବୈଠକରେ ବିତ୍ତୀୟ ତଥା ଆର୍ଥିକ ପରିଚାଳନା ନେଇ ଆଲୋଚନା କରିଛି। ଏଥିସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଯୋଜନାଗୁଡ଼ିକରେ ହେଉଥିବା ଖର୍ଚ୍ଚକୁ ତର୍କସଙ୍ଗତ କରିବା ଲାଗି ମଧ୍ୟ ଆଲୋଚନା ହୋଇଥିଲା। ଗୁରୁବାର ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ ସୂଚନା ଦିଆଯାଇଛି। ଅର୍ଥ ଆୟୋଗଙ୍କ ସୁପାରିସରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଯୋଜନାଗୁଡ଼ିକୁ ଏକତ୍ର ଯୋଡିବା ଲାଗି ପରାମର୍ଶ ଦିଆଯାଇଛି। ଏଗୁଡ଼ିକୁ ନୂଆ ଜୀବନ ଚକ୍ର ସହ ଯୋଡାଯିବା ଆବଶ୍ୟକ ବୋଲି କୁହାଯାଇଛି। ସୂଚନାଥାଉ କି, କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାକୁ ରାଜ୍ୟ ସରକାର ହିଁ ତୁଲାଇଥାନ୍ତି। ଏଥିପାଇଁ କେନ୍ଦ୍ର କେବଳ ଆର୍ଥିକ ସହାୟତା ଦେଇଥାଏ। ତେବେ କେନ୍ଦ୍ର ପ୍ରାୟୋଜିତ ଯୋଜନାଗୁଡ଼ିକରେ ହେଉଥିବା ଖର୍ଚ୍ଚର ଏକ ଅଂଶ ରାଜ୍ୟ ସରକାରଗୁଡ଼ିକୁ ମଧ୍ୟ ବହନ କରିବାକୁ ପଡେ। ପ୍ରତ୍ୟକ୍ଷ ଟିକସ ଆଦାୟକୁ ନେଇ ୧୫ତମ ଅର୍ଥ ଆୟୋଗ ସନ୍ତୋଷ ବ୍ୟକ୍ତ କରିଥିବା ବେଳେ ପରୋକ୍ଷ ଟିକସ ଆଦାୟକୁ ନେଇ ଅସନ୍ତୁଷ୍ଟ ଥିବା ଜଣାଇଛନ୍ତି। ଅନୁଷ୍ଠିତ ବୈଠକରେ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ, ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ, ବ୍ୟୟ ସଚିବ ଗିରୀଶ ଚନ୍ଦ୍ର ମୁର୍ମୁ, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ, ସିବିଡିଟି ଅଧ୍ୟକ୍ଷ ପି.ସି.ମୁଡି ଏବଂ ସିବିଆଇସି ଅଧ୍ୟକ୍ଷ ପି.କେ. ଦାସ ସାମିଲ ହୋଇଥିଲେ।

### ହିରୋ ଆଣିଲା ନୂଆ ମଡେଲ




ଭୁବନେଶ୍ୱର,୧୬-୫

ପ୍ରମୁଖ ଦୁଇଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ବୁଧବାର ନୂଆ ମଡେଲଗୁଡିକର ବଜାର ପ୍ରବେଶ ହୋଇଛି। ଏହି ମଡେଲଗୁଡିକ ମଧ୍ୟରେ ପ୍ରିମିୟମ ଶୃଙ୍ଖଳାରେ ଏକ୍ସପଲ୍‌ସ ଟି, ଏକ୍ସଟ୍ରିମ୍ ୨୦୦ ଏସ୍, ମାଏଷ୍ଟ୍ରୋ ଏଜ୍ ଏଫ୍ଆଇ ଏବଂ ପ୍ଲେଜର ପ୍ଲସ ରହିଛି। ଓଡ଼ିଶାରେ କମ୍ପାନୀର ଅଧିକୃତ ଡିଲରଶିପ ଭାରତ ମୋଟର୍ସଠାରେ ମଡେଲଗୁଡିକର ଡିଜିଟାଲ ଲଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ମୋଟର୍ସର ଏମ୍‌ଡି ଜୟପ୍ରକାଶ ଦିଦୱାନିଆ, ଡାଇରେକ୍ଟର ଆଦିତ୍ୟ ବିକ୍ରମ ଦିଦୱାନିଆ ଏବଂ ହିରୋମୋଟୋକର୍ପର ବରିଷ୍ଠ ଏଏସ୍ଏମ୍ ଅବଦୁଲ ଅହଦ ପ୍ରମୁଖ ଉପସ୍ଥିତ ଥିଲେ। ମଡେଲଗୁଡିକ ଯୁବପିଢ଼ିଙ୍କୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି ବୋଲି ଡିଜିଟାଲ ଲଞ୍ଚ ଅବସରରେ ହିରୋ ମୋଟୋକର୍ପର ଅଧ୍ୟକ୍ଷ ପୱନ ମୁଞ୍ଜାଲ କହିଛନ୍ତି। ଯାନଗୁଡିକ କମ୍ପାନୀର ସ୍ଥିତିକୁ ଆହୁରି ଦୃଢ଼ କରିବା ସହ ଏହାର ଅତ୍ୟାଧୁନିକ ଟେକ୍ନୋଲୋଜି ଫିଚର ଦ୍ୱାରା ଗ୍ରାହକ ନୂଆ ଅନୁଭୂତି ପାଇପାରିବେ ବୋଲି ମୁଞ୍ଜାଲ ଏହି ଅବସରରେ ସୂଚନା ଦେଇଛନ୍ତି।

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office : Janapath Bhubaneswar - 751022
OFFICE OF THE G.M. (ELECT.) E.H.T. (O&M) CIRCLE, JAJPUR ROAD
AT- TTS COLONY, PO- SOBRA, JAJPUR ROAD, DIST - JAJPUR, PIN : 755019 (ODISHA)
Phone / Fax No : 06726- 220965 (off), E-mail : ehtm.cle.jjp@optcl.co.in
CIN : U40102OR2004SGC007553
No. TECH/WO-28/OT-02(19-20)/596 Date : 16.05.2019
TENDER CALL NOTICE NO. 02/2019-20
Sealed tenders are invited from the registered travel agency / Private organization / Individual / owner of the vehicle having GST registration certificate, PAN card for supply of 06 nos. Diesel run hired vehicles (04 nos. 09 seated Non-AC Bolero & 02 nos. 05 seated A.C. Indigo or its equivalent) not older than 03 years for different offices / Grid Sub-Stations under E.H.T. (O&M) Circle, J. Road. Cost of tender paper is Rs. 2, 000.00 + GST@12%= Rs.2, 240/- (Including GST), EMD= Rs.3,000/-. Sale of tender documents is from dated 18.05.2019 to Dated 30.05.2019 (during office hours). Last date of submission of tender is Date 31.05.2019 up to 01.00 PM. Date of opening of tender is Date 31.05.2019 at 3.00 PM. For details visit our website www.optcl.co.in. Corrigendum if any will be published in the OPTCL website only.
Sd./- General Manager (Elect), EHT (O&M) Circle, Jajpur Road

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER,
BURLA IRRIGATION DIVISION, BURLA
PHONE NO.0663-2430445
E-mail id-sambalpurirrigation@rediffmail.com
CANCELLATION NOTICE
Letter No.878 Date: 08.03.2019
No.-03-A :-The Detailed Tender Call Notice No.BID-03/2018-19 ('e' procurement Notice) issued vide this office Letter No.605 (WE) dt.27.02.2019 is hereby cancelled due to some unavoidable reasons.
Sd./-Executive Engineer
32129/11/0001/1920 Burla Irrigation Division, Burla

ଜିଲ୍ଲା ପ୍ରଶାସନ, ସୁବର୍ଣ୍ଣପୁର
ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି
ଏତଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଉପ-ଖଣ୍ଡର ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ରବି (୨୦୧୮-୧୯)ବର୍ଷ ପାଇଁ ସରକାର ନିମ୍ନମତେ ଧାନର ସର୍ବନିମ୍ନ ସହାୟତା ମୂଲ୍ୟ ନିର୍ଦ୍ଧାରିତ କରିଛନ୍ତି। ତେଣୁ ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ନିୟନ୍ତ୍ରିତ ବଜାର କମିଟିର ପ୍ରାଙ୍ଗଣ ଏବଂ ପ୍ରାଥମିକ କୃଷିସେବା ସମିତିମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିପାରିବେ। ଏଣୁ ଧାନକୁ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ, ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ, ବିଷମୁକ୍ତ ହୋଇଥିବ।
ଧାନର ଗୁଣାତ୍ମକ ମାନ

| କ୍ର.ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (ଶତକଡା) |
|---|---|---|
| ୧. | ବାଲି, ମାଟି, ଗୋଡି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦୦% |
| ୨. | କାଠି, କୁଟା, ଧୂଷ, ଅଗାଡି ବା ପୋଳ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକ ଇତ୍ୟାଦି | ୫.୦୦% |
| ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା, ସଂକୁଚିତ ଇତ୍ୟାଦି | ୩.୦୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ ଏ ଧାନ ନିମନ୍ତେ) | ୬.୦୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦୦% |

ବର୍ଗ ଅନୁଯାୟୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସହାୟକ ମୂଲ୍ୟ ନିମ୍ନରେ ଦିଆଗଲା

| କ୍ର.ନଂ. | ଧାନର ମାନ | ସରକାରୀ ଧାର୍ଯ୍ୟ ଦର (କ୍ୱିଣ୍ଟାଲ ପ୍ରତି) | ବସ୍ତା ପ୍ରତି (୭୫.୦୦) କେ.ଜି. | ବିକ୍ରି ବଳକା ଧାନ ରବି ବର୍ଷ ପାଇଁ (୨୦୧୮-୧୯) |
|---|---|---|---|---|
| ୧. | ସାଧାରଣ ଧାନ (ଏଫ୍.ଏ.କ୍ୟୁ) | ଟ.୧୭୫୦.୦୦ | ୧୩୧୨.୫୦ | ଏକର ପ୍ରତି ୨୬.୦୦ କ୍ୱିଣ୍ଟାଲ |
| ୨. | ଗ୍ରେଡ 'ଏ' ଧାନ | ଟ.୧୭୭୦.୦୦ | ୧୩୨୭.୫୦ | |

ସୋନପୁର ଉପଖଣ୍ଡର ପ୍ରତ୍ୟେକ ସେବା ସମବାୟ ସମିତି, ତଥା ନିୟନ୍ତ୍ରିତ ବଜାର କମିଟି ଡୁଙ୍ଗୁରିପାଲି, ବିନିକା, ପଣ୍ଡକିଟାଲ, ସାରସମାଲ ବଜାର ପ୍ରାଙ୍ଗଣମାନଙ୍କରେ ଧାନ କ୍ରୟ କରାଯାଉଅଛି। ତେଣୁ ଚାଷୀ ନିଜର ଅଞ୍ଚଳ ଅଧୀନସ୍ଥ ଥିବା ସେବା ସମବାୟ ସମିତିମାନଙ୍କରେ ନିଜର ବଳକା ଧାନକୁ ବିକ୍ରୟ କରିପାରିବେ। ଏଥି ନିମନ୍ତେ ସେବା ସମବାୟ ସମିତିମାନଙ୍କୁ ଯୋଗାଯୋଗ କରି ନିର୍ଦ୍ଧାରିତ ଦିବସ ଜାଣିବା ହୁଅନ୍ତୁ ଏବଂ ଧାନ ବିକ୍ରି କରିବାର ସୁଯୋଗ ନିଅନ୍ତୁ।
ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି
ଜିଲ୍ଲାପାଳ, ସୁବର୍ଣ୍ଣପୁର ତଥା-ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୧୧୦୯୧/ଭୁ.ଉ.କ., ଭୁବନେଶ୍ୱର ତା୧୭।୦୪।୨୦୧୯ରିଖ
KNM - 1219/93
ସୂଚନା
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ ଅନ୍ତର୍ଗତ MIG Plot No.K8-793 କୁ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଆଚାର୍ଯ୍ୟ, ପିତା- ସ୍ୱର୍ଗତ ହରେକୃଷ୍ଣ ଆଚାର୍ଯ୍ୟ, ଗ୍ରାମ- କୁଆଁରପୁର, ପୋଅ- ନିଷ୍ପାପଡ଼ା, ଥାନା-ଗୋବିନ୍ଦପୁର, ଜିଲ୍ଲା- କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଆଚାର୍ଯ୍ୟ ଗତ ତା.୦୬.୦୮.୨୦୧୬ରିଖରେ ମୃତ୍ୟୁବରଣ କରିଅଛନ୍ତି। ବର୍ତ୍ତମାନ ମୃତ ଆବଣ୍ଟନଗ୍ରାହୀଙ୍କ ସ୍ତ୍ରୀ-ଆରତୀ ଆଚାର୍ଯ୍ୟ, ପୁତ୍ର-ଶ୍ରୀମନ୍ତ ଆଚାର୍ଯ୍ୟ, ଏବଂ ସୁମନ୍ତ ଆଚାର୍ଯ୍ୟ ଉକ୍ତ ପ୍ଲଟ୍‌କୁ ଉତ୍ତରାଧିକାରୀ ସୂତ୍ରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ପ୍ଲଟ୍‌ର ଉତ୍ତରାଧିକାରୀ ସୂତ୍ରେ ମାଲିକାନା ପରିବର୍ତ୍ତନ କରିବା ସମ୍ବନ୍ଧେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର (ପନ୍ଦର) ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ଆଇନ ଅନୁଯାୟୀ ପରିବର୍ତ୍ତନ କରାଯିବ।
ସ୍ୱା./- ଆବଣ୍ଟନ ଅଧିକାରୀ-୨
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଭୁବନେଶ୍ୱର

THE ODISHA MINING CORPORATION LTD.
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
CORRIGENDUM NO.7
SELECTION OF MINE DEVELOPER CUM OPERATOR (MDO) FOR KURMITAR IRON ORE MINE
Reference : RFP No. 32/OMC/PROJ/13 Dated 02.03.2019
In inviting reference to the above, it is for the information of all interested parties who wish to participate in the bidding process that basing on the request made by some interested parties, the management of OMC has revised the schedule of the following events of the bid document to as follows :
Schedule of Bidding Process

| Sl No. | Event | Revised Scheduled Date |
|---|---|---|
| 14. | Last date for downloading the bid documents | 04.06.2019 Time:1600 Hours |
| 15. | Bid due date (also the last date and time for physical submission of copies of documents related to Techno-Commercial Proposal) | 04.06.2019 Time:1600 Hours |
| 16. | Opening of Techno-Commercial proposals (on the website of MSTC) | 06.06.2019 Time:1100 Hours |
| 17. | Opening of documents submitted physically by bidders (in presence of Bidders who choose to attend) | 07.06.2019 Time:1100 Hours Venue : OMC House, Bhubaneswar |

General Manager (Projects)

“ମ୍ୟାଚରେ ଆକ୍ରମଣାତ୍ମକ ପ୍ରଦର୍ଶନ ଲାଗି ଅଧିନାୟକ ବିରାଟ କୋହଲି ମୋତେ ପୂରା ସ୍ୱାଧୀନତା ଦେଇଥିବାରୁ ମୁଁ ବୋଲିଂରେ ସଫଳ ହୋଇପାରୁଛି ।
–କୁଳଦୀପ ଯାଦବ, ଭାରତୀୟ ରିଷ୍ଟ ସ୍ପିନର



“ସାଧାରଣ ନିର୍ବାଚନ ଶେଷ ହେବାପରେ ପାକିସ୍ତାନ ଆଥଲେଟ୍‌ମାନେ ଯେଉଁ ଭିଜାଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହାର ସମାଧାନ ହେବ।
–ରାଜୀବ ମେହେଟ୍ଟା, ଭାରତୀୟ ଅଲିମ୍ପିକ ଆସୋସିଏଶନ ସମ୍ପାଦକ



## ସଂକ୍ଷେପରେ

### ଭୋଲ୍‌କର ହାଇପର୍ଫମାନ୍ସ ଡାଇରେକ୍ଟର



ନୂଆଦିଲ୍ଲୀ, ୧୬।୫ (ପି.ଟି.): ଜର୍ମାନୀର ଭୋଲକର ହର୍ମାନ ଭାରତୀୟ ଆଥଲେଟିକ୍ସର ହାଇପର୍ଫମାନ୍ସ ଡାଇରେକ୍ଟର ହେବେ। ଆସନ୍ତାବର୍ଷ ହେବାକୁଥିବା ଅଲିମ୍ପିକ୍ସ ଲାଗି ଯୋଜନା ଓ ରଣକୌଶଳ ପ୍ରସ୍ତୁତ କରିବେ। ଏନେଇ ସରକାରଙ୍କଠାରୁ ସବୁଜ ସଙ୍କେତ ମିଳିଥିବା ଜାତୀୟ ମହାସଂଘ ମୁଖ୍ୟ ଆଡିଲ ସୁମାରିୱାଲା ପ୍ରକାଶ କରିଛନ୍ତି। ଭୋଲକର ଦ୍ୱିତୀୟ ବ୍ୟକ୍ତି ଭାବେ ଭାରତୀୟ ଆଥଲେଟିକ୍ସର ହାଇପର୍ଫମାନ୍ସ ଡାଇରେକ୍ଟର ଭାବେ ନିଯୁକ୍ତି ପାଇବାକୁ ଯାଉଛନ୍ତି। ତାଙ୍କ ପୂର୍ବରୁ ଜଣେ ୧୯୬୮ ମେକ୍ସିକୋ ସିଟି ଅଲିମ୍ପିଆନ ଆମେରିକାର ଡେରିକ୍ ବୁସେ ରିଓ ଅଲିମ୍ପିକ୍ସ ପୂର୍ବରୁ ଅକ୍ଟୋବର ୨୦୧୫ରେ ଏହି ପଦବୀରେ ନିଯୁକ୍ତି ପାଇଥିଲେ। ମାତ୍ର ଦାୟିତ୍ୱ ଗ୍ରହଣ କରିବା ୭ମାସ ପରେ ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ମୁଖ୍ୟ ସୁମାରିୱାଲା କହିଛନ୍ତି, ଜର୍ମାନ ଆଥଲେଟିକ୍ସ ଫେଡେରେଶନ ଭୋଲ୍‌କରଙ୍କ ନାମ ସୁପାରିସ କରିଥିଲା। ସେ ଜଣେ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି। ତାଙ୍କୁ ଖୁବ୍ ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ସୁମାରିୱାଲା ପ୍ରକାଶ କରିଛନ୍ତି।

### ଫିଟ୍ ହେବେ ନୀରଜ

ନୂଆଦିଲ୍ଲୀ,୧୬।୫(ପିଟି)- ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା କହୁଣି ଅସ୍ତ୍ରୋପଚାରରୁ ବିନା ଅସୁବିଧାରେ ସମ୍ପୂର୍ଣ୍ଣ ଫିଟ୍‌ନେସ ହାସଲ କରିବେ। କିନ୍ତୁ ବିଶ୍ୱ ଚାମ୍ପିୟନଶିପ୍ ସମେତ ଚଳିତ ବର୍ଷ ହେବାକୁ ଥିବା କୌଣସି ଟୁର୍ନାମେଣ୍ଟରେ ସେ ଅଂଶଗ୍ରହଣ କରିବେ ନାହିଁ ବୋଲି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ସଭାପତି ଆଦିଲେ ସୁମରିୱାଲା ଗୁରୁବାର କହିଛନ୍ତି। ରାଜ୍ୟଗୋଷ୍ଠୀ ଓ ଏସିଆନ୍ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ନୀରଜ ଚଳିତ ମାସ ୨ ତାରିଖରେ ଜଣାଶୁଣା ଅସ୍ଥିଶଲ୍ୟ ଡାକ୍ତର ଦୀନେଶ୍ୱା ପାର୍ଡିୱାଲା କହୁଣି ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ମାଧମରେ ୨୧ ବର୍ଷୀୟ ଜାଭେଲିନ ଥ୍ରୋୟରଙ୍କ କହୁଣିରୁ ଭଙ୍ଗା ହାଡ଼କୁ କଢ଼ାଯାଇଛି। ତାଙ୍କୁ ଏଥିରୁ ମୁକୁଳିବା ପାଇଁ ୩ ମାସ ସମୟ ଲାଗିବ। ଏଣୁ ବିଶ୍ୱ ଚାମ୍ପିୟନ୍‌ଶିପ୍‌ରେ ତାଙ୍କ ଅଂଶଗ୍ରହଣକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଥିଲା। ଏହି ସମ୍ମାନଜନକ ଇଭେଣ୍ଟ ସେପ୍ଟେମ୍ବର-ଅକ୍ଟୋବରରେ ଦୋହାଠାରେ ଅନୁଷ୍ଠିତ ହେବ। ନୀରଜଙ୍କ କହୁଣିରେ କିଛି ଭଙ୍ଗା ହାଡ଼ ଥିଲା, ଯାହାକୁ କାଢ଼ି ଦିଆଯାଇଛି। ଜଣାଶୁଣା ଫିଜିଓଥେରାପିଷ୍ଟ ହେଥ୍ ମାଥ୍ୟୁଙ୍କ ନିକଟରେ ସେ ଚିକିତ୍ସିତ ହେଉଛନ୍ତି। ମୁଁ ନୀରଜଙ୍କ ସମ୍ପର୍କରେ ମାଥ୍ୟୁ ଓ ଡାକ୍ତର ପାର୍ଡିୱାଲାଙ୍କ ସହ ଆଲୋଚନା କରିବି। ସେ ଏବେ ଥ୍ରୋଇଂ ଛାଡ଼ି ଅନ୍ୟ ସବୁକିଛି କରୁଛନ୍ତି। ଏପର୍ଯ୍ୟନ୍ତ ତାଙ୍କ ଦୈନନ୍ଦିନ ରିପୋର୍ଟ ଭଲ ରହିଛି। ସମ୍ପୂର୍ଣ୍ଣ ଫିଟ୍ ହେବାରେ କୌଣସି ଅସୁବିଧା ନାହିଁ ବୋଲି ସୁମରିୱାଲା କହିଛନ୍ତି। ନୀରଜଙ୍କୁ ଏବେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର, ଷ୍ଟାର ଶଟ୍‌ଲର ସାଇନା ନେହ୍ୱାଲ ଓ ପ୍ରାକ୍ତନ ଟେନିସ୍ ଖେଳାଳି ମହେଶ ଭୂପତିଙ୍କ ଭଳି ମେଡିକାଲ ସୁବିଧାସୁଯୋଗ ଦିଆଯାଉଛି।

# ସମୟାନୁବର୍ତ୍ତିତା ନେଇ ଧୋନୀଙ୍କ ଅଭିନବ ଦଣ୍ଡ

**ନୂଆଦିଲ୍ଲୀ, ୧୬।୫**

ଭାରତୀୟ କ୍ରିକେଟ ଦଳର ମାନସିକ କଣ୍ଡିସନିଂ କୋଚ୍ ରହିଥିବା ପ୍ୟାଡି ଅପ୍‌ଟନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ନେଇ ଏକ ନୂଆ ଘଟଣା ବିଷୟରେ ଉଲ୍ଲେଖ କରିଛନ୍ତି। ଧୋନୀ ଯେତେବେଳେ ଭାରତୀୟ ଦିନିକିଆ ଦଳର ନେତୃତ୍ୱ ଭାର ସମ୍ଭାଳିଥିଲେ ସେତେବେଳେ କୌଣସି ଖେଳାଳି ଟିମ୍ ବୈଠକ କିମ୍ବା ଅଭ୍ୟାସ ସେସନକୁ ବିଳମ୍ବରେ ନ ଆସିବା ଲାଗି ଏକ ଅଭିନବ ପ୍ରୟାସ ଆରମ୍ଭ କରିଥିଲେ। ସେହିଭଳି ଟେଷ୍ଟ ଅଧିନାୟକ ଅନିଲ କୁମ୍ବଲେ ଓ ଧୋନୀ କେଉଁଭଳି ଭାବେ ନୂଆ ଚିନ୍ତାଧାରା ନେଇ କାମ କରିଥିଲେ ସେ ବିଷୟରେ ମଧ୍ୟ ଅପ୍‌ଟନ ନିଜର ନୂତନ ପୁସ୍ତକ ‘ଦି ବେୟରଫୁଟ୍ କୋଚ୍’ ଉନ୍ମୋଚନ ଅବସରରେ ପ୍ରକାଶ କରିଛନ୍ତି।

‘ଯେତେବେଳେ ମୁଁ ଭାରତୀୟ ଦଳ ସହ ଯୋଗଦେଇଥିଲି ସେତେବେଳେ ଅନିଲ କୁମ୍ବଲେ ଟେଷ୍ଟ ଟିମ୍ ଓ ଧୋନୀ ଦିନିକିଆର ନେତୃତ୍ୱ ନେଉଥିଲେ। ଆମ ଦଳରେ ଏକ ବହୁତ ସୁନ୍ଦର ସ୍ୱଶାସନ ପ୍ରକ୍ରିୟା ଥିଲା। ତେଣୁ ଆମେ, ଟିମ୍‌ର ସମସ୍ତ ଖେଳାଳିଙ୍କୁ କହିଥିଲୁ ଅଭ୍ୟାସ ସେସନ ଓ ଟିମ୍ ବୈଠକରେ ସମସ୍ତେ ଠିକ୍ ସମୟରେ ଆସି ପହଞ୍ଚିବା ଜରୁରୀ। ସମସ୍ତେ ଏଥିରେ ଏକମତ ମଧ୍ୟ ହୋଇଥିଲେ’ ବୋଲି ପ୍ୟାଡି କହିଛନ୍ତି। ‘ଯେଉଁ ଖେଳାଳି ଠିକ୍ ସମୟରେ ଆସି ପହଞ୍ଚିବେ ନାହିଁ କାହାକୁ କିଛି ଦେବାକୁ ପଡ଼ିବ। ଆମ ଭିତରେ ଏହା ଆଲୋଚନା କରିଥିଲୁ ଏବଂ ଖେଳାଳିମାନେ ଅଧିନାୟକଙ୍କ ଉପରେ ଏ ନିଷ୍ପତ୍ତି ଛାଡ଼ି ଦେଇଥିଲେ। ଏହାପରେ କୁମ୍ବଲେ ବିଳମ୍ବରେ ଆସୁଥିବା ଖେଳାଳିଙ୍କ ଉପରେ ୧୦ ହଜାର ଟଙ୍କା ଜରିମାନା ଦେବାକୁ କହିଥିଲେ। କିନ୍ତୁ ଧୋନୀ ଏହାଠାରୁ ବଡ଼ ଦଣ୍ଡ ଶୁଣାଇଥିଲେ। ଯଦି ଜଣେ ଖେଳାଳି ବିଳମ୍ବରେ ଆସେ ତେବେ ଦଳର ବାକି ସମସ୍ତ ଖେଳାଳି ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଧୋନୀ କହିଥିଲେ’ ବୋଲି ପ୍ୟାଡି ଏହି ଅବସରରେ ଉଲ୍ଲେଖ କରିଛନ୍ତି। ‘ଟେଷ୍ଟ ଟିମ୍‌ରେ କୁମ୍ବଲେ କହିଥିଲେ, ବିଳମ୍ବରେ ଆସୁଥିବା ଖେଳାଳିଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। କିନ୍ତୁ ଏ ବିଷୟରେ ଦିନିକିଆ ଦଳର ଅଧିନାୟକ ଧୋନୀଙ୍କ ସହ ଆଲୋଚନା କରିବାରୁ ସେ ବିଳମ୍ବରେ ଆସୁଥିବା ଖେଳାଳିଙ୍କ ଲାଗି ଟିମ୍‌ର ବାକି ସଦସ୍ୟ ୧୦ ହଜାର ଲେଖାଏ ଜରିମାନା ଦେବାକୁ କହିଥିଲେ। ତେଣୁ ଦିନିକିଆ ଟିମ୍ ଅଭ୍ୟାସକୁ କେହିକେବେ ବିଳମ୍ବରେ ଆସୁ ନ ଥିଲେ’ ବୋଲି ଅପ୍‌ଟନ କହିଛନ୍ତି। କୌଣସି ବି ପରିସ୍ଥିତିରେ ଧୋନୀଙ୍କ ଶାନ୍ତ ରହିବା ସ୍ୱଭାବକୁ ଅପ୍‌ଟନ ବେଶ୍ ତାରିଫ୍ କରିଛନ୍ତି।

## ବେଙ୍ଗାଲୁରୁ ଏଫ୍‌ସି ଦଳରେ ରହିବେ ଲୁଇସ

**ବେଙ୍ଗାଲୁରୁ, ୧୬।୫(ପିଟି)**

କିନ ଲୁଇସଙ୍କ ସହ ଚୁକ୍ତିର ସମୟ ସୀମାରେ ବୃଦ୍ଧି କରାଯାଇଥିବା ବେଙ୍ଗାଲୁରୁ ଏଫ୍‌ସି ଗୁରୁବାର ଘୋଷଣା କରିଛି। ଫଳରେ ଆଗାମୀ ୨୦୧୯-୨୦ ସିଜନ ପର୍ଯ୍ୟନ୍ତ ଲୁଇସ ଦଳରେ ରହିବେ। ୨୬ ବର୍ଷୀୟ ଖେଳାଳି ଆଇଏସ୍ଏଲ୍ ଚାମ୍ପିୟନ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ବେଙ୍ଗାଲୁରୁ ଦଳ ପାଇଁ ଆଉ ଏକ ସିଜନ ଖେଳିବାକୁ ଯାଉଥିବାରୁ ମୁଁ ବହୁତ ଖୁସି। ଗତ ସିଜନରେ ମୋତେ କିଛି ଶକ୍ତିଶାଳୀ ଦଳମାନଙ୍କ ବିପକ୍ଷରେ ଖେଳିବାର ସୁଯୋଗ ଦିଆଯାଇଥିଲା, ଯାହା ଦ୍ୱାରା ମୁଁ କୋଚ୍‌ଙ୍କ ବିଶ୍ୱାସ ଜିତିପାରିଛି।

■ ରାଜ୍ୟର ଏକମାତ୍ର ଡିସ୍‌କସ୍ କୁଇନ୍‌ଙ୍କୁ ମିଳୁନି ପ୍ରୋତ୍ସାହନ

# ମାଷ୍ଟର୍ସ ଗେମ୍ସକୁ ନେଇ ଚିନ୍ତାରେ ପାର୍ବତୀ

**କଟକ ଅଫିସ,୧୬।୫**

ମହିଳା ଡିସ୍‌କସ୍ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ଏକମାତ୍ର ତାରକା ଖେଳାଳି ପାର୍ବତୀ ସେଠୀ ପୁଣି ଥରେ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ଜୁଲାଇ ୨୬ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଇଟାଲୀର ଟୋରିନୋ ସହରରେ ୟୁରୋପିଆନ ମାଷ୍ଟର୍ସ ଗେମ୍‌ସ-୨୦୧୯ ଅନୁଷ୍ଠିତ ହେବ। ମାଷ୍ଟର୍ସ ଗେମ୍ସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ପାର୍ବତୀଙ୍କ ନାମ ଘୋଷଣା କରାଯାଇଛି। ଗତ ଅନ୍ତର୍ଜାତୀୟ ଚାମ୍ପିୟନଶିପଗୁଡ଼ିକରେ ପାର୍ବତୀ ପଦକ ବିଜୟୀ ହୋଇ ନିଜ ବିଜୟ ଯାତ୍ରା ଜାରି ରଖିଛନ୍ତି। ହେଲେ ଏବେ ପାର୍ବତୀଙ୍କ ବିଜୟ ପଥରେ ବାଧା ସୃଷ୍ଟି କରିଛି ସରକାରୀ ସହାୟତା ଏବଂ ପ୍ରାୟୋଜକର ଅଭାବ। ଦୀର୍ଘ ୨୦ ବର୍ଷ ଧରି ମହିଳା ଡିସକସ କ୍ରୀଡ଼ାରେ ରାଜ୍ୟ ନାମକୁ ଉଜ୍ଜ୍ୱଳ କରୁଥିବା ଏକମାତ୍ର ଖେଳାଳି ହେଉଛନ୍ତ ପାର୍ବତୀ।

କଟକର କାଜିବଜାର ହାଇସ୍କୁଲରେ ପଢ଼ିବା ବେଳେ ପାର୍ବତୀଙ୍କ ପ୍ରତିଭାର ପରିଚୟ ମିଳିଥିଲା। ସ୍କୁଲ କ୍ୟାରିୟରରୁ ହିଁ ସଟ୍‌ପୁଟ ଓ ଡିସକସ ଖେଳ ଆରମ୍ଭ କରିଥିଲେ ପାର୍ବତୀ। ପରେ ରାଜ୍ୟ ଦଳରେ ସାମିଲ ହୋଇଥିଲେ। ୨୦୧୮ ସେପ୍ଟେମ୍ବର ୭ରୁ ୧୫ରେ ମାଲେସିଆରେ ଅନୁଷ୍ଠିତ ଏସିଆ ପାସିଫିକ୍ ମାଷ୍ଟର୍ସ ଗେମ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ସହ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ଓ ସଟ୍‌ପୁଟ୍‌ରେ ରୌପ୍ୟ ବିଜୟୀ ହୋଇଥିଲେ। ଏହାଛଡ଼ା ଗତ ମାର୍ଚ୍ଚରେ ପଞ୍ଜାବର ସାଙ୍ଗୁରସ୍ଥିତ ୱାର ହିରୋଜ ଷ୍ଟାଡିୟମରେ ଖେଳାଯାଇଥିବା ଇଣ୍ଡିଆନ ଗ୍ରାଁ ପି-୩ ଟ୍ରାକ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ପାର୍ବତୀ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ମହିଳା ଡିସ୍‌କସ ଥ୍ରୋରେ ଶ୍ରେଷ୍ଠ ପ୍ରଦର୍ଶନ କରି ସେ ରାଜ୍ୟ ପାଇଁ ଏହି ସଫଳତା ଆଣିଥିଲେ। ଉକ୍ତ ଚାମ୍ପିୟନଶିପରେ ପାର୍ବତୀଙ୍କ ବ୍ୟତୀତ ଅନ୍ୟ ୨ ଆଥ୍‌ଲେଟ ଭାଗ ନେଇଥିଲେ ମଧ୍ୟ ପାର୍ବତୀ ଏକମାତ୍ର ଖେଳାଳି ଭାବେ ପଦକ ବିଜୟୀ ହୋଇଥିଲେ। ନିଜର ଅଭ୍ୟାସ ପାଇଁ ଷ୍ଟେଶନ ନିକଟସ୍ଥ ନିଜ କ୍ୱାର୍ଟରରେ ପାର୍ବତୀ ଏକ ଡିସ୍‌କସ୍ କୋର୍ଟ ତିଆରି କରିଛି। ସେଠାରେ ହିଁ ସେ ସମସ୍ତ ଟୁର୍ନାମେଣ୍ଟ ନିମନ୍ତେ ଅଭ୍ୟାସ କରିଥାନ୍ତି। ପାର୍ବତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଓଡ଼ିଶାରେ କ୍ରୀଡ଼ାର ଉନ୍ନତି ହେଉଛି ସତ ହେଲେ କ୍ରୀଡାବିତଙ୍କୁ ପ୍ରୋତ୍ସାହନ ଦେବା ଜରୁରୀ। ପ୍ରୋତ୍ସାହନ ବିନା କୌଣସି କ୍ରୀଡ଼ାବିତ ଦୀର୍ଘ ଦିନ ତିଷ୍ଠିପାରିବେ ନାହିଁ। ୟୁରୋପିଆନ ମାଷ୍ଟର୍ସ ଗେମ୍‌ସରେ ପଦକ ଜିତିବା ପାଇଁ ସମସ୍ତ ଚେଷ୍ଟା କରିବି ବୋଲି ପାର୍ବତୀ କହିଛନ୍ତି। ତାଙ୍କୁ କ୍ରୀଡ଼ା ଜୀବନରେ ସବୁବେଳେ ଉତ୍ସାହିତ କରୁଥିବା ରେଲୱେ ବିଭାଗର ଉପରିସ୍ଥ ଅଧିକାରୀ ଅଜୟ କୁମାର ବେହେରା ଓ ଦିଲୀପ କୁମାର ସାମନ୍ତରାୟଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ପାର୍ବତୀଙ୍କ ସ୍ୱାମୀ କୁବେର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ରାଜ୍ୟ ଓ ଦେଶ ପାଇଁ ଦୁଇ ଦଶନ୍ଧି ଧରି ନିଜ ଅବଦାନ ଦେବାରେ ପାର୍ବତୀ କେବେ ହେଳା କରି ନାହାନ୍ତି। ଚାକିରି, ପରିବାର ଓ ଖେଳ ପ୍ରତି ତାଙ୍କର ଉତ୍ସର୍ଗକୁ କେହି ଅବମାନନା କରିପାରିବ ନାହିଁ। ପ୍ରୋତ୍ସାହନ ମିଳିଲେ ସେ କ୍ରୀଡ଼ା କ୍ଷେତ୍ରରେ ଅଧିକ ଦିନ ତିଷ୍ଠି ରହିବାକୁ ମନ ବଳାଇପାରିବେ ବୋଲି କୁବେର ମତ ଦେଇଛନ୍ତି।




ପାର୍ବତୀ ସେଠୀ

# ଡ୍ରିମ୍ସକୁ ଘରୋଇ ଗ୍ରାଉଣ୍ଡ କରିବ ସିକିମ



ଗ୍ରାଉଣ୍ଡ ପରିଦର୍ଶନ ଅବସରରେ ସିକିମ୍ କ୍ରୀଡା ଅଧିକାରୀମାନେ ଡ୍ରିମ୍ସ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

**କଟକ ଅଫିସ,୧୬।୫**

ଆସନ୍ତା କ୍ରିକେଟ ସିଜନରେ ଡ୍ରିମ୍ସକୁ ଘରୋଇ ଗ୍ରାଉଣ୍ଡ ଭାବେ ବ୍ୟବହାର କରିବ ସିକିମ। ଏଠାରେ କୋଚିଂ କ୍ୟାମ୍ପ କରିବା ସହ ମ୍ୟାଚ ଖେଳିବ। ଏହି ପରିପ୍ରେକ୍ଷୀରେ ସିକିମ୍ କ୍ରିକେଟ ଆସୋସିଏସନ (ସିସିଏ) କର୍ମକର୍ତ୍ତା ବୁଧବାର ପୂର୍ବାହ୍ନରେ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ପରିଦର୍ଶନ କରିଛନ୍ତି । ଆସୋସିଏସନର ସମ୍ପାଦକ ସୋନମ୍ ପାଲଡେନ୍ ଭୂଟିଆ ଓ ଯୁଗ୍ମ ସମ୍ପାଦକ ନାରାୟଣ ଥିରିଙ୍ଗ ଭୂଟିଆ ଡ୍ରିମ୍‌ସ କ୍ରିକେଟ ଗ୍ରାଉଣ୍ଡ, ପିଚ୍, ଏହାର ଆର୍ଥ ଗ୍ୟାଲେରୀ, ପ୍ୟାଭିଲିୟନ, ଅମ୍ପାୟର୍ସ ରୁମ୍, ଅଫିସିଆଲ ରୁମ ଓ ପ୍ରେସ ଗ୍ୟାଲେରୀ ସମେତ ଷ୍ଟାଡିୟମରେ ଉପଲବ୍ଧ ସୁବିଧାସୁଯୋଗ ବୁଲି ଦେଖିଥିଲେ। ବିଶେଷ କରି ଜିମ୍, ସୁଇମିଂ ପୁଲ ଇତ୍ୟାଦି ପରିଦର୍ଶନ କରିବା ସହିତ ବୈଷୟିକ ଶିକ୍ଷାନୁଷ୍ଠାନ ପରିସରରେ ଏଭଳି ଅନ୍ତର୍ଜାତୀୟସ୍ତରର କ୍ରୀଡା ଭିତ୍ତିଭୂମିର ଉଚ୍ଚପ୍ରଶଂସା କରିଥିଲେ । କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଓ ଅନ୍ୟ ଅଧିକାରୀ ସେମାନଙ୍କୁ ସ୍ୱାଗତ କରିବା ସହ ଅଭ୍ୟର୍ଥନା ଜଣାଇଥିଲେ ।

## କୋହଲି, ପନ୍ତ ହିମାଳୟର ନୂଆ ବ୍ରାଣ୍ଡ୍ ଆମ୍ବାସାଡର

**ବାଙ୍ଗାଲୋର, ୧୬।୫(ପି.ଟି.)**

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ଯୁବ ଉଇକେଟ୍‌କିପର ରିଷଭ ପନ୍ତ ଦେଶର ଅଗ୍ରଣୀ ଡ୍ରଗ୍ସ କମ୍ପାନୀ ହିମାଳୟର ଅଫିସିଆଲ ବ୍ରାଣ୍ଡ୍ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। କୋହଲି ଓ ୨୦୧୮ ମସିହା ଲାଗି ଆଇସିସି ଏମର୍ଜିଂ ପ୍ଲେୟାର ପୁରସ୍କାର ହାସଲ କରିଥିବା ପନ୍ତ ହିମାଳୟ ପକ୍ଷରୁ ଉତ୍ପାଦନ ହେଉଥିବା ‘ପୁରୁଷ ଫେସ୍ କେୟାର ରେଞ୍ଜ’ ସାମଗ୍ରୀର ପ୍ରମୋଟ୍ କରିବେ ବୋଲି ଜଣାପଡ଼ିଛି। ଏଥିସହ ଖୁବ୍‌ଶୀଘ୍ର କୋହଲି ଓ ପନ୍ତ ହିମାଳୟ ପୁରୁଷ ଫେସ୍ ୱାଶର ଏକ ବିଜ୍ଞାପନରେ ଏକାଠି ନାଚୁଥିବାର ନଜରକୁ ଆସିବେ। ‘ଟିମ୍ ହିମାଳୟ ସହ ଯୋଡ଼ି ହେବାକୁ ଯାଉଥିବାରୁ ଏବଂ ଏହାର ପୁରୁଷ ଫେସ୍ ୱାସର ବ୍ରାଣ୍ଡ୍ ଆମ୍ବାସାଡର ନିଯୁକ୍ତ ହୋଇଥିବାରୁ ବହୁତ ଉତ୍ସାହିତ ରହିଛି। ‘ହିମାଳୟ ସହ ବର୍ତ୍ତମାନଠାରୁ ଲମ୍ବା ସମୟ ପର୍ଯ୍ୟନ୍ତ ପାର୍ଟନର ରହିବାକୁ ଯାଉଛି’ ବୋଲି କୋହଲି କହିଛନ୍ତି। ‘ଗତ ୮୮ ବର୍ଷ ଧରି ହିମାଳୟ ଜନସାଧାରଣଙ୍କୁ ସୁସ୍ଥ ଜୀବନ ଜିଇଁବାରେ ସହାୟତା କରିଆସିଛି। ମୋତେ ହିମାଳୟର ପୁରୁଷ ସୌନ୍ଦର୍ଯ୍ୟଶ୍ରେଣୀ ପାଇଁ ବ୍ରାଣ୍ଡ୍ ଆମ୍ବାସାଡର ନିଯୁକ୍ତ କରାଯାଇଥିବାରୁ ବହୁତ ଗର୍ବ ଅନୁଭବ କରୁଛି’ ବୋଲି ପନ୍ତ ଏହି ଅବସରରେ ପ୍ରକାଶ କରିଛନ୍ତି।

## କଟକ ଜିଲା କୁସ୍ତି ପ୍ରତିଯୋଗିତା

**କଟକ ଅଫିସ,୧୬।୫**

ବାରବାଟୀ ଷ୍ଟାଡିୟମସ୍ଥିତ ସଚିନ ତେନ୍ଦୁଲକର ଇନଡୋର ହଲରେ ଜିଲା କୁସ୍ତି (୧୫ବର୍ଷରୁ କମ୍ ବାଳିକା, ବାଳକ) ଚାମ୍ପିୟନଶିପ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା କୁସ୍ତି ସଂଘ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ମୋଟ ୩୫ଜଣ ଭାଗ ନେଇଥିଲେ । ୬ଟି ଓଜନ ବର୍ଗରେ ପ୍ରତିଯୋଗିତା ହୋଇଥିବା ବେଳେ ୨୪ଜଣ ପ୍ରତିଯୋଗୀ କୃତକାର୍ଯ୍ୟ ହୋଇଥିଲେ । ଉକ୍ତ ୨୪ଜଣ ଆସନ୍ତା ରାଜ୍ୟ ପ୍ରତିଯୋଗିତାରେ କଟକ ଜିଲା ଦଳରୁ ପ୍ରତିନିଧିତ୍ୱ କରିବେ । ପୁରସ୍କାର ବିତରଣୀ ଉତ୍ସବରେ ଦେବେନ୍ଦ୍ର କୁମାର ସାହୁ, ସଂଘ କାର୍ଯ୍ୟକାରୀ ସଭାପତି ବିରଜା ଦାସ, ସାଧାରଣ ସମ୍ପାଦକ କିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ୪/ଅଲ୍‌ଆଉଟ୍, ସମସ୍ତେ ବୋଲ୍ଡ

**କୋଚି, ୧୬।୫**

କ୍ରିକେଟରେ ଏକ ବିସ୍ମୟକର ଘଟଣା ଦେଖିବାକୁମିଳିଛି। ଏକଆନ୍ତଃଜିଲା ମହିଳା କ୍ରିକେଟ ମ୍ୟାଚ୍‌ରେ ଗୋଟିଏ ଦଳ ମାତ୍ର ୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ଏହାର କୌଣସି ବ୍ୟାଟ୍ସଓମ୍ୟାନ ଖାତା ଖୋଲିପାରି ନ ଥିବାବେଳେ ସମସ୍ତ ଖେଳାଳି ବୋଲ୍ଡ ଆଉଟ୍ ହେବା ଆଉ ଏକ ବିରଳ ଘଟଣା ଥିଲା।

ମାଲପୁରମ୍ ଜିଲା ପେରିନାଥାଲମନ୍ନ କ୍ରିକେଟ ଷ୍ଟାଡିୟମରେ କସରଗଡ ଓ ୱେନାଡ ମଧ୍ୟରେ ୧୯ ବର୍ଷରୁ କମ୍ ମହିଳା ଆନ୍ତଃ ଜିଲା କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା କସରଗଡ ଦଳ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳର ୧୦ଜଣ ଖେଳାଳି ଖାତା ଖୋଲିପାରି ନ ଥିବାବେଳେ ଜଣେ ‘୦’ରେ ଅପରାଜିତ ରହିଥିଲେ। ତେବେ ପ୍ରତିପକ୍ଷ ୱେନାଡ୍ ବୋଲର ୪ ରନ୍ ଅତିରିକ୍ତ ଆକାରରେ ପ୍ରଦାନ କରିବାରୁ ସ୍କୋରବୋର୍ଡ ଖୋଲିପାରିଥିଲା। ଆଉଟ୍ ହୋଇଥିବା ସମସ୍ତ ଖେଳାଳି ବୋଲ୍ଡ ହେବା ମଧ୍ୟ ଆଉ ଏକ ବିରଳ ଘଟଣା ରହିଥିଲା। ଜବାବରେ ୱେନାଡ କୌଣସି ଉଇକେଟ୍ ନ ହରାଇ ପ୍ରଥମ ଓଭରରେ ଆବଶ୍ୟକ ୫ ରନ୍ ସଂଗ୍ରହ କରିନେଇଥିଲା।



ୟୁନିଟ-୬ ଖେଳ ପଡ଼ିଆରେ ଚାଲିଥିବା ଗ୍ରୀଷ୍ମକାଳୀନ ଫୁଟବଲ ଶିବିରରେ ପ୍ରଶିକ୍ଷାର୍ଥୀ ଓ କୋଚ୍‌ମାନଙ୍କ ସହ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।

## ‘ଶୃଙ୍ଖଳା ସହ ସମର୍ପିତ ଭାବ ଜଣକୁ ଶ୍ରେଷ୍ଠ କରିଥାଏ’

**ଭୁବନେଶ୍ୱର, ୧୬।୫(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷାର୍ଥୀଙ୍କ ତ୍ରୁଟିକୁ ସୁଧାରିବା ଉପରେ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ସମୟରେ କିମ୍ବଦନ୍ତୀ ଖେଳାଳିଙ୍କ ଉପସ୍ଥିତି ପିଲାମାନଙ୍କୁ ବେଶ୍ ଉତ୍ସାହିତ କରୁଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପ୍ରଶିକ୍ଷଣ ସମୟରେ ପ୍ରଶିକ୍ଷାର୍ଥୀଙ୍କ ସହ କିଛି ସମୟ ବିତାଇଥିଲେ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ। ଶୃଙ୍ଖଳା, ସମୟାନୁବର୍ତ୍ତିତା, ଏକାଗ୍ରତା ଏବଂ ଫୁଟବଲ ପ୍ରତି ସମର୍ପିତ ଭାବ ହିଁ ଜଣକୁ ଶ୍ରେଷ୍ଠ ଖେଳାଳିରେ ପରିଣତ କରିଥାଏ ବୋଲି ପିଲାମାନଙ୍କୁ ଶ୍ରଦ୍ଧାଞ୍ଜଳି ପରାମର୍ଶ ଦେଇଛନ୍ତି। ଏହି ମନ୍ତ୍ରରେ ଦୀକ୍ଷିତ ହୋଇ ସେ ଏକଦା ଖୋ-ଖୋରେ କ୍ୟାରିୟର ଆରମ୍ଭ କରିଥିଲେ ହେଁ ପରେ ଫୁଟବଲରେ ଜାତୀୟ ଦଳର ଅଧିନାୟିକା ହୋଇପାରିଥିଲେ ବୋଲି କହିଛନ୍ତି। ଫୁଟବଲ ପ୍ରତିଭାଙ୍କୁ ତାଲିମ ପାଇଁ ଆସୋସିଏଶନ ପକ୍ଷରୁ ହେଉଥିବା ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ପିଲାମାନଙ୍କୁ ଉପଯୋଗୀ ଟିପ୍ସ ଦେଇଥିବାରୁ ଆୟୋଜକ ଆସୋସିଏଶନ ସଭାପତି ତପନ ମହାନ୍ତି, ସମ୍ପାଦକ ଦିଲୀପ ଦାସ, ଉପସଭାପତି ପ୍ରଫୁଲ୍ଲ ମିଶ୍ର, ଗିରିଜା ଦାସ, ସୁଶାନ୍ତ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳିଙ୍କୁ ଧନ୍ୟବାଦ ଜଣାଇଥିଲେ।



"ଆମ ପେସ୍ ବାହିନୀ ଯେକୌଣସି ପିଚ୍‌ରେ ପ୍ରଭାବୀ ବୋଲିଂ କରପାରିବ। ଆସନ୍ତା ବିଶ୍ୱକପ୍‌ରେ ମଧ୍ୟ ତାହା ଦେଖିବାକୁ ମିଳିବ ବୋଲି ଆଶା ।
–ଭୁବନେଶ୍ୱର କୁମାର, ଭାରତୀୟ ବୋଲର



"ଇଂଲିଶ କଣ୍ଡିଶନରେ କେ.ଏଲ୍. ରାହୁଲ ଭଲ ଖେଳିପାରିବେ। ଭାରତୀୟ ବ୍ୟାଟିଂ ଅର୍ଡରର ଚତୁର୍ଥ ସ୍ଥାନ ପାଇଁ ସେ ଜଣେ ବିକଳ୍ପ ଖେଳାଳି ।
–ଦିଲୀପ ଭେଙ୍ଗସରକାର, ପୂର୍ବତନ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ଚାଇନା ୨୦୨୩ ଏସିଆନ କପ୍ ଫୁଟ୍‌ବଲ ଆୟୋଜକ

ସିଓଲ, ୧୬।୫ (ଏଏଫ୍‌ପି): ଦକ୍ଷିଣ କୋରିଆ ୨୦୨୩ ଏସିଆନ କପ୍ ଫୁଟ୍‌ବଲ ପ୍ରତିଯୋଗିତାର ଆୟୋଜନରୁ ଓହରିଯାଇଛି। ଫଳରେ ଏହି ଇଭେଣ୍ଟର ଅନ୍ୟତମ ବିଡର ଚାଇନାକୁ ଆୟୋଜନ ଅଧିକାର ମିଳିବା ସ୍ପଷ୍ଟ ହୋଇଛି। କୋରିଆ ଫୁଟ୍‌ବଲ ଆସୋସିଏଶନ (କେଏଫ୍ଏ) କହିଛି ସେହିବର୍ଷ ଉତ୍ତର କୋରିଆ ସହିତ ମିଳିତ ଭାବେ ମହିଳା ବିଶ୍ୱକପ୍ ଆୟୋଜନ କରିବାକୁ ଥିବାରୁ ପାଖାପାଖି ଦୁଇଟି ଟୁର୍ନାମେଣ୍ଟ ଆୟୋଜନ ସହଜ ହେବ ନାହିଁ। ସିଓଲ ଓହରିଯାଇଥିବାରୁ ଏସିଆନ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି) ଜୁନ୍ ୪ ସୁଦ୍ଧା ଚାଇନାକୁ ଏସିଆନ୍ କପ୍ ଆୟୋଜନ ଅଧିକାର ପ୍ରଦାନ ବିଷୟ ସ୍ପଷ୍ଟ କରିଦେବା ଉଚିତ। ଚାଇନା ଦ୍ୱିତୀୟ ଥର ପାଇଁ ପ୍ରତିଯୋଗିତାର ଆୟୋଜନ କରିବ। ପୂର୍ବରୁ ଏହି ଦେଶ ୨୦୦୪ରେ ଆୟୋଜକ ହୋଇଥିଲା। ବେଜିଂରେ ଅନୁଷ୍ଠିତ ଫାଇନାଲରେ ଜାପାନ ନିକଟରୁ ୩-୧ ଗୋଲରେ ଚାଇନା ପରାସ୍ତ ହୋଇଯାଇଥିଲା। ଦୁଇବର୍ଷ ପୂର୍ବେ ୨୪ ରାଷ୍ଟ୍ରର ଫୁଟ୍‌ବଲ ଦଳକୁ ନେଇ ୨୦୨୩ ସଂସ୍କରଣ ପାଇଁ ସିଓଲର ବିଡ୍ ସମ୍ପର୍କରେ କେଏଫ୍ଏ ଘୋଷଣା କରିଥିଲା। ୧୯୬୦ ପରେ ଏସିଆର ଏହି ସମ୍ମାନଜନକ ଫୁଟ୍‌ବଲ ଟୁର୍ନାମେଣ୍ଟ ଦ୍ୱିତୀୟ ଥର ଆୟୋଜନ ଲାଗି ଆଗ୍ରହ ପ୍ରକାଶ କରିଥିଲା। ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆ ମଧ୍ୟ ଆଗ୍ରହ ଦେଖାଇଥିଲେ। ମାତ୍ର ପରେ ସେମାନେ ବିଡ୍‌ରୁ ଓହରିଯାଇଥିଲେ। ଚଳିତ ବର୍ଷ ୟୁଏଇରେ ଏହି ଟୁର୍ନାମେଣ୍ଟର ଦଳ ସଂଖ୍ୟା ୨୪କୁ ବୃଦ୍ଧି କରାଯାଇଥିଲା। ଏଥିରେ ଜାପାନ ବିପକ୍ଷରେ ୩-୧ ଗୋଲରେ ବିଜୟ ଲାଭ କରି କାତାର ଚାମ୍ପିୟନ ହୋଇଥିଲା।

### କିଙ୍ଗ୍ସ କପ୍: ସମ୍ଭାବ୍ୟ ତାଲିକାରୁ ଜେଜେ ବାଦ୍

ନୂଆଦିଲ୍ଲୀ, ୧୬।୫(ପି.ଟି.): ଜୁନ୍ ୫ରୁ ୮ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡରେ ହେବାକୁ ଥିବା କିଙ୍ଗ୍ସ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଲାଗି ସମ୍ଭାବ୍ୟ ଭାରତୀୟ ଦଳ ଘୋଷଣା କରାଯାଇଛି। ନବନିଯୁକ୍ତ ମୁଖ୍ୟ କୋଚ୍ ଇଗର ଷ୍ଟିମାକ୍‌ଙ୍କ ଦ୍ୱାରା ଘୋଷିତ ୩୭ ଜଣିଆ ସମ୍ଭାବ୍ୟ ଦଳରୁ ଆହତ ଥିବା ଷ୍ଟ୍ରାଇକର ଜେଜେ ଲାଲପେଖଲୁଆଙ୍କୁ ବାଦ୍ ଦିଆଯାଇଛି। ଘୋଷିତ ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ମେ ୨୦ରୁ ନୂଆଦିଲ୍ଲୀଠାରେ ପ୍ରସ୍ତୁତି କ୍ୟାମ୍ପ୍ ଆରମ୍ଭ ହେବ। ଆଣ୍ଠୁଜନିତ ସମସ୍ୟା ଭୋଗୁଥିବା ଜେଜେ ବୁଧବାର ଢାକାଠାରେ ଖେଳାଯାଇଥିବା ଏଏଫ୍‌ସି କପ୍‌ର ଅବହାନି ଢାକା ବିପକ୍ଷ ମ୍ୟାଚ୍‌ରେ ଚେନ୍ନାଇନ ଏଫ୍‌ସି ପକ୍ଷରୁ ଖେଳିପାରି ନ ଥିଲେ। ଚଳିତ ମାସ ୩ୟ ସପ୍ତାହରେ ତାଙ୍କର ଅସ୍ତ୍ରୋପଚାର ହେବ ବୋଲି ଜଣାପଡ଼ିଛି। ଜେଜେଙ୍କ ସମେତ ଆଘାତଜନିତ ସମସ୍ୟା ଲାଗି ହାଲିଚରଣ ନଜାରୀ, ମନ୍ଦର ରାଓ ଦେଶାଇ, ଆସିକ କୁରୁନିୟାନ ଓ ନରେନ୍ଦ୍ର ଗେହଲଟଙ୍କୁ ମଧ୍ୟ ଏହି ଦଳରୁ ବାଦ୍ ଦିଆଯାଇଛି। 'ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଏବଂ ଶୁଭକାମନା। ଦଳ ସହ କାମ କରିବାକୁ ବ୍ୟଗ୍ର ରହିଛି। ମୁଁ ସର୍ବଦା ନୂତନ ଚ୍ୟାଲେଞ୍ଜକୁ ଗ୍ରହଣ କରିଥାଏ ଏବଂ ବ୍ଲୁ ଟାଇଗର୍ସ ଦଳକୁ ପ୍ରଶିକ୍ଷଣ ପ୍ରଦାନ କରିବାକୁ ପ୍ରସ୍ତୁତ ରହିଛି' ବୋଲି ମୁଖ୍ୟକୋଚ୍ ଷ୍ଟିମାକ ତାଙ୍କ ବାର୍ତ୍ତାରେ କହିଛନ୍ତି। କିଙ୍ଗ୍ସ କପ୍‌ରେ ଆୟୋଜକ ଥାଇଲାଣ୍ଡ ସମେତ ଭାରତ ଓ ଭିଏତ୍‌ନାମ ଅଂଶଗ୍ରହଣ କରୁଛନ୍ତି। ଭାରତ ୧୯୭୭ ପରେ ପ୍ରଥମଥର ଲାଗି ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛି। ଏହାପରେ ଜୁଲାଇରେ ହେବାକୁ ଥିବା ହିରୋ ଇଣ୍ଟରନ୍ୟାଶନାଲ କପ୍‌ରେ ଭାରତ ଭାଗନେବ।

### ଟୋଣ୍ଡମ୍ବାଙ୍କ ସହ ଇଷ୍ଟ ବେଙ୍ଗଲର ୪ ବର୍ଷିଆ ଚୁକ୍ତି

କୋଲକାତା,୧୬।୫(ପିଟି)- ଆଇ ଲିଗ୍ ରନର୍ସଅପ୍ ଇଷ୍ଟ ବେଙ୍ଗଲ ଏଫ୍‌ସି ସେଣ୍ଟ୍ରାଲ ମିଡ୍‌ଫିଲ୍ଡର ନାଓରେମ ଟୋଣ୍ଡମ୍ବାଙ୍କ ସହ ୪ ବର୍ଷିଆ ଚୁକ୍ତି କରିଛି। କୋଚ୍ ଆଲେଜାଣ୍ଡ୍ରୋ ମେନଣ୍ଡେଜ ପ୍ରତିଭାଶାଳୀ ଯୁବ ଖେଳାଳିଙ୍କ ଉପରେ ବହୁ ଆଗରୁ ନଜର ରଖିଥିଲେ। ମିଡ୍‌ଫିଲ୍ଡର ଟୋଣ୍ଡମ୍ବା କଠିନ ପରିଶ୍ରମ କରନ୍ତି। ଗତ ସିଜନରେ ନେରୋକା ଏଫ୍‌ସି ପାଇଁ ମଧ୍ୟ ପ୍ରଦର୍ଶନ କରିଥିଲେ ବୋଲି କ୍ଲବ ପକ୍ଷରୁ ଗୁରୁବାର କୁହାଯାଇଛି। ଦଳକୁ ପୁଣି ଶକ୍ତିଶାଳୀ କରିବା ପାଇଁ ଇଷ୍ଟ ବେଙ୍ଗଲ ବହୁ ଖେଳାଳିଙ୍କ ଚୁକ୍ତିର ସମୟ ସୀମାରେ ବୃଦ୍ଧି କରିଛି। ଏହି ଦଳ ଆଗାମୀ ସିଜନରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଅଂଶଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛି।

# ପାକିସ୍ତାନ ବିଶ୍ୱକପ୍ ଦଳରେ ଆମିର

କରାଚି,୧୬।୫(ପି.ଟି.)

ପାକିସ୍ତାନ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଆମିରଙ୍କୁ ପ୍ରଥମେ ଅଣଦେଖା କରାଯାଇଥିଲେ ମଧ୍ୟ ପରେ ତାଙ୍କୁ ବିଶ୍ୱକପ୍ ଦଳରେ ସାମିଲ କାରା ଯାଇଛି। ଚଳିତ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ପାକିସ୍ତାନ ବୋଲରମାନେ ସାଂଘାତିକ ଭାବେ ବିଫଳ ହେବା କାରଣରୁ ଚୟନକର୍ତ୍ତା ଆମିରଙ୍କ ଗୁରୁତ୍ୱକୁ ହୃଦୟଙ୍ଗମ କରିଛି। ଗୋଟିଏ ଟି୨୦ ଓ ଦୁଇଟି ଦିନିକିଆ ମ୍ୟାଚ୍‌ରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନମାନେ ପାକିସ୍ତାନ ବୋଲରଙ୍କୁ ନିର୍ମମ ପ୍ରହାର କରିଛନ୍ତି। ଫଳରେ ପାକିସ୍ତାନର ବୋଲିଂ ଦୁର୍ବଳତା ପଦାରେ ପଡିଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଦ୍ୱାରା ଘୋଷିତ ୧୫ ଜଣିଆ ବିଶ୍ୱକପ୍ ଦଳରେ ତାଙ୍କୁ ସାମିଲ କରାଯାଇ ନ ଥିଲା।



ମହମ୍ମଦ ଆମିର

ଆମିର ଚିକେନ ପକ୍ସରେ ପୀଡିତ ଅଛନ୍ତି ଓ ଲଣ୍ଡନରେ ତାଙ୍କର ଚିକିତ୍ସା ତଥା ପରୀକ୍ଷା କରାଯାଉଛି। ପାକିସ୍ତାନ ଟିମ୍ ମ୍ୟାନେଜମେଣ୍ଟ, ଅଧିନାୟକ ସର୍ଫରାଜ ଅହମ୍ମଦ, ହେଡ୍ କୋଚ୍ ମିକି ଆର୍ଥର ଆମୀରଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ଓ ଠିକ୍ ସମୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଟିମ୍ ମ୍ୟାନେଜମେଣ୍ଟର ସହ ମୁଖ୍ୟ ଚୟନକର୍ତ୍ତା ଇଞ୍ଜାମାମ ଉଲ ହକ୍ ଏକମତ ହୋଇଛନ୍ତି। ତେବେ ବିଶ୍ୱକପ୍ ଆରମ୍ଭ ହେବା ବେଳକୁ ଅର୍ଥାତ୍ ମେ ୩୦ ସୁଦ୍ଧା ଆମୀର ସୁସ୍ଥ ହେବା ନେଇ ସେ ନିଶ୍ଚିତ ହେବାକୁ ଚାହାନ୍ତି ବୋଲି ଇଞ୍ଜାମାମ କହିଛନ୍ତି। ଏବେ ଆମିରଙ୍କ ମେଡିକାଲ ରିପୋର୍ଟକୁ ଟିମ୍ ମ୍ୟାନେଜମେଣ୍ଟ ଓ ଚୟନକମିଟି ଅପେକ୍ଷା କରିଛି। ଚିକେନ ପକ୍ସର ଶିକାର ହେବା ପରଠାରୁ ଆମିରଙ୍କୁ ଲଣ୍ଡନ୍‌ସ୍ଥିତ ତାଙ୍କ ଶ୍ୱଶୁର ଘରକୁ ପଠାଇ ଦିଆଯାଇଥିଲା। ଆସନ୍ତା ୨ ସପ୍ତାହ ମଧ୍ୟରେ ଯଦି ଆମିର ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରନ୍ତି ତାହାଲେ ସେ ବିଶ୍ୱକପ୍ ଦଳରେ ସାମିଲ ହୋଇପାରିବେ ବୋଲି କୁହାଯାଇଛି। ପୁଣି ଦିନିକିଆରେ କ୍ରମାଗତ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିବା ଆସିଫ ଅଲି ଯଦି ତାଙ୍କ ଫର୍ମ ବଜାୟ ରଖନ୍ତି ତାହାଲେ ତାଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରାଯାଇପାରେ ବୋଲି କୁହାଯାଇଛି।

# ଦୈନିକ ୩୫୦୦ ଭାରତୀୟ ଭିଜା ଆବେଦନ କରୁଛନ୍ତି

ନୂଆଦିଲ୍ଲୀ, ୧୬।୫

**ଆଇସିସି ବିଶ୍ୱକପ୍**

ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆସନ୍ତା ୩୦ରୁ ୟୁନାଇଟେଡ୍ କିଙ୍ଗଡମ (ୟୁକେ)ରେ ଆରମ୍ଭ ହେବାକୁ ଯାଉଛି। କ୍ରିକେଟର ଏହି ମହାକୁମ୍ଭକୁ ଉପଭୋଗ କରିବା ଲାଗି ଦିନକୁ ପାଖାପାଖି ୩୫୦୦ ଭାରତୀୟ ନାଗରିକ ୟୁକେ ଭିଜା ପାଇଁ ଆବେଦନ କରୁଛନ୍ତି। ଅନ୍ୟ ସମୟ ଅପେକ୍ଷା ଭିଜା ଆବେଦନ ହାର ଅଧିକ ରହିଛି ବୋଲି ବ୍ରିଟିଶ ହାଇ କମିଶନର (ବିଏଚ୍‌ସି) କହିଛନ୍ତି। ସେହିଭଳି ଏହି ସମରରେ ୮୦ ହଜାର ଭାରତୀୟ ୟୁକେ ଗସ୍ତରେ ଆସିବେ ବୋଲି କମିଶନର ଆଶାପ୍ରକାଶ କରିଛନ୍ତି। 'ଭାରତରେ ଖେଳପ୍ରତି ଭଲପାଇବା, ଭାରତ–ୟୁକେ ମଧ୍ୟରେ ବିମାନ ଚଳାଚଳ ବ୍ୟବସ୍ଥା ଓ ମାର୍କେଟ୍ ଦୃଷ୍ଟିରୁ ଆଇସିସି ବିଶ୍ୱକପ୍ ଲାଗି ଭାରତରୁ ସର୍ବାଧିକ ଦର୍ଶକ ୟୁକେ ଗସ୍ତରେ ଆସିବାର ବହୁତ ଅଧିକ ସମ୍ଭାବନା ରହିଛି' ବୋଲି ବ୍ରିଟିଶ ହାଇକମିଶନର ଏକ ଜାତୀୟ ଖବରକାଗଜକୁ ସାକ୍ଷାତ୍‌କାର ଅବସରରେ କହିଛନ୍ତି। 'କ୍ରିକେଟ୍ ବିଶ୍ୱକପ୍ ଲାଗି ଅନ୍ୟସିଜନ ଅପେକ୍ଷା ଚଳିତ ବର୍ଷ ଅଧିକ ଭିଜା ଆବେଦନ ହୋଇଛି। ଜାନୁୟାରୀରୁ ଏପ୍ରିଲ ମଧ୍ୟରେ ଆମର ଭିଜା ପ୍ରଦାନକାରୀ ସଂସ୍ଥା (ଭିଏଫ୍ଏସ୍ ଗ୍ଲୋବାଲ) ନିକଟରେ ଭାରତୀୟ ଭିଜା ଆବେଦନକାରୀ ସଂଖ୍ୟା ୨ ଲକ୍ଷ ଟପି ସାରିଲାଣି। କେବଳ ମାର୍ଚ୍ଚ ଓ ଏପ୍ରିଲରେ ୧ ଲକ୍ଷ ୩୨ ହଜାର ଭାରତୀୟ ଭିଏସ୍ଏସ୍ ଗ୍ଲୋବାଲ ନିକଟରେ ଭିଜା ଆବେଦନ କରିଛନ୍ତି' ବୋଲି ବ୍ରିଟିଶ ହାଇକମିଶନରଙ୍କ ମୁଖପାତ୍ର କହିଛନ୍ତି।

# କ୍ୱାର୍ଟରରେ ହକି ଓଡ଼ିଶା



ଗୁରୁବାର ଓଡ଼ିଶା ଓ ତାମିଲନାଡୁ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

କଟକ ଅଫିସ,୧୬।୫

ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁରଠାରେ ଚାଲିଥିବା ୯ମ ସବ୍‌ଜୁନିୟର ବାଳକ ଜାତୀୟ ଚାମ୍ପିୟନଶିପ–୨୦୧୯(ଡିଭିଜନ–ଏ)ରେ ହକି ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ପୁଲ–ଏରେ ସ୍ଥାନ ପାଇଥିବା ଓଡ଼ିଶା ଗୁରୁବାର ତାମିଲନାଡୁକୁ ୯–୦ ଗୋଲରେ ପରାସ୍ତ କରିଥିଲା । ଅଧିନାୟକ ଲାବନ ଲୁଗୁନ ୧୪, ୩୯ ଓ ୫୮ ମିନିଟରେ ସର୍ବାଧିକ ୩ଟି, ରୋଶନ କୁଜୁର ୪ ଓ ୪୫ତମ ମିନିଟରେ ୨ଟି, ଆଶିଷ ଖେସ ୧୮ ଓ ୨୫ତମ ମିନିଟରେ ୨ଟି ଏବଂ ରାଜମନ ଟେଟେ ୨ୟ ଓ ସଞ୍ଜୟ ଏକ୍କା ୪୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ ।

### ଫ୍ରେଞ୍ଚ୍ ଓପନ୍‌ରୁ ଓହରିଲେ ଶାରାପୋଭା

ପ୍ୟାରିସ, ୧୬।୫

ରୁଷୀୟ ଟେନିସ ସୁନ୍ଦରୀ ମାରିଆ ଶାରାପୋଭା ଚଳିତ ମାସ ଶେଷ ସପ୍ତାହରୁ ଆରମ୍ଭ ହେବାକୁ ଥିବା ବର୍ଷର ୨ୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ୍‌ରୁ ଓହରି ଯାଇଛନ୍ତି। ବହୁଦିନ ଧରି ଡାହାଣହାତ କହୁଣିରେ ରହିଥିବା ସମସ୍ୟା ଲାଗି ଶାରାପୋଭା ଏହି ନିଷ୍ପତ୍ତି ନେଇଛନ୍ତି। ଏଠାରେ ୨ଥର ଟାଇଟଲ ବିଜୟିନୀ ହୋଇଥିବା ଶାରାପୋଭା ଏହି ନିଷ୍ପତ୍ତି ନେଇ ନିଜ ଇନ୍‌ଷ୍ଟାଗ୍ରାମରେ ଉଲ୍ଲେଖ କରିଛନ୍ତି। ବିଶ୍ୱ ମାନ୍ୟତାର ୩୫ତମ ସ୍ଥାନରେ ରହିଥିବା ୩୨ ବର୍ଷୀୟା ଏହି ରୁଷୀୟ ଖେଳାଳି ଗତ ଜାନୁୟାରୀ ପରଠାରୁ କୌଣସି ପ୍ରତିଦ୍ୱନ୍ଦ୍ୱିତାମୂଳକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିନାହାନ୍ତି। ମେ ୨୬ରୁ ଜୁନ୍ ୯ ତାରିଖ ପର୍ଯ୍ୟନ୍ତ ଫ୍ରେଞ୍ଚ୍ ଓପନ୍ ଅନୁଷ୍ଠିତ ହେବ। ପୂର୍ବରୁ ଶାରାପୋଭା ଏଠାରେ ୨୦୧୨ ଓ ୨୦୧୪ରେ ଚାମ୍ପିୟନ ହୋଇଥିଲେ। ଗତ ସଂସ୍କରଣରେ ସେ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ପ୍ରବେଶ କରିଥିଲେ ମଧ୍ୟ ଗାର୍ବିଏନ ମୁଗୁରୁଜାଙ୍କ ନିକଟରୁ ହାରି ବିଦାୟ ନେଇଥିଲେ।

# ବାଂଲାଦେଶ କ୍ରିକେଟ ଏକାଡେମୀରେ ଜାଫରଙ୍କୁ ନିଯୁକ୍ତି

କୋଲକାତା/ମୁମ୍ବାଇ, ୧୬।୫ (ପି.ଟି.)



ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ପୂର୍ବତନ ଭାରତୀୟ ଓପନର ୱାସିମ୍ ଜାଫରଙ୍କୁ ମୀରପୁରସ୍ଥିତ ଏକାଡେମୀରେ ବ୍ୟାଟିଂ ପରାମର୍ଶଦାତା ଭାବେ ନିଯୁକ୍ତି ଦେଇଛି। ବିସିବିର ଜଣେ ବରିଷ୍ଠ ଅଧିକାରୀ ଗୁରୁବାର ଏହି ସୂଚନା ଦେଇଛନ୍ତି। ଜାଫରଙ୍କ ସହିତ ୧ ବର୍ଷିଆ ଚୁକ୍ତି କରାଯାଇଛି। ସେ ଚଳିତ ମେ ମାସରୁ ୨୦୨୦ ଏପ୍ରିଲ ପର୍ଯ୍ୟନ୍ତ ତାଙ୍କ ପଦବୀରେ ରହିବେ। ଜାଫର ପ୍ରଥମେ ଏକାଡେମୀର ଗେମ୍ ଡେଭଲପ୍‌ମେଣ୍ଟ ୟୁନିଟ୍‌ରେ କାର୍ଯ୍ୟ କରିବେ। ୧୬ବର୍ଷରୁ କମ୍ ଏବଂ ୧୯ ବର୍ଷରୁ କମ୍ ବୟସ ବର୍ଗ ଦଳ ଦାୟିତ୍ୱରେ ରହିବେ। ପରେ ତାଙ୍କୁ ବିସିବି ହାଇପର୍ଫମାନ୍ସ ୟୁନିଟ୍ (ଏନସିଏ ସମକକ୍ଷ) ବ୍ୟାଟିଂ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇପାରେ ବୋଲି ବିସିବି ଗେମ୍ ଡେଭଲପମେଣ୍ଟ ମ୍ୟାନେଜର କେସାର ଅହମ୍ମଦ ପ୍ରକାଶ କରିଛନ୍ତି। ୪୧ ବର୍ଷୀୟ ଜାଫର ବିଦର୍ଭ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବା ପୂର୍ବରୁ ୧୯ଟି ସିଜନ ମୁମ୍ବାଇ ପକ୍ଷରୁ ଖେଳିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ବିଦର୍ଭ କ୍ରମାଗତ ଦୁଇଥର ରଣଜୀ ଟ୍ରଫି ଟାଇଟଲ ଜିତିପାରିଛି। ଜାଫର ଭାରତ ପାଇଁ ୩୧ ଟେଷ୍ଟ ମ୍ୟାଚ ଖେଳି ୧,୯୪୪ ରନ କରିଛନ୍ତି। ତାଙ୍କର ସର୍ବୋଚ୍ଚ ସ୍କୋର ୨୧୨ ରହିଛି। ସେ ଆହୁରି ମଧ୍ୟ ଦୁଇଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିଛନ୍ତି।

# ୧୯୯୨: ମାର୍ଟିନ, ଆକ୍ରମ ସଫଳ ଖେଳାଳି

ବିଶ୍ୱକପ୍‌ର ପଞ୍ଚମ ସଂସ୍କରଣକୁ ୧୯୯୨ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ଆୟୋଜନ କରିଥିଲେ। ଇମ୍ରାନ ଖାଁଙ୍କ ନେତୃତ୍ୱରେ ପାକିସ୍ତାନ ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଅବଶ୍ୟ ବିଶ୍ୱକପ୍ ପରିସଂଖ୍ୟାନରେ ପାକିସ୍ତାନ ଖେଳାଳିଙ୍କ ପ୍ରଭାବ ସେତେଟା ଦେଖିବାକୁ ମିଳିନାହିଁ। କେବଳ ସର୍ବାଧିକ ଉଇକେଟ ହାସଲ ତାଲିକାରେ ପାକିସ୍ତାନ ଦ୍ରୁତ ବୋଲର ୱାସିମ ଆକ୍ରମ ଶୀର୍ଷରେ ରହିଥିଲେ। ସେହିପରି ସର୍ବାଧିକ ବ୍ୟକ୍ତିଗତ ରନ୍ ହାସଲ ତାଲିକାରେ ପାକିସ୍ତାନର ରମିଜ ରାଜା ୧ ନମ୍ବର ସ୍ଥାନରେ ରହିଥିଲେ।



ୱାସିମ ଆକ୍ରମ

ସର୍ବାଧିକ ଦଳୀୟ ସ୍କୋର ତାଲିକାରେ ଶ୍ରୀଲଙ୍କା, ଜିମ୍ବାୱେ ଓ ଇଂଲଣ୍ଡ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଜିମ୍ବାୱେ ବିପକ୍ଷରେ ଶ୍ରୀଲଙ୍କାର ୩୧୩/୭ ସ୍କୋର ଶୀର୍ଷରେ ରହିଥିଲା। ସେହିପରି ଶ୍ରୀଲଙ୍କା ବିପକ୍ଷରେ ଜିମ୍ବାୱେ ୩୧୨/୪ ରନ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡ ୨୮୦/୬ ସ୍କୋର କରି ତାଲିକାର ତୃତୀୟ ସ୍ଥାନରେ ରହିଥିଲା। ଏହି ତାଲିକାରେ ଭାରତ ସ୍ଥାନ ପାଇ ନ ଥିଲା।

ଟୁର୍ନାମେଣ୍ଟରେ ସର୍ବାଧିକ ରନ୍ ସଂଗ୍ରହ ତାଲିକାରେ ନ୍ୟୁଜିଲାଣ୍ଡର ମାର୍ଟିନ କ୍ରୋ ଶୀର୍ଷର ରହିଥିଲେ। ସେ ୯ ମ୍ୟାଚ୍ ଓ ଇନିଂସରୁ ୧୧୪ ହାରରେ ୯୦.୮୩ ଷ୍ଟ୍ରାଇକରେଟ୍‌ରେ ଗୋଟିଏ ଶତକ ଓ ୪ଟି ଅର୍ଦ୍ଧଶତକ ସହ ୬ ଛକା ଓ ୪୫ ଚୌକା ସହ ମୋଟ ୪୫୬ ରନ ସଂଗ୍ରହ କରିଥିଲେ। ପାକିସ୍ତାନର ଜାଭେଦ ମିଆଁଦାଦ ୯ଟି ମ୍ୟାଚ୍ ଓ ଇନିଂସରୁ ୬୨.୪୨ ରନ ହାରରେ, ୬୨.୬୦ ରନ ହାରରେ ୫ଟି ଅର୍ଦ୍ଧାତକ ଓ ୨୭ଟି ଚୌକା ମାରି ମୋଟ ୪୩୭ ରନ ସଂଗ୍ରହ କରିଥିଲେ। ସେହିପରି ଦକ୍ଷିଣ ଆଫ୍ରିକାର ପିଟର କିର୍ଷ୍ଟେନ ୮ଟି ମ୍ୟାଚ୍ ଓ ଇନିଂସରୁ ୬୮.୩୩ ରନ ହାରରେ ୬୬.୫୫ ଷ୍ଟ୍ରାଇକରେଟ୍‌ରେ ୪ଟି ଅର୍ଦ୍ଧଶତକ ସହ ୨୮ଟି ଚୌକା ଓ ୨ଟି ଛକା ସହ ୪୧୦ ରନ କରି ତୃତୀୟ ସ୍ଥାନରେ ରହିଥିଲେ। ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ୍ ୮ଟି ମ୍ୟାଚ୍ ଖେଳି ୭ ଟି ଇନିଂସରୁ ୪୭.୪୨ ରନ ହାରରେ ୭୮.୧୧ ଷ୍ଟ୍ରାଇକରେଟ୍‌ରେ ୪ଟି ଅର୍ଦ୍ଧଶତକ ସହ ୨୯ ଚୌକା ଓ ୧ ଛକା ସହ ୩୩୨ ରନ କରି ତାଲିକାର ସପ୍ତମ ସ୍ଥାନରେ ରହିଥିଲେ। ପାକିସ୍ତାନର ରମିଜ ରାଜା ୩୪୯ ରନ କରି ପଞ୍ଚମ ସ୍ଥାନରେ ରହିଥିଲେ। ଏହି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଅଷ୍ଟ୍ରେଲିଆର ଡେଭିଡ ବୁନ (୩୬୮), ୱେଷ୍ଟଇଣ୍ଡିଜର ବ୍ରାଏନ ଲାର (୩୩୩), ପାକିସ୍ତାନର ଆମିର ସୋହେଲ (୩୨୬), ନ୍ୟୁଜିଲାଣ୍ଡର ଆଣ୍ଡ୍ରୁ ଜୋନ୍ସ (୩୩୨) ଓ ମାର୍କ ଗ୍ରେଟବ୍ୟାଚ୍ (୩୧୩)।

ସର୍ବାଧିକ ବ୍ୟକ୍ତିଗତ ରନ ହାସଲ ତାଲିକାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅପରାଜିତ ୧୧୯ ରନ କରି ରମିଜ ରାଜା ଶୀର୍ଷରେ ରହିଥିଲେ। ଜିମ୍ବାୱେର ଆଣ୍ଡି ଫ୍ଲାୱାର ଶ୍ରୀଲଙ୍କା ବିପକ୍ଷରେ ଅପରାଜିତ ୧୧୫ ରନ କରି ଦ୍ୱିତୀୟ, ପାକିସ୍ତାନର ଆମିର ସୋହେଲ ଜିମ୍ବାୱେ ବିପକ୍ଷରେ ୧୧୪ ରନ କରି ତୃତୀୟ ସ୍ଥାନରେ ରହିଥିଲେ। ଭାରତର ଆଝାରୁଦ୍ଦିନ ଅଷ୍ଟ୍ରେଲିଆ ବିପକ୍ଷରେ ୯୩ ରନ କରି ୧୦ଶତମ ସ୍ଥାନରେ ରହିଥିଲେ। ଏକମାତ୍ର ଭାରତୀୟ ଭାବେ ସେ ଏହି ତାଲିକାରେ ସ୍ଥାନ ପାଇଥିଲେ। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଆଉ ଏକ ଶତକ (ଅପରାଜିତ ୧୦୨ ରନ) ହାସଲ କରି ରମିଜ ପଞ୍ଚମ ସ୍ଥାନରେ ରହିଥିଲେ। ଏହି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ୱେଷ୍ଟଇଣ୍ଡିଜର ଫିଲ ସମନ୍ସ (୧୧୦), ନ୍ୟୁଜିଲାଣ୍ଡର ମାର୍ଟିନ କ୍ରୋ (୧୦୦), ଅଷ୍ଟ୍ରେଲିଆ ଡେଭିଡ ବୁନ୍ (୧୦୦) ଓ ୱେଷ୍ଟଇଣ୍ଡିଜର ଡେସ୍‌ମଣ୍ଡ ହେନ୍ସ (ଅପରାଜିତ ୯୩)।

ସର୍ବାଧିକ ପାର୍ଟନରଶିପ୍‌ରେ ୱେଷ୍ଟଇଣ୍ଡିଜ ଡେସ୍‌ମଣ୍ଡ ହେନ୍ସ ଓ ବ୍ରାଏନ ଲାରା ପାକିସ୍ତାନ ବିପକ୍ଷରେ ପ୍ରଥମ ଉଇକେଟରେ ଅପରାଜିତ ୧୭୫ ରନ କରି ଶୀର୍ଷରେ ରହିଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକାର କେପଲର ୱେସଲ୍ସ ଓ ଆଣ୍ଡ୍ରୁ ହଡସନ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଉଇକେଟ ଯୋଡିରେ ୧୫୧ ରନ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଜିମ୍ବାୱେରେ ଆଣ୍ଡି ଫ୍ଲାୱାର ଓ ଆଣ୍ଡି ୱାଲର ଶ୍ରୀଲଙ୍କା ବିପକ୍ଷରେ ପଞ୍ଚମ ଉଇକେଟ ଯୋଡିରେ ଅପରାଜିତ ୧୪୫ ରନ କରି ତୃତୀୟ ସ୍ଥାନରେ ରହିଥିଲେ। ଭାରତର ମହମ୍ମଦ ଆଝାରୁଦ୍ଦିନ ଓ ସଚିନ ତେନ୍ଦୁଲକର ନ୍ୟୁଜିଲାଣ୍ଡ ବିପକ୍ଷରେ ଦ୍ୱିତୀୟ ଉଇକେଟ ଯୋଡିରେ ୧୨୭ ରନ କରି ତାଲିକାର ନବମ ସ୍ଥାନରେ ରହିଥିଲେ।

ସର୍ବାଧିକ ଉଇକେଟ ହାସଲ ତାଲିକାରେ ୧୦ଟି ମ୍ୟାଚ୍‌ରୁ ୧୮.୭୭ ରନ ହାରରେ ୧୮ଟି ଉଇକେଟ ନେଇ ଆକ୍ରମ ଶୀର୍ଷରେ ରହିଥିଲେ। ସେହିପରି ଇଂଲଣ୍ଡର ଇଆନ ବୋଥାମ ୧୦ଟି ମ୍ୟାଚ୍‌ରୁ ୧୯.୧୨ ରନ ହାରରେ ୧୬ଟି ଉଇକେଟ ଅକ୍ତିଆର କରି ଦ୍ୱିତୀୟ, ପାକିସ୍ତାନର ମୁସ୍ତାକ ଅହମ୍ମଦ ୯ଟି ମ୍ୟାଚ୍ ଖେଳି ୧୯.୪୩ ରନ ହାରରେ ୧୬ଟି ଉଇକେଟ ହାସଲ କରି ତୃତୀୟ ସ୍ଥାନରେ ରହିଥିଲେ। ଏହି ତାଲିକାରେ କୌଣସି ଭାରତୀୟ ସ୍ଥାନ ପାଇ ନ ଥିଲେ।



ମାର୍ଟିନ କ୍ରୋ

ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନରେ ଦକ୍ଷିଣ ଆଫ୍ରିକାର ମେରିକ ପ୍ରିଙ୍ଗଲ ଶୀର୍ଷରେ ରହିଥିଲେ। ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୦ ଓଭର ବୋଲିଂ କରି ୧୧ ରନ ବ୍ୟୟ କରି ୪ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ଜିମ୍ବାୱେର ଏଡୋ ବ୍ରାଣ୍ଡ୍ସ ଇଂଲଣ୍ଡ ବିପକ୍ଷରେ ୧୦ ଓଭର ବୋଲିଂ କରି ୨୧ ରନ ଦେଇ ୪ ଉଇକେଟ ଅକ୍ତିଆର କରିବା ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଇଂଲଣ୍ଡର କ୍ରିସ୍ ଲୁଇସ୍ ଶ୍ରୀଲଙ୍କା ବିପକ୍ଷରେ ୮ ଓଭର ବୋଲିଂ କରି ୩୦ ରନ ବ୍ୟୟ କରି ୪ ଉଇକେଟ ଅକ୍ତିଆର କରି ତୃତୀୟ ସ୍ଥାନରେ ରହିଥିଲେ। ଇଂଲଣ୍ଡର ବୋଥାମ ଅଷ୍ଟ୍ରେଲିଆ ବିପକ୍ଷରେ ୧୦ ଓଭର ବୋଲିଂ କରି ୩୧ ରନ ଦେଇ ୪ ଉଇକେଟ ଅକ୍ତିଆର କରି ଚତୁର୍ଥ, ଆକ୍ରମ ନ୍ୟୁଜିଲାଣ୍ଡ ବିପକ୍ଷରେ ୯.୨ ଓଭର ବୋଲିଂ କରି ୩୨ ରନ ଦେଇ ୪ ଉଇକେଟ ଅକ୍ତିଆର କରିବା ସହ ପଞ୍ଚମ ସ୍ଥାନରେ ରହିଥିଲେ। ଏହି ତାଲିକାରେ କୌଣସି ଭାରତୀୟ ସ୍ଥାନ ପାଇ ନ ଥିଲେ। ଭାରତ ଦଳଗତ ପ୍ରଦର୍ଶନ ସହିତ ସମସ୍ତ ପ୍ରକାର ବ୍ୟକ୍ତିଗତ ପ୍ରଦର୍ଶନରେ ମଧ୍ୟ ଏହି ବିଶ୍ୱକପ୍‌ରେ ପଛରେ ରହିଥିଲା। ଏହି ବିଶ୍ୱକପ୍ ମଧ୍ୟ ଭାରତ ପାଇଁ ଏକ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଥିଲା।

ଶ୍ରେଷ୍ଠ ଉଇକେଟକିପର ତାଲିକାରେ ଦକ୍ଷିଣ ଆଫ୍ରିକାର ଡେଭ ରିଚାର୍ଡସନ ୯ଟି ମ୍ୟାଚ୍‌ରୁ ୧୪ଟି କ୍ୟାଚ୍, ଗୋଟିଏ ଷ୍ଟମ୍ପିଂ ସହ ମୋଟ ୧୫ଟି ଡିସମିସାଲ କରି ଶୀର୍ଷରେ ରହିଥିଲେ। ସେହିପରି ୱେଷ୍ଟଇଣ୍ଡିଜର ଡେଭିଡ ୱିଲିୟମ୍ସ ୮ଟି ମ୍ୟାଚ୍‌ରୁ ୧୪ଟି ଡିସ୍‌ମିସାଲ (୧୧ କ୍ୟାଚ୍, ୩ ଷ୍ଟମ୍ପିଂ) ସହ ଦ୍ୱିତୀୟ, ପାକିସ୍ତାନର ମୋଇନ ଖାଁ ୧୦ଟି ମ୍ୟାଚ୍‌ରୁ ୧୪ଟି ଡିସ୍‌ମିସାଲ (୧୧ କ୍ୟାଚ୍, ୩ ଷ୍ଟମ୍ପିଂ) ତୃତୀୟ ସ୍ଥାନରେ ରହିଥିଲେ। ଅଷ୍ଟ୍ରେଲିଆର ଇଆନ ହିଲି ୭ ମ୍ୟାଚ୍‌ରୁ ୯ ଓ ଇଂଲଣ୍ଡର ଆଲେକ ଷ୍ଟିୱାର୍ଟ ୧୦ ମ୍ୟାଚ୍‌ରୁ ୯ ଡିସ୍‌ମିସାଲ କରି ଯଥାକ୍ରମେ ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଥିଲେ।

ଆଇସିସି ବିଶ୍ୱକପ୍
ଆଉ ୧୨ ଦିନ

ଧରିତ୍ରୀ
DHARITRI



# ବିଜେଡି-ଭାଜପାର ୧୫ରୁ ଉର୍ଦ୍ଧ୍ୱ ଆହତ

## ବିଞ୍ଝାରପୁରରେ ସାନି ମତଦାନ ପୂର୍ବରୁ ସଂଘର୍ଷ

**ବିଞ୍ଝାରପୁର, ୧୬।୫(ଡି.ଏନ୍.ଏ.)**

ଆସନ୍ତା ୧୯ତାରିଖରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ୧୩୫ନଂ ବୁଥରେ ସାନି ମତଦାନ ହେବାକୁ ଯାଉଛି। କଲ୍ୟାଣପୁର ପ୍ରାଥମିକ ବିଦ୍ୟାଳୟରେ ମତଦାନ ହେବ। ତେବେ ସାନି ମତଦାନକୁ ୨ ଦିନ ବାକି ଥିବାବେଳେ ଗୁରୁବାର ବିଜେଡି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଦେଖିବାକୁ ମିଳିଛି। ଏଥିରେ ଉଭୟ ପକ୍ଷର ୧୫ରୁ ଉର୍ଦ୍ଧ୍ୱ ସମର୍ଥକ ଆହତ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ୧୩୫ ନମ୍ବର ବୁଥରେ ସାନି ମତଦାନ ପାଇଁ ଉଭୟ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ପୂର୍ବରୁ ଛକାପଞ୍ଝା ଲାଗି ରହିଥିଲା। ଗୁରୁବାର ଅପରାହ୍ନରେ ଦୁଇଗୋଷ୍ଠୀ ମୁହାଁ ମୁହିଁ ହୋଇଥିଲେ। ଶେଷରେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଉଭୟ ପକ୍ଷ ମଧ୍ୟରେ ଟେକା ପଥର ଫିଙ୍ଗାଫିଙ୍ଗି ଚାଲିଥିଲା। ଏପରି କି ଗୋଟିଏ ଗୋଷ୍ଠୀ ଭାଜପା ପ୍ରାର୍ଥିନୀ ବବିତା ମଲ୍ଲିକଙ୍କ ଘରକୁ ଆକ୍ରମଣ କରିଥିବା ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଏହି ଗୋଷ୍ଠୀ ସଂଘର୍ଷରେ ଭାଜପା ପକ୍ଷରୁ ନାରଣ ମଲ୍ଲିକ, ବିରଞ୍ଚି ମଲ୍ଲିକ, କୌଶଲ୍ୟା ମଲ୍ଲିକଙ୍କ ସମେତ ୯ଜଣ ପୁରୁଷ ଓ ମହିଳା ଆହତ ହୋଇଥିବାବେଳେ ବିଜେଡି ସମର୍ଥକ ପ୍ରଭାତି ମଲ୍ଲିକ, ଜାନକୀ ମଲ୍ଲିକ, ଶ୍ୟାମସୁନ୍ଦର ଜେନା, ମନୁ ମଲିକ, କେଦାର ମଲ୍ଲିକ ଆଦି ଆହତ ହୋଇଥିବା ଜଣାପଡ଼ିଛି। ଏହି ଗୋଷ୍ଠୀ ସଂଘର୍ଷକୁ ନେଇ କଲ୍ୟାଣପୁରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଖବରପାଇ ଯାଜପୁର ଏସ୍‌ଡିପିଓ ରବୀନ୍ଦ୍ର କୁମାର ଜେନା ଓ ବିଞ୍ଝାରପୁର ଥାନାଧିକାରୀ ଶିବଚରଣ ବେହେରା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଶେଷ ଖବର ଅନୁଯାୟୀ ବିଞ୍ଝାରପୁର ଥାନାରେ ଉଭୟଦଳର ଶତାଧିକ କର୍ମୀ ଘେରି ରହିଥିବାବେଳେ ପୋଲିସ ପକ୍ଷରୁ ଶାନ୍ତି ଜାରି ରଖିବାକୁ ଉଭୟ ପକ୍ଷଙ୍କୁ ବୁଝାସୁଝା କରାଯାଉଛି। ବିଜେଡି ସମର୍ଥିତ ସମିତିସଭ୍ୟ ରମେଶ ରାଉତ, ଶଙ୍କର୍ଷଣ ବାରିକଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ତାଙ୍କ ବାସଭବନ ଉପରେ ଆକ୍ରମଣ କରିଛନ୍ତି ବୋଲି ବଟକୃଷ୍ଣ ମଲ୍ଲିକ ଅଭିଯୋଗ କରିଛନ୍ତି। ସେହିପରି ବିଜେଡି ସମର୍ଥକ ପ୍ରଭାତି ମଲ୍ଲିକ ମଧ୍ୟ ପାଲଟା ଅଭିଯୋଗ ଆଣି ପୂର୍ବତନ ସରପଞ୍ଚ ମୁକ୍ତିକାନ୍ତ ସାମଲ, ସନିଆ ରାଉତଙ୍କ ସମେତ ୮ଜଣ ଭାଜପା ସମର୍ଥିତଙ୍କ ନାମରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୯ ତାରିଖରେ କଲ୍ୟାଣପୁର ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ମତଦାନରେ ପ୍ରିଜାଇଡିଂ ଅଫିସର ଧିରେନ୍ଦ୍ର ତ୍ରିପାଠୀ ଭୋଟରଙ୍କୁ ପ୍ରଭବିତ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପ୍ରିଜାଇଡିଂ ଅଫିସର ତ୍ରିପାଠୀଙ୍କୁ ଜିଲାପାଳ ନିଲମ୍ବନ କରିବା ସହ ଏହି ବୁଥରେ ସାନି ମତଦାନ କରିବାକୁ ନିର୍ବାଚନ କମିଶନଙ୍କୁ ସୁପାରିସ କରିଥିଲେ। ସୁପାରିସ ଅନୁସାରେ ଆସନ୍ତା ୧୯ ତାରିଖରେ ଏହି ବୁଥରେ ସାନି ମତଦାନ ଅନୁଷ୍ଠିତ ହେବାର ଅଛି। ନିର୍ବାଚନରେ ମତଦାତାଙ୍କୁ ଉଭୟ ଦଳ ପ୍ରଭାବିତ କରିବାକୁ ଉଦ୍ୟମ ହେଉଥିବାରୁ ଉଭୟ ଦଳ ମଧ୍ୟରେ ଛକାପଞ୍ଝା ଲାଗିଥିଲା। ସେହିପରି ଏହି ଥାନା ଅନ୍ତର୍ଗତ ରୁଦ୍ରପୁର ଓ ଅରେଇ ଠାରେ ମଧ୍ୟ ନିର୍ବାଚନ ହିଂସା ଦେଖିବାକୁ ମିଳିଛି। କେବଳ ଗୁରୁବାର ନିର୍ବାଚନ ସମ୍ପର୍କିତ ହିଂସା ଘଟଣାରେ ବିଞ୍ଝାରପୁର ଥାନାରେ ୭ଟି ଅଭିଯୋଗ ହୋଇଥିବା ଜଣାପଡିଛି। ବିଞ୍ଝାରପୁର ଅଞ୍ଚଳରେ ଶାନ୍ତି ପ୍ରୟାସ ପାଇଁ ଉଦ୍ୟମ ଜାରି ରହିଛି ବୋଲି ଥାନାଧିକାରୀ ଶିବଚରଣ ବେହେରା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଟଙ୍କା ବ୍ୟାଗ୍ ଝାମ୍ପିନେଲେ ଦୁର୍ବୃତ୍ତ

**ଧର୍ମଶାଳା, ୧୬।୫(ଡି.ଏନ୍.ଏ.):** ଧର୍ମଶାଳା ଥାନା ଜାରକା ବସ୍‌ଷ୍ଟାଣ୍ଡ ନିକଟରୁ ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର ଗୁରୁବାର ଲୁଟ୍‌ର ଶିକାର ହୋଇଛନ୍ତି। ୨ ଦୁର୍ବୃତ୍ତ ଏକ କଳା ପଲସରରେ ଆସି ତାଙ୍କଠାରୁ ଟଙ୍କା ବ୍ୟାଗ୍ ଛଡାଇ ନେଇଥିଲେ। ଏଥିରେ ୬୦ ହଜାର ଟଙ୍କା ରହିଥିବା ସେ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। କୁମାରୀ ଗ୍ରାମର ବେଣୁଧର ଦାସ (୭୦) ଚଣ୍ଡିଖୋଲସ୍ଥିତ ଷ୍ଟେଟ୍ ବ୍ୟାଙ୍କରୁ ୬୦ ହଜାର ଟଙ୍କା ଉଠାଇ ଜାରକାକୁ ଫେରୁଥିଲେ। ବସ୍‌ରୁ ଓହ୍ଲାଇ ଘରକୁ ଯିବା ସମୟରେ ଦୁର୍ବୃତ୍ତମାନେ ଆସି ଟଙ୍କା ବ୍ୟାଗ୍ ଛଡାଇ ନେଇଥିଲେ।


















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା ।
-କନ୍‌ଫୁସିଅସ୍



## ସଂକ୍ଷେପରେ

### କ୍ଷତାକ୍ତ ଅବସ୍ଥାରେ କୁଟୁରା ଉଦ୍ଧାର



**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୬।୫(ଡି.ଏନ୍.ଏ./ସ୍ୱ.ପ୍ର.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଣକା ଗ୍ରାମରୁ ଗୁରୁବାର ସକାଳୁ ଏକ କ୍ଷତାକ୍ତ କୁଟୁରାକୁ ଗ୍ରାମବାସୀ ଉଦ୍ଧାର କରି ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିଛନ୍ତି। କେତେକ ବୁଲା କୁକୁର କୁଟୁରାଟିକୁ ଆକ୍ରମଣ କରୁଥିବା ଦେଖି ଗ୍ରାମର କାବୁଲି ଜେନା କୁଟୁରାଟିକୁ ଉଦ୍ଧାର କରିଥିଲେ। କୁଟୁରାକୁ ରଖି ଆଶୁ ଚକିତ୍ସା କରିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ଚଣ୍ଡିଖୋଲ ଫରେଷ୍ଟର ଶଶିକାନ୍ତ ବେହେରାଙ୍କ ସମେତ ବନ କର୍ମଚାରୀ ଅଣକାରେ ପହଞ୍ଚି କୁଟୁରାକୁ ନିଜ ହେପାଜତକୁ ନେଇଥିଲେ। ସେଠାରୁ କୁଟୁରାକୁ ଚଣ୍ଡିଖୋଲସ୍ଥିତ କାର୍ଯ୍ୟାଳୟକୁ ନିଆଯାଇଥିଲା। ଚିକିତ୍ସା କରାଯିବା ପରେ ଜଙ୍ଗଲରେ ଛଡାଯିବ ସୂଚନା ମିଳିଛି।

### ମା' ପଳାଶବୁଢ଼ୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଧର୍ମଶାଳା,୧୬।୫(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ମା' ପଳାଶବୁଢ଼ୀ ପୀଠରେ ତ୍ରୟୋଦଶ ବାର୍ଷିକ ସପ୍ତସତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ଅଙ୍କୁରାରୋପଣ ସହ କଳସାଧିବାସ କରାଯାଇ ଶୁଭାରମ୍ଭ କରାଯାଇଛି। ସନ୍ଧ୍ୟାରେ ବିଶ୍ୱଶାନ୍ତି ମହାଯଜ୍ଞରେ ଅଗ୍ନିସ୍ଥାପନ କରାଯାଇ ଶୁଭାରମ୍ଭ ହୋଇଛି। ଶୁକ୍ରବାର ସୂର୍ଯ୍ୟପୂଜା, ଗୋପୂଜା ଓ ଗୁରୁପୂଜା କାର୍ଯ୍ୟକ୍ରମ ରହିଛି। ଶନିବାର ସନ୍ଧ୍ୟା ୭ଟାରେ ପୂର୍ଣ୍ଣାହୁତି ଦିଆଯିବ। ଶୁଭାରମ୍ଭଠାରୁ ପୂର୍ଣ୍ଣାହୁତି ଯାଏ ପ୍ରାତଃ ମହାପ୍ରସାଦ ସେବନ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ବହୁ ଭକ୍ତ ଯୋଗଦେଇ ମାତୃକୃପା ଲାଭ କରିବାକୁ କମିଟିର କର୍ମକର୍ତ୍ତାମାନେ ଅନୁରୋଧ କରିଛନ୍ତି।

### ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ବିରୋଧରେ ପ୍ରତିବାଦ ସଭା

**ଯାଜପୁରରୋଡ,୧୬।୫(ନି.ପ୍ର.):** ସର୍ବଭାରତୀୟ ଡିଏସଓ ଯାଜପୁର ଜିଲା କମିଟି ପକ୍ଷରୁ କଲିକତାଠାରେ ନବଜାଗରଣ ରୂପକାର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତିକୁ ଭଙ୍ଗାକୁ ନିନ୍ଦା କରାଯାଇଛି। ଯାଜପୁରରୋଡ ଗୋପବନ୍ଧୁ ଛକଠାରେ ଗୁରୁବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ଡିଏସଓୟ୍ ଯାଜପୁର ଜିଲା କମିଟିର ସଭାନେତ୍ରୀ ସଂଯୁକ୍ତା ସାହୁ ସଭାପତିତ୍ୱ କରିଥିଲେ। ଭାଜପା ଓ ତୃଣମୂଳ କଂଗ୍ରେସ ମଧ୍ୟରେ ଦଳୀୟ୍ କଳହକୁ କେନ୍ଦ୍ର କରି ଯେଉଁ ଗଣ୍ଡଗୋଳ ହୋଇଥିଲା, ସେଥିରେ ଭାଜପାର ଗୁଣ୍ଡାବାହିନୀ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେଇଥିଲେ। ଉକ୍ତ ଘଟଣାକୁ ଡିଏସଓ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିଲା। ଉକ୍ତ ସଭାରେ ବିଚିତ୍ରାନନ୍ଦ ଦାସ, ନିରୁପମା ବେହେରା, ପ୍ରଭାତୀ ମଲ୍ଲିକ,ଦମୟନ୍ତୀ ମୁଦୁଲି, ମନୋଜ ସେଠୀ ଓ ମଧୁସୂଦନ ସେଠୀ ପ୍ରମୁଖ ଭାଷଣ ଦେଇଥିଲେ।

## ■ ଯାଜପୁର ଜଳ ସମ୍ପଦ ବିଭାଗ

# ମୁଖ୍ୟ କେନାଲ କଂକ୍ରିଟକରଣରେ ଫାଟ

**ଯାଜପୁର ଅଫିସ,୧୬।୫**

ଯାଜପୁର ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୩୦କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଥିବା ଯାଜପୁର ମୁଖ୍ୟକେନାଲର କଂକ୍ରିଟକରଣର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଏବେ ବୈତରଣୀ–ବୁଢା ନଦୀ ଆନିକଟ ନିକଟସ୍ଥ ମାଳହାଟ କେନାଲ କଂକ୍ରିଟକରଣରେ ଏକ ବଡ଼ ଅଂଶ ଭୁଷୁଡିବାକୁ ବସିଛି। ଏହି କଂକ୍ରିଟକରଣ କାର୍ଯ୍ୟକ ଶେଷ ହେବାର ବର୍ଷେ ନ ପୁରୁଣୁ ଫାଟ ସୃଷ୍ଟି ହେବା ଘଟଣାକୁ ଅବଲୋକନ କଲେ କାର୍ଯ୍ୟର ମାନ ଏବଂ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ନେଇ ସନ୍ଦେହ ଉପୁଜିଛି । କେତେକ ଠିକାଦାର, ଯନ୍ତ୍ରୀ ଓ ନେତାଙ୍କ ମଧୁଚନ୍ଦ୍ରିକାରେ ୩୦କୋଟି ଟଙ୍କାର କଂକ୍ରିଟକରଣ କାର୍ଯ୍ୟ ପାଣିରେ ପଡ଼ିବାକୁ ଯାଉଛି ବୋଲି ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ଏକ ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଉଠିଛି।



■ପାଣିରେ ପଡ଼ିବ ୩୦ କୋଟିର କାର୍ଯ୍ୟ
■ଚାଷୀ ମହଲ୍‌ରେ ଉଦ୍‌ବେଗ
■ଅନୁଦାନର ସିଂହଭାଗ ଅର୍ଥ ହରିଲୁଟ ଅଭିଯୋଗ

କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କୋଟିକୋଟି ଟଙ୍କା ମଞ୍ଜୁର ହେଉଛି। ଏହି କ୍ରମରେ ବ୍ରିଟିଶ ଅମଳରୁ ନିର୍ମିତ ବୈତରଣୀ–ବୁଢା ନଦୀ ଆନିକଟଠାରୁ ୧୦.୧୪୪ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ କେନାଲର କଂକ୍ରିଟକରଣ କାର୍ଯ୍ୟ ୨୦୧୬ ଫେବୃୟାରୀରୁ ଆରମ୍ଭ ହୋଇଥିଲା । ୩ଟି ରିଚ୍ ଜରିଆରେ ଗୁରୁମହାରାଜ କନଷ୍ଟ୍ରକ୍ସନ ଏଜେନ୍ସିକୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା । ଆରଡି ରାସ୍ତାର ୦୦ ରୁ ୩.୧୫୦ କିଲୋମିଟର ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ରିଚ୍‌ରେ ୮କୋଟି ୫୧ଲକ୍ଷ ୯୪ହଜାର ୭୯୫ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ସେହିପରି ଆରଡି ରାସ୍ତାର ୩.୧୫୦ ରୁ ୬.୩୦୦ କିଲୋମିଟର ପାଇଁ ଦ୍ୱିତୀୟ ପର୍ଯ୍ୟାୟ ରିଚ୍‌ରେ ୮କୋଟି ୪୬ଲକ୍ଷ ୭୩ହଜାର ୭୪୦ଟଙ୍କା ବ୍ୟୟଅଟକଳ ପ୍ରସ୍ତୁତ ହୋଇଥିଲା। ଅବଶିଷ୍ଟ ପ୍ରାୟ ୧୩କୋଟି ଟଙ୍କା ବ୍ୟୟ ଅଟକଳରେ ତୃତୀୟ ପର୍ଯ୍ୟାୟ ରିଚ୍ ଆରଡି ରାସ୍ତାର ୯.୩୦୦ ରୁ ୧୦.୧୪୪ କିଲୋମିଟର ପର୍ଯ୍ୟନ୍ତ ରହିଛି। ହେଲେ ଏଷ୍ଟିମେଟ ଅନୁସାରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ନ କରି ଯେନତେନ ପ୍ରକାରେ କାର୍ଯ୍ୟକୁ ଶେଷ କରାଯାଇଥିବାରୁ କେନାଲର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଫାଟ ସୃଷ୍ଟି ହୋଇଛି। ୨୦୧୭ଜୁନ ମାସରେ କମାଗଡ଼ ନିକଟ ବାମ ପାର୍ଶ୍ୱ ବେଡରେ କଂକ୍ରିଟ ଧୋଇ ହୋଇଯାଇଥିଲା। ଏବେ ବୈତରଣୀ–ବୁଢା ନଦୀ ଆନିକଟ ପ୍ରକଳ୍ପ କେନାଲ ପ୍ରାରମ୍ଭର ୧କି.ମି. ମଧ୍ୟରେ ମାଳହାଟ ନିକଟରେ ଏକ ବଡ଼ଧରଣ ଫାଟ ସୃଷ୍ଟି ହୋଇଛି। ଏହି କଂକ୍ରିଟକରଣ ଅଂଶ ୨୦୧୮ ଜୁନ ମାସରେ ନିର୍ମାଣ ହୋଇଥିଲା। କଂକ୍ରିଟରେ ଫାଟ ଯୋଗୁ ତାହା ଧୀରେ ଧୀରେ ଭୁଷୁଡିବା ଆରମ୍ଭ କରିଛି । ଗୋଟିଏ ବର୍ଷାରେ କଂକ୍ରିଟ ଅଂଶ କେନାଲ ଗର୍ଭରେ ପଡିବାର ଆଶଙ୍କା ସୃଷ୍ଟି ହୋଇଛି ବୋଲି ଚାଷୀ ମହଲରେ ପ୍ରକାଶ ପାଇଛି । ଏହି କାର୍ଯ୍ୟରେ ନିମ୍ନମାନର ମାଟି, ମୋରମ ଓ ବାଲି ବ୍ୟବହାର ହୋଇଛି । ଢଳେଇ ପୂର୍ବରୁ ଆବଶ୍ୟକ ପାଣି ଅଭାବରୁ ମାଟିକୁ ଶକ୍ତ କରାଯାଇ ପାରିନାହିଁ। ଯେଉଁ କଂକ୍ରିଟ ଢଳେଇ ହୋଇଛି ସେଥିରେ ଆନୁପାତିକ ନିର୍ମାଣ ସାମଗ୍ରୀ ଠିକ୍ ଭାବରେ ବ୍ୟବହାର କରାଯାଇ ନାହିଁ । ଏହି ପ୍ରକଳ୍ପ ଦ୍ୱାରା ୧୩,୦୯୯ ହେକ୍ଟର ଜମିରେ ଜଳସେଚନ ହୋଇ ଆସୁଥିବା ଜଳସେଚନ ବିଭାଗ ପକ୍ଷରୁ କୁହାଯାଉଛି । ତେବେ କେନାଲ କାର୍ଯ୍ୟରେ ଏଭଳି ଭାବରେ ଦୁର୍ନୀତି ହେଲେ ଚାଷୀକୁଳ କିପରି ଭାବରେ ଉପକୃତ ହେବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାରେ ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୬ ହଜାର ଏକର ଜମିରେ ଜଳସେଚନ ବୃଦ୍ଧି ଘଟିଥିବା ବିଭାଗ ପକ୍ଷରୁ ଦାବି କରାଯାଉଛି। ହେଲେ ବାସ୍ତବ ସ୍ଥିତିକୁ ଦେଖିଲେ ଜଳସେଚନ ହାର ହ୍ରାସ ପାଉଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଯାଜପୁର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ମତ ମିଳିପାରି ନାହିଁ।

### ପୋଟଳ ଚାଷୀଙ୍କୁ ମିଳୁନି କ୍ଷତିପୂରଣ

**ଚଢ଼େଇଧରା,୧୬।୫(ଡି.ଏନ୍.ଏ.)**

ସାମୁଦ୍ରିକ ବାତ୍ୟା ଫନୀ ପ୍ରଭାବରେ ଯାଜପୁର ଜିଲାରେ ବହୁ ଚାଷ ଜମି ପ୍ରଭାବିତ ହୋଇଛି। ଯାହା ଚାଷୀଙ୍କ ଜୀବନଜୀବିକା ସମ୍ପୂର୍ଣ୍ଣ ଉଜାଡି ଦେଇଛି। ବିଶେଷକରି ଧର୍ମଶାଳା ବ୍ଲକର କୁସ୍ତିରା, ରେଖିଦେଇପୁର, ମାଳ, କଣ୍ଟାପାଟଣା ଅଞ୍ଚଳର ବହୁ ପୋଟଳ ଚାଷୀ ବାତ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛନ୍ତି। ଫଳରେ କରଜ କରି ପୋଟଳ ଚାଷ କରିଥିବା ବହୁ ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ରେଖିଦେଇପୁର ଗ୍ରାମର କୈଳାସ ମଲିକ କରଜ କରି ଚାରା କିଣି ୮ଗୁଣ୍ଠ ଜମିରେ ୨୫ ହଜାର ଟଙ୍କା ଖର୍ଚ୍ଚ କରି ପୋଟଳ ଚାଷ କରିଥିଲେ। ମାତ୍ର ୪ ହଜାର ଟଙ୍କାର ପୋଟଳ ବିକ୍ରି କରିଛନ୍ତି। ବିଲରେ ପୋଟଳ ଗଛ ସବୁ ମରିଯାଇଛି। ଚଳିତ ବର୍ଷ ଚାଷରୁ ୬୦ରୁ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ କରିବାର ଲକ୍ଷ୍ୟ ରଖିଥିଲେ। ହେଲେ ଫସଲ ଉଜୁଡିଯିବାରୁ କରଜ ଟଙ୍କା ଶୁଝିବା ବି କଷ୍ଟକର ହୋଇପଡଥିବା କୈଳାସ କହିଛି। ଏହିପରି ଭେଣ୍ଡି, ଜହ୍ନି ଚାଷୀ ମଧ୍ୟ ବହୁତ କ୍ଷତିଗ୍ରସ୍ତ ହୋଇଥିବା ସେ କହିଛନ୍ତି। ତୁରନ୍ତ ଏହି ଚାଷୀଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ପ୍ରଶାସନଙ୍କ ପାଖରେ ଚାଷୀ କୈଳାସ ମଲିକ, ଦାଶରଥି ରାଉତ, ବିଜୟ ରାଉତ, ଗନ୍ଧର୍ବ ରାଉତ, ଯୁଗଳ ରାଉତ, ବୁଲା ପରିଡ଼ା ପ୍ରମୁଖ ଦାବି କରିଛନ୍ତି।

## କାର୍-ପିକ୍‌ଅପ୍ ଧକ୍କା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

# ହମ୍ପ୍‌ସ ଦାବିରେ ରାସ୍ତାରୋକୋ

**କୋରେଇ,୧୬।୫(ସ୍ୱ.ପ୍ର.)**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ପଥରପଦା ଗ୍ରାମ ନିକଟ ପୋଲଠାରେ ଗୁରୁବାର କାର୍‌–ପିକ୍‌ଅପ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ପିକଅପଟି ପୋଲ ଉପରକୁ ଚଢ଼ିଯାଇଥିଲେ ହେଁ ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଜାତୀୟ ରାଜପଥ ଦୋହରୀକରଣ କାର୍ଯ୍ୟ ଚାଲୁଥିବାବେଳେ ବିଭିନ୍ନ ସ୍ଥାନରେ ଗୋଟିଏ ରାସ୍ତାରେ ଉଭୟ ପଟ ଗାଡି ଚଳାଚଳ କରୁଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ହମ୍ପ୍‌ସ ଦାବି କରି କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବାରୁ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ପରେ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି। ପ୍ରକାଶ ଯେ, ଏକ କାର୍ ଖଡଗପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ପଥରପଦା ନିକଟରେ ଜାତୀୟ ରାଜପଥର ଗୋଟିଏ ରାସ୍ତାରେ ଦୁଇ ପଟ ଗାଡି ଯାତାୟାତ କରୁଥିବାବେଳେ ସମ୍ମୁଖରୁ ଆସୁଥିବା ଏକ ପିକ୍‌ଅପ ଆଗରେ ବାଇକ୍ ପଶିଆସିଥିଲା। ଫଳରେ ବାଇକ୍ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ପିକଅପଟି କାର୍‌କୁ ଧକ୍କା ଦେଇ ପୋଲ ବାଡା ଉପରକୁ ଚଢିଯାଇଥିଲା। ପିକଅପ୍ ଡ୍ରାଇଭର ପଶ୍ଚିମବଙ୍ଗ ୨୪ ପ୍ରଗଣା ବେନଗାଁସର ସୁନିଲ ରାୟ ଆହତ ହୋଇଛନ୍ତି।

# ଅପହରଣ ମାମଲାରେ ୩ ଗିରଫ

## ■ ମାରଣାସ୍ତ୍ର, ଗାଡ଼ି ଜବତ

**ଯାଜପୁରରୋଡ,୧୬।୫(ନି.ପ୍ର.)**

ଅପହରଣ ମାମଲାରେ ଯାଜପୁରରୋଡ ପୋଲିସ ଗୁରୁବାର ୩ ଜଣଙ୍କୁ କୋର୍ଟଚାଲାଣ କରିବା ସହ ମାରଣାସ୍ତ୍ର ଓ ଗାଡ଼ି ଜବତ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ୍ ପଠାଇ ଦିଆଯାଇଛି। ପୋଲିସ ସେମାନଙ୍କଠାରୁ ଖେଳନା ବନ୍ଧୁକ, ଛୁରି, ମୋବାଇଲ ଓ ଲୁଟ୍ କରିଥିବା ଲାପଟପ, ମୋବାଇଲ, ଗୋଟିଏ କାର ଜବତ କରିଛି। ଅଭିଯୁକ୍ତମାନେ ହେଲେ କେନ୍ଦୁଝର ଜିଲା ମାଗୁରଗାଡିଆ ଅଞ୍ଚଳର ସବ୍ୟସାଚୀ ସାହୁ (୩୦), ସନ୍ଦୀପ କୁମାର ସାହୁ (ଷଣ୍ଢ) (୨୮) ଓ ମଙ୍ଗୁ ବେହେରା (୨୩)। ପ୍ରକାଶ ଯେ, ଅପହରଣକାରୀ ଜେଏମଡି ଟ୍ରାନ୍ସପୋର୍ଟ ଓ ଲଜିଷ୍ଟିକ କମ୍ପାନୀର ୨ ଜଣ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଯାଜପୁରରୋଡ ସହରର ଉମାପଦାଠାରୁ ଅପହରଣ କରିନେଇଥିଲେ। ସବ୍ୟସାଚୀ ସାହୁ ଜେଏମଡି ଟ୍ରାନ୍ସପୋର୍ଟ ଓ ଲଜିଷ୍ଟିକ କମ୍ପାନୀରେ ଚାକିରି କରୁଥିଲେ। କୌଣସି କାରଣରୁ ତାଙ୍କୁ କମ୍ପାନୀରୁ ବହିଷ୍କାର କରାଯାଇଥିଲା। ସେ ଏକ କାର୍ (ନଂ.ଓଡିଓ–୨ଏଚ–୨୩୨୪)ରେ ୨ ଜଣଙ୍କୁ ସାଙ୍ଗରେ ଆଣି କମ୍ପାନୀର ସରୋଜ କୁମାର ଓ ଆଦିତ୍ୟ ରାଜଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିନେଇଥିଲେ। ଏଥିସହ ୬ଲକ୍ଷ ଟଙ୍କା ଦେଲେ ସେମାନଙ୍କୁ ଛାଡିଦେବେ ବୋଲି ଅପହରଣକାରୀମାନେ ଫୋନରେ ଧମକ ଦେଇଥିଲେ। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ ରୋହିତ କୁମାର ଗତ ୧୪ରେ ଯାଜପୁରରୋଡ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ. ୧୨୮/୧୯) ରୁଜୁ କରାଯାଇଥିଲା

## ■ ଡୁବୁରୀ–ଅନୁଗୋଳ ରେଳପଥ ପ୍ରକଳ୍ପ

# ବକେୟା ଦରମା ଦାବିରେ ଆନ୍ଦୋଳନ ଚେତାବନୀ

**ସୁକିନ୍ଦା, ୧୬।୫(ଡି.ଏନ୍.ଏ.)**

ଡୁବୁରୀ–ଅନୁଗୋଳ ରେଲ୍‌ୱେ ପ୍ରକଳ୍ପ କାମରେ ନିୟୋଜିତ ଶ୍ରମିକ ଶୋଷଣର ଶିକାର ହେଉଛନ୍ତି। କାମରେ ନିୟୋଜିତ ଏକାଧିକ ଶ୍ରମିକ ମଜୁରି ପାଉ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗୁରୁବାର ମଧ୍ୟାହ୍ନରେ ଶ୍ରମିକମାନେ କାର୍ଯ୍ୟସ୍ଥଳରେ ପ୍ରତିବାଦ କରିଥିଲେ। ବକେୟା ମଜୁରି ତୁରନ୍ତ ପ୍ରଦାନ କରିବାକୁ ଶ୍ରମିକମାନେ ଦାବି କରିଥିଲେ। ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ ଠିକାଦାର ଓ ଶ୍ରମିକଙ୍କ ମଧ୍ୟରେ ଦୀର୍ଘ ସମୟଧରି ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିବା ଜଣାପଡିଛି। ଶୁକ୍ରବାର ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଶ୍ରମିକମାନେ କହିଛନ୍ତି। ଏଥିସହ ଖୁବ୍‌ଶୀଘ୍ର ସମସ୍ତ ଦରମା ପ୍ରଦାନ କରା ନ ଗଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଯାଜପୁର ଜିଲାର ବାଘୁଆପାଳଠାରୁ ଅନୁଗୋଳର ବୁଢାପଙ୍କ ପର୍ଯ୍ୟନ୍ତ ରେଳପଥ ନିର୍ମାଣ କରାଯାଉଛି। ପ୍ରାରମ୍ଭରୁ ବେକମ୍ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ ଠିକାସଂସ୍ଥା ରେଳପଥ ନିର୍ମାଣ ପାଇଁ କାମ ନେଇଥିଲା। ଏ ନେଇ ସଂସ୍ଥା ପକ୍ଷରୁ ସୁକିନ୍ଦା ବ୍ଲକ କେନ୍ଦୁଡିପିଠାରେ ଏକ ଅସ୍ଥାୟୀ କ୍ୟାମ୍ପ୍ କରି ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ପରେ ସୁକିନ୍ଦା ତହସିଲର ଦାମୋଦରପୁରଠାରେ ଚାଲୁଥିବା ୧୪୩ ନମ୍ବର ରେଳପଥ କାର୍ଯ୍ୟରେ ବେକମ୍‌ଠାରୁ କାମ ନେଇ ସତିସ୍ ଜି କନଷ୍ଟ୍ରକଶନ (ଶ୍ରୀନିବାସ କନଷ୍ଟ୍ରକଶନ) କାର୍ଯ୍ୟକରି ଆସୁଛି। ପ୍ରକଳ୍ପ କାମରେ ସୁନ୍ଦରଗଡ ଓ ବିହାର ଅଞ୍ଚଳର ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ଏକାଧିକ ବ୍ୟକ୍ତିଙ୍କୁ ଦୈନିକ ୫ଶହ, ଅପରେଟରଙ୍କୁ ୫ ଶହ ଟଙ୍କା ଏବଂ ଖାଇବା ବାବଦକୁ ୫୦ ଟଙ୍କା ଲେଖାଁଏ ପ୍ରଦାନ କରିବାକୁ ଶ୍ରୀନିବାସ ସଂସ୍ଥା ବିଶାଖାପାଟନା ଅଞ୍ଚଳର ବିଜୟ ଚିରଞ୍ଜୀବ ନାମକ ଲେବର ସପ୍ଲାୟର ମାଧ୍ୟମରେ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାଇଛି। ପ୍ରାରମ୍ଭରୁ ଶ୍ରମିକଙ୍କୁ ଠିକ୍‌ଭାବେ ମଜୁରି ମିଳିଥିଲା। ହେଲେ ବିଗତ ଦେଢ ମାସ ହେବ ସେମାନଙ୍କୁ ମଜୁରି ପ୍ରଦାନ କରାଯାଇ ନାହିଁ। ଶ୍ରମିକମାନେ ଯେ ସମ୍ପର୍କରେ ବେକମ୍ ଇନଫ୍ରା ପାଖରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନ ଥିଲା।



ଧାରଣାରେ ସାମିଲ ହୋଇଥିବା ଶ୍ରମିକ।

ପନ୍ଦରରୁ ଉର୍ଦ୍ଧ୍ୱ ଶ୍ରମିକ ଅପ୍ରେଲରୁ ବର୍ତ୍ତମାନ ପର୍ଯ୍ୟନ୍ତ କାମରେ ହାଜିରା ପକାଉ ଥିଲେ ମଧ୍ୟ ଟଙ୍କା ମିଳିପାରି ନାହିଁ। ଏପରିକି ଠିକାଦାର ଖାଇବା ପିଇବା ଦେବା ମଧ୍ୟ ବନ୍ଦ କରିଦେଇଥିବା ବବୁଲ ଡାଙ୍ଗ, ରାଜେଶ, ଜୁଗଲ, ଆନନ୍ଦ, ବିନୋଦ, ଦୀପକ ପ୍ରମୁଖଙ୍କ ସହ ବହୁ ଶ୍ରମିକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଲେବର ସପ୍ଲାୟର ବିଜୟ ଚିରଞ୍ଜୀବ୍‌ଙ୍କୁ ପଚାରିବାରୁ ସଂସ୍ଥା ପକ୍ଷରୁ ଟଙ୍କା ଦିଆଯାଉ ନ ଥିବାରୁ ଏପରି ହୋଇଥିବା କହିଛନ୍ତି। ସତିସ୍ ଜି କନଷ୍ଟ୍ରକଶନର କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ବର୍ତ୍ତମାନ ଟଙ୍କା ନ ଥିବାରୁ ଶ୍ରମିକଙ୍କ ମଜୁରି ପ୍ରଦାନରେ ବିଳମ୍ୱ ହେଉଛି ବୋଲି କହିଥିଲେ। ବେକମ୍ ଇନଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ ଜେନେରାଲ ମ୍ୟାନେଜର ରାଜେସ ଏମ୍ ଘଟଣା ସମ୍ପର୍କରେ ଆଲୋଚନା ପରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଯାଜପୁର ରୋଡ ଶ୍ରମ ଅଧିକାରୀ ଗୋପାଳ ମଙ୍ଗରାଜଙ୍କୁ ପଚାରିବାରୁ, ଏ ବାବଦରେ ଅଭିଯୋଗ ହେବାପରେ ନୋଟିସ କରି କାର୍ଯାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

# ପର୍ସ ପାଇ ଫେରାଇଲେ ବ୍ୟବସାୟୀ

**ବିଞ୍ଝାରପୁର,୧୬।୫(ଡି.ଏନ୍.ଏ.)**

ସମାଜରେ ଏମିତି ଲୋକ ଅଛନ୍ତି, ଯିଏ ରାସ୍ତାରେ ଟଙ୍କା ପାଇଲେ ସେହି ଟଙ୍କାର ମାଲିକଙ୍କୁ ଫେରାଇବା ପାଇଁ ବ୍ୟାକୁଳ ହୁଅନ୍ତି । ଏହି ପରି ଏକ ଘଟଣା ବିଞ୍ଝାରପୁର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ମାଁସଡା ଛକର ଯାଜପୁର–ସିଂହପୁର ରାସ୍ତା କଡ଼ରେ ଗୋଟିଏ ମନିପର୍ସ ପଡିଥିଲା । ଗୁରୁବାର ଭୋର ସମୟରେ ସ୍ଥାନୀୟ ବ୍ୟବସାୟୀ ସୁବାସ ପଣ୍ଡା ସକାଳ ଭ୍ରମଣ କରୁଥିବା ସମୟରେ ଉକ୍ତ ମନିପର୍ସଟିକୁ ପାଇଥିଲେ। ଉକ୍ତ ମନିପର୍ସରେ ନଗଦ ୪ ହଜାରରୁ ଉର୍ଦ୍ଧ୍ୱ ଟଙ୍କା, ସେଣ୍ଟ୍ରାଲ ବ୍ୟାଙ୍କ ଏଟିଏମ୍, ଆଧାର କାର୍ଡ ସହ ବହୁ ଜରୁରୀ କାଗଜପତ୍ର ରହିଥିଲା। ମନିପର୍ସ ପାଇବା ପରେ ସୁବାସ ତୁରନ୍ତ ନିକଟସ୍ଥ ବିଞ୍ଝାରପୁର ଧରିତ୍ରୀ ଖବରଦାତାଙ୍କୁ ଦେଇ ଏହାର ଉପଯୁକ୍ତ ମାଲିକଙ୍କ ନିକଟରେ ପହଞ୍ଚାଇବାକୁ ନିବେଦନ କରିଥିଲେ । ମନିପର୍ସରେ ଥିବା ଆଧାରକାର୍ଡରୁ ପର୍ସଟି କଏଣା–ରଘୁନାଥପୁର ପଞ୍ଚାୟତର ପ୍ରହଲ୍ଲାଦପୁର ଗ୍ରାମର ବାପିନା ଯେନାଙ୍କ ବୋଲି ଜଣାପଡିଥିଲା। ଏ ନେଇ ବାପିନାଙ୍କୁ ଖବର ଦେବାପରେ ସେ ମାଁସଡାରେ ପହଞ୍ଚି ମନିପର୍ସ ଗ୍ରହଣ କରିଥିଲେ। ଏଥିସହ ବ୍ୟବସାୟୀ ସୁବାସଙ୍କ ସମେତ ଖବରଦାତାଙ୍କୁ ଧନ୍ୟବାଦ୍ ଦେଇଥିଲେ। ପ୍ରକାଶ ଯେ, ବାପିନା କୌଣସି କାର୍ଯ୍ୟରେ ଭୋର ସମୟରେ ନିକଟସ୍ଥ ବାଲୁଙ୍କୁଳି ହାଟ ଆସିଥିବା ବେଳେ ତାଙ୍କର ମନିପର୍ସକୁ ହଜାଇ ଦେଇଥିଲେ ।

# ଋଣ କରାଇଦେବା ଆଳରେ ଠକେଇ ଅଭିଯୋଗ: ୨ ଅଟକ

**ରସୁଲପୁର,୧୬।୫(ଡିଏନଏ)**

ଫନୀ ପରେ ବାତ୍ୟା ବିପନ୍ନଙ୍କୁ ଠକିବା ପାଇଁ ଲୁଟେରା ସକ୍ରିୟ ହୋଇଉଠିଥିବା ଦେଖିବାକୁ ମିଳିଛି। ଗାଁ ଗଣ୍ଡାରେ ବୁଲି ଲୋକଙ୍କୁ ଋଣ ପ୍ରଦାନ କରିବା ଲୋଭ ଦେଖାଇ ଲୁଟିବା ଆରମ୍ଭ କଲେଣି। ବତ୍ୟାରେ କ୍ଷତି ସହିଥିବା ପରିବାର ଲୋକେ ଠକଙ୍କ ପ୍ରଲୋଭନର ଶିକାର ହୋଇ ଟଙ୍କା ଦେଉଛନ୍ତି । ମାତ୍ର ପରେ ସେମାନଙ୍କ ଜମାଖାତାକୁ ଟଙ୍କା ଆସୁନି କି ଋଣ ଦେବା ପାଇଁ ଟଙ୍କା ନେଇଥିବା ଠକ ଧରାଛୁଆଁ ଦେଉ ନାହାନ୍ତି। ଏଭଳି ଘଟଣା ବାତ୍ୟା ଦ୍ୱାରା ପ୍ରଭାବିତ କେନ୍ଦ୍ରାପଡା ଜିଲାର ପଟ୍ଟାମୁଣ୍ଡାଇ ଥାନା ଅଧୀନ କେତେଜ ଗ୍ରାମରେ ଘଟିଛି। ଠକଙ୍କ ର୍‍ୟାକେଟର ଚେର କେନ୍ଦ୍ରାପଡା ଜିଲାରୁ ପଡୋଶୀ ଯାଜପୁର ଜିଲାକୁ ଲମ୍ବିଛି। ଯାଜପୁର ଜିଲା ରସୁଲପୁର ବ୍ଲକର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ କୁଆଖିଆ ବଜାରର ଏକ ଲଜ୍‌ରୁ ରାକେଟରେ ସମ୍ପୃକ୍ତ ୨ଜଣ ଦଲାଲଙ୍କୁ ଲୋକେ କୁଆଖିଆ ପୋଲିସକୁ ଜିମା ଦେଇଛନ୍ତି। ପୋଲିସ ସେମାନଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଜାରି ରଖିଛି।

ପ୍ରକାଶ ଯେ, କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା କୁଲସାହି ଗ୍ରାମ ଦଳିତ ସାହିର କେତେକ ପରିବାରକୁ ଦଲାଲମାନେ ଭେଟି ନିଜକୁ ଏଚ୍‌ଡିବିଜି ନାମକ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ସେମାନେ ବ୍ୟାଙ୍କ ତରଫରୁ ସୁବିଧା ଓ ସରଳ ଭାବେ ଋଣ ଯୋଗାଇ ଦେଉଛନ୍ତି ବୋଲି କହିଥିଲେ। ଏପରିକି ୫ହଜାର ଟଙ୍କା ଦାଖଲ କଲେ ସେମାନଙ୍କ ଜମାଖାତାକୁ ତୁରନ୍ତ ୧ଲକ୍ଷ ଟଙ୍କା ପଠାଇ ଦିଆଯିବ ବୋଲି କହିବା ସହ ସେହି ସାହିର ପ୍ରାୟତଃ ୧୦ରୁ ଉର୍ଦ୍ଧ୍ୱ ପରିବାରକୁ ସେମାନଙ୍କ ଆଧାର କାର୍ଡ, ଜମାଖାତା, ପାସପୋର୍ଟ ଫଟୋ, ରେଭିନ୍ୟୁ ଟିକେଟ ଆଦି ପ୍ରମାଣପତ୍ର ସାଙ୍ଗରେ ଧରି ଯାଜପୁର ଜିଲାର ଯାଜପୁରରୋଡଠାରେ ପହଞ୍ଚିବାକୁ କହିଥିଲେ। ସେହି ମୁତାବକ ଦଳିତ ସାହିର ଏକାଧିକ ପରିବାର ଲୋକେ ଯାଜପୁର ରୋଡରେ ପହଞ୍ଚିଥିଲେ। ଦଲାଲମାନେ ଦେଇଥିବା ଠିକଣାରେ ସେଭଳି କୌଣସି ବ୍ୟାଙ୍କ ନ ଥିଲା। ଫଳରେ ସେମାନେ ଦଲାଲଙ୍କୁ ଫୋନରେ ଯୋଗାଯୋଗ କରିଥିଲେ। ଦଲାଲମାନେ ସେମାନଙ୍କୁ କୁଆଖିଆ ବଜାର ହରିପୁର ରୋଡରେ ଥିବା ଏକ ଲଜରେ ଆସି ଦେଖାକରିବାକୁ କହିଥିଲେ। ସେହି ମୁତାବକ ଲୋକେ ଆସି ଲଜ ନିକଟରେ ପହଞ୍ଚି ଆଲୋଚନା କରିଥିଲେ। ସେମାନଙ୍କୁ ପ୍ରମାଣପତ୍ର ସହ ୫ହାଜର ଟଙ୍କା ଦାଖଲ କରିବାକୁ କୁହାଯାଇଥିଲା। ଏହାପରେ ସେମାନଙ୍କ ଜମାଖାତାକୁ ଟଙ୍କା ଯିବ ବୋଲି ଦଲାଲମାନେ କହିଥିଲେ। ଏଥିରେ ଲୋକଙ୍କର ସନ୍ଦେହ ହେବାରୁ ସେମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ସୁଯୋଗରେ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ଦେଖି ରାକେଟର ମୁଖ୍ୟ ଘଟଣାସ୍ଥଳରୁ କୌଶଳକ୍ରମେ ଖସି ପଳାଇ ଯାଇଥିଲେ। ମାତ୍ର ଅନ୍ୟ ଦୁଇ ସହଯୋଗୀ ଯାଜପୁର ସଦର ଥାନା ଅନ୍ତର୍ଗତ ରୁଦ୍ରପୁର ଓ ବଡବାଗ ସାହି ଗ୍ରାମର ସୁଶାନ୍ତ ମହନ୍ତ (୨୮) ଓ ବିଜୟ ସାହୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ସମୟରେ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ । ପୋଲିସ ସେମାନଙ୍କ ପରିଚୟ ସମ୍ପର୍କିତ କାଗଜପତ୍ର ଯାଞ୍ଚ କରୁଛି । ଏ ଦିଗରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି ।

## ■ ୧୪୮ନଂ ବୁଥ୍‌ରେ ସାନି ମତଦାନ

# ପ୍ରତିଷ୍ଠା, ପରିଚୟ ସ୍ଥାପନ ପାଇଁ ଲଢ଼େଇ

**ରସୁଲପୁର,୧୬।୫(ଡିଏନଏ)**

ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକର ମୋଟ ୧୫୩ଟି ବୁଥ୍ ମଧ୍ୟରୁ ୧୪୮ନଂ ବୁଥ୍‌ରେ ଆସନ୍ତା ୧୯ ତାରିଖ ସାନି ଭୋଟଗ୍ରହଣ ହେବାକୁ ଯାଉଛି। ଏହି ବୁଥ୍‌ରେ ସାନି ମତଦାନର ଫଳାଫଳ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଜୟ ପରାଜୟର ଫଳାଫଳକୁ ବିଶେଷ ପ୍ରଭାବିତ କରିବ ନାହିଁ, କିନ୍ତୁ ଏଠି ନେତା ଓ ଛାମୁଆ କର୍ମୀଙ୍କ ପ୍ରତିଷ୍ଠା, ପରିଚୟ ସ୍ଥାପନ ପାଇଁ ଲଢେଇ ଜୋରଦାର ହେବ ବୋଲି ଆକଳନ କରାଯାଉଛି।

ଏହି ବ୍ଲକ ଅଧୀନରେ ୩ଟି ନିର୍ବାଚନମଣ୍ଡଳୀ ରହିଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏଙ୍କ ଏଠାରେ ପୂର୍ବରୁ ପ୍ରଭାବ ରହିଆସିଛି। ସେ ତାଙ୍କ ଅନୁଗତଙ୍କୁ ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷା ଆସନରେ ବସାଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଚୌକି ପାଇଁ ଦକ୍ଷତା ନୁହେଁ ବରଂ ଆନୁଗତ୍ୟକୁ ଏକ ବଡ଼ ମାପକାଠିଭାବେ ଗ୍ରହଣ କରାଯାଇଥିଲା। ଆନୁଗତ୍ୟ ଆଧାରରେ ନିର୍ବାଚନମଣ୍ଡଳୀର ସୀମାବର୍ତ୍ତି ଗାଁକୁ ପଞ୍ଚାୟତ ସମିତି ଅଧକ୍ଷା ପଦବୀ ଉପହାର ସ୍ୱରୂପ ମିଳିଥିଲା। ଯାହାକୁ ନେଇ ପରବର୍ତ୍ତୀ ସମୟରେ ଦଳରେ ଗୋଳମାଳିଆ ସ୍ଥିତି ସୃଷ୍ଟି ହୋଇଥିଲା। ଯାହାର ପ୍ରଭାବ ଚଳିତ ସାଧାରଣ ନିର୍ବାଚନରେ ଅନୁଭୂତ ହୋଇସାରିଛି। ଏହି ପଞ୍ଚାୟତର କେତେଜଣ ପୁରୁଖା ତଥା ଅନୁଭୂତିପ୍ରାପ୍ତ ବିଜେଡି ନେତା ଦଳରେ ରହି କାମ କରିଥିଲେ। ସେଭଳି ନେତାଙ୍କ ପ୍ରଭାବ ଏହି ପଞ୍ଚାୟତରେ ରହିଛି। ଏପରିକି ସେମାନଙ୍କ ଦବଦବା ୧୪୮ନଂ ବୁଥ୍‌ରେ ରହିଛିବୋଲି କହିଲେ ମଧ୍ୟ ଭୁଲ ହେବ ନାହିଁ। ଅନ୍ୟପକ୍ଷରେ ଏହି ବୁଥ୍ ଅଧୀନରେ ପଞ୍ଚାୟତ ସମିତି ଅଧକ୍ଷାଙ୍କ ଘର। ବିଜେଡି ସପକ୍ଷରେ ଭୋଟ ମିଳିବା ଓ ନ ମିଳିବା ଅଧକ୍ଷା ଓ ତାଙ୍କ ଅନୁଗତଙ୍କ ପାଇଁ ସମ୍ମାନର ପ୍ରଶ୍ନବୋଲି ମନେ କରାଯାଉଛି। ୨୯ ଏପ୍ରିଲରେ ଭୋଟ ଗ୍ରହଣ ଦିନ ବିଜେଡିର ଛାମୁଆ କର୍ମୀଙ୍କ ବୁଥ୍ ଜବରଦଖଲ ଓ ଭୋଟଗ୍ରହଣ କେନ୍ଦ୍ରରେ ହିଂସା ଆଚରଣ ଭୋଟରଙ୍କ ଉପରେ ପ୍ରଭାବ ପକାଇଥିବା ଚର୍ଚ୍ଚା ହେଉଛି। ପୁନଃ ଭୋଟଗ୍ରହଣ ନିଷ୍ପତ୍ତି ସଚେତନ ଭୋଟରଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିବାବେଳେ ବିଜେଡି ପାଇଁ ଆହ୍ୱାନ ସୃଷ୍ଟି କରିଛି। ବିରୋଧୀମାନେ ଏହାକୁ ଏକ ବଡ ସୁଯୋଗ ବୋଲି ମନେ କରୁଛନ୍ତି। ହେଲେ ଅଣକଂଗ୍ରେସ ଗଡ଼ ବୋଲି କୁହାଯାଉଥିବା ମିର୍ଜାପୁର ଗାଁରେ କଂଗ୍ରେସ ତାର ପୁରୁଣା ଲୋକଙ୍କୁ ଏକାଠି କରିବାକୁ ପ୍ରୟାସ ଜାରି ରଖିଛି। ତେଣେ ଭାଜପା ପଞ୍ଚାୟତ ନିର୍ବାଚନର ସଫଳତାକୁ ଦୋହରାଇବା ପାଇଁ ପ୍ରୟାସ କରୁଛି। ଏଥିସହ ଓଡିଶାରେ ଦଳ ସପକ୍ଷରେ ବୋହୁଥିବା ପବନରୁ ଦଳୀୟ ପ୍ରାର୍ଥୀ ଫାଇଦା ମାରିବାକୁ ଚେଷ୍ଟା କରୁଥିବାବେଳେ ଉଭୟ ବିରୋଧୀ ପ୍ରାର୍ଥୀ ପ୍ରଭାବଶାଳୀ ମନେହେଉ ନାହାନ୍ତି । ଏହାଛଡା ଭୋଟରଙ୍କ ନୀରବତା ପ୍ରାର୍ଥୀଙ୍କ ଚିନ୍ତା ବଢାଇ ଦେଇଛି । ସବୁ ଦଳର ବିଧାୟକ ଓ ଏମ୍‌ପି ପ୍ରାର୍ଥୀଗଣ ଏକାଧିକ ଥର ବୁଥ୍ କେନ୍ଦ୍ର ଅଧୀନ ଭୋଟରଙ୍କୁ ଭେଟି ଭୋଟଭିକ୍ଷା କରିଛନ୍ତି। ଏଭଳି ସ୍ଥିତିରେ ୧୪୮ନଂ ବୁଥ୍ ଅଧୀନ ସଚେତନ ଭୋଟରଙ୍କ ନିଷ୍ପତ୍ତି ନିର୍ଣ୍ଣାୟକ ହେବ ବୋଲି କୁହାଯାଉଛି। ତେବେ ଏହି ବୁଥ୍‌ରେ ବିଜେଡି ତାର ପୂର୍ବ ସ୍ଥିତି ବଜାୟ ରଖିବାରେ କେତେ ସଫଳ ହେଉଛି ଓ ବିରୋଧୀ ପ୍ରାର୍ଥୀଙ୍କୁ ଭୋଟର କେତେ ଗ୍ରହଣ କରୁଛନ୍ତି ତାହା ମେ ୨୩ରେ ସ୍ପଷ୍ଟ ହୋଇଯିବ।

ଧର୍ମଶାଳା ନିର୍ବାଚନ ମଣ୍ଡଳୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୭ ମେ, ୨୦୧୯



ସବୁଠାରୁ ଅଳ୍ପରେ ସିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ । କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ ।
- ସକ୍ରେଟିସ୍



## ସଂକ୍ଷେପରେ

### ବାତ୍ୟା ପ୍ରଭାବିତ ଗୋରୁଙ୍କୁ ନିମ୍ନମାନର ଖାଦ୍ୟ ବିତରଣ ଅଭିଯୋଗ

**ଛତିଆ,୧୬।୫(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ପଞ୍ଚାୟତରେ ପ୍ରଭାବିତ ଗୋରୁଙ୍କୁ ଦିଆଯାଉଥିବା ଗୋଖାଦ୍ୟ ଅତି ନିମ୍ନମାନର ଓ ଗୋଡି ବାଲି ମିଶା ହୋଇଥିବା ନେଇ ଜନସାଧାରଣ ଓ ଲୋକପ୍ରତିନିଧି ଗୁରୁବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ବନ୍ତଳା ପଞ୍ଚାୟତର ୱାର୍ଡ ସଭ୍ୟମାନେ ବଡ଼ଚଣା ବିଡିଓଙ୍କୁ ଏକ ଦରଖାସ୍ତ ମାଧମରେ ଜଣାଇଛନ୍ତି ଯେ, ବଡ଼ଚଣା ବ୍ଲକ ପ୍ରଶାସନ ତରଫରୁ ବାତ୍ୟା ପ୍ରଭାବିତ ଗୋରୁଙ୍କୁ ଗୋ ଖାଦ୍ୟକୁ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର ଏ ସମସ୍ତ ଓଏମ୍ଏଫ୍‌ଡିସି ଶାସିତ ପ୍ୟାକେଟଗୁଡ଼ିକରେ ନିମ୍ନମାନର ଖାଦ୍ୟ ସହ ପ୍ରଚୁର ଗୋଡି ବାଲି ମିଶ୍ରିତ ଥିବାରୁ ଜନସାଧାରଣ ଗଭୀର ଅସନ୍ତୋଷ ପ୍ରକାଶ କରିବା ସହ ନେବା ପାଇଁ ମନା କରିଛନ୍ତି। ବନ୍ତଳା ପଞ୍ଚାୟତର ୱାର୍ଡ ନଂ. ୪ର ସଭ୍ୟ ଯଦୁନାଥ ମଲ୍ଲିକ୍, ୬ ନଂ ୱାର୍ଡ ସଭ୍ୟ ପୁଷ୍ପାଞ୍ଜଳି ମହାନ୍ତି, ୧୬ ନଂ. ୱାର୍ଡ ସଭ୍ୟ ଧୀରେନ୍ଦ୍ର ମଲ୍ଲିକ୍, ୧୫ ନଂ. ୱାର୍ଡ ସଭ୍ୟ ଦମୟନ୍ତୀ ରାଉଳ, ୧୩ ନଂ. ୱାର୍ଡ ସଭ୍ୟ ଜଗବନ୍ଧୁ ସେଠୀ, ୧୪ ନଂ. ୱାର୍ଡ ସଭ୍ୟ ନାରାୟଣ ରାଉତ୍, ୩ ନଂ. ୱାର୍ଡ ସଭ୍ୟ ଅଶୋକ କୁମାର ସାହୁ ପ୍ରମୁଖ ଉକ୍ତ ଗୋଖାଦ୍ୟକୁ ଫେରସ୍ତ କରି ଉପଯୁକ୍ତ ମାନର ଗୋଖାଦ୍ୟ ଯୋଗାଇଦେବା ପାଇଁ ବଡଚଣା ବିଡ଼ିଓଙ୍କ ନିକଟରେ ଦାବି କରିଛନ୍ତି। ଏ ନେଇ ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ।

### ଆଜାଦୀ ଠେଙ୍ଗାବାହିନୀର ରିଲିଫ୍ ବଣ୍ଟନ

**ଯାଜପୁର ଅଫିସ,୧୬।୫:** ସର୍ବଭାରତୀୟ ଆଜାଦୀ ଠେଙ୍ଗାବାହିନୀର ସ୍ୱେଚ୍ଛାସେବୀମାନେ ପୁରୀ ଜିଲାର ବିଭିନ୍ନ ଅଞ୍ଚଳରେ ଫନୀ ଦୁର୍ଗତଙ୍କୁ ରିଲିଫ ବଣ୍ଟନ କରିଛନ୍ତି । ବୁଧବାର ଓ ଗୁରୁବାର ଯାଜପୁରରୋଡରୁ ପାଣିକୋଇଲି, କଟକ, ଭୁବନେଶ୍ୱର ବାଟ ଦେଇ ପୁରୀ ଅଠରନଳାଠାରେ ପହଞ୍ଚିବା କ୍ଷଣି ଆଜାଦୀ ଠେଙ୍ଗାବାହିନୀର ପୁରୀ ଜିଲା କମାଣ୍ଡର ଲଲାଟେନ୍ଦୁ ମିଶ୍ରଙ୍କ ନେତୃତ୍ୱରେ ରିଲିଫ୍ ସାମଗ୍ରୀ ବଣ୍ଟନ ହୋଇଥିଲା। ବାହିନୀର ମେଜର ଜେନେରାଲ ତଥା ଶ୍ରମିକନେତା ମାୟାଧର ନାୟକ ଓ ଚିଫ୍ କମାଣ୍ଡର କୃଷକ ଲକ୍ଷ୍ମଣ ଦାସଙ୍କ ଆହ୍ୱାନରେ ବହୁ ବଦାନ୍ୟ ବ୍ୟକ୍ତି ଚୂଡ଼ା, ଚିନି, ଅମୂଲ, ବିସ୍କୁଟ, ଡିଆସିଲି, ମଶାଧୂପ, ଦେହଲୁଗା ସାବୁନ, ଲୁଗାଧୁଆ ସାବୁନ, ଶାଢ଼ୀ, ଲୁଙ୍ଗୀ ଓ ଅର୍ଥ ଯୋଗାଇ ଦେଇଛନ୍ତି । ପୁରୀ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର ଜିଲା ପ୍ରମୁଖରେ ବିପନ୍ନଙ୍କୁ ତୁରନ୍ତ ସହାୟତା ଦେବାପାଇଁ ସରକାରୀ/ବେସରକାରୀସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଶ୍ରମିକନେତା ନାୟକ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟରେ ସମାଜସେବୀ କୁମାର ନାୟକ, ଅଧାପକ ଅସିମ ନାୟକ, ମୁଲତା ମଲ୍ଲିକ୍, ଜୟନ୍ତୀ ଜେନା, ସନ୍ତୋଷୀ ଦେଓ, ମମତା ଜେନା ଓ ବଂଶୀଧର କର ପ୍ରମୁଖ ସାମିଲ ହୋଇଥିଲେ।

## ଭୋଟ ଗଣତି ପାଇଁ ଜିଲା କାର୍ଯ୍ୟାଳୟ ଚଳଚଞ୍ଚଳ

# ବିଜୟ ଆଶାରେ ସବୁ ପ୍ରାର୍ଥୀ

**ଯାଜପୁର ଟାଉନ,୧୬।୫(ଡିଏନଏ)**

- ଭୋଟ ଗଣତି ପାଇଁ ସରିଲାଣି ତାଲିମ ପ୍ରଦାନ
- ନିଜ ବିଜୟ ସୁନିଶ୍ଚିତ ବୋଲି କହୁଛନ୍ତି ୩ ପ୍ରମୁଖ ଦଳର ପ୍ରାର୍ଥୀ

ଯାଜପୁର ଜିଲାପାଳ କାର୍ଯ୍ୟାଳୟ ଭୋଟ୍ ଗଣତିପାଇଁଚଳଚଞ୍ଚଳ ହୋଇପଡିଛି। ବିଭିନ୍ନ ଦଳର ପ୍ରାର୍ଥୀ ଓ ସେମାନଙ୍କ ଇଲେକ୍ସନ୍ ଏଜେଣ୍ଟମାନେ ଜିଲା କାର୍ଯ୍ୟାଳୟକୁ ଆସି ଭୋଟ୍ ଗଣତି ପାଇଁ ଏଜେଣ୍ଟ ଫର୍ମ ପୂରଣ କରି ପ୍ରଦାନ କରୁଛନ୍ତି। ଆସନ୍ତା ୨୩ତାରିଖ ଯାଜପୁର ଏନ୍‌ସି କଲେଜରେ ଜିଲାର ସମସ୍ତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ଓ ଗୋଟିଏ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ୍ ଗଣତି କାର୍ଯ୍ୟ ଅନୁଷ୍ଠିତ ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଓ ପୋଲିସ ବାହିନୀଙ୍କୁ ନିୟୋଜିତ କରାଯାଇଛି। ଚଳିତ ଥର ଏହି ଗଣତି ପୂର୍ବ ଅପେକ୍ଷା ଅଧିକ ସମୟ ଲାଗିବାକୁ ଥିବାବେଳେ ରାଜନୈତିକ ଦଳ ସେମାନଙ୍କ ଏଜେଣ୍ଟଙ୍କୁ ଭୋଟ୍ ଗଣତି ପାଇଁ ଟ୍ରେନିଂ ମଧ ପ୍ରଦାନ କରିସାରିଲେଣି। ଗତ ୨୯ ତାରିଖରୁ ଓଡ଼ିଶାରେ ଭୋଟ୍‌ଦାନ ସରିଯାଇଥିବାବେଳେ ଏବେ କେତେକ ସ୍ଥାନରେ ସାନି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ବାତ୍ୟା ପାଇଁ କିଛିଦିନ ନିର୍ବାଚନ ଫଳାଫଳକୁ ନେଇ ଚର୍ଚ୍ଚା ଥମି ଯାଇଥିଲା। ଏବେ କିନ୍ତୁ ନିର୍ବାଚନ ଫଳାଫଳକୁ ନେଇ ଖୁବ୍ ଜୋର୍‌ରେ ଚର୍ଚ୍ଚା ଜୋରଦାର ହେଉଛି। ଯାଜପୁର ଜିଲା ଏକ ରାଜନୈତିକ ସମ୍ବେଦନଶୀଳ ଜିଲା ଭାବେ ପରିଚିତ। ଚଳିତ ନିର୍ବାଚନରେ ଏଠାକାର ବହୁ ହେବିୱେଟଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଯାଉଛି। ସେମାନଙ୍କ ମଧ୍ୟରୁ ୩ଜଣ ପୂର୍ବତନ ମନ୍ତ୍ରୀ ଥିବାବେଳେ ଭାଜପାର ବହୁ ଯୁବ ନେତାଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଯାଜପୁର ଜିଲାରେ ୭ଟି ନିର୍ବାଚନମଣ୍ଡଳୀରୁ ୪ଟିରେ ଭାଜପା ନିଶ୍ଚିତ ବିଜୟୀ ହେବବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି। ବିଜେଡି ପୁର୍ନବାର ତାର ଗଡ଼ ରକ୍ଷା କରି ସମସ୍ତ ସିଟ୍ ବଞ୍ଚାଇ ରଖିବ ବୋଲି ଦାବି କରୁଛି। ସେହିପରି କଂଗ୍ରେସ କୋରେଇ ଆସନ ଜିତିବ ବୋଲି ଆଶାବାଦୀ ରହିଛି। ଲୋକସଭା ଆସନ ପାଇଁ ଉଭୟ ବିଜେଡି ଓ ଭାଜପା ଆଶାବାଦୀ ରହିଛନ୍ତି। ଚଳିତ ନିର୍ବାଚନରେ ଭୋଟ୍‌ରମାନେ ମୁହଁ ଖୋଲୁ ନ ଥିବାବେଳେ ଶାସକ ଦଳ ବିରୋଧରେ ଯିବା ନିଶ୍ଚିତବୋଲି ଭାଜପା ପକ୍ଷରୁ କୁହାଯାଉଛି। ଏହି ଜିଲାରେ ବଡଚଣା ନିର୍ବାଚନମଣ୍ଡଳୀରୁ ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇଥିବା ଅମର ନାୟକ ତାଙ୍କ ବିଜୟ ସୁନିଶ୍ଚିତ କହୁଥିବାବେଳେ ପୂର୍ବତନ ମନ୍ତ୍ରୀ ତଥା ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥି ତାଙ୍କ ବିଜୟ ନେଇ ଆଶାବାଦୀ ରହିଛନ୍ତି। ଧର୍ମଶାଳାର ବିଜେଡି ପ୍ରାର୍ଥୀ ପ୍ରଣବ ବଳବନ୍ତରାୟଙ୍କ ବିଜୟ ସୁନିଶ୍ଚିତ ବୋଲି କର୍ମୀ ମହଲରେ ଚର୍ଚ୍ଚା ହେଉଛି। ଭାଜପା ମଧ ଏହି ନିର୍ବାଚନ ମଣ୍ଡଳୀରେ ଖୁବ୍ ଭଲ କରିବ ବୋଲି ଆଶା ରଖିଛି। ବରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ବିଶ୍ୱ ମଲ୍ଲିକଙ୍କ ବିଜୟ ନିଶ୍ଚିତ ବୋଲି ଦଳୀୟ କର୍ମୀ ଦାବି କରୁଛନ୍ତି। ଆସନ୍ତା ୧୯ତାରିଖ ୫ଟି ବୁଥ୍‌ରେ ହେବାକୁ ଥିବା ସାନି ମତଦାନ ପରେ ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସଙ୍କ ବିଜୟ ହୋଇପାରେ ବୋଲି ବିଜେଡି ଆଶା ରଖିଛି। ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ବିଜେଡି ପକ୍ଷରୁ ନିର୍ବାଚନ ଲଢୁଥିବା ପ୍ରୀତିରଞ୍ଜନ ଘଡ଼େଇ ଚଳିତ ଥର କଂଗ୍ରେସ ଭୋଟ୍ ଉପରେ ଆଶା ରଖିଥିବାବେଳେ ଯଦି କଂଗ୍ରେସ ପୂର୍ବ ନିର୍ବାଚନ ଭଳି ଭୋଟ୍ ରଖିବାରେ ସକ୍ଷମ ହୁଏ ତେବେ ବିଜେଡି ଜିତିବ ବୋଲି ନିଜେ ପ୍ରାର୍ଥୀ କହୁଥିବା ଶୁଣିବାକୁ ମିଳିଛି। ଅପରପକ୍ଷେ ପରିବର୍ତ୍ତନ ନିଶ୍ଚିତବୋଲି ଭାଜପା ପ୍ରାର୍ଥୀ ଦୃଢ଼ୋକ୍ତି ପ୍ରକାଶ କରିଛି। କୋରେଇ ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ଲଢ଼େଇ ହୋଇଛି। ଏଠାରେ ସବୁଦଳର ପ୍ରାର୍ଥୀ ବିଜୟୀ ହେବାକୁ ଆଶା ରଖିଛନ୍ତି। ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଚଳିତ ନିର୍ବାଚନରେ ଭାଜପା ପ୍ରାର୍ଥିନୀ ବବିତା ମଲ୍ଲିକଙ୍କ ସହ କଡ଼ା ମୁକାବିଲା ହେଉଥିବାବେଳେ ଉଭୟ ପ୍ରାର୍ଥିନୀ ତାଙ୍କ ବିଜୟକୁ ନେଇ ଆଶାବାଦୀ ରହିଛନ୍ତି। ସେହିପରି ଯାଜପୁର ନିର୍ବାଚନମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଗୌତମ ରାୟଙ୍କ ସହ କଡ଼ା ମୁକାବିଲାର ସମ୍ମୁଖୀନ ହେଉଥିଲେ ହେଁ ୪୦ ହଜାରରୁ ଉର୍ଦ୍ଧ୍ୱ ଭୋଟ୍‌ରେ ବିଜୟୀ ହେବେ ବୋଲି ଦାସ ଆଶା ରଖିଛନ୍ତି। ଗୌତମ ମଧ ପରିବର୍ତ୍ତନ ହାୱାରେ ନିଜର ବିଜୟ ନିଶ୍ଚିତ ବୋଲି ଆଶାବାଦୀ ଅଛନ୍ତି। ତେବେ ଆସନ୍ତା ୨୩ ତାରିଖ କେଉଁ ଦଳ ସପକ୍ଷରେ ଜନମତ ଯିବ ତାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇବାରେ ଲାଗିଛି।

### ୧୫ ଦିନ ହେଲା ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ

**ବରୀ,୧୬।୫(ସ୍ୱ.ପ୍ର.)**

ବରୀ ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇଛି। ଫଳରେ ଗ୍ରାହକମାନେ ହନ୍ତସନ୍ତ ହେଉଛନ୍ତି। ବରୀ ବିଦ୍ୟୁତ୍ ଉପଖଣ୍ଡରେ ବରୀ, ସୁଜନପୁର, ବ୍ରହ୍ମବରଦା, ବାଲିକୁଦା ଅଞ୍ଚଳ ଅନ୍ତର୍ଭୁକ୍ତ। ଏଥିରେ ୩୦ ହଜାର ଗ୍ରାହକ ରହିଥିବାବେଳେ ୧୫ ଦିନ ହେଲା ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାତ୍ୟା 'ଫନୀ' ପ୍ରଭାବରେ ବିଦ୍ୟୁତ୍ ବିଭାଗର ଖୁଣ୍ଟ, ତାର, ଟ୍ରାନ୍ସଫର୍ମର ଆଦି ନଷ୍ଟ ହୋଇଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ବିଭାଗ ଏସବୁ ସଜାଡ଼ିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ବୁଧବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ଯୋଗୁ ବିଦ୍ୟୁତ୍ ସେବା ଠପ୍ ହୋଇଯାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ସରକାରୀ ନିର୍ବାହୀ ଯନ୍ତ୍ରୀ ଦେବଦତ୍ତ ପଣ୍ଡାଙ୍କୁ ପଚାରିବାରୁ, ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଖୁଣ୍ଟ, ତାର ସଜଡ଼ା ଚାଲିଛି। କେତେକ ସ୍ଥାନରେ ବିଦ୍ୟୁତ୍ ସଂଯୋଗ ହୋଇଥିଲାବେଳେ ଅନେକ ସ୍ଥାନରେ ସଂଯୋଗ ହୋଇପାରି ନ ଥିବା କହିଛନ୍ତି।

## ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କଲେ ଗ୍ରାମବାସୀ



ହାଟସିଂହାପୁର ଗ୍ରାମବାସୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**କୋରେଇ,୧୬।୫(ସ୍ୱ.ପ୍ର.)**

**ମମତା ହତ୍ୟାକାଣ୍ଡ ଘଟଣା**
- ଅଭିଯୁକ୍ତଙ୍କୁ ଗିରଫ ଦାବି

ମମତା ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ ସ୍ୱାମୀ ଓ ତାଙ୍କ ପରିବାର ଲୋକଙ୍କୁ ଗିରଫ ଦାବି କରି ଗୁରୁବାର କୁଆଖିଆ ଥାନା ଅନ୍ତର୍ଗତ ହାଟସିଂହାପୁର ଗ୍ରାମବାସୀ ପାଣିକୋଇଲିସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏସ୍‌ପି ଚରଣ ସିଂ ମୀନା ସମସ୍ତ ଘଟଣା ଶୁଣିବା ପରେ ଅତିରିକ୍ତ ଏସ୍‌ପି ଅକ୍ଷୟ କୁମାର ଦାସଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ହାଟସିଂହାପୁର ଗ୍ରାମର ସୋମନାଥ ରାଉତଙ୍କ ସ୍ତ୍ରୀ ବାସନ୍ତୀଙ୍କ ଅଭିଯୋଗ ମୁତାବକ ତାଙ୍କ ଝିଅ ପ୍ରିୟଦର୍ଶିନୀ ଓରଫ ମମତା (୨୪) ୨ବର୍ଷ ତଳେ ଶ୍ରୀବନ୍ତପୁର ପଞ୍ଚାୟତ ବର୍ଲାଙ୍ଗୀ ଗ୍ରାମର ଭୀମସେନ ନାୟକଙ୍କ ପୁଅ ସଞ୍ଜୟଙ୍କୁ ବିବାହ କରିଥିଲେ। ମମତାଙ୍କ ବାପଘର ଲୋକଙ୍କ କହିବା ଅନୁଯାୟୀ, ବିବାହ ସମୟରେ ସମସ୍ତ ଯୌତୁକ ଦିଆଯାଇଥିଲେ ମଧ ଅଧିକ ୨ ଲକ୍ଷ ଟଙ୍କା ଦାବିରେ ମମତାଙ୍କୁ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏହି ନିର୍ଯାତନାରେ ସ୍ୱାମୀ ସଞ୍ଜୟ, ଶ୍ୱଶୁର ଭୀମସେନ, ଶାଶୁ ଶକୁନ୍ତଳା, ନଣନ୍ଦ ଚୁମୁକି ଓ ନଣଦେଇ ତପନ ବିଶ୍ୱାଳଙ୍କ ଭୂମିକା ଥିବା ମମତାଙ୍କ ବାପଘର ଲୋକେ ଅଭିଯୋଗ କରିଥିଲେ। ଗତ ୧୦ ତାରିଖ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ହଠାତ୍ ଝିଅର ମୃତ୍ୟୁ ଖବର ପାଇ ବାସନ୍ତୀ ଓ ସମ୍ପର୍କୀୟ ସେଠାରେ ପହଞ୍ଚି ବାରଣ୍ଡାରେ ମୃତଦେହ ପଡିଥିବା ଦେଖିଥିଲେ। ମାତ୍ର ସେମାନଙ୍କୁ ମମତାଙ୍କୁ ଦେଖିବାକୁ ସୁଯୋଗ ଦେଇ ନ ଥିଲେ ବରଂ ଗାଳିଗୁଲଜ କରି ବିଦା କରିଦେଇଥିଲେ। ଫଳରେ ସେମାନେ ନିରାଶ ହୋଇ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୩୫/୧୯) ରୁଜୁ କରିଥିଲେ ମଧ ଅଦ୍ୟାବଧି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇ ନ ଥିବା ଜଣାପଡ଼ିଛି। ଫଳରେ ମୃତ୍ୟୁକୁ ୭ ଦିନ ବିତିଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଗ୍ରାମବାସୀ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ।

### ମା' ବିରଜାଙ୍କ ମହିମା, ଜଣାଣ ଅଡିଓ ସିଡୀ ଉନ୍ମୋଚିତ

**ଯାଜପୁର ଟାଉନ,୧୬।୫(ଡିଏନଏ)**

ମା' ବିରଜାଙ୍କ ମହିମା ଓ ଜଣାଣ ଆଧାରିତ ଅଡିଓ ସିଡି 'ବିନ୍ଧ୍ୟବାସିନୀ' ବୁଧବାର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ମା' ବିରଜାଙ୍କ ମହିମା ପ୍ରଚାର ପ୍ରସାର ଦିଗରେ ଏହା ସହାୟକ ହେବ ବୋଲି ଦାସ କହିବା ସହ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ମନରେ ଆଧାତ୍ମିକତା ସୃଷ୍ଟି ଦିଗରେ ମଧ ଏହା ପ୍ରଭାବ ପକାଇବ ବୋଲି ଦାସ ଆଶାବ୍ୟକ୍ତ କରିଥିଲେ। ଏହି ଅଡିଓ ସିଡିରେ ଜିଲାପାଳ ଦାସଙ୍କ ରଚିତ ୪ଟି ଗୀତ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ରଚିତ ଗୋଟିଏ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ଦ୍ୱାରା ରଚିତ ୩ଟି ଗୀତ ସ୍ଥାନ ପାଇଛି। ଗୀତଗୁଡ଼ିକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ ସଂଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ବିଶିଷ୍ଟ ଶିଳ୍ପୀ ଶ୍ରୀଚରଣ, ସୁନୀଲ କୁମାର, ଅରୁପମା ନାୟକ, ପ୍ରଦୀପ, ଅମୂଲ୍ୟ ଏବଂ ନୂଆ କଣ୍ଠଶିଳ୍ପୀ ମୋନାଲିସା ଓଝା, ଅନୁଷ୍କା ଅନାମିକା ଓ ଅମ୍ରିତ କଣ୍ଠଦାନ କରିଛନ୍ତି। ଏହି ସିଡି ଉନ୍ମୋଚନ କାର୍ଯ୍ୟକ୍ରମରେ ସମସ୍ତ ଗୀତିକାରଙ୍କ ସହ ସଂଗୀତ ନିର୍ଦ୍ଦେଶକ ମଲ୍ଲିକ ଓ କଣ୍ଠଶିଳ୍ପୀମାନେ ଉପସ୍ଥିତ ଥିଲେ।

### ଫନୀରେ ଆହତ ହୋଇଥିଲେ ସୁପ୍ରକାଶ
## ସରକାରୀ ସହାୟତାକୁ ଅପେକ୍ଷା

**ଯାଜପୁର ଅଫିସ,୧୬।୫**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ରଘୁନାଥପୁର ପଞ୍ଚାୟତର କଏଣା ଗ୍ରାମର ସୁପ୍ରକାଶ ପଣ୍ଡା ଗତ ୩ ତାରିଖ ହୋଇଥିବା ବାତ୍ୟା ଫନୀରେ ଗୁରୁତର ହୋଇଥିଲେ। ଆହତ ଅବସ୍ଥାରେ ଘରେ ପଡି ଯନ୍ତ୍ରଣା ଭୋଗୁଥିଲେ ହେଁ ଏଯାଏ ସରକାରଙ୍କ ପକ୍ଷରୁ ତାଙ୍କୁ କୌଣସି ସହାୟତା ଯୋଗାଇ ଦିଆଯାଇ ନ ଥିବା ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ଅଭିଯୋଗ ଆଣିଛନ୍ତି। ସୁପ୍ରକାଶ ସୟଦପୁର ଛକରୁ ଘରକୁ ଫେରୁଥିବା ବେଳେ ତାଙ୍କ କାନ୍ଧରେ ଏକ ଆମ୍ବଡାଳ ପଡିଥିଲା। ତାଙ୍କୁ ସେଠାରୁ ବେହୋସ ଅବସ୍ଥାରେ ସ୍ଥାନୀୟ ବିଞ୍ଝାରପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଯାଜପୁର ଜିଲା ସଦର ଡାକ୍ତରଖାନାରେ ସେ ଚିକିତ୍ସିତ ହୋଇଥିଲେ। କାନ୍ଧ ହାଡ ଭାଙ୍ଗି ଯାଇଥିବାରୁ ସେମାନେ କୌଣସି ଉଦ୍ୟମ ନ କରି କଟକ ମେଡିକାଲକୁ ସ୍ଥାନାନ୍ତରଣ କରିଥିଲେ। କଟକରେ ଚିକିତ୍ସିତ ହୋଇ ଏବେ ଘରେ ପଡି ରହିଛନ୍ତି। ବିଡମ୍ବନା ଯେ, ସେ କୌଣସି ସରକାରୀ ସହାୟତା ପାଇ ନ ଥିଲେ। ଦୈନିକ ଶହ ଶହ ଟଙ୍କାର ଔଷଧ ଆବଶ୍ୟକ କରୁଥିବାବେଳେ ସେ ସେହିପରି ଯନ୍ତ୍ରଣା ଭୋଗୁଛନ୍ତି। ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ କାହାଠାରୁ ସେ ସମବେଦନା ପାଇ ନାହାନ୍ତି। କୌଣସି ଲୋକ ପ୍ରତିନିଧି ମଧ ତାଙ୍କ ଅବସ୍ଥା ବୁଝିବାକୁ ଆସିଲେ ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ତାଙ୍କ ଡାହାଣ ହାତ ଭାଙ୍ଗି ଯାଇଥିବାବେଳେ ସେ ଏକ ପ୍ରକାର ଅକର୍ମଣ୍ୟ ଅବସ୍ଥାରେ ପଡିଛନ୍ତି। ବାତ୍ୟାରେ ସେ ରହୁଥିବା ଆଜବେଷ୍ଟସ ଘର ଉପରେ ଗଛଡାଳ ପଡି ତାହା ମଧ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଏପରି ଅସହାୟତାବେଳେ ଯଦି ସରକାର ସୁପ୍ରକାଶଙ୍କୁ କୌଣସି ସହାୟତାର ହାତ ବଢାଇ ପାରିଲେ ନାହିଁ, ତେବେ ସରକାର ବାତ୍ୟା ବିପନ୍ନଙ୍କ ପାଇଁ ଯାହା ସବୁ ଘୋଷଣା କରୁଛନ୍ତି ତାହା ଡାହା ମିଛ ବୋଲି ପଣ୍ଡା ଅଭିଯୋଗ କରିଛନ୍ତି।

## ଏଟିଏମ୍ କ୍ଲୋନିଂ ଲୁଟ୍ ମାମଲା : ୯ ଅଭିଯୁକ୍ତଙ୍କୁ ବିଳାସପୁରରୁ ଆଣିଲା ପୋଲିସ

**କୋରେଇ,୧୬।୫(ସ୍ୱ.ପ୍ର.)**

ପାଣିକୋଇଲି ଅଞ୍ଚଳରେ ଏଟିଏମ୍‌ରୁ ଟଙ୍କା ଉଠାଣ ପରେ ବିଳାସପୁର ସମେତ ବିଭିନ୍ନ ଜମାଖାତାରୁ ଟଙ୍କା ଗାଏବ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ (୯,୧୯,୧୦/୧୯, ୧୨/୧୯)ରେ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରିବାକୁ ଯାଇ ଏହାର ମୁଖ୍ୟ ନରସିଂହପୁରର ରଞ୍ଜନ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏଥିରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ତଦନ୍ତ ଅଧିକାରୀ ଆଇଆଇସି ଅଜୟ କୁମାର ଜେନା ତଦନ୍ତ ଜାରି ରଖିଥିଲେ। ଅନ୍ୟ ୯ ଜଣ ଅଭିଯୁକ୍ତ ବିଳାସପୁର ଜେଲ୍‌ରେ ଥିବା ଜାଣି ପୋଲିସ ଜେରା କରି ଫେରିଥିଲା। ପୁନର୍ବାର କୋର୍ଟଙ୍କ ଅନୁମତି ନେଇ ବିଳାସପୁର ଯାଇ ସମ୍ପୃକ୍ତ ୯ ଜଣଙ୍କୁ ବିଳାସପୁର ସେଣ୍ଟ୍ରାଲ ଜେଲରୁ ଆଣି କୋର୍ଟରେ ହାଜର କରାଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଯାଜପୁରରୋଡ ଉପକାରାଗାର (ରଗଡି) ଜେଲକୁ ପଠାଇ ଦିଆଯାଇଛି।

### ଚଣ୍ଡିଖୋଲ କୋର୍ଟରେ ନୂତନ ବିଚାରପତି

**ଚଣ୍ଡିଖୋଲ,୧୬।୫(ଡି.ଏନ.ଏ.):** ଚଣ୍ଡିଖୋଲ କୋର୍ଟରେ ନୂତନ ସିଭିଲ ଜଜ୍ ତଥା (ଜେଏମଏଫସି) ବିଚାରପତି ଭାବେ ଗୁରୁବାର ଈପ୍ସିତା ମହାନ୍ତି ଯୋଗ ଦେଇଛନ୍ତି। ଏହି ଅବସରରେ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ୍ ସଭାପତି ଜନ ବେହେରାଙ୍କ ସଭାପତିତ୍ୱରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଭିଲ ଜଜ୍ (ସିନିୟର ଡିଭିଜନ) ସହକାରୀ ଦୌରା ଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କୋର୍ଟ ବାର୍‌ରେ ଥିବା ଓକିଲମାନେ ଓ ବେଞ୍ଚର ପଦାଧିକାରୀ ସୁସମ୍ପର୍କ ରକ୍ଷା କଲେ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ସମ୍ପାଦକ ଉଦୟନାଥ ସାହୁ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଉପସଭାପତି ନିରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ। କୋର୍ଟର ସମସ୍ତ ଓକିଲ ବିଚାରପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

### ଉପରିସ୍ଥ ଅଧିକାରୀଙ୍କ ଦୁର୍ବ୍ୟବହାରରେ ଅଧସ୍ତନ କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

## ପ୍ରତିବାଦରେ ଧାରଣା ଦେଲା ଶ୍ରମିକ କଂଗ୍ରେସ ସଂଘ

**ଚଣ୍ଡିଖୋଲ,୧୬।୫(ଡି.ଏନ.ଏ.)**

ପୂର୍ବତଟ ରେଳ ଖୋର୍ଦ୍ଧା ଡିଭିଜନ ଅଧୀନରେ ଧାନମଣ୍ଡଳ ଷ୍ଟେଶନ ରହିଛି। ଏଠାରେ ରହୁଥିବା ବରିଷ୍ଠ ଅଧିକାରୀ ପି.କେ ସାଠୁଆ ବାରମ୍ବାର ତଳସ୍ତରର କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ଯୋଗୁ ଜଣେ କର୍ମଚାରୀ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏହାର ପ୍ରତିବାଦରେ ଶ୍ରମିକ କଂଗ୍ରେସ ସଂଘ ଗୁରୁବାର ଉପରିସ୍ଥ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ଧାନମଣ୍ଡଳ ଷ୍ଟେଶନରେ ରହୁଥିବା ସିନିୟର ବିଭାଗୀୟ ଯନ୍ତ୍ରୀ ପି.କେ ସାଠୁଆଙ୍କ ଅଧୀନରେ ପୂର୍ବତଟ ରେଳ ବିଭାଗର ନିର୍ଗୁଣ୍ଡିଠାରୁ ଗଡ଼ମଧୁପୁର ପର୍ଯ୍ୟନ୍ତ ରହିଛି। ସେଠାରେ ରେଳଧାରଣାର ଟ୍ରାକ୍ ସଜାଡ଼ିବା ଓ ସୁରକ୍ଷା ଦାୟିତ୍ୱ ତାଙ୍କ ଉପରେ ନିର୍ଭର କରେ। ଧାନମଣ୍ଡଳରୁ ହରିଦାସପୁର ମଧ୍ୟରେ ଟ୍ରାକ୍ ସଜାଡ଼ିବା ଦାୟିତ୍ୱରେ ଥିବା ଗ୍ୟାଙ୍ଗମ୍ୟାନ ପ୍ରବୀଣ ଝା'ଙ୍କୁ ସେ ବାରମ୍ବାର ଦୁର୍ବ୍ୟବହାର କରିଆସୁଥିବା ଅଭିଯୋଗ ହୋଇଛି। ପ୍ରବୀଣ ଏହା ସହ୍ୟ କରି ନ ପାରି ବୁଧବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ସ୍ଥାନୀୟ ସହଯୋଗୀମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହାର ପ୍ରତିବାଦରେ ଶ୍ରମିକ କଂଗ୍ରେସ ୟୁନିୟନ ପକ୍ଷରୁ ସାଠୁଆଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଅବ୍ୟାହତ ରହିଥିଲା। ଖବରପାଇ ଶ୍ରମିକ ସଙ୍ଗଠନ ନେତା ଦିଲୀପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ସାଠୁଆଙ୍କଠାରୁ ଘଟଣା ବିଷୟରେ ପଚାରି ବୁଝିଥିଲେ। ଶ୍ରମିକ ସଙ୍ଗଠନ ପକ୍ଷରୁ ସାଠୁଆଙ୍କ ନାମରେ ଏଡିଏମ୍‌ଙ୍କୁ ବହୁବାର ଅଭିଯୋଗ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ସାଠୁଆ ବାରମ୍ବାର ଶ୍ରମିକଙ୍କୁ ଏଭଳି ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏ ବିଷୟରେ ଅଧିକାରୀ ସାଠୁଆଙ୍କୁ ପଚାରିବାରୁ, ସେ କଥାକୁ ଏଡାଇ ଦେଇଥିଲେ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଶ୍ରମିକ ସଙ୍ଗଠନ ପକ୍ଷରୁ ଦାବି ହୋଇଛି।



ଶ୍ରମିକ କଂଗ୍ରେସ ସଂଘ କର୍ମକର୍ତ୍ତା ଧାରଣାରେ ବସିଛନ୍ତି।

### ମୌଳିକ ସୁବିଧାରୁ ବଞ୍ଚିତ ନାଏକ ସାହି ବାସିନ୍ଦା

# ଭଙ୍ଗାଚାଳ ଘରେ ବିତୁଛି ଜୀବନ

**କାଳିଆପାଣି,୧୬।୫(ଡି.ଏନ୍.ଏ)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଁସୋଳ ପଞ୍ଚାୟତ ବେଣାଗାଡ଼ିଆ ଗ୍ରାମର ନାଏକ ସାହି ବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଆଦିବାସୀ ଜନଜାତି ଏବଂ ହରିଜନ ସମ୍ପ୍ରଦାୟ ଲୋକଙ୍କ ପାଇଁ ସରକାର ବହୁ ଯୋଜନା କରିଛନ୍ତି। ପ୍ରଶାସନର ଆନ୍ତରିକତା ଅଭାବରୁ ନାଏକ ସାହିରେ ସଫେଇ କାମ କରି ଜୀବନ ନିର୍ବାହ କରୁଥିବା ପରିବାର ଲୋକଙ୍କ ପାଇଁ ସରକାରୀ ଯୋଜନା ସାତ ସପନ ପାଲଟିଛି। ଘର ଖଣ୍ଡେ ନିର୍ମାଣ କରି ପାରୁ ନ ଥିବାରୁ ଭଙ୍ଗାଚାଳ ଘରେ ଜୀବନ ବିତାଉଛନ୍ତି।

ଖଣି ଅଞ୍ଚଳର ଅବିଭକ୍ତ ରାଁସୋଳ ପଞ୍ଚାୟତ ବେଣାଗାଡ଼ିଆ ଗ୍ରାମରେ ପ୍ରଥମେ ପାଖାପାଖି ୩୦ ପରିବାର ଲୋକେ ରହିଥିଲେ। ରାଁସୋଳ ପଞ୍ଚାୟତ ଭାଗ ହୋଇ ଚିଙ୍ଗୁଡ଼ିପାଳ ପଞ୍ଚାୟତ ହେବା ପରେ ବେଣାଗାଡ଼ିଆ ଗ୍ରାମର ଉକ୍ତ ବସ୍ତି ନାଏକ ସାହିରେ ପରିଚିତ ହୋଇଥିଲା। ଏବେ ୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିଲେ ମଧ ଜୀବନ ଶୈଳୀରେ ସେତେଟା ପରିବର୍ତ୍ତନ ହୋଇ ପାରି ନାହିଁ। ପତର କୁଡିଆକୁ ଝାଟିମାଟି ଲେପ ଦେଇ ଚାଳଛପର ଘରେ ପଲିଥିନ୍ ପକାଇ ପରିବାର ଜୀବନ ବିତାଉଛନ୍ତି। ପକ୍କା ଘର ଖଣ୍ଡେ ପାଇଁ ୩ରୁ ୪ ଥର ଜିଲା ଓ ବ୍ଲକ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳି ପାରି ନ ଥିବା କହିଛନ୍ତି। ଏମାନେ ପ୍ରଥମରୁ ଜଙ୍ଗଲରୁ କାଠ ଆଣି ବଜାରରେ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ । ୧୯୫୭ରୁ ସୁକିନ୍ଦା କ୍ରୋମାଇଟ ମାଇନ୍ସରେ କ୍ରୋମାଇଟ ଉତ୍ତୋଳନ ପରେ କଲୋନୀ ଓ ଡ୍ରେନ୍ ସଫେଇ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସେଥିରୁ ଯାହା ପାରିଶ୍ରମିକ ମିଳୁଥିଲା ସେଥିରେ ପରିବାର ଭରଣପୋଷଣ ହୋଇଯାଉଥିଲା। କାଳକ୍ରମେ ଏହି କାମ ମଧ ସେମାନଙ୍କୁ କରିବାକୁ ମିଳୁନି। ତେଣୁ କାମ ନ ପାଇ ସେମାନେ ଦାଦନ ଖଟିବାକୁ ବାହାରକୁ ଯିବାକୁ ବାଧ ହେଉଥିବା କହିଛନ୍ତି। ନିକଟରେ ନିର୍ବାଚନ ସମୟରେ ସାହିବାସିନ୍ଦା ପାନୀୟ ଜଳ ଯୋଗାଣରୁ ବଞ୍ଚିତ ହୋଇଥିଲେ। ପରେ କେତେଜଣ ସାମାଜିକକର୍ମୀଙ୍କ ହସ୍ତକ୍ଷେପରେ ପୁନଃ ପାଣି ଯୋଗାଣ କରାଯାଇଥିଲା। ଫନୀ ବାତ୍ୟାରେ କେତେଜଣଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ଅନ୍ୟ କେତେଜଣଙ୍କ ଆଂଶିକ ଭାଙ୍ଗିଯାଇଛି। ହେଲେ ଅଦ୍ୟାବଧି କୌଣସି ସରକାରୀ ଅଧିକାରୀ ତାଙ୍କ ନିକଟରେ ପହଞ୍ଚି ନ ଥିବା ଗୁରୁଚରଣ ନାଏକ, ବିନୋଦ ନାଏକ, ଜମ୍ବୁ ନାଏକ, ଗୌରୀ ନାଏକ, ତିଳମା ନାଏକ, ସୁରଭି ନାଏକ ପ୍ରମୁଖ ପ୍ରକାଶ କରିଛନ୍ତି । ଏଥିସହ ନିର୍ବାଚନ ସମୟରେ କେବଳ ପ୍ରତିଶ୍ରୁତି ମଳିଥାଏ ବୋଲି କହିଛନ୍ତି। ଏ ନେଇ ସୁକିନ୍ଦା ବିଡିଓ ବିଶ୍ୱଜିତ ଦାସଙ୍କୁ ପଚାରିବାରୁ ଏ ଦିଗରେ ତାଙ୍କ ନିକଟରେ କୌଣସି ଅଭିଯୋଗ ହୋଇ ନାହିଁ। ତେବେ ଘଟଣାର ତଦନ୍ତ କରି ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।





ସବୁଠାରୁ ଅଳ୍ପରେ ସିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ । କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ ।
- ସକ୍ରେଟିସ୍



## ସଂକ୍ଷେପରେ

### ନବାହ୍ନ ପାରାୟଣ ଉଦ୍‌ଯାପିତ

**ଗଣିଆ,୧୬।୫ (ଡି.ଏନ.ଏ):** ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ରାଜିଙ୍ଗ ଗ୍ରାମରେ ଗତ ୭ ତାରିଖ ଠାରୁ ଅନୁଷ୍ଠିତ ହୋଇ ଆସୁଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ସକାଳୁ ସୂର୍ଯ୍ୟପୂଜା, ଗୋପୂଜା, ଘୃତଯଜ୍ଞ, ହନୁମାନ ଚାଳିଶାପାଠ ଓ ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସଙ୍କ ରାମଚରିତ ମାନସ ପାଠ କରାଯାଇଥିଲା। ଅପରାହ୍ନରେ ବିଶ୍ୱଶାନ୍ତି ନିମନ୍ତେ ଘୃତାହୃତି ସହିତ ପୂର୍ଣ୍ଣାହୁତି ଦିଆଯାଇଥିଲା। ସନ୍ଧ୍ୟାରେ ସୁନାମଧନ୍ୟ ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଚନ ଶୁଣିବା ପାଇଁ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନସମାଗମ ହୋଇଥିଲା। ନଅ ଦିନ ଧରି ହୋଇଥିବା ଏହି କାର୍ଯ୍ୟକ୍ରମରେ ବେଲପଡ଼ା ଗ୍ରାମର ପବିତ୍ର କର ବ୍ୟାସଭାବେ ଯୋଗ ଦେଇଥିଲେ। ସେହିପରି ଗଣିଆ ବଜାରସ୍ଥିତ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ୯ ଦିନ ଧରି ଅନୁଷ୍ଠିତ ହୋଇଥିବା ନବାହ୍ନ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ୟାସଭାବେ ଶ୍ରୀରାମଚନ୍ଦ୍ର ଦାଶ ଯୋଗ ଦେଇଥିଲେ।



### ସରକାରୀ ଯୋଜନାରୁ ବଞ୍ଚିତ ପୂଜକ ସମାଜ
### ପଦକ୍ଷେପ ନ ହେଲେ ଆନ୍ଦୋଳନ ଚେତାବନୀ

**ଭାପୁର/ଖଣ୍ଡପଡ଼ା, ୧୬।୫(ଡି.ଏନ.ଏ./ସ୍ୱ.ପ୍ର.):** ପୂଜକ ସମାଜ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବାରୁ ଏହା ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏନେଇ ଶିବଶକ୍ତି ପୂଜକ ସମାଜର ଏକ ବୈଠକ ନୟାଗଡ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ବଡସହରାସ୍ଥିତ ଅମୃତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସଭାପତି ବିକ୍ରମ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଥର ଆୟୋଜିତ ଏହି ବୈଠକରେ ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅନ୍ତର୍ଗତ ୬୮ଟି ମୌଜାରୁ ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ ପୂଜକ, ସେବାୟତ ଯୋଗଦେଇଥିଲେ। ମୁଖ୍ୟତଃ ଠାକୁରଙ୍କ ସମ୍ପତ୍ତିରେ ସେବାୟତମାନଙ୍କ ଭୋଗ ଦଖଲ, ସ୍ୱାଧୀନତା ଓ ସମାନତା ଅଧିକାର ଥାଇ ମଧ ସେମାନେ ସ୍ଥାୟୀ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି । ସରକାର ଏଥିପ୍ରତି ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ସମାଜ ପକ୍ଷରୁ ପୂଜକମାନେ ରାଜରାସ୍ତାକୁ ଓହ୍ଲାଇବା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ବିଧାନସଭା ଘେରାଉ କରିବେ ବୋଲି ସଭାପତି ମହାପାତ୍ର ସୂଚନା ଦେଇଛନ୍ତି ।

### ଫନୀ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଦାବି



**ଖଣ୍ଡପଡ଼ା,୧୬।୫(ସ୍ୱ.ପ୍ର.):** ଫନୀ ବାତ୍ୟା ପ୍ରଭାବରେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ପନିପରିବା, ଫଳ ଓ ରବି ଫସଲ କ୍ଷତିଗ୍ରସ୍ତ ହେବାରୁ ଚାଷୀ ଓ ସାଧାରଣ ଲୋକେ ଘୋର ଚିନ୍ତାରେ ଦିନ ବିତାଉଛନ୍ତି। ତେଣୁ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ବିଭିନ୍ନ ମହଲରେ ଅଭିଯୋଗ ହୋଇଛି। ଖଣ୍ଡପଡା ବ୍ଲକର ୨୨ଟି ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମରେ ଶହ ଶହ ଝାଟିମାଟି ଚାଳଛପର ଘର ମାଟିରେ ମିଶିଯିବା ସହ ଆଜବେଷ୍ଟସ୍ ଓ ଟାଇଲ୍ ଛପର ଘରଗୁଡିକ ଭାଙ୍ଗିରୁଜି ଯାଇଛି। ତେବେ କ୍ଷତିଗ୍ରସ୍ତ ପରିବାରଗୁଡିକୁ ପ୍ରଶାସନ ପକ୍ଷରୁ ଅଦ୍ୟାବଧି ସହାୟତା ମିଳି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶପାଇଛି। ଏ ପର୍ଯ୍ୟନ୍ତ ବହୁ ପରିବାରକୁ ରିଲିଫ୍ ମଧ ମିଳି ପାରି ନ ଥିବା ଅଭିଯୋଗ ହୋଇଛି। ବାସହରା ଓ କ୍ଷତିଗ୍ରସ୍ତ ପରିବାରଗୁଡିକୁ ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାରେ ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି । ଜିଲା ତଥା ବ୍ଲକ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ କ୍ଷତିଗ୍ରସ୍ତ ବିଦ୍ୟାଳୟଗୁଡିକର ପୁନଃ ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।





ମନ୍ଦିରରେ ପୂଜା ପାଉଥିବା ଶ୍ରୀଶ୍ରୀ ରଘୁନାଥଜୀଉଙ୍କ ପାର୍ଶ୍ୱରେ ହନୁମାନଙ୍କ କାଠ ମୁଣ୍ଡ । କଳାକାରମାନେ ପିନ୍ଧୁଥିବା କାଠମୁଣ୍ଡ ।



କଳାକାରମାନଙ୍କ ଦ୍ୱାରା ରାମଲୀଳା ପରିବେଷଣ କରାଯାଉଛି

# ଶରଣକୁଳର ନିଆରା ମୁଣ୍ଡ ରାମଲୀଳା ଯାତ୍ରା

ରଞ୍ଜନ କୁମାର ପ୍ରଧାନ
ନୟାଗଡ଼ ଅଫିସ,୧୬।୫

■୩୦୦ ବର୍ଷ ଧରି ପାଳିତ ହୋଇଆସୁଛି
■କାଠ ମୁଣ୍ଡ ସାଜେ ଆକର୍ଷଣ

ରାଜ୍ୟ ତଥା ଜିଲାର ବିଭିନ୍ନ ସ୍ଥାନରେ ରାମଲୀଳା ଯାତ୍ରା ଭିନ୍ନ ଭିନ୍ନ ସମୟରେ ଅନୁଷ୍ଠିତ ହୁଏ। ହେଲେ ନୟାଗଡ଼ ଜିଲା ଶରଣକୁଳ ଗୁଡ଼ିଆସାହିରେ ଅନୁଷ୍ଠିତ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ମୁଣ୍ଡ ରାମଲୀଳା ଯାତ୍ରା ନିଆରା। ହନୁମାନ, ରାମ, ଲକ୍ଷ୍ମଣ, ସୀତା, ବାଳୀ, ସୁଗ୍ରୀବ ଆଦି ଭୂମିକାରେ ଅଭିନୟ କରୁଥିବା କଳାକାରମାନେ କାଠରେ ତିଆରି ମୁଣ୍ଡ(ମୁଖା) ପିନ୍ଧି ଅଭିନୟ କରିଥାନ୍ତି। ଯାହା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜେ। କାଠମୁଣ୍ଡ ପିନ୍ଧି କଳାକାରମାନଙ୍କ ଅଭିନୟ ଏତେ ହୃଦୟସ୍ପର୍ଶୀ ହୋଇଥାଏ ଯେ ଦର୍ଶକମାନେ ଯାତ୍ରା ଶେଷ ନ ହେବା ଯାଏ ସେ ସ୍ଥାନରୁ ଉଠି ଯାଇପାରନ୍ତି ନାହିଁ। ପ୍ରତିବର୍ଷ ଅକ୍ଷୟତୃତୀୟା ଠାରୁ ଏହି ଯାତ୍ରା ଆରମ୍ଭ ହୋଇ ୧୦ ଦିନ ଧରି ଚାଲିଥାଏ। କେବେ କେବେ ୧୨ ଦିନ ମଧ୍ୟ ହୋଇଥାଏ। ଚଳିତ ବର୍ଷ ଏହା ଅକ୍ଷୟତୃତୀୟାରେ ଆରମ୍ଭ ହୋଇଥିବା ବେଳେ ଶନିବାର ପୂର୍ଣ୍ଣିମା ଦିନ ଯାତ୍ରା ଶେଷ ହେବ। ପ୍ରତି ରାତ୍ରିରେ ହେଉଥିବା ଏହି ଯାତ୍ରାକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳଠାରୁ ଆରମ୍ଭ କରି ଦୂରଦୂରାନ୍ତରୁ ଦର୍ଶକ ଆସିଥାନ୍ତି।

କିମ୍ବଦନ୍ତୀ ଅନୁସାରେ, ୩୦୦ ବର୍ଷ ପୂର୍ବେ ଶ୍ରୀ ଶ୍ରୀ ରଘୁନାଥଜୀଉ କାଷ୍ଠ ପ୍ରତିମାରେ ଅସୁରଢ଼ିପା ଗ୍ରାମର ଭରତ ମଣ୍ଡଳଙ୍କ ଘରେ ପୂଜା ପାଉଥିଲେ। ତାଙ୍କ ଘର ପୋଡ଼ିଯିବାରୁ ଠାକୁରଙ୍କୁ ଗ୍ରାମରେ ଥିବା କୁଡ଼ିଆ କୋଠ ଘରେ ସ୍ଥାନାନ୍ତରିତ କରାଗଲା। ସେଠାରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଥିଲା। କିଛିଦିନ ପରେ ପାଲୋରା ଚିକିଟି (ବର୍ତ୍ତମାନ ଗଞ୍ଜାମ ଜିଲାର ଚିକିଟି ଗ୍ରାମ) ଗ୍ରାମର ରାମଲୀଳା ଦଳ ଅସୁରଢ଼ିପା ଗ୍ରାମରେ ରାମାୟଣ ପରିବେଷଣ କରିବାକୁ ଆସିଥିଲେ । କଳାକାରମାନେ କାର୍ଯ୍ୟକ୍ରମ ପରିବେଷଣ କରିବା ପୂର୍ବରୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଫଳରେ ସେମାନେ ଆଣିଥିବା ସମସ୍ତ କାଠମୁଣ୍ଡ ଓ ପୋଷାକପତ୍ରକୁ ଛାଡ଼ି ନିଜ ଗ୍ରାମକୁ ପଳାଇ ଯାଇଥିଲେ। ପରେ ଅସୁରଢ଼ିପା ଗ୍ରାମର ପଣ୍ଡିତମାନଙ୍କ ସହିତ ଆଲୋଚନା କରାଯାଇ ଉକ୍ତ କାଠମୁଣ୍ଡ ଓ ପୋଷାକପତ୍ରକୁ ଶରଣକୁଳ ଗୁଡ଼ିଆସାହିକୁ ଅଣାଯାଇଥିଲା । ଗୁଡ଼ିଆସାହିଠାରେ ପ୍ରଭୁଙ୍କ ପାଇଁ ମନ୍ଦିର କରାଯାଇ ସେଠାରେ ପ୍ରଭୁଙ୍କ ସହିତ ହନୁମାନଙ୍କ କାଠ ମୁଣ୍ଡ ପୂଜାର୍ଚ୍ଚନା କରାଗଲା। ଏହା ପରଠାରୁ ପ୍ରତି ବର୍ଷ ଅକ୍ଷୟତୃତୀୟାରେ ଗୁଡ଼ିଆସାହିରେ ମୁଣ୍ଡ ରାମଲୀଳା ଅନୁଷ୍ଠିତ ହୋଇ ଆସୁଛି। ଏପରିକି ଯେଉଁବର୍ଷ ଗୁଡ଼ିଆସାହିରେ ରାମଲୀଳା କରା ନ ଯାଏ ତେବେ ଗ୍ରାମରେ ନିଆଁ ଲାଗି ଯାଇଥାଏ ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଛି। ସେହିଭଳି କୁହାଯାଏ ଠାକୁରଙ୍କ ଜମିକୁ ଜଣେ ହଡ଼ପ କରିବାକୁ ବସିଥିବାରୁ ତାଙ୍କ ଉପରେ ଚଡ଼କ ପଡ଼ିଥିଲା। ଭିକାରୀପଡ଼ା, ସୁଆରସାହି, ନରେନ୍ଦ୍ରପୁର, ହରିହରପୁର ଗ୍ରାମର କଳାକାର, ଗାୟକ ଓ ବାୟକମାନେ ବିନା ପାରିଶ୍ରମିକରେ ଏହି ଯାତ୍ରାରେ ଅଭିନୟ କରିଥାନ୍ତି। ଠାକୁରଙ୍କ ରାମଲୀଳା ପାଇଁ ୪୦ ଜଣ କଳାକାର ନିଜର କଳା ପ୍ରଦର୍ଶନ କରିଥାନ୍ତି। ଏହି ଯାତ୍ରାରେ ଶ୍ରୀ ବିକ୍ରମ ନରେନ୍ଦ୍ରଙ୍କର ବିଭିନ୍ନ ରାଗ ଛନ୍ଦ ପରିବେଷଣ କରାଯାଏ, ଯାହାକି ଦର୍ଶକଙ୍କୁ ମନମୁଗ୍ଧ କରିଥାଏ। ରାମଙ୍କ ବନବାସଠାରୁ ଆରମ୍ଭ କରି ଠାକୁରଙ୍କ ରାଜାଭିଷେକ ପର୍ଯ୍ୟନ୍ତ କାହାଣୀ ପରିବେଷିତ ହୁଏ। ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ଏବଂ ନାଟ୍ୟଗୁରୁ ରବି ମହାପାତ୍ର, କୋଷାଧକ୍ଷ ମଇନା ନାୟକ, ନାଟ୍ୟ ଅଧିକାରୀ ବାବୁଲା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥାନ୍ତି। ହନୁମାନଙ୍କ ଭୂମିକାରେ କଳାକାର ନୀଳମଣି ଦାସ, ରାମ ବାଇନ ପୁଷ୍ପପାଳକ, ଲକ୍ଷ୍ମଣ ରାଜେଶ କୁମାର ମହାପାତ୍ର, ସୀତା ଭୂମିକାରେ ସିଲୁ ମହାପାତ୍ରଙ୍କ ଅଭିନୟ ଖୁବ୍ ଚମତ୍କାର ହୋଇଥାଏ। ଅନ୍ୟମାନଙ୍କ ମଧ୍ୟରେ ବାଳି ସୁଗ୍ରୀବ ଆଦି ୪୦ ଜଣ କଳାକାର ସେମାନଙ୍କ କଳା ନୈପୁଣ୍ୟତା ପ୍ରଦର୍ଶନ କରିଥାନ୍ତି। ରାମ, ଲକ୍ଷ୍ମଣ, ସୀତା, ହନୁମାନ ଭୂମିକାରେ ଅଭିନୟ କରୁଥିବା କଳାକାରମାନେ ଯାତ୍ରା ଆରମ୍ଭରୁ ଶେଷ ଦିନ ପର୍ଯ୍ୟନ୍ତ ନିଷ୍ଠାରେ ରୁହନ୍ତି। ଘରକୁ ନ ଯାଇ ମନ୍ଦିରରେ ରହି ପ୍ରସାଦ ସେବନ କରନ୍ତି। ନାଟ୍ୟ ସାଜସଜ୍ଜା ମଇନା ସାହୁ କରୁଥିବା ବେଳେ ଏଥିରେ ରିଣ୍ଟୁ, ବାବୁନି ଆଦି ମୁଖ୍ୟ ସହଯୋଗୀ ରହିଛନ୍ତି। ଦିନକୁ ଦିନ ହଜି ଯାଉଥିବା ପୁରାତନ ସଂସ୍କୃତିକୁ ଜାବୁଡ଼ି ରଖିବାରେ କମିଟିର ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ । ଅନ୍ୟପକ୍ଷେ ସମସ୍ତଙ୍କ ପ୍ରଚେଷ୍ଟାରେ ଏହି କାର୍ଯ୍ୟକ୍ରମ ହେଉଥିବା ବେଳେ ଏଥିପାଇଁ ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳୁ ନ ଥିବା କମିଟିର ସଦସ୍ୟମାନେ ପ୍ରକାଶ କରିଛନ୍ତି।

## ରିଲିଫ ବଣ୍ଟନ ନେଇ ଉତ୍ତେଜନା

**ରଣପୁର,୧୬।୫(ସ୍ୱ.ପ୍ର.)**

**ଯୋଗାଣ କେନ୍ଦ୍ରରେ ତାଲା ପକାଇଲେ ଲୋକେ**

ଫନୀ ପ୍ରଭାବରେ ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ସମେତ ୩୭ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିପନ୍ନଙ୍କୁ ସରକାରୀ ରିଲିଫ ପ୍ରଦାନ ପାଇଁ କଡା ନିର୍ଦ୍ଦେଶ ରହିଛି। ପ୍ରଥମ ପର୍ଯ୍ୟାୟରେ ଗୁରୁବାର ରିଲିଫ ବଣ୍ଟନ କରାଯାଇଥିବାବେଳେ ରଣପୁର ଏନଏସିସ୍ଥିତ ୧,୨ ନମ୍ବର ୱାର୍ଡରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏନ୍ଏସି କାର୍ଯ୍ୟାଳୟ ପକ୍ଷରୁ ୨୫୦୦ ବଦଳରେ ୨୦୦୦ ଟଙ୍କା ଦେବାରୁ ଲୋକମାନଙ୍କ ସହିତ ଏନ୍ଏସି କର୍ମଚାରୀ ଓ ଡିଲରଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଠେଲାପେଲା ଭଳି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। କ୍ଷତିଗ୍ରସ୍ତ ଲୋକେ ଯୋଗାଣ କେନ୍ଦ୍ରରେ ତାଲା ପକାଇ ଦେବା ଫଳରେ ରିଲିଫ ବଣ୍ଟନ କାର୍ଯ୍ୟ ବନ୍ଦ କରାଯାଇଥିଲା। ସୂଚନାଯୋଗ୍ୟ, ଖାଦ୍ୟ ସୁରକ୍ଷା ଯୋଜନା ଅନୁସାରେ ଫନୀ ବିପନ୍ନ ପ୍ରତି ରାଶନ କାର୍ଡ ହିତାଧିକାରୀ ପରିବାରକୁ ରିଲିଫ ବାବଦରେ ୨୦୦୦ ଟଙ୍କା, ପଲିଥିନ୍ ପାଇଁ ୫୦୦ଟଙ୍କା ଓ ୫୦କେ.ଜି ଚାଉଳ ଦେବା ପାଇଁ ନିୟମ ରହିଛି। ରାଶନ କାର୍ଡ ନ ଥିବା ପରିବାରଙ୍କୁ ନାହିଁ କେବଳ ୫୦ କେଜି ଚାଉଳ ବଣ୍ଟନ ପାଇଁ ନିର୍ଦ୍ଦେଶ ରହିଛି। ତେବେ ଏହି ୨ ୱାର୍ଡର ରାଶନ କାର୍ଡ ହିତାଧିକାରୀଙ୍କୁ ଅଢେଇ ହଜାର ପରିବର୍ତ୍ତେ ଦୁଇ ହଜାର ଟଙ୍କା ପ୍ରଦାନକୁ ନେଇ ଉତ୍ତେଜନା ଦେଖାଦେଇଛି। ବିପନ୍ନ ଲୋକମାନେ ସକାଳ ୮ଟାରୁ ଯୋଗାଣ କେନ୍ଦ୍ର ଆଗରେ ଲମ୍ବା ଲାଇନ୍‌ରେ ଠିଆ ହୋଇଥିବାବେଳେ ସେମାନଙ୍କ ପ୍ରତି ଏଭଳି ବ୍ୟତିକ୍ରମ କାହିଁକି କରାଯାଇଛି ବୋଲି ପାଟିତୁଣ୍ଡ କରିଥିଲେ। ଏ ବିଷୟରେ ରଣପୁର ଏନ୍ଏସି ଅଧିକାରିଣୀ ଅର୍ଚ୍ଚନା ନାୟକ କହିଛନ୍ତି, ଲୋକଙ୍କୁ ତହସିଲ ପକ୍ଷରୁ ପଲିଥିନ୍ ବଣ୍ଟନ କରାଯାଉଛି। ସେହି ତାଲିକା ଆମକୁ ତହସିଲ ତରଫରୁ ମିଳିନି। ତହସିଲ କାର୍ଯ୍ୟାଳୟରୁ ତାଲିକା ଆସିଲା ପରେ ପଲିଥିନ୍ ବାବଦକୁ ଆଉ ୫୦୦ ଟଙ୍କା ପ୍ରଦାନ କରାଯାଇଥାନ୍ତା। ଲୋକମାନେ ଏହାକୁ ବିରୋଧ କରିବାରୁ ରିଲିଫ ବଣ୍ଟନ ବନ୍ଦ ରହିଛି।



ରିଲିଫ ବଣ୍ଟନ ବେଳେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**ଓଡ଼ଗାଁ,୧୬।୫(ସ୍ୱ.ପ୍ର.)**

ସମ୍ପ୍ରତି ସ୍ଥାନୀୟ ଅଞ୍ଚଳର ତାପମାତ୍ରା ୪୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଅଂଶୁଘାତ ସତର୍କତା ନେଇ ପୂର୍ବାହ୍ନ ୧୧ ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଟାଣ ଖରାରେ କାମ ନ କରିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ଓଡ଼ଗାଁ ତହସିଲ୍ ଅନ୍ତର୍ଗତ ସୁନାମୁହିଁ ଗ୍ରାମର ବୁଦ୍ଧିଆ ସାହୁ (୬୫)ଙ୍କ ଗୁରୁବାର ମଧ୍ୟାହ୍ନରେ ଅସ୍ୱାଭାବିକ ମୃତ୍ୟୁକୁ ନେଇ ପରିବାର ପକ୍ଷରୁ ଏହାକୁ ଅଂଶୁଘାତଜନିତ ବୋଲି ଅଭିଯୋଗ କରାଯାଇଛି। ବୁଦ୍ଧିଆ ସକାଳେ ପଞ୍ଚାୟତ ଅଫିସରୁ କଣ୍ଟ୍ରୋଲ ସାମଗ୍ରୀ ଆଣି ଘରକୁ ଫେରିବା ପରେ ନିକଟସ୍ଥ ଅଞ୍ଚଳକୁ ପୁଣି କୌଣସି କାମରେ ଯାଇଥିଲେ। ସେ ଅସୁସ୍ଥ ହୋଇ ଫେରିବା ପରେ ପରିବାର ଲୋକେ ଘରେ ତାଙ୍କର ଯତ୍ନ ନେଇଥିଲେ। ତାଙ୍କର ସ୍ୱାସ୍ଥ୍ୟ ଠିକ୍ ନ ହେବାରୁ ଅପରାହ୍ନରେ ଓଡ଼ଗାଁସ୍ଥିତ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ବୁଦ୍ଧିଆଙ୍କୁ ମୃତ ଘୋଷଣା କରିଥିଲେ । ପରିବାର ପକ୍ଷରୁ ଏହା ଅଂଶୁଘାତଜନିତ ମୃତ୍ୟୁ ବୋଲି ଦାବି କରାଯାଇଛି। ତେବେ ସନ୍ଧ୍ୟା ହୋଇଯାଇଥିବାରୁ ଶୁକ୍ରବାର ବ୍ୟବଚ୍ଛେଦ କରିବାକୁ ଡାକ୍ତର କହିଥିବାବେଳେ ପରିବାର ଲୋକେ ମୃତଦେହ ବାସି ହୋଇଯିବ କହି ବ୍ୟବଚ୍ଛେଦ ପାଇଁ ମନା କରିଦେଇଥିଲେ।

## ଜାତୀୟ ଡେଙ୍ଗୁ ଦିବସ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ନୟାଗଡ଼ ଅଫିସ,୧୬।୫**

ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଗୁରୁବାର ସିଡ଼ିଏମ୍ଓଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡେଙ୍ଗୁ ରୋଗର କାରଣ ଓ ନିରାକରଣ ଉପରେ ଆଲୋଚନା କରାଯାଇଥିଲା। ଡା. ସୁରେଶ ଚନ୍ଦ୍ର ମିଶ୍ର ଡେଙ୍ଗୁର ନିରାକରଣ ଉପରେ ବିଶଦ୍ ଭାବରେ ବୁଝାଇବା ସହ କୌଣସି ଜ୍ୱର ହେଲେ ଚିକିତ୍ସାଳୟରେ ଏଲିସା ଟେଷ୍ଟ କରିବା ପାଇଁ କହିଥିଲେ । ସରକାରୀ ଡାକ୍ତରଖାନାରେ ମାଗଣାରେ ପରୀକ୍ଷା କରାଯାଏ ବୋଲି ସୂଚନା ଦିଆଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ଡେଙ୍ଗୁ ମଶା ଏଡିଶ୍ ବଂଶ ଲୋପ ପାଇଁ ପରିବେଶ ସଫା ରଖିବା ସହିତ କୌଣସି ଜାଗାରେ ପାଣି ଜମା ନ ରଖିବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ଡା. ଶରତ ଚନ୍ଦ୍ର ଦାସ, ନିଃସ୍ୱାର୍ଥ ସଂସ୍ଥାର ସମ୍ପାଦକ ଅରୁଣ କୁମାର ମହାନ୍ତି ଏବଂ ଡିପିଏମ୍ ନିତ୍ୟରଞ୍ଜନ ବରାଳ ଡେଙ୍ଗୁ ରୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଭୁଲେଶ୍ୱର କଅଁର, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲା ଶିକ୍ଷା ଅଧିକାରୀ ଶିବଶଙ୍କର ପ୍ରଧାନ, ସ୍ୱାସ୍ଥ୍ୟକର୍ମୀ, ଏଏନଏମ, ଆଶାକର୍ମୀ, ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ।

# ସିଧାମୂଳା ପଞ୍ଚାୟତରେ ପାନୀୟ ଜଳ ଯୋଜନା ଠପ୍

**ଖଣ୍ଡପଡ଼ା,୧୬।୫(ସ୍ୱ.ପ୍ର.)**

■ପାଣି ପାଇଁ ଲୋକେ ତହଲବିକଳ
■ଶୁଖିଲା ପଡ଼ିଛି କୂଅ, ପୋଖରୀ
■ପାଇପ୍ ପାଣି ଠିକ୍ ଭାବେ ମିଳୁନି
■ନୂତନ ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର



ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଥିବା ଇନ୍‌ଟେକ୍ ୱେଲ୍।



ଟ୍ୟାପ୍‌ରୁ ପାଣି ସଂଗ୍ରହ ପାଇଁ ଭିଡ଼।

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି। ପାଣି ଅଭାବରୁ ପ୍ରାୟ କୂଅ, ପୋଖରୀ ଶୁଖିଲା ପଡ଼ିଛି। ଏ ପରିସ୍ଥିତିରେ ରାଜ୍ୟର ପ୍ରମୁଖ ଜଳ ଉତ୍ସ ଭାବେ ପରିଚିତ ମହାନଦୀ କୂଳରେ ବାସ କରୁଥିବା ସିଧାମୂଳା ପଞ୍ଚାୟତବାସୀ ମଧ ପାନୀୟ ଜଳ ମୁନ୍ଦେ ପାଇବା ପାଇଁ ତହଲବିକଳ ହେଉଥିବା ଜଣାପଡିଛି । ଏଠାରେ ସରକାରଙ୍କର ପାନୀୟ ଜଳ ଯୋଜନା ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଲୋକେ ଘୋର ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉଲ୍ଲେଖଯୋଗ୍ୟ, ହାଇସ୍କୁଲ ସମ୍ମୁଖସ୍ଥ ୨ଟି ବୋରୱେଲର ପାଣି ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ମେଣ୍ଟାଇ ପାରୁ ନାହିଁ। ଏଥିରୁ ବାହାରୁ ଥିବା ଜଳ ମଧ ଅନେକାଂଶରେ ପ୍ରଦୂଷିତ ହୋଇଥିବାରୁ ତାହା ପାନୀୟ ଉପଯୋଗୀ ନୁହେଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

୨୧ଟି ୱାର୍ଡକୁ ନେଇ ଗଠିତ ସିଧାମୂଳା ପଞ୍ଚାୟତର ୭ଟି ଗ୍ରାମରେ ପ୍ରାୟ ୬ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସ୍ଥାନୀୟ ଲୋକଙ୍କ ଜଳ ସମସ୍ୟା ଦୂର କରିବା ନିମନ୍ତେ ୨୦୦୦ ମସିହାରେ ୩୨ ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗ୍ରାମ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା । ମାତ୍ର ଏହି ପ୍ରକଳ୍ପ(ଇନଟେକ ୱେଲ)ଟି କାର୍ଯ୍ୟକ୍ଷମ ହୋଇ ପାରି ନ ଥିଲା । ବାରମ୍ବାର ଦାବି ପରେ ୨୦୧୪ ମସିହା ମାର୍ଚ୍ଚ ୩ରେ ନୟାଗଡ଼ ଜିଲା ଗ୍ରାମ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ଭରତ ଚନ୍ଦ୍ର ଦଳେଇଙ୍କ ଦ୍ୱାରା ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ଏକ ନୂତନ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ଭୂମି ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୩୨ ଲକ୍ଷ ଟଙ୍କା ବ୍ୟୟରେ ମହାନଦୀରେ ୩୦ଫୁଟ ଗଭୀରତା ବିଶିଷ୍ଟ ଏକ ଇନଟେକ୍ ୱେଲ ନିର୍ମାଣ ନିମନ୍ତେ ନିଷ୍ପତ୍ତି ହୋଇଥିଲା। ପରେ ଓଭର ହେଡ୍ ଟାଙ୍କି ମାଧ୍ୟମରେ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଥିଲେ । ମାତ୍ର ଦୀର୍ଘ ୫ ବର୍ଷ ଅତିବାହିତ ହୋଇ ଯାଇଥିଲେ ମଧ ମହାନଦୀ କୂଳରେ ଇନଟେକ୍ ୱେଲଟିକୁ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରଖି ଠିକାଦାର କାର୍ଯ୍ୟ ବନ୍ଦ କରି ଦେଇଛନ୍ତି। ଗ୍ରୀଷ୍ମଋତୁରେ ଭୂତଳ ଜଳସ୍ତର କ୍ରମଶଃ ହ୍ରାସ ପାଉଥିବାରୁ ଏବେ ସିଧାମୂଳାରେ ୭ଟି ଘରୋଇ ଓ ୩ଟି ସରକାରୀ ଅର୍ଥାତ୍ ୧୦ଟି କୂଅ ମଧ୍ୟରୁ ୯ଟି ଶୁଖିଯାଇଛି। ୪ଟି ନଳକୂପରୁ ମାତ୍ର ଗୋଟିଏ ନଳକୂପ କାର୍ଯ୍ୟକ୍ଷମ ରହିଥିଲେ ମଧ ଏହା ପାନୀୟ ଜଳ ଉପଯୋଗୀ ନୁହେଁ ବୋଲି ଲୋକେ କହୁଛନ୍ତି। ତଥାପି ଅଳ୍ପ ସମୟ ପାଇଁ ବୋର୍‌ୱେଲ୍‌ରୁ ବାହାରୁ ଥିବା ପାଣି ସଂଗ୍ରହ ନିମନ୍ତେ ଲୋକେ ଅପେକ୍ଷା କରୁଛନ୍ତି। ମହାଳିକ ସାହି, ପୂଜାରୀ ସାହି, ଗୌଡ ସାହି, ତଳ ସାହି, ମିଶ୍ର ସାହି, ଉପରସାହି, ମୁଣ୍ଡିଆ ସାହି, ଦ୍ୱାରଗାଁ ଏବଂ ୧୦ ଓ ୧୧ ନଂ ୱାର୍ଡବାସୀ ପାଣି ଟୋପାଏ ପାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ପ୍ରକଳ୍ପର ପାଣି ପାଇଁ ପ୍ରେସର ଯଥେଷ୍ଟ ହେଉ ନ ଥିବାରୁ ଏହା ଉପରୋକ୍ତ ଅଞ୍ଚଳକୁ ଯୋଗାଣ ହୋଇପାରୁନି। ଫଳରେ ସ୍ଥାନୀୟ ଲୋକେ ପାଇପ୍ ଲାଇନ ଯାଇଥିବା ସ୍ଥାନରୁ ବୁଆ ଖୋଳି ପାନୀୟ ଜଳ ସଂଗ୍ରହ କରୁଛନ୍ତି। ପାଣି ପାଇଁ ବାରମ୍ବାର ମହିଳାଙ୍କ ମଧ୍ୟରେ ବାରମ୍ବାର କଳହ ସୃଷ୍ଟି ହେଉଛି। ଏକ ଟ୍ୟାପ୍‌ରୁ ପାଣି ନେବାକୁ ଧାଡିରେ ଅପେକ୍ଷା କରିଥିବା ଉପରସାହିର ଟୁନି ବାରିକ, ରମା ବାରିକ, କୌଶଲ୍ୟା ସ୍ୱାଇଁ, ୧୧ ନଂ ୱାର୍ଡର କୁଳମଣି ଖଟୁଆ, ଜାନକୀ ଦଳେଇ, ଦର୍ପଣୀ ମାଝି, ରୂପ ଦଳେଇ ଓ ଅଖିଳ ଦଳେଇ ପ୍ରମୁଖ କହିଥିଲେ ଯେ ଆମେ ନଦୀ କୂଳରେ ରହିଥିଲେ ମଧ ପାଣିମୁନ୍ଦେ ପାଇପାରୁ ନାହୁଁ। ସ୍କୁଲ ସମ୍ମୁଖରେ ଥିବା ୨ଟି ବୋରୱେଲ୍‌ରୁ ମଇଳା ଗୁଣ୍ଡମିଶା ପାଣି ବାହାରୁଛି । ତାହା ପୁଣି ଫ୍ଲୋରାଇଡ୍ ଯୁକ୍ତ । ରୋଗ ଭୟରେ ଏହାକୁ ଆମେ ପାନୀୟ ଜଳ ଭାବେ ଗ୍ରହଣ ନ କରି ସ୍ନାନ, ଶୌଚ ଓ ବାସନ ଧୋଇବା ଆଦି କାର୍ଯ୍ୟ ନିମନ୍ତେ ବ୍ୟବହାର କରୁଛୁ। କେତେଜଣ କହିଛନ୍ତି, ବିଭାଗୀୟ ଯନ୍ତ୍ରୀମାନଙ୍କ ଠିକାଦାର ପ୍ରୀତି ଯୋଗୁ ନୂତନ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରୁନି । ୧୫ ବର୍ଷ ପୂର୍ବରୁ ୩୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଭଳି ଦ୍ୱିତୀୟ ଥର ନୂତନ ପ୍ରକଳ୍ପ ପାଇଁ ମଞ୍ଜୁର ହୋଇଥିବା ୫୦ ଲକ୍ଷ ଟଙ୍କା ମଧ ମହାନଦୀ ଗର୍ଭରେ ଲୀନ ହୋଇଯିବ ବୋଲି ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀ, ମହେଶ୍ୱର ରଣା, ଲକ୍ଷ୍ମୀପ୍ରସାଦ ମିଶ୍ର, ପୂର୍ବତନ ସରପଞ୍ଚ ନିରଞ୍ଜନ ପଣ୍ଡା ପ୍ରମୁଖ ସମାଲୋଚନା କରିଥିଲେ। ଅତୀତରେ ପାନୀୟ ଜଳ ନିମନ୍ତେ ସ୍ଥାନୀୟ ମହିଳା, ପୁରୁଷ ମାଠିଆ ଧରି ରାସ୍ତାରୋକୋ କରିଥିଲେ। ସମ୍ପ୍ରତି ପରିସ୍ଥିତି ଅସହ୍ୟ ହେଲେ ଜନସାଧାରଣ ପୁଣି ସେହିଭଳି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଶୁଣିବାକୁ ମିଳୁଛି।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା ।
-କନ୍‌ଫୁସିଅସ୍

## ସଂକ୍ଷେପରେ

### ସେମିଷ୍ଟର ପରୀକ୍ଷା ଦେବାରୁ ୯୩ ଛାତ୍ରୀ ବଞ୍ଚିତ

କଲେଜ ଚେୟାରମ୍ୟାନ, ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ

**ପୁରୀ ଅଫିସ,୧୬।୫:** ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ୯୩ଜଣ ଛାତ୍ରୀ ଚଳିତବର୍ଷ ଯୁକ୍ତ୩ ସେମିଷ୍ଟର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଯୁକ୍ତ୩ ଦ୍ୱିତୀୟ ସେମିଷ୍ଟରର ୪୬ ଏବଂ ଯୁକ୍ତ୩ ପ୍ରଥମ ବର୍ଷ ଦ୍ୱିତୀୟ ସେମିଷ୍ଟରର ୪୭ଜଣ ଛାତ୍ରୀ ରହିଛନ୍ତି। ଏ ନେଇ ଛାତ୍ରୀ ଏବଂ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର କଲେଜ କର୍ତ୍ତୃପକ୍ଷ ଏବଂ ଅଭିଭାବକମାନେ ମୁହାଁମୁହିଁ ହୋଇଥିଲେ। ପରେ ଅଭିଭାବକମାନେ କଲେଜ ଚେୟାରମ୍ୟାନ ତଥା ବିଧାୟକ ମହେଶ୍ୱର ମହାନ୍ତି ଏବଂ ଜିଲାପାଳ ବଳଵନ୍ତ ସିଂଙ୍କୁ ଲିଖିତ ଭାବେ ଅଭିଯୋଗ ଜଣାଇଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଯୁକ୍ତ୩ ଦ୍ୱିତୀୟ ବର୍ଷ ୪ର୍ଥ ସେମିଷ୍ଟର ପରୀକ୍ଷା ମେ ୨ ପରିବର୍ତ୍ତେ ୧୫ତାରିଖରେ ହୋଇଥିଲା। ସେହିପରି ଯୁକ୍ତ୩ ପ୍ରଥମ ବର୍ଷ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ୧୬ତାରିଖରେ ଅନୁଷ୍ଠିତ ହୋଇଛି। ପରୀକ୍ଷା ସୂଚି ପରିବର୍ତ୍ତନ ନେଇ କଲେଜ ପକ୍ଷରୁ କୌଣସି ଆଗୁଆ ସୂଚନା ଦିଆଯାଇ ନ ଥିଲା। ଫଳରେ ବାହାର ଅଞ୍ଚଳର ବହୁ ଛାତ୍ରୀ ପରୀକ୍ଷା ଦେଇପାରିନାହାନ୍ତି। ଉକ୍ତ ଛାତ୍ରୀମାନଙ୍କ ନିକଟରେ ଖବର ପହଞ୍ଚିବା ବେଳକୁ ପରୀକ୍ଷା ସରିଯାଇଥିଲା। ତେଣୁ ପୁନଃ ପରୀକ୍ଷା କରାଯିବାକୁ ଅଭିଭାବକ ଓ ଛାତ୍ରୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଅଞ୍ଜଳି ଶୁକ୍ଳା କହିଛନ୍ତି, ରମାଦେବୀ ବିଶ୍ୱବିଦ୍ୟାଳୟ ଅଧୀନରେ ଉକ୍ତ କଲେଜ ରହିଛି। ବାତ୍ୟାରେ କଲେଜରେ ବ୍ୟାପକ କ୍ଷତି ଘଟିଛି। ତେଣୁ ପରୀକ୍ଷା ତାରିଖ ଘୁଞ୍ଚାଇବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ସେହିପରି ଜିଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ଅନ୍ୟପକ୍ଷେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପରିବର୍ତ୍ତିତ ପରୀକ୍ଷା ତାରିଖ ଗଣମାଧ୍ୟମରେ ବିଜ୍ଞାପନ ଦିଆଯିବା ସହ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀମାନଙ୍କୁ ଏସ୍‌ଏମ୍‌ଏସ୍ ଜରିଆରେ ଅବଗତ କରାଯାଇଥିଲା।

### ବାତ୍ୟା କ୍ଷତିଗ୍ରସ୍ତଙ୍କୁ କିରୋସିନ ବଣ୍ଟନ ଆରମ୍ଭ

**ପୁରୀ ଅଫିସ,୧୬।୫:** ପୁରୀ ଜିଲାର ବାତ୍ୟା କ୍ଷତିଗ୍ରସ୍ତ ପରିବାରଙ୍କୁ ଗୁରୁବାରଠାରୁ ମାଗଣାରେ ୨.୫ ଲିଟର କିରୋସିନ ବଣ୍ଟନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପୁରୀ ସଦର, ବ୍ରହ୍ମଗିରି, ଅସ୍ତରଙ୍ଗ, ନିମାପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ କିରୋସିନ ବଣ୍ଟାଯାଇଛି। ଜିଲାର ବିଭିନ୍ନ ବ୍ଲକ, ଏନ୍‌ଏସି ଏବଂ ପୁରୀ ପୌରାଞ୍ଚଳର ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ଅନ୍ନପୂର୍ଣ୍ଣା ଅନ୍ତ୍ୟୋଦୟ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ସମେତ ଅନ୍ୟ ବିପନ୍ନଙ୍କୁ ମାଗଣାରେ କିରୋସିନ ଯୋଗାଇ ଦିଆଯିବ। ପ୍ରାରମ୍ଭିକ ଭାବେ ଜିଲାର ୩,୫୩,୦୬୪ ହିତାଧିକାରୀଙ୍କୁ ୮,୮୨,୬୬୦ ଲିଟର କିରୋସିନ ଲାଇସେନ୍ସପ୍ରାପ୍ତ ଖୁଚୁରା ବିକ୍ରେତାଙ୍କ ମାଧ୍ୟମରେ ପ୍ରଦାନ କରାଯିବ। ଏପ୍ରିଲ ଏବଂ ମେ ମାସ ପାଇଁ କିରୋସିନ ନେଇଥିବା ହିତାଧିକାରୀମାନେ ମଧ୍ୟ ଅଢେଇ ଲିଟର କିରୋସିନ ନେଇପାରିବେ। ମାଗଣା ଚାଉଳ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀମାନେ କିରୋସିନ ବଣ୍ଟନ ତଦାରଖ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଅନ୍ୟପକ୍ଷରେ ବିଦ୍ୟୁତ୍ ଯୋଗାଣ ସମ୍ପର୍କରେ ଜିଲାପାଳ ବଳଵନ୍ତ ସିଂ କହିଛନ୍ତି, ବୁଧବାରଠାରୁ ପୁରୀକୁ ବିଦ୍ୟୁତ୍ ଯୋଗାଣ ହୋଇଛି। ପ୍ରଥମ ଦିନରେ ପ୍ରାୟ ୪ହଜାର ଉପଭୋକ୍ତାଙ୍କୁ ସଂଯୋଗ ଦିଆଯାଇଛି। ଗୁରୁବାର ମଧ୍ୟ ୪/୫ହଜାର ଉପଭୋକ୍ତାଙ୍କୁ ସଂଯୋଗ ଦିଆଯିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏଭଳି ପର୍ଯ୍ୟାୟକ୍ରମେ ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଇ ଦିଆଯିବ। ସପ୍ତାହକ ମଧ୍ୟରେ ସବୁ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଯିବ ବୋଲି ଆଶା ରଖିଛୁ । କାର୍ଡଧାରୀଙ୍କୁ ୫୦ କେଜି ଚାଉଳ ଏବଂ ୨ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ଯେଉଁମାନଙ୍କର କାର୍ଡ ନାହିଁ ସେମାନଙ୍କୁ ଏହି ସହାୟତା ଦିଆଯିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ସପ୍ତାହକ ମଧ୍ୟରେ ଏହା ବଣ୍ଟନ ଶେଷ କରିବାକୁ ଲକ୍ଷ୍ୟ ରହିଥିବା ଜିଲାପାଳ ପ୍ରକାଶ କରିଛନ୍ତି।

### ପୁରୀ ଜିଲା ପୋଲିସ ବିଭାଗରେ ୩୭ କୋଟିର କ୍ଷତି

**ପୁରୀ ଅଫିସ,୧୬।୫:** ବାତ୍ୟା 'ଫନୀ' ପ୍ରଭାବରେ ପୁରୀ ଜିଲା ପୋଲିସ ବିଭାଗରେ ବ୍ୟାପକ କ୍ଷତି ଘଟିଛି। ଏସ୍‌ପି ଅଫିସ, ରିଜର୍ଭ ଅଫିସ, କ୍ୱାର୍ଟର୍ସ, ଅଫିସର୍ସ ହୋଲି ଡେ ହୋମ୍ ଆଦି କୋଠା କ୍ଷତିଗ୍ରସ୍ତ ହୋଇଥିବାବେଳେ ବହୁ ଆସବାବପତ୍ର ଭାଙ୍ଗିରୁଜି ଯାଇଛି। ଏ ନେଇ ମୋଟ ୩୭ କୋଟି ଟଙ୍କାର କ୍ଷୟକ୍ଷତି ଆକଳନ କରାଯାଇଛି ବୋଲି ପୁରୀ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି।

# ନୀରବି ଯାଇଛି ପ୍ରକୃତି ନିବାସ

ହେମନ୍ତ ନାୟକ
ପୁରୀ ଅଫିସ,୧୬।୫



ବାଲୁଖଣ୍ଡରେ ବାତ୍ୟା ଯୋଗୁ ଝାଉଁଗଛ ଭାଙ୍ଗିପଡ଼ିଛି।

■ବାତ୍ୟା ଉଜାଡ଼ିଦେଇଛି ବାଲୁଖଣ୍ଡ ସବୁଜିମା
■ପ୍ରାକୃତିକ ଦୃଶ୍ୟ ଉପଭୋଗ ପାଇ ଆସୁନାହାନ୍ତି ପର୍ଯ୍ୟଟକ

ପ୍ରକୃତି ନିବାସ। ବାଲୁଖଣ୍ଡ ଅଭୟାରଣ୍ୟରେ ପର୍ଯ୍ୟଟକଙ୍କୁ ପ୍ରକୃତିର ମଜ୍ଜା ଦେବା ପାଇଁ ବନ ବିଭାଗ ପକ୍ଷରୁ ଏହା ଗଢାଯାଇଥିଲା। ହେଲେ ବାତ୍ୟାରେ ଉଜୁଡ଼ି ଯାଇଛି ଏହାର ସବୁଜିମା। ପ୍ରକୃତି ନିବାସରେ ଆଉ ଦେଖିବାକୁ ମିଳୁନି ପ୍ରାକୃତିକ ଦୃଶ୍ୟ। କେବଳ ଥୁଣ୍ଟା ଗଛ, ଶୁଖିଲା ଡାଳପତ୍ର ଆଉ ଭଙ୍ଗା କଟେଜ ହିଁ ବଖାଣୁଛି ବାତ୍ୟାର କ୍ରୂରତା।

ପର୍ଯ୍ୟଟନ ସହର ପୁରୀ। ଏଠାକୁ ପ୍ରତ୍ୟହ ଦେଶ ବିଦେଶର ବହୁ ପର୍ଯ୍ୟଟକ ଆସିଥାନ୍ତି। ସେମାନେ ସାଧାରଣତଃ ବିଭିନ୍ନ ହୋଟେଲରେ ରହିଥାନ୍ତି। କିନ୍ତୁ ପ୍ରାକୃତିକ ପରିବେଶରେ ରହିବା ଲାଗି ଅନେକଙ୍କ ଇଚ୍ଛା ଥିଲେ ବି ଏଠାରେ ସେମିତି ସୁଯୋଗ ନ ଥିଲା। ବାଧ୍ୟହୋଇ ହୋଟେଲ କିମ୍ବା ଲଜ୍‌ରେ ରାତ୍ରିଯାପନ କରୁଥିଲେ ପର୍ଯ୍ୟଟକ। ଏହାକୁ ଦୃଷ୍ଟିରେ ରଖି ବନବିଭାଗ ପକ୍ଷରୁ ବାଲୁଖଣ୍ଡ ଅଭୟାରଣ୍ୟ ଭିତରେ ପ୍ରକୃତି ନିବାସର ପରିକଳ୍ପନା କରାଯାଇଥିଲା। ସମୁଦ୍ର ମୁହାଣର ଅନତି ଦୂର ନୂଆନଈ କଡ଼ରେ ନିର୍ମାଣ ହୋଇଥିଲା ପ୍ରକୃତି ନିବାସ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଆକର୍ଷଣୀୟ ୧୦ଟି କଟେଜ ତିଆରି ହୋଇଥିଲା। କଟେଜଗୁଡ଼ିକରେ ଡବଲ ବେଡ୍ ପଡ଼ିଥିବାବେଳେ ଆନୁଷଙ୍ଗିକ ସୁବିଧା ସୁଯୋଗ ରହିଥିଲା। ରେଷ୍ଟୁରାଣ୍ଟ ଏବଂ ପ୍ରତି କଟେଜକୁ ଚଲାପଥ ତିଆରି କରାଯାଇଥିଲା। ନୂଆନଈରେ ବୋଟିଂ ସୁବିଧା ବି ଥିଲା। ୨୦୧୭ ଫେବୃୟାରୀ ୧ତାରିଖରେ ଏହା ଉଦ୍‌ଘାଟିତ ହେବା ପରେ ପର୍ଯ୍ୟଟକମାନେ ଏଠାରେ ରାତିରେ ରହିବା ସହ ପ୍ରାକୃତିକ ଦୃଶ୍ୟରାଜିକୁ ଉପଭୋଗ କରୁଥିଲେ। ଘଞ୍ଚ ଜଙ୍ଗଲ ଭିତରେ ରାତିରେ ହରିଣକୁ ମଧ୍ୟ ପାଖରେ ଦେଖିବାକୁ ପାଉଥିଲେ। ବିଶେଷକରି ଶୀତଦିନେ ଏହାର ଚାହିଦା ଅଧିକ ରହୁଥିଲା। ଧୀରେ ଧୀରେ ଏଥିପ୍ରତି ପର୍ଯ୍ୟଟକଙ୍କ ଆକର୍ଷଣ ବଢୁଥିବାବେଳେ ବାତ୍ୟା ଫନୀ ସବୁକିଛି ଉଜାଡ଼ି ଦେଇଛି। ଭାଙ୍ଗିଯାଇଛି ପ୍ରକୃତି ନିବାସର କଟେଜ ଆଉ ରେଷ୍ଟୁରାଣ୍ଟ। ଏହା ପରିସରରେ ଥିବା ଗଛଗୁଡ଼ିକ ଧରାଶାୟୀ ହୋଇଯାଇଛି। ଥୁଣ୍ଟା ଗଛଗୁଡ଼ିକ ଠିଆହୋଇ ରହିଥିବାବେଳେ ଏହାର ସବୁଜିମାକୁ ଛଡ଼ାଇ ନେଇଛି ଫନୀ। ଏଠାକୁ ଯିବା ପାଇଁ ଥିବା ରାସ୍ତା ଏବେ ଖାଁ ଖାଁ ଲାଗୁଛି। ନିସ୍ତବ୍ଧ ହୋଇଯାଇଛି ପ୍ରକୃତି ନିବାସ। ଭଙ୍ଗା ଗଛ ଏବଂ ଶୁଖିଲା ଡାଳପତ୍ର ଏଣେତେଣେ ପଡ଼ିରହିଛି। ଦାୟିତ୍ୱରେ ଥିବା କର୍ମଚାରୀଙ୍କ ମନ ବି ଦୁଃଖୀ। ପୁଣି କେବେ ପ୍ରକୃତି ନିବାସର ପୁନରୁଦ୍ଧାର ହେବ ଏବଂ ପର୍ଯ୍ୟଟକଙ୍କ ଗହଳିରେ ଏହା କୋଳାହଳ ହୋଇଉଠିବ ତାହାକୁ ଅପେକ୍ଷା କରିଛନ୍ତି ଏଠାକାର କର୍ମଚାରୀମାନେ।

■ ପୁଣି ମାତିଲା କଳା ପଲସର

## ମାଉଜର ଦେଖାଇ ଲୁଟିନେଲେ ୨୦ହଜାର ଟଙ୍କା

ରଣପୁର,୧୬।୫(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳରେ ଏବେ ଏକ ନମ୍ବର ବିହୀନ କଳା ପଲସର ଆତଙ୍କ ସୃଷ୍ଟି କରିଛି। ଏହି କଳା ପଲସର ବ୍ୟବହାର କରୁଥିବା ଲୁଟେରାମାନେ ବିଭିନ୍ନ ସଂସ୍ଥା ଓ ବ୍ୟାଙ୍କରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଟାର୍ଗେଟ୍ କରି ମାଉଜର ଓ ଭୁଜାଲି ଦେଖାଇ ସେମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଉଛନ୍ତି। ଗତ ଶନିବାର ଜଣେ କର୍ମଚାରୀଙ୍କଠାରୁ ଲୁଟ୍ ହୋଇଥିଲା ବେଳେ ଗୁରୁବାର ଦିନଦ୍ୱିପ୍ରହରରେ ସାନଗଡ ଠାରେ ପୁଣି ଜଣେ କର୍ମଚାରୀଙ୍କଠାରୁ ୨୦ହଜାର ଟଙ୍କା ଲୁଟ୍ ହୋଇଛି। ଏନେଇ ରଣପୁର ଥାନାରେ ଲୁଟର ଶିକାର ହୋଇଥିବା ଗଞ୍ଜାମ ଜିଲାର କମସରଗଡ ଗ୍ରାମର ନୀଳାଚଳ ପ୍ରଧାନ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ନୀଳାଚଳ ପ୍ରଧାନ ରଣପୁର ବଜାଜ ଫାଇନାନ୍ସରେ କାର୍ଯ୍ୟ କରନ୍ତି। ପ୍ରତିଦିନ ପରି ଗୁରୁବାର ରଣପୁର ଅଞ୍ଚଳର ଗୋବିନ୍ଦପୁର ଗ୍ରାମର ସଂଘ ସଭା ସାରି ସେଠାରୁ ୨୦,୯୬୮ଟଙ୍କା ଆଦାୟ କରି ଏକ ବ୍ୟାଗ୍‌ରେ ରଖି ସକାଳ ୧୧ଟାରେ ବାଇକ୍ ଯୋଗେ ନୟାଗଡ-ରଣପୁର ରାସ୍ତା ଦେଇ ରଣପୁର ଆସୁଥିଲେ। ସାନଗଡ ଠାରେ ଗୋଟିଏ କଳା ପଲ୍‌ସର ନୀଳାଚଳଙ୍କୁ ପିଛା କରି ହଠାତ୍ ତାଙ୍କ ବାଇକ୍ ଆଗକୁ ଚାଲି ଆସିଥିଲା। ସେ କିଛି ବୁଝିବା ପୂର୍ବରୁ ପଲ୍‌ସର୍‌ରେ ଥିବା ୩ଜଣ ଯୁବକଙ୍କ ମଧ୍ୟରୁ ୨ଜଣ ଗାଡିରୁ ଓହ୍ଲାଇ ନୀଳାଚଳଙ୍କ ମୁଣ୍ଡରେ ହଠାତ୍ ଗୋଟିଏ ମାଉଜର ଲଗାଇ ଦେଇଥିଲା ବେଳେ ଅନ୍ୟଜଣେ ଭୁଜାଲି ଲଗାଇ ଦେଇଥିଲେ । ନୀଳାଚଳ ରଖିଥିବା ଟଙ୍କା ବ୍ୟାଗ୍‌ଟିକୁ ସେମାନେ ଛଡାଇ ନେବା ସହ ତାଙ୍କ ମୋବାଇଲକୁ ମଧ୍ୟ ଛଡାଇ ନେଇ ଦ୍ରୁତଗତିରେ ଉକ୍ତ ପଲସରରେ ନୟାଗଡ ଅଭିମୁଖେ ପଳାଇ ଯାଇଥିଲେ। ପରେ ନୀଳାଚଳ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ରଣପୁର ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସବ୍‌ଇନ୍‌ସପେକ୍ଟର ପ୍ରୀତିପ୍ରକାଶ ମହାନ୍ତି ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଲୁଟେରାମାନଙ୍କୁ ଧରିବାରେ ସକ୍ଷମ ହୋଇପାରିନାହାନ୍ତି।

## ପିଟୁକୁଳିରେ ବିଶ୍ୱଶାନ୍ତି ମହାଯଜ୍ଞ



କଳସ ଯାତ୍ରାରେ ଯୋଗଦେଇଥିବା ବ୍ରତଧାରୀ।

ବୋଲଗଡ଼,୧୬।୫(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ପିଟୁକୁଳିସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱରଦେବଙ୍କ ମନ୍ଦିରଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହି ମହାଯଜ୍ଞ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବାବେଳେ ବୁଧବାର କଳସ ଯାତ୍ରା ହୋଇଥିଲା। ଗୁରୁବାର ମା'ମହିଷାମର୍ଦ୍ଦିନୀଙ୍କ ଷୋଡଶ ଉପଚାର ପୂଜା, ଶପ୍ତସତୀ ଚଣ୍ଡୀ ଆହୁତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶନିବାର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ଥାନୀୟ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱରଦେବ ବଣିକ ସଂଘ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷିତ ହେଉଛି।

■ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶନାମା ନାହିଁ

## ଅଙ୍ଗନୱାଡି କର୍ମୀଙ୍କ ସର୍ଭେ କାର୍ଯ୍ୟକୁ ନେଇ ଉତ୍ତେଜନା

ରଣପୁର,୧୬।୫(ସ୍ୱ.ପ୍ର.)



ଉତ୍ତେଜିତ ହୋଇଥିବା ଅଙ୍ଗନୱାଡି କର୍ମୀମାନେ।

ରଣପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ଗୁରୁବାର ବ୍ଲକ ପରିସରସ୍ଥ ସଭାଗୃହରେ ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଏହି ବୈଠକରେ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶନାମା ନ ଥାଇ କର୍ମୀମାନଙ୍କୁ ଗ୍ରାମ ଗ୍ରାମ ବୁଲି ସର୍ଭେ କରିବାକୁ ସିଡିପିଓ କହିବାରୁ ଉତ୍ତେଜନାମୟ ପରିସ୍ଥିତି ଓ ପାଟିତୁଣ୍ଡ ହୋଇଥିଲା । ସର୍ଭେ ପାଇଁ କର୍ମୀମାନେ ପ୍ରସ୍ତୁତ ଥିବା କହି ସେମାନେ ଜିଲାସ୍ତରୀୟ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶପତ୍ର ମାଗିଥିଲେ। ହେଲେ ରଣପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ଏହି ନିର୍ଦ୍ଦେଶନାମାପତ୍ର କେହି ଦେଖାଇପାରି ନ ଥିଲେ। ଫଳରେ ବୈଠକରେ ଉପସ୍ଥିତ କିରାଣି ଓ ରଣପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କୁ କର୍ମୀମାନେ ଘେରିଯାଇଥିଲେ। ସୂଚନାଯୋଗ୍ୟ, ଫନୀ ପ୍ରଭାବରେ ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ସହିତ ୩୭ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ରାଶନ କାର୍ଡ ନ ଥିବା ପରିବାରକୁ ଚିହ୍ନଟ କରି ସେମାନଙ୍କ ନାମ ତାଲିକା ପ୍ରସ୍ତୁତ କରିବା ପାଇଁ ୬୦୦ ଅଙ୍ଗନୱାଡି କର୍ମୀଙ୍କୁ ସିଡିପିଓ କହିଥିଲେ । ତେବେ ସର୍ଭେ ପାଇଁ ଜିଲା ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶନାମା ସିଡିପିଓ ଦେଖାଇ ନ ପାରିବାରୁ କର୍ମୀମାନେ ବିରୋଧ କରିଥିଲେ । ଘର ଘର ବୁଲି କର୍ମୀମାନେ ତାଲିକା ପ୍ରସ୍ତୁତ କଲାବେଳେ ଯଦି ଭୁଲ୍‌ରେ କୌଣସି ବ୍ୟକ୍ତିଙ୍କ ନାମ ଛାଡି ଦିଅନ୍ତି ତେବେ ଏମାନେ ସେହି ବ୍ୟକ୍ତିଙ୍କ ଆକ୍ରୋଶ ବା କ୍ରୋଧର ଶିକାର ହୋଇଥାନ୍ତି। ସେଥିପାଇଁ ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ଉଚ୍ଚ ଅଧିକାରୀଙ୍କ ନିଦ୍ଦେଶାନାମାପତ୍ର ଜରୁରୀ ହୋଇଥାଏ।

## ସହପାଠୀଙ୍କ ମଧ୍ୟରେ ସ୍ମୃତିର ରୋମନ୍ଥନ ପାଇଁ ପ୍ରସ୍ତୁତି

ବୋଲଗଡ,୧୬।୫(ଡି.ଏନ.ଏ.)

ସମୟ ଗଡିଚାଲିଥିଲେ ମଧ୍ୟ ଅତୀତ ଜୀବନର ସ୍ମୃତିକୁ ରୋମନ୍ଥନ କରିବାକୁ ମଣିଷ ଭଲ ପାଇଥାଏ। ୪୩ ବର୍ଷ ପୂର୍ବେ ସହପାଠୀମାନଙ୍କର ପାଠପଢ଼ା ଜୀବନର ବନ୍ଧୁତ୍ୱର ସମ୍ପର୍କକୁ ଉଦ୍‌ଜୀବିତ କରିବା ତଥା ସ୍ମୃତି ସାଉଁଟିବା ପାଇଁ ଏକ ପ୍ରୟାସ ଆରମ୍ଭ ହୋଇଛି। ବୋଲଗଡ଼ ବ୍ଲକ ମାଣିକାଗୋଡ଼ା ଗଦାଧର ଏକାଡେମୀ ୧୯୭୬ ମସିହା ମାଟ୍ରିକ ବ୍ୟାଚ୍ ସହପାଠୀଙ୍କ ବନ୍ଧୁମିଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ସେଖ୍ ଇବ୍ରାହିମଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସେମାନେ ପାଠ ପଢୁଥିବା ବିଦ୍ୟାଳୟଠାରେ ଏକ ମିଳନ ପର୍ବ କରାଯିବା ପାଇଁ ସ୍ଥିର ହୋଇଛି। ଏଥିପାଇଁ ମୋବାଇଲ୍ ନଂ ୮୧୪୪୮୪୨୧୧୫ରେ ଯୋଗାଯୋଗ କରିବା ପାଇଁ ସୂଚନା ଦିଆଯାଇଛି।

## କୃଷ୍ଣପ୍ରସାଦ ବ୍ଲକରେ ସୋଲାର ଲଣ୍ଠନ ବଣ୍ଟନ ଆଜି

ପୁରୀ ଅଫିସ,୧୬।୫

ପୁରୀ ଜିଲାର ବାତ୍ୟା କ୍ଷତିଗ୍ରସ୍ତଙ୍କୁ ବିଭିନ୍ନ ପ୍ରକାର ରିଲିଫ ପ୍ରଦାନ କରାଯାଉଛି। କେତେକ ସ୍ଥାନରେ ରନ୍ଧାଖାଦ୍ୟ ଏବଂ ଆଉ କେତେକ ଜାଗାରେ ଶୁଖିଲା ଖାଦ୍ୟ ବଣ୍ଟାଯାଉଛି। ସେହିପରି ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ୫୦କେଜି ଚାଉଳ ଓ ୨ହଜାର ଟଙ୍କା ଦିଆଯାଉଛି। ଶୁକ୍ରବାରଠାରୁ କୃଷ୍ଣପ୍ରସାଦ ବ୍ଲକର ୮ଟି ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟରେ ୧୫,୦୦୦ ସୋଲାର ଲଣ୍ଠନ ବଣ୍ଟାଯିବ। ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ପ୍ରଥମ ଦିନ ସାତପଡ଼ା ପଞ୍ଚାୟତରେ ୨୩୭୦, ଅରଖକୁଦାରେ ୧୭୮୭, ବ୍ରହ୍ମପୁରରେ ୧୩୪୩, ମାଣିକପାଟଣାରେ ୧୦୦୨, ଗମ୍ଭାରୀରେ ୬୨୪, ପଣସପଦାରେ ୧୧୫୨, ଗୋପୀନାଥପୁରରେ ୮୮୮ ଏବଂ ପିରିଜିପୁରରେ ୭୬୬ଟି ସୋଲାର ଲଣ୍ଠନ ବଣ୍ଟନ କରାଯିବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ସେହିପରି କୃଷ୍ଣପ୍ରସାଦ ଏବଂ ବ୍ରହ୍ମଗିରି ବ୍ଲକରେ ୭ମାସରୁ ୬ ବର୍ଷ ପିଲାଙ୍କ ଲାଗି ବିସ୍କୁଟ ପ୍ୟାକେଟ ବଣ୍ଟାଯିବ। ପ୍ରାୟ ୧୨,୦୦୦ ହିତାଧିକାରୀଙ୍କୁ ୬୦,୦୦୦ ବିସ୍କୁଟ ପ୍ୟାକେଟ ଦିଆଯିବ ବୋଲି ସୂଚନା ମିଳିଛି। ଏଥିସହ କ୍ଷତିଗ୍ରସ୍ତ ପରିବାରକୁ ମହମବତି ଓ ଦିଆସିଲ ବଣ୍ଟାଯିବ। ଅନ୍ୟପକ୍ଷରେ ମାଗଣା କିରୋସିନ ବଣ୍ଟନ ବେଳେ ହିତାଧିକାରୀଙ୍କୁ କୌଣସି ଲାଇସେନ୍ସପ୍ରାପ୍ତ ବିକ୍ରେତା ଯଦି ଟଙ୍କା ମାଗନ୍ତି ତେବେ ସମ୍ପୃକ୍ତ ବ୍ୟକ୍ତି ଟୋଲ ଫ୍ରି ନମ୍ବର ୧୯୬୭କୁ ଫୋନ କରି ଅଭିଯୋଗ କରିପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ଆଗକୁ ମିଳି ନ ପାରେ ଝାଉଁକାଠ

## ମହଜୁଦ୍ ରଖିବାକୁ ଦାବି କଲେ ସେବକ

**ପୁରୀ ଅଫିସ,୧୬।୫:** ଶ୍ରୀମନ୍ଦିରରେ ବରାଦି ମହାପ୍ରସାଦ ପ୍ରସ୍ତୁତିରେ ଝାଉଁକାଠ ବ୍ୟବହାରକୁ ଅଗ୍ରାଧିକାର ଦିଆଯାଇଥାଏ। ଏହା ଭଲ ଜଳୁଥିବାରୁ ସେବକମାନେ ଝାଉଁ କାଠ ବ୍ୟବହାର କରିଥାନ୍ତି। କିନ୍ତୁ ବାତ୍ୟାରେ ପୁରୀ ଜିଲାରେ ଶହ ଶହ ଗଛ ଭାଙ୍ଗିଯାଇଛି। ବିଶେଷକରି ଝାଉଁ ଗଛଗୁଡ଼ିକ ଧରାଶାୟୀ ହୋଇଛି। ତେଣୁ ଏବେଠାରୁ ପ୍ରଶାସନ ଝାଉଁକାଠ ସଂଗ୍ରହ କରି ରଖିବା ଦରକାର। ନଚେତ୍ ଆଗକୁ ଏହି କାଠ ମିଳିବା କଷ୍ଟକର ହୋଇପଡ଼ିବ। ଝାଉଁକାଠ ମହଜୁଦ୍ ରଖିବାକୁ ଖୁଣ୍ଟିଆ ନିଯୋଗ ସଭାପତି ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ ଦାବି କରିଛନ୍ତି। ଶ୍ରୀମନ୍ଦିରରେ ବରାଦି ମହାପ୍ରସାଦ ପାଇଁ ସେବକମାନେ ସାଧାରଣତଃ ଝାଉଁକାଠ ବ୍ୟବହାର କରିଥାନ୍ତି। ସେହିପରି କୁମ୍ଭକାର ସେବକମାନେ କୁଡୁଆ ତିଆରି କରିବାରେ ଝାଉଁକାଠ ବ୍ୟବହାର କରନ୍ତି। ସେମାନେ ଝାଉଁକାଠରେ କୁଡୁଆ ପୋଡ଼ିଥାନ୍ତି। ହେଲେ ବର୍ତ୍ତମାନ ବାତ୍ୟାରେ ଝାଉଁଗଛ ସବୁ ଭାଙ୍ଗିଯାଇଛି।

## ଅନୌପଚାରିକ ସଂସ୍କୃତ ଶିକ୍ଷଣ ପାଠ୍ୟକ୍ରମ ଉଦ୍‌ଯାପିତ

ନୟାଗଡ଼ ଅଫିସ,୧୬।୫

ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ନୂଆଦିଲ୍ଲୀର ପ୍ରଯୋଜନାରେ ଦଶମାସ ଧରି ଚାଲୁଥିବା ଅନୌପଚାରିକ ସଂସ୍କୃତ ଶିକ୍ଷଣ କାର୍ଯ୍ୟକ୍ରମ ଗୋଡ଼ିପଡ଼ା ଲଡୁକେଶ ଆଞ୍ଚଳିକ ମହାବିଦ୍ୟାଳୟ ଠାରେ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଉଷାରାଣୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କେନ୍ଦ୍ର ଅଧିକାରୀ ଅଧ୍ୟାପକ ସନ୍ତୋଷ କୁମାର ସାହୁ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ସଂସ୍କୃତ ଭାଷାର ମହତ୍ତ୍ୱ ବିଷୟରେ ବୁଝାଇଥିଲେ । ପ୍ରଶିକ୍ଷକ ଭାବେ ସାଧନ ଦେବ ନାଥ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ନିଷ୍କାସିତ ହେଉନି ମୂଷାନଈର ବର୍ଜ୍ୟଜଳ

ପୁରୀ ଅଫିସ,୧୬।୫




ଜିଲାପାଳଙ୍କୁ ସ୍ମାରକପତ୍ର ଦେବା ପାଇଁ ଆସିଥିବା ମୁକୁନ୍ଦମିଶ୍ର ନଗର ବାସିନ୍ଦା।

■ଆଖପାଖ ଗ୍ରାମରେ ଅସ୍ୱାସ୍ଥ୍ୟକର ପରିବେଶ
■ମହାମାରୀ ବ୍ୟାପିବା ଆଶଙ୍କା
■ଜିଲାପାଳଙ୍କୁ ସ୍ମାରକପତ୍ର ଦେଲେ ଅଞ୍ଚଳବାସୀ

ମୂଷାନଈର ବର୍ଜ୍ୟଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଖପାଖ ଗାଁଗୁଡ଼ିକରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବାବେଳେ ମହାମାରୀ ବ୍ୟାପିବା ଆଶଙ୍କା ରହିଛି। ତେଣୁ ତୁରନ୍ତ ମୂଷାନଈର ବର୍ଜ୍ୟଜଳ ନିଷ୍କାସନ ଦାବି ନେଇ ଅଞ୍ଚଳବାସୀ ଗୁରୁବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ପୂର୍ବରୁ ଅଠରନଳା ଦେଇ ପ୍ରବାହିତ ମୂଷାନଈର ଜଳ ମଙ୍ଗଳାଘାଟ ନଦୀରେ ମିଶୁଥିଲା। କିନ୍ତୁ ଗତ ୩ବର୍ଷ ହେବ ନୂତନ ବାଇପାସ୍ ରାସ୍ତା ନିର୍ମାଣ ଯୋଗୁ ମୂଷାନଈର ଜଳ ମଙ୍ଗଳାନଦୀକୁ ଯାଇପାରୁନାହିଁ। ଫଳରେ ମୂଷାନଦୀର ବର୍ଜ୍ୟଜଳ ମାଟିତୋଟା ପଛପାର୍ଶ୍ୱ ଦେଇ ଭାରତୀପୁର ସରବନ୍ଧ ଶଙ୍ଖ ଦ୍ୱାରା ମୁକୁନ୍ଦମିଶ୍ର ନଗର, ମଙ୍ଗରାଜପୁର, ଚକ୍ରବର୍ତ୍ତୀପାଟଣା, ଚାରିନଳା, ବିଶ୍ୱନାଥ ବିହାର, ପତିତପାବନ ନଗର ଇତ୍ୟାଦି ଆଖପାଖ ତଳିଆ ଅଞ୍ଚଳକୁ ପ୍ରବେଶ କରୁଛି । ବାତ୍ୟା ଦ୍ୱାରା ଏହି ଅଞ୍ଚଳରେ ଜମିଥିବା ଲୁଣିପାଣି ବାହାରକୁ ନିଷ୍କାସିତ ହୋଇପାରୁ ନ ଥିବାରୁ ଉପରୋକ୍ତ ଗାଁଗୁଡ଼ିକରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏପରି କି ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ମହାମାରୀ ବ୍ୟାପିବାର ଆଶଙ୍କା ରହିଛି। ଆଗକୁ ବର୍ଷାଋତୁ ଆସୁଛି। ତେଣୁ ବର୍ଷାଋତୁ ପୂର୍ବରୁ ମୂଷାନଈର ବର୍ଜ୍ୟଜଳ ମଙ୍ଗଳାଘାଟ ନଦୀରେ ପୂର୍ବଭଳି ଛାଡ଼ିବା ଲାଗି ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ସ୍ମାରକପତ୍ର ମାଧ୍ୟମରେ ଅଞ୍ଚଳବାସୀ ଅନୁରୋଧ ଜଣାଇଛନ୍ତି।